# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୧୩/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, August 13/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୨୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 259 | ମୂଲ୍ୟ ₹୭/-





## ସଂକ୍ଷେପରେ

### ବେଲୋଚ ଗୋଷ୍ଠୀକୁ ଆତଙ୍କବାଦୀ ସଂଗଠନ ଘୋଷଣା କଲା ଆମେରିକା

ୱାଶିଂଟନ୍, ୧୨।୮

ପାକିସ୍ତାନର ବିଚ୍ଛିନ୍ନତାବାଦୀ ବେଲୋଚ ଲିବରେଶନ ଆର୍ମି (ବିଏଲ୍ଏ) ଏବଂ ଏହାର ଶାଖା ମଜିଦ ବ୍ରିଗେଡ୍‌କୁ ଆମେରିକା ପରରାଷ୍ଟ୍ର ବିଭାଗ ବିଦେଶୀ ଆତଙ୍କବାଦୀ ସଂଗଠନ ଘୋଷଣା କରିଛି। ୨୦୧୯ରୁ ବିଏଲ୍ଏକୁ ସ୍ୱତନ୍ତ୍ର ଭାବେ ନାମିତ ବୈଶ୍ୱିକ ଆତଙ୍କବାଦୀ (ଏସ୍‌ଡିଜିଟି)ବର୍ଗରେ ସାମିଲ କରାଯାଇଥିଲା। ଏବେ ପାକ୍ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଅସିମ ମୁନିର ଆମେରିକା ଗସ୍ତରେ ଥିବାବେଳେ ବିଏଲ୍ଏକୁ ଆତଙ୍କବାଦୀ ସଂଗଠନ ଘୋଷଣା କରାଯାଇଛି। ଦୁଇ ଦେଶ ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର ହୋଇଛି, ଯାହା ଫଳରେ ବେଲୁଚିସ୍ତାନର ତୈଳ ଭଣ୍ଡାରରେ ଆମେରିକୀୟ କମ୍ପାନୀକୁ ପ୍ରବେଶ ଅନୁମତି ମିଳିପାରିବ। ଦୀର୍ଘ ଦଶନ୍ଧି ଧରି ବିଏଲ୍ଏ ବେଲୁଚିସ୍ତାନ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ ଆନ୍ଦୋଳନର ପ୍ରମୁଖ ସଂଗଠନ ରହିଆସିଥିଲା।

### ଦିଲ୍ଲୀ-ଏନ୍‌ସିଆର୍‌ର ପୁରୁଣା ଗାଡ଼ି ମାଲିକଙ୍କୁ ସୁପ୍ରିମକୋର୍ଟଙ୍କ ଆଶ୍ୱସ୍ତି

ନୂଆଦିଲ୍ଲୀ, ୧୨।୮

ଦିଲ୍ଲୀ-ଏନ୍‌ସିଆର୍‌ରେ ୧୦ ବର୍ଷ ପୁରୁଣା ଡିଜେଲ ଏବଂ ୧୫ ବର୍ଷ ପୁରୁଣା ପେଟ୍ରୋଲ ଗାଡ଼ିର ମାଲିକଙ୍କୁ ମଙ୍ଗଳବାର ସର୍ବୋଚ୍ଚ ଅଦାଲତ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ପୁରୁଣା ଗଡ଼ିର ମାଲିକଙ୍କ ବିରୋଧରେ କୌଣସି ଜୋର ଜବରଦସ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ବାୟୁ ପ୍ରଦୂଷଣ ରୋକିବାକୁ ଦିଲ୍ଲୀ-ଏନ୍‌ସିଆର୍‌ରେ ୧୦ ବର୍ଷ ପୁରୁଣା ଡିଜେଲ ଏବଂ ୧୫ ବର୍ଷ ପୁରୁଣା ପେଟ୍ରୋଲ ଗାଡ଼ି ଚଳାଚଳକୁ ନିଷେଧ କରିବା ପାଇଁ ଦିଲ୍ଲୀ ସରକାରଙ୍କ ପୁନର୍ବିଚାର ଆବେଦନର ଶୁଣାଣି ବେଳେ ସିଜେଆଇ ବି.ଆର୍. ଗବଇ, ଜଷ୍ଟିସ୍ ବିନୋଦ କେ ଚନ୍ଦ୍ରନ୍ ଏବଂ ଏନ୍.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ୪ ସପ୍ତାହ ପରେ ପରବର୍ତ୍ତୀ ଶୁଣାଣି ହେବ। ସେପର୍ଯ୍ୟନ୍ତ ଦିଲ୍ଲୀ-ଏନ୍‌ସିଆର୍‌ର ପୁରୁଣା ଗାଡ଼ି ମାଲିକଙ୍କୁ ଆଶ୍ୱସ୍ତି ମିଳିଛି।

### ସିବିଏସ୍‌ଇ ପାଠ୍ୟକ୍ରମରେ ସାମିଲ ହେବ ନୂଆ ଆପରାଧିକ ଆଇନ

ନୂଆଦିଲ୍ଲୀ, ୧୨।୮ (ପି.ଟି.)

ଆଗାମୀ ୨୦୨୬-୨୭ ଶିକ୍ଷାବର୍ଷରୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)ର ଆଇନଗତ ଅଧ୍ୟୟନ ପାଠ୍ୟକ୍ରମରେ ସମ୍ବିଧାନର ଧାରା ୩୭୭ ଏବଂ ତିନି ତଲାକ ଆଇନ ରଦ୍ଦ ସମେତ ନୂଆ ଆପରାଧିକ ଆଇନ ସାମିଲ ହେବ। ସିବିଏସ୍‌ଇର କରିକୁଲମ୍ କମିଟି ଏହି ନିଷ୍ପତ୍ତିକୁ ଅନୁମୋଦନ କରିଥିବାବେଳେ ଗଭର୍ନିଂ ବଡ଼ି ମଞ୍ଜୁରୀ ପ୍ରଦାନ କରିଛି। ଉପନିବେଶୀୟ ଯୁଗର ପୁରୁଣା ଆପରାଧିକ ଆଇନ ବଦଳରେ ଅଣାଯାଇଥିବା ନୂଆ ଆଇନ ସମ୍ପର୍କରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ର ପଢ଼ିବେ।



ଭୋଟ ଚୋରି ଏବଂ ବିହାରରେ ଏସ୍‌ଆଇଆର୍ ପ୍ରସଙ୍ଗକୁ ନେଇ ମଙ୍ଗଳବାର ପାର୍ଲାମେଣ୍ଟ ହାଉସ୍ କମ୍ପ୍ଲେକ୍ସଠାରେ କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ନେତୃତ୍ୱରେ ଇଣ୍ଡିଆ ବ୍ଲକ୍‌ର ଏମ୍‌ପିମାନେ ଟି-ଶାର୍ଟ ପିନ୍ଧି ପ୍ରତିବାଦ କରୁଛନ୍ତି।

# ପିକ୍ଚର ବାକି ଅଛି: ରାହୁଲ

**ବିହାର ବିଧାନସଭା ଭୋଟ ପୂର୍ବରୁ ନିର୍ବାଚନ କମିଶନଙ୍କ ଏସ୍‌ଆଇଆର୍ କେବଳ ରାଜ୍ୟରେ ନୁହେଁ ବରଂ ପୂରା ଦେଶରେ ବିତର୍କ ସୃଷ୍ଟି କରିଛି। ଭୋଟର ତାଲିକା ସଂଶୋଧନ ଉଦ୍ଦେଶ୍ୟରେ ଆୟୋଗଙ୍କ ଏହି ଅଭିଯାନକୁ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରୁଛନ୍ତି। ନାଗରିକଙ୍କ ମତଦାନ ଅଧିକାରକୁ ଛଡ଼ାଇନେବା ପାଇଁ ଏହି ଅଭିଯାନ ଉଦ୍ଦିଷ୍ଟ ବୋଲି ସେମାନେ କହୁଛନ୍ତି। ତେବେ କେବଳ ଏସ୍‌ଆଇଆର୍ ନୁହେଁ, ମହାରାଷ୍ଟ୍ର ଓ କର୍ନାଟକରେ ଭାଜପାକୁ ଜିତାଇବା ପାଇଁ କମିଶନ ଭୋଟ ଚୋରି କରୁଥିଲେ ବୋଲି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅଭିଯୋଗ ଆଣି ପ୍ରମାଣ ଦେଖାଇଥିଲେ। ଏନେଇ ଇସି ତାଙ୍କୁ ସ୍ୱାକ୍ଷର ସମ୍ବଳିତ ସତ୍ୟପାଠ ମାଗିଥିବାବେଳେ ରାହୁଲ ତାହା ଦାଖଲ କରିନାହାନ୍ତି। ଏସ୍‌ଆଇଆର୍ ଏବଂ ଭୋଟ ଚୋରି ଅଭିଯୋଗକୁ ନେଇ ସଂସଦରେ ଅଚଳାବସ୍ଥା ଜାରି ରହିଥିବାବେଳେ ନିର୍ବାଚନ କମିଶନ 'ଜଣେ ବ୍ୟକ୍ତି ଏକ ଭୋଟ' ସିଦ୍ଧାନ୍ତକୁ କାର୍ଯ୍ୟକାରୀ କରିବା ପାଇଁ ନିଜ ଦାୟିତ୍ୱକୁ ସୁଚାରୁରୂପେ ତୁଲାଉନାହାନ୍ତି ବୋଲି ମଙ୍ଗଳବାର ରାହୁଲ କହିଛନ୍ତି। ସେ କହିଛନ୍ତି, ଏବେ ପିକ୍ଚର ବାକି ଅଛି। ସୋମବାର ବିରୋଧୀ ନେତାମାନେ ନିର୍ବାଚନ ସଦନକୁ ବିକ୍ଷୋଭ ଶୋଭାଯାତ୍ରା କରିବା ଭଳି ଆଗକୁ ଅନେକ ଦୃଶ୍ୟ ଦେଖିବାକୁ ମିଳିପାରେ ବୋଲି ଅନୁମାନ କରାଯାଉଛି।**

ନୂଆଦିଲ୍ଲୀ, ୧୨।୮ (ପି.ଟି.)

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ପୁଣିଥରେ ନିର୍ବାଚନ କମିଶନ (ଇସି)ଙ୍କୁ ଟାର୍ଗେଟ କରିଛନ୍ତି। 'ଜଣେ ବ୍ୟକ୍ତି ଏକ ଭୋଟ' ସିଦ୍ଧାନ୍ତକୁ କାର୍ଯ୍ୟକାରୀ କରିବା ପାଇଁ ଇସି ନିଜ କର୍ତ୍ତବ୍ୟକୁ ନିଭାଉନାହାନ୍ତି ବୋଲି ରାହୁଲ କହିଛନ୍ତି। ଭୋଟର ତାଲିକାରେ ଅନିୟମିତତା ନେଇ ନିଜ ଦାବିକୁ ରାହୁଲ ପୁଣିଥରେ ଦୋହରାଇ କହିଛନ୍ତି, ପିକ୍ଚର ଏବେ ବାକି ଅଛି। ସମ୍ବିଧାନକୁ ରକ୍ଷା କରିବା ପାଇଁ ତାଙ୍କ ଦଳ ସର୍ବଦା ପ୍ରୟାସ କରିବ।

ସଂସଦ ଭବନ ପରିସରରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରି ରାହୁଲ କହିଛନ୍ତି, ଭୋଟ ଚୋରି କେବଳ ଗୋଟିଏ ସିଟ୍‌ରେ ହୋଇନାହିଁ। ଅନେକ ସିଟ୍‌ରେ ଏପରି ମାମଲା ଦେଖିବାକୁ ମିଳିଛି। ଜାତୀୟ ସ୍ତରରେ ଏକ ବ୍ୟବସ୍ଥିତ ଢଙ୍ଗରେ ଭୋଟ ଚୋରି କରାଯାଉଛି। ଏନେଇ ଇସି ଭଲ ଭାବେ ଅବଗତ ଥିବା ସେ କହିଛନ୍ତି। ପୂର୍ବ ଇସି କହୁଥିଲେ, ପ୍ରମାଣ ଦିଅ। ଏବେ ପ୍ରମାଣ ଦିଆଯାଇଛି। ତଥାପି ଇସିଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। 'ଜଣେ ବ୍ୟକ୍ତି ଏକ ଭୋଟ' ସିଦ୍ଧାନ୍ତ ହେଉଛି ସମ୍ବିଧାନର ମୂଳଦୁଆ। ଏହାକୁ କାର୍ଯ୍ୟକାରୀ କରିବା ହେଉଛି ଇସିଙ୍କ ପ୍ରମୁଖ କର୍ତ୍ତବ୍ୟ। ଇସି ଉକ୍ତ କର୍ତ୍ତବ୍ୟକୁ ନିଭାଉ ନାହାନ୍ତି। ବିହାରର ଭୋଟର ତାଲିକାରେ ୧୨୪ ବର୍ଷୀୟା ମିନ୍ତା ଦେବୀଙ୍କ ନାଁ ଥିବା ନେଇ ପଚରାଯିବାରୁ ରାହୁଲ କହିଛନ୍ତି, ଏହା ଏକମାତ୍ର ମାମଲା ନୁହେଁ, ଏପରି ଅନେକ ମାମଲା ରହିଛି।



ରାହୁଲ ଗାନ୍ଧୀ

ଅନ୍ୟପକ୍ଷେ, ବିହାରରେ ଏସ୍‌ଆଇଆର୍ ଏବଂ ଭୋଟ ଚୋରି ପ୍ରସଙ୍ଗକୁ ନେଇ ମଙ୍ଗଳବାର ମଧ୍ୟ ସଂସଦର ଉଭୟ ଗୃହରେ ଅଚଳାବସ୍ଥା ଦେଖାଦେଇଛି। ଉଭୟ ପ୍ରସଙ୍ଗକୁ ନେଇ ବିରୋଧୀ ଇଣ୍ଡିଆ ବ୍ଲକ୍‌ର ଅନେକ ଏମ୍‌ପି ପାର୍ଲାମେଣ୍ଟ ହାଉସ୍ କମ୍ପ୍ଲେକ୍ସଠାରେ ପ୍ରତିବାଦ କରିଛନ୍ତି। ଏହି ଅବସରରେ ଏମ୍‌ପିମାନେ ଧଳାରଙ୍ଗର ଟି-ଶାର୍ଟ ପିନ୍ଧିଥିଲେ। ଉକ୍ତ ଶାର୍ଟରେ ବିହାର ଭୋଟର ତାଲିକାରେ ଥିବା ୧୨୪ ବର୍ଷୀୟା ମିନ୍ତା ଦେବୀଙ୍କର ନାମ ରହିଥିଲା। 'ଆମ ଭୋଟ ଆମ ଅଧିକାର ଆମ ଲଢ଼େଇ' ଲେଖାଥିବା ବ୍ୟାନର ସହ ଇଣ୍ଡିଆ ବ୍ଲକ୍‌ର ଏମ୍‌ପିମାନେ ଇସି ଏବଂ କେନ୍ଦ୍ର ସରକାର ବିରୋଧୀ ସ୍ଲୋଗାନ୍ ଦେଇ ପ୍ରତିବାଦ କରିଥିଲେ। ତେବେ ସଂସଦରେ ଜାରି ରହିଥିବା ଅଚଳାବସ୍ଥା ପାଇଁ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛି। ବିହାର ଭୋଟର ତାଲିକାରେ ଏସ୍‌ଆଇଆର୍‌କୁ ନେଇ ଆଲୋଚନା ପାଇଁ ମୋଦି ସରକାର ପ୍ରସ୍ତୁତ ନୁହନ୍ତି। କେନ୍ଦ୍ରର ଏହି ଜିଦ୍ ଯୋଗୁ ସଂସଦର ଉଭୟ ଗୃହ ବାରମ୍ବାର ମୁଲତବୀ ହେଉଛି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି।

## ୩ ଜଣିଆ ତଦନ୍ତ କମିଟି ଘୋଷଣା କଲେ ବାଚସ୍ପତି

ନୂଆଦିଲ୍ଲୀ, ୧୨।୮

**ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ**

ସରକାରୀ ବାସଭବନରୁ ବିପୁଳ ଟଙ୍କା ମିଳିବା ଘଟଣାରେ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଯଶୱନ୍ତ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆସିଥିବାବେଳେ ଅଭିଯୋଗର ପ୍ରମାଣ ପାଇଁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ମଙ୍ଗଳବାର ୩ ଜଣିଆ ତଦନ୍ତ କମିଟି ଗଠନ କରିଛନ୍ତି। କମିଟିରେ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଅରବିନ୍ଦ କୁମାର, ମାଡ୍ରାସ୍ ହାଇକୋର୍ଟର ମୁଖ୍ୟ ବିଚାରପତି ମନୀନ୍ଦ୍ର ମୋହନ ଶ୍ରୀବାସ୍ତବ ଏବଂ କର୍ନାଟକ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବି. ବାସୁଦେବ ଆଚାର୍ଯ୍ୟ ରହିଛନ୍ତି। ଯଥାଶୀଘ୍ର ସମ୍ଭବ କମିଟି ଏହାର ରିପୋର୍ଟ ଦାଖଲ କରିବ। ତଦନ୍ତ କମିଟି ରିପୋର୍ଟ ଆସିବା ପର୍ଯ୍ୟନ୍ତ ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଅଟକି ରହିବ ବୋଲି ବିର୍ଲା କହିଛନ୍ତି।

ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ସରକାର ପୂର୍ବରୁ ମହାଭିଯୋଗ ପ୍ରସ୍ତାବର ପ୍ରକ୍ରିୟା ଆରମ୍ଭ କରିଥିଲେ। ଜଷ୍ଟିସ୍ ବର୍ମାଙ୍କ ବହିଷ୍କାର ପାଇଁ ଲୋକ ସଭାର ୧୪୫ ଜଣ ଏବଂ ରାଜ୍ୟ ସଭାର ୬୩ ଜଣ ସଦସ୍ୟ ସମ୍ପୃକ୍ତ ଗୃହର ପ୍ରିଜାଇଡିଂ ଅଫିସରମାନଙ୍କୁ ନୋଟିସ ଦେଇଥିଲେ। ନୋଟିସ୍‌ରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଭାଜପା ଏମ୍‌ପି ରବିଶଙ୍କର ପ୍ରସାଦ, ଅନୁରାଗ ଠାକୁର, ଏନ୍‌ସିପିର ସୁପ୍ରିୟା ସୁଲେ ପ୍ରମୁଖ ସ୍ୱାକ୍ଷର କରିଥିଲେ। ସମ୍ବିଧାନର ଅନୁଚ୍ଛେଦ ୧୨୪, ୨୧୭ ଏବଂ ୨୧୮ ଅନୁଯାୟୀ ଲୋକ ସଭା ବାଚସ୍ପତିଙ୍କ ନିକଟରେ ନୋଟିସ ଦାଖଲ କରାଯାଇଥିଲା। ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ବିରୋଧୀ ସମର୍ଥିତ ନୋଟିସ ଗ୍ରହଣ କରିବା ତାଙ୍କ ହଠାତ୍ ଇସ୍ତଫା ପଛର ଅନ୍ୟତମ କାରଣ ବୋଲି କୁହାଯାଏ।

## ରିଲାଏନ୍ସର ଜାମନଗର ରିଫାଇନାରି ଉପରେ ଆକ୍ରମଣ ପାଇଁ ମୁନିରଙ୍କ ଧମକ

ୱାଶିଂଟନ୍, ୧୨।୮

ପାକିସ୍ତାନୀ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଅସିମ୍ ମୁନିର ୨ ଦିନ ପୂର୍ବରୁ ଆମେରିକା ମାଟିରୁ ଭାରତକୁ ପରମାଣୁ ଆକ୍ରମଣର ଧମକ ଦେଇଥିବାବେଳେ ବହିର୍ବ୍ୟାପାର ମନ୍ତ୍ରଣାଳୟ ଏହାର କଡ଼ା ଜବାବ ଦେଇଥିଲା। ଆମେରିକାରେ ମୁନିର ଭାରତ ବିରୋଧରେ ଉତ୍ତେଜନାପୂର୍ଣ୍ଣ ଏବଂ ଆକ୍ରମଣାତ୍ମକ ଭାଷଣ ଦେବା ଅବସରରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଗୁଜରାଟ ଜାମନଗରସ୍ଥିତ ରିଫାଇନାରି ଉପରେ ଆକ୍ରମଣ କରିବାକୁ ସଙ୍କେତ ଦେଇଛନ୍ତି। ପାକିସ୍ତାନର କୌଣସି ସାମରିକ ମୁଖ୍ୟ ଭାରତର ଗୁରୁତ୍ୱପୂର୍ଣ୍ଣ ତୈଳ ଭିତ୍ତିଭୂମି ଉପରେ ଆକ୍ରମଣ କରିବାକୁ ଚାହିଁବା ଏହା ପ୍ରଥମ ଘଟଣା। ଫ୍ଲୋରିଡାର ଟାମ୍ପାଠାରେ ଏକ ଘରୋଇ ନୈଶଭୋଜି ସମାବେଶରେ ଉଦ୍‌ବୋଧନ ଦେଇ ମୁନିର ଏକ ସୋସିଆଲ ମିଡିଆ ପୋଷ୍ଟର ଅବତାରଣା କରି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କୁ ଟାର୍ଗେଟ କରିଥିଲେ। ଅମ୍ବାନୀ ଭାରତର ଆର୍ଥିକ ସାମର୍ଥ୍ୟ ଓ ବୈଶ୍ୱିକ ସ୍ଥିତି ସହ ଯୋଡ଼ି ହୋଇଥିବାରୁ ମୁନିର ତାଙ୍କ ନାମ ନେଇଥିବା ଜଣାପଡୁଛି।

ପାକିସ୍ତାନର ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ-ଜର୍ଦ୍ଦାରୀ ଭାରତର ସିନ୍ଧୁ ନଦୀ ଜଳ ଅଟକାଇବା ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। ପାକିସ୍ତାନ ସବୁବେଳେ ଶାନ୍ତି ଚାହିଁ ଆସିଛି। ଯଦି ଭାରତ ଯୁଦ୍ଧ କରିବାକୁ ବାଧ କରେ, ତେବେ ଆମେ ପଛକୁ ହଟିବ ନାହିଁ ବୋଲି ସେ କହିଛନ୍ତି। ସିନ୍ଧୁ ନଦୀ ଜଳ ବନ୍ଦ କଲେ ପାକିସ୍ତାନର ପ୍ରତ୍ୟେକ ପ୍ରଦେଶର ଲୋକେ ଲଢ଼େଇ ପାଇଁ ପ୍ରସ୍ତୁତ ରହିବେ ବୋଲି ବିଲାୱଲ କହିଛନ୍ତି।

## ସୀମାରେ ରେଳପଥ ନିର୍ମାଣ ପାଇଁ ଚାଇନାର ଯୋଜନା

ନୂଆଦିଲ୍ଲୀ, ୧୨।୮

**ଭାରତର ଚିନ୍ତା ବଢ଼ାଇଲା**

ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ନିକଟରେ ଚାଇନା ରେଳଲାଇନ୍ ନିର୍ମାଣ ପାଇଁ ଏହାର ୨୦୦୮ର ଯୋଜନାକୁ ପୁନରୁଜୀବିତ କରିଛି। ଏହି ତିବ୍ବତ-ଜିନ୍‌ଜିଆଙ୍ଗ ରେଳଲାଇନ ଦେଇ ଭାରତ ସୀମା ନିକଟକୁ ବେଜିଂ ସୈନ୍ୟ ଓ ଅସ୍ତ୍ରଶସ୍ତ୍ର ଆଦି ପଠାଇବାରେ ସହାୟକ ହେବ। ଚାଇନା ନିୟନ୍ତ୍ରଣରେ ଥିବା ଭାରତୀୟ ଅଞ୍ଚଳ ଅକ୍‌ସାଇ ଚୀନ୍ ଦେଇ ଏହି ରେଳଲାଇନ ନେପାଳ ସୀମା ପର୍ଯ୍ୟନ୍ତ ଯିବ।

୨୦୦୬ରେ ଚାଇନା ପ୍ରଥମ ଥର ପାଇଁ ସମୁଦ୍ର ପଉନରୁ ୪,୦୦୦ ମିଟର ଉଚ୍ଚରେ ଅବସ୍ଥିତ ଗୋଲମୁଣ୍ଡ-ଲାସା ରେଳଲାଇନ ନିର୍ମାଣ କରି ଯାତ୍ରୀବାହୀ ଟ୍ରେନ୍ ଚଳାଇଥିଲା। ଏହା ପରେ ବେଜିଂ ୨୦୧୪ରେ ଲାସା-ଶିଗାଟ୍‌ସେ ଏବଂ ୨୦୨୧ରେ ଲାସା-ନିଙ୍ଗ୍‌ଚି ରେଳଲାଇନ୍ ନିର୍ମାଣ କରିଥିଲା। ଏବେ ଏହା ବିଶ୍ୱର ଛାତ କୁହାଯାଉଥିବା ତିବ୍ବତ ଦେଇ ରେଳ୍ ନେଟ୍‌ୱର୍କ ବଢ଼ାଇବାକୁ ଯୋଜନା କରିଛି। ଭାରତ ସୀମାକୁ ଲାଗି ଏହି ରେଳଲାଇନ ନୂଆଦିଲ୍ଲୀ ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି କୁହାଯାଉଛି। ୫୦ ଦଶକରେ ଯେତେବେଳେ ଚାଇନା ଅକ୍‌ସାଇ ଚୀନ୍ ଦେଇ ଜିନ୍‌ଜିଆଙ୍ଗ-ତିବ୍ବତ ହାଇୱେ ନିର୍ମାଣ ଆରମ୍ଭ କଲା ଏହାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେବା ସହ ୧୯୬୨ର ଭାରତ-ଚାଇନା ଯୁଦ୍ଧର ରୂପ ନେଇଥିଲା। ବର୍ତ୍ତମାନର ନୂଆ ରେଳଲାଇନ ଯୋଜନା ଭାରତ ପାଇଁ ଚିନ୍ତାଜନକ ହୋଇଛି। କାରଣ ଏହା ଭାରତର ଅକ୍ସାଇ ଚୀନ୍ ଦେଇ ଯାଉଛି ଏବଂ ଏଲ୍ଏସି ପାଖାପାଖି ନିର୍ମାଣ ହେବାକୁ ଯାଉଛି।

## 'ଦଣ୍ଡାଦେଶ ପୂରଣ କରିଥିବା କଏଦୀଙ୍କୁ ମୁକ୍ତ କର'

ନୂଆଦିଲ୍ଲୀ, ୧୨।୮

ଯେଉଁ କଏଦୀମାନେ ଦଣ୍ଡ ଅବଧି ପୂରଣ କରିସାରିଛନ୍ତି ସେମାନଙ୍କୁ ତୁରନ୍ତ ମୁକ୍ତ କରାଯିବାକୁ ସୁପ୍ରିମକୋର୍ଟ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଦଣ୍ଡାଦେଶ ପୂରଣ କରିସାରିଥିବା କେତେଜଣ କଏଦୀଙ୍କୁ ଜେଲରେ ରହିବାକୁ ପଡୁଥିବା କହି ଜଷ୍ଟିସ୍ ବି.ବି. ନାଗରତ୍ନା ଓ ଜଷ୍ଟିସ୍ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଦଣ୍ଡ ଅବଧି ପୂରଣ କରିଥିବା କଏଦୀ ଅନ୍ୟ ମାମଲାରେ ଦୋଷୀ ନ ଥିଲେ, ତୁରନ୍ତ ସେମାନଙ୍କୁ ମୁକ୍ତ କରିବାକୁ ସର୍ବୋଚ୍ଚ ଅଦାଲତ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଗୃହ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୦୨ର ଚର୍ଚ୍ଚିତ ନୀତୀଶ କଟାରା ହତ୍ୟାକାଣ୍ଡର ଅପରାଧୀ ସୁଖଦେବ ଯାଦବ ଓରଫ ପହଲବାନଙ୍କୁ ଜେଲରୁ ମୁକୁଳାଇବା ପାଇଁ ନିର୍ଦ୍ଦେଶ ଦେବାବେଳେ ସୁପ୍ରିମକୋର୍ଟ ଏହି ଟିପ୍ପଣୀ କରିଛନ୍ତି।



ବିଶ୍ୱ ହାତୀ ଦିବସ ଅବସରରେ ମଙ୍ଗଳବାର ଜୟପୁରର ଆମେର ଦୁର୍ଗଠାରେ ପର୍ଯ୍ୟଟକମାନେ ହାତୀ ସବାରିର ମଜା ନେଉଛନ୍ତି।

## ଫୁରସତ୍

### ପୁଅକୁ ଜେଲରୁ ମୁକୁଳାଇବା ପାଇଁ ୯୦ ବର୍ଷ ବୟସରେ ଆଇନ ଛାତ୍ରୀ

ବେଜିଂ

ପୂର୍ବ ଚାଇନାର ଝେଜିୟାଙ୍ଗ୍ ପ୍ରଦେଶରେ ଜଣେ ୯୦ ବର୍ଷୀୟା ମହିଳା 'ନୋନାଜେନାରିଆନ ହେ' ସମ୍ପ୍ରତି ଚର୍ଚ୍ଚାରେ ରହିଛନ୍ତି। ଏକ ୧୧୭ ମିଲିୟନ ୟୁଆନ୍ (ପ୍ରାୟ ୧୪୩ କୋଟି ଟଙ୍କା)ର ହାଇପ୍ରୋଫାଇଲ୍ ବ୍ଲାକ୍‌ମେଲ୍ ମାମଲାରେ 'ହେ'ଙ୍କ ପୁଅ ଲିନ୍ (୫୭)ଙ୍କୁ ଅଭିଯୁକ୍ତ କରି ପୋଲିସ ଗିରଫ କରିଛି। ତେଣୁ ପୁଅକୁ ଜେଲରୁ ମୁକୁଳାଇବା ପାଇଁ 'ହେ' ଆଇନ ପାଠ ପଢ଼ିବା ଆରମ୍ଭ କରିଛନ୍ତି। ପୁଅର ଗିରଫଦାରୀ ପରେ ସେ ପ୍ରତିଦିନ କୋର୍ଟକୁ ଯାଇ ଲିନ୍ ଫସିଥିବା ବ୍ଲାକ୍‌ମେଲ୍ ମାମଲା ସହ ଜଡିତ ଡକ୍ୟୁମେଣ୍ଟଗୁଡ଼ିକୁ ପଢ଼ନ୍ତି ଏବଂ ଫୌଜଦାରି ଆଇନ ଉପରେ ଗଭୀର ଅଧ୍ୟୟନ କରନ୍ତି ବୋଲି ସାଉଥ୍ ଚାଇନା ମର୍ନିଂ ପୋଷ୍ଟରେ ଏକ ରିପୋର୍ଟ ପ୍ରକାଶ ପାଇଛି।



ନୋନାଜେନାରିଆନ ହେ

ସ୍ଥାନୀୟ ଉଦ୍ୟୋଗପତି ହୁଆଙ୍ଗଙ୍କୁ ବ୍ଲାକ୍‌ମେଲିଂ କରିବା ଅଭିଯୋଗରେ ୨୦୨୩ ଏପ୍ରିଲରେ ଲିନ୍ ଗିରଫ ହୋଇଥିଲେ। ୨୦୦୯ରେ ଚାଇନାର ସବୁଠାରୁ ୧୦୦ ଧନୀ ବ୍ୟକ୍ତିଙ୍କ ମଧ୍ୟରେ ହୁଆଙ୍ଗଙ୍କ ନାମ ରହିଥିଲା। ଏକ ଗ୍ୟାସ୍ ଉତ୍ପାଦନ ବ୍ୟବସାୟରେ ଲିନ୍‌ଙ୍କ ସହ ହୁଆଙ୍ଗ ଅଂଶୀଦାର ଥିଲେ। ତେବେ ହୁଆଙ୍ଗ୍ ବାରମ୍ବାର ବିଳମ୍ବରେ ପେମେଣ୍ଟ ଦେଉଥିବା ଯୋଗୁ ଲିନ୍‌ଙ୍କ କାରଖାନା ବନ୍ଦ ହୋଇଯାଇଥିଲା ଏବଂ ସେ ବହୁ କ୍ଷତି ସହିଥିଲେ। ୨୦୧୪ରୁ ୨୦୧୭ ମଧ୍ୟରେ ଲିନ୍ ଏବଂ ତାଙ୍କ ଆକାଉଣ୍ଟାଣ୍ଟ ହୁଆଙ୍ଗଙ୍କୁ ଧମକ ଦେଇ ଟିକସ ବିଭାଗରେ ତାଙ୍କ ବିରୋଧରେ ଅଭିଯୋଗ କରିବେ ବୋଲି କହିଥିଲେ ଏବଂ ତାଙ୍କଠାରୁ ୧୧୭ ନିୟୁତ ୟୁଆନ୍ ଆଦାୟ କରିଥିଲେ। ଘଟଣା ସମ୍ପର୍କରେ ୨୦୨୩ର ପ୍ରାରମ୍ଭରେ ହୁଆଙ୍ଗ୍ ପୋଲିସ ନିକଟରେ ଅଭିଯୋଗ କରି ଲିନ୍‌ଙ୍କ ବିରୋଧରେ ଏତଲା ଦେଇଥିଲେ। ହୁଆଙ୍ଗ୍‌ଙ୍କ ଅଭିଯୋଗ ଆଧାରରେ ପୋଲିସ ଲିନ୍‌ଙ୍କୁ ଗିରଫ କରିଥିଲା।

ଯେତେବେଳେ 'ହେ' ପ୍ରଥମଥର ପାଇଁ ନିଜ ପୁଅକୁ ହାତକଡ଼ିରେ ଦେଖିଥିଲେ, ସେ ଭାବପ୍ରବଣ ହୋଇ ପୁଅ ପାଇଁ ଆଇନଗତ ଲଢ଼େଇ ଲଢ଼ିବେ ବୋଲି ନିଷ୍ପତ୍ତି ନେଇଥିଲେ। ସେ ବିଭିନ୍ନ ପୁସ୍ତକରୁ ଫୌଜଦାରି ଆଇନ ଏବଂ ଫୌଜଦାରି ଦଣ୍ଡବିଧି ସମ୍ପର୍କରେ ଅଧ୍ୟୟନ କରିବା ଆରମ୍ଭ କରିଥିଲେ। ସେହିପରି ସେ କୋର୍ଟର ବିଭିନ୍ନ ପୁରୁଣା ମାମଲା ମଧ୍ୟ ପଢ଼ିଥିଲେ ଏବଂ ପୁଅ ପାଇଁ ଓକିଲାତି କରିବା ଆରମ୍ଭ କରିଥିଲେ।

### ଅଭିନେତ୍ରୀରୁ ସନ୍ନ୍ୟାସିନୀ

ମୁମ୍ବାଇ

ଟିଭି ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତ୍ରୀ ନୂପୁର ଅଳଙ୍କାର ତାଙ୍କ କ୍ୟାରିଅରରେ ପ୍ରାୟ ୧୫୭ଟି ଭିନ୍ନ ଭିନ୍ନ ଟିଭି ଧାରାବାହିକରେ କାର୍ଯ୍ୟ କରିଛନ୍ତି। ଏହିସବୁ ଧାରାବାହିକରେ ସେ ବିଭିନ୍ନ ଚରିତ୍ର ମାଧ୍ୟମରେ ଅନେକବାର ଦର୍ଶକଙ୍କ ପ୍ରଶଂସା ସାଉଣ୍ଟିଛନ୍ତି। ତେବେ ସମ୍ପ୍ରତି ସେ ଅଭିନୟ ଜଗତରୁ ଦୂରେଇ ଯାଇ ଆଧ୍ୟାତ୍ମିକତାର ପଥ ଆପଣାଇଛନ୍ତି। ନୂପୁର ୨୦୨୨ ପରଠାରୁ ଅଭିନୟ ଜଗତରେ ନଜରକୁ ଆସି ନାହାନ୍ତି। ଗୁରୁ ଶମ୍ଭୁ ଶରଣ ଝାଙ୍କ ମାର୍ଗଦର୍ଶନରେ ସେ ସନ୍ନ୍ୟାସିନୀ ପାଲଟିଥିବା ନେଇ ମଙ୍ଗଳବାର ଏକ ସାକ୍ଷାତ୍‌କାରରେ ନୂପୁର କହିଛନ୍ତି। ସେ କହିଛନ୍ତି, ଆଧ୍ୟାତ୍ମିକତା ପ୍ରତି ପିଲାବେଳୁ ତାଙ୍କର ଆକର୍ଷଣ ରହିଥିଲା। ଅଭିନୟ କ୍ଷେତ୍ରରୁ ମୋହ ଭଙ୍ଗ ହେବା ପରେ ସେ ନିଜକୁ ଆଧ୍ୟାତ୍ମିକତା କ୍ଷେତ୍ରରେ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ କରିବାକୁ ନିଷ୍ପତ୍ତି ନେଇଥିଲେ। ବର୍ତ୍ତମାନ ଜଣେ ସନ୍ନ୍ୟାସିନୀ ଭାବେ ସେ ନିଜ କର୍ତ୍ତବ୍ୟ କରୁଛନ୍ତି ଏବଂ ଅଭିନୟ ଜଗତକୁ ଆଦୌ ମିସ୍ କରୁନାହାନ୍ତି ବୋଲି ନୂପୁର କହିଛନ୍ତି।

ସନ୍ନ୍ୟାସିନୀ ଜୀବନ ବିତାଉଥିବା ନୂପୁର ଏବେ ଭିକ୍ଷା ମାଗି କ୍ଷୁଧା ମେଣ୍ଟାଉଥିବା ସହ ଭଗବାନଙ୍କ ଶରଣରେ ରହୁଛନ୍ତି। ଅଭିନୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବେଳେ ସେ ନିଜର ଲୋକପ୍ରିୟତା ଏବଂ ସଫଳତାକୁ ନେଇ ଅନେକ ସମୟ ଚିନ୍ତିତ ରହୁଥିଲେ, କିନ୍ତୁ ଏବେ ସେ ସମ୍ପୂର୍ଣ୍ଣ ଶାନ୍ତି ଅନୁଭବ କରୁଥିବା କହିଛନ୍ତି। ସେ ତଳେ ଶୋଉଛନ୍ତି ଏବଂ ଦିନକୁ ଥରେ ଭୋଜନ କରୁଛନ୍ତି। ତାଙ୍କର ଏପରି ନିଷ୍ପତ୍ତିକୁ ସମ୍ମାନ ଜଣାଇ ସ୍ୱାମୀ ଅଳଙ୍କାର ଶ୍ରୀବାସ୍ତବ ମଧ୍ୟ ତାଙ୍କୁ ପାରିବାରିକ ବନ୍ଧନରୁ ମୁକ୍ତ କରିଦେଇଥିବା ନୂପୁର କହିଛନ୍ତି।



ନୂପୁର ଅଳଙ୍କାର



ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୧୩/୨୦୨୫ Bhubaneswar, Wednesday, August 13/2025 | ପୃଷ୍ଠା-୧


# ନାଗରିକତ୍ୱର ପ୍ରମାଣ ନୁହେଁ ଆଧାର

## ନିର୍ବାଚନ କମିଶନଙ୍କ ଯୁକ୍ତିକୁ ମାନିନେଲେ ସୁପ୍ରିମକୋର୍ଟ

ବିହାର ବିଧାନସଭା ଭୋଟ ପୂର୍ବରୁ ନିର୍ବାଚନ କମିଶନ (ଇସି)ଙ୍କ ସ୍ପେଶିଆଲ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସ୍ଆଇଆର୍)କୁ ନେଇ ଉଠିଥିବା ବିବାଦ ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟରେ ୧୦ରୁ ଊର୍ଦ୍ଧ୍ୱ ପିଟିଶନ ଦାଖଲ ହୋଇଛି। ଜୁଲାଇ ୧୦ରେ ଅଦାଲତ ଏହାର ଶୁଣାଣି କରି ଇସିଙ୍କୁ ଆଧାର, ଭୋଟର ଆଇଡି ଏବଂ ରାଶନ କାର୍ଡକୁ ନାଗରିକତ୍ୱ ସପକ୍ଷରେ ବୈଧ ଦସ୍ତାବିଜ ରୂପେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଜୁଲାଇ ୨୨ ତାରିଖରେ କମିଶନ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲେ, ଯାହାକୁ ସୁପ୍ରିମକୋର୍ଟ ମଙ୍ଗଳବାର ଯଥାର୍ଥ କହି ସମର୍ଥନ ଜଣାଇଛନ୍ତି। ଆଧାରକୁ ନାଗରିକତ୍ୱର ପ୍ରମାଣ ଭାବେ ଗ୍ରହଣ କରା ନ ଯିବା ନେଇ ଇସିଙ୍କ ଆଭିମୁଖ୍ୟ ଠିକ୍ ବୋଲି ଶୀର୍ଷ ଅଦାଲତ ମାନିନେଇଛନ୍ତି।




ନୂଆଦିଲ୍ଲୀ,୧୨।୮

ନାଗରିକତ୍ୱ ପ୍ରମାଣ ପାଇଁ ଆଧାରକୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ଆଭିମୁଖ୍ୟକୁ ସୁପ୍ରିମକୋର୍ଟ ମଙ୍ଗଳବାର ସମର୍ଥନ ଜଣାଇଛନ୍ତି। ନାଗରିକତ୍ୱର ସ୍ୱତନ୍ତ୍ର ଯାଞ୍ଚ ହେବା ଜରୁରୀ ବୋଲି ସର୍ବୋଚ୍ଚ ଅଦାଲତ ମତ ଦେଇଛନ୍ତି। ବିହାରରେ ଭୋଟର ତାଲିକାର ଏସ୍ଆଇଆର୍‌କୁ ଚ୍ୟାଲେଞ୍ଜ କରି ଦାଏର ଅନେକ ପିଟିଶନ୍‌ର ଶୁଣାଣି ବେଳେ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜୟମାଲ୍ୟା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ, ନାଗରିକତ୍ୱ ପ୍ରମାଣ ଭାବେ ଆଧାରକୁ ନିର୍ଣ୍ଣାୟକ ପ୍ରମାଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଇସିଙ୍କ କହିବା ଠିକ୍। ଏହାକୁ ଯାଞ୍ଚ କରିବାକୁ ହେବ ବୋଲି ଆବେଦନକାରୀ ☞ପୃଷ୍ଠା-୨

# ଓଡ଼ିଶାରେ ହେବ ୨ ସେମିକଣ୍ଡକ୍ଟର ପ୍ରକଳ୍ପ

## କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ,୧୨।୮(ପି.ଟି.)

ଓଡ଼ିଶାରେ ୨ଟି ସମେତ ଦେଶରେ ମୋଟ ୪ଟି ସେମିକଣ୍ଡକ୍ଟର ପ୍ରକଳ୍ପ ନିର୍ମାଣକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଅନ୍ୟ ୨ଟି ଚିପ୍ କାରଖାନା ପଞ୍ଜାବ ଓ ଆନ୍ଧ୍ରପ୍ରଦେଶରେ ହେବ ବୋଲି କ୍ୟାବିନେଟ୍ ବୈଠକ ପରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ସୂଚନା ଦେଇଛନ୍ତି। ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ଅଧୀନରେ ଉକ୍ତ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ବୁଲା କୁକୁର**

# ୩ ଦିନରେ ୪ ନାବାଳିକାଙ୍କୁ ବଳାତ୍କାର

- ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର, ଜେଲ ଗଲେ ପିଉସା
- ଘରେ ପଶି ନାବାଳିକାଙ୍କ ସହ ବର୍ବରତା, ଭିଣୋଇ ଗିରଫ

ରାଜନଗର/ପଟ୍ଟାମୁଣ୍ଡାଇ/କୁଜଙ୍ଗ,୧୨।୮(ଭାସ୍କର ରାଉତରାୟ/କଳ୍ପତରୁ ନାୟକ/ ମନୋଜ ପ୍ରଧାନ)

ଦଶମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକା ରକ୍ଷାବନ୍ଧନ ଦିନ ଗାଁ ରାସ୍ତାରେ ଯାଉଥିବା ସମୟରେ ପିଉସା ଖୁଦୁରୁକୁଣୀ ମୂର୍ତ୍ତି କିଣିଦେବା ବାହାନାରେ ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇଯାଇଥିଲେ। ପରେ ଛାତ୍ରୀଙ୍କୁ ପିଉସା ଓ ଅନ୍ୟ ୪ ଜଣ ଯୁବକ ଗଣବଳାତ୍କାର କରିଥିଲେ। ଏପରି କି ଘଟଣା ସମ୍ପର୍କରେ ମୁହଁ ଖୋଲିଲେ ଏହାର ପରିଣାମ ଭୋଗିବ ବୋଲି ସେମାନେ ତାଙ୍କୁ ଧମକ ଦେଇଥିଲେ। ଅଗଷ୍ଟ ୯ରେ ଘଟିଥିବା ଏହି ବର୍ବର ଘଟଣା ସମ୍ପର୍କରେ ପୀଡ଼ିତା ସୋମବାର ରାଜନଗର ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରି ମୁଖ୍ୟ ଅଭିଯୁକ୍ତ ପିଉସାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବାବେଳେ ଅନ୍ୟ ୪ ଜଣଙ୍କୁ ଅଟକ ରଖିଛି। ସେହିପରି ସୋମବାର ସନ୍ଧ୍ୟାରେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ୍ ଅଭୟଚାନ୍ଦପୁର ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ଝିଅଙ୍କ ମା'ବାପା ବଜାରକୁ ଯାଇଥିଲେ। ନାବାଳିକାଙ୍କୁ ଘରେ ଏକୁଟିଆ ପାଇ ସମ୍ପର୍କୀୟ ଭିଣୋଇ ତାଙ୍କୁ ବଳାତ୍କାର କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

୩ ଦିନ ମଧ୍ୟରେ ବିଭିନ୍ନ ସ୍ଥାନରେ ୪ ଜଣ ନାବାଳିକାଙ୍କୁ ବଳାତ୍କାର କରାଗଲାଣି। ଅଗଷ୍ଟ ୯ ରକ୍ଷାବନ୍ଧନ ଦିନ ମୟୂରଭଞ୍ଜ ☞ପୃଷ୍ଠା-୨


DSPL-205



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଶ୍ୱ ଅଙ୍ଗଦାନ ଦିବସ

୧୩ ଅଗଷ୍ଟ ୨୦୨୫

ଅଙ୍ଗଦାନ ସର୍ବୋତ୍ତମ ଦାନ

ଜଣେ ମସ୍ତିଷ୍କ-ମୃତ ବ୍ୟକ୍ତିଙ୍କ ଅଙ୍ଗଦାନ,
ଆଠ ଜଣ ବ୍ୟକ୍ତିଙ୍କର ଜୀବନ ରକ୍ଷା କରିପାରେ

ଅଙ୍ଗଦାନ କରନ୍ତୁ, ନୂଆ ଜୀବନ ଦିଅନ୍ତୁ

ନିମ୍ନ ପ୍ରଦତ୍ତ କ୍ୟୁ:ଆର୍: କୋଡ୍ କୁ ସ୍କାନ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ :

ସ୍କାନ କରନ୍ତୁ

www.notto.abdm.gov.in

ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ :
ରାଜ୍ୟ ଅଙ୍ଗ ଓ ତନ୍ତୁ ପ୍ରତିରୋପଣ ସଙ୍ଗଠନ
#OdishaSotto #sottoodisha sotto.scb.odisha@gmail.com

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

OIPR-10001/13/0077/2526




90 YEARS TRUST IS TIMELESS | 100% Certified Natural Diamonds | Superior Quality & Excellent Cuts | Free Insurance on Diamonds | Assured Lifetime Maintenance | 100% HUID Hallmarked | 100% Exchange | Non-conflict Diamonds | Lowest Price Per Carat | Lifetime Buyback Guarantee

*T&C Apply

JHARSUGUDA : Sarabahal Road, Marwari Para | ROURKELA : Kesar Bhawan, Main Road
SHOWROOMS ALSO AT: BHUBANESWAR | BERHAMPUR | CUTTACK | PURI | ANGUL (Opening Soon) | JAJPUR ROAD (Opening Soon)

Follow us on: | 1800 3131 777 | Khimjijewellers.com

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଆମେରିକା ପ୍ରଡକ୍ଟକୁ ଓଡ଼ିଶାରେ ବ୍ୟାନ୍ କରିବା ଦାବିରେ ସ୍ୱଦେଶ ଜାଗରଣ ମଞ୍ଚ ପକ୍ଷରୁ ବିକ୍ଷୋଭ, ସ୍ଥାନ: ରସୁଲଗଡ଼ ଛକ, ସମୟ: ସକାଳ ୯ଟା।
- ସଂଯୁକ୍ତ କୃଷକ ମୋର୍ଚ୍ଚା କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକର ମିଳିତ ମଞ୍ଚ ଓଡ଼ିଶା ୟୁନିଟ୍ ପକ୍ଷରୁ ଆମେରିକାର ଟ୍ରମ୍ପ ସରକାରଙ୍କ ଭାରତ ଉପରେ ଟାରିଫ ଏବଂ ବହୁରାଷ୍ଟ୍ରୀୟ କର୍ପୋରେଟ ଲୁଣ୍ଠନ ବିରୋଧରେ 'ଦେଶବ୍ୟାପୀ କର୍ପୋରେଟ୍ ଭାରତ ଛାଡ ଆହ୍ୱାନ', ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଅଙ୍ଗୀକା ପକ୍ଷରୁ ଗୁରୁ ପୂଜନ ଉତ୍ସବ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ମେଘ ଉତ୍ସବ 'ଶ୍ରାବଣୀ', ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- 'ସମୟ' ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ:ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ଆସୋସିଏଶନ୍(ଓଡ଼ିଶା ଭବନ),ୟୁନିଟ୍ ୩, ସମୟ:ଅପରାହ୍ନ ୪ଟା।
- ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ସମୟ: ଅପରାହ୍ନ ୪ଟା।

## କଟକ

- କଂଗ୍ରେସ ପକ୍ଷରୁ ସିଏମ୍‌ସି କମିଶନରଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ସିଏମ୍‌ସି କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ବାଲେଶ୍ୱର

- ଦିବଂଗତ ବିଧାୟକ ମଦନ ମୋହନ ଦତ୍ତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଷ୍ଟେଶନ ଛକ ନିକଟ, ବାଲେଶ୍ୱର, ସମୟ: ସକାଳ ୮ଟା।
- ଦିଶା ବୈଠକ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ହର ଘର ତ୍ରିରଙ୍ଗା ପ୍ରତିଯୋଗିତା କାର୍ଯ୍ୟକ୍ରମ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଭାଜପାର ତ୍ରିରଙ୍ଗା ପଦଯାତ୍ରା, ସ୍ଥାନ: ଗାନ୍ଧୀ ସ୍ମୃତିଭବନଠାରୁ ସିନେମାଛକ ପର୍ଯ୍ୟନ୍ତ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ଖୋଟି ପ୍ରତିଯୋଗିତା, ସ୍ଥାନ: ଜିଲା ସ୍କୁଲ ପରିସର, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ମନ୍ଦିର ଛକ ନିକଟରୁ ହାତୀଆଗଣ୍ଡ ପର୍ଯ୍ୟନ୍ତ, ରେମୁଣା, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ନୂଆନନ୍ଦ କଣ୍ଟିମଙ୍ଗଳା ପୀଠ, ତିହିଡ଼ି, ସମୟ: ସକାଳ ୯ଟା।
- ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଚାନ୍ଦବାଲି, ଘଣ୍ଟେଶ୍ୱର, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ତ୍ରିରଙ୍ଗା ଯାତ୍ରା, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ: ସକାଳ ୭ଟା।
- ସ୍କୁଲସ୍ତରୀୟ ବିଜ୍ଞାନ ମେଳା,ସ୍ଥାନ: ଆନନ୍ଦପୁର ଶିଶୁ ବିଦ୍ୟାମନ୍ଦିର,ସମୟ:ପୂର୍ବାହ୍ନ ୧୦ଟା।
- ଭାଜପାର ତ୍ରିରଙ୍ଗା ଯାତ୍ରା, ସ୍ଥାନ: ପାଟଣା ବ୍ଲକ ମଲ୍ଲୀପୋଷି ଛକ,ସମୟ:ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ଗୋପବନ୍ଧୁ ନଗର ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଖୁଣ୍ଟା ହାଟ ଛକ, ସମୟ: ସକାଳ ୯ଟା।
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ସୀମାନ୍ତ ମହାବିଦ୍ୟାଳୟର ୪୬ ତମ ପ୍ରତିଷ୍ଠା ଦିବସ,ସ୍ଥାନ: ମହାବିଦ୍ୟାଳୟ ପରିସର, ଖାରପୋଖରିଆ, ସମୟ: ଅପରାହ୍ନ ୨ଟା।
- ଦୁର୍ଗାପୂଜା ଉପଲକ୍ଷେ ଦ୍ୱିତୀୟ ପ୍ରସ୍ତୁତି ବୈଠକ, ସ୍ଥାନ: ଚିତ୍ରଡ଼ା ବସ୍‌ଷ୍ଟାଣ୍ଡ, ମୋରଡ଼ା, ସମୟ:ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ଓ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ପ୍ରତିବାଦ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ,ସମୟ: ପୂର୍ବାହ୍ନ୧୧ଟା।
- ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ଓ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ପ୍ରତିବାଦ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ,ସମୟ: ପୂର୍ବାହ୍ନ୧୧ଟା।

## କନ୍ଧମାଳ

- ସ୍ୱାଧୀନତା ଦିବସ ପରେଡର ଶେଷ ପୂର୍ବାଭ୍ୟାସ, ସ୍ଥାନ: ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ବାଲିଗୁଡ଼ା: ସମୟ: ସକାଳ ୮ ଟା।
- ଓଡ଼ିଶା ରାଜସ୍ୱ ଅମଲା ସଂଘର ସମୂହ ଛୁଟି ଓ ଧାରଣା, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ବାଲିଗୁଡ଼ା, ସମୟ: ସକାଳ ୮ ଟା।
- ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ସାମୁହିକ ପରେଡ ଅଭ୍ୟାସ, ସ୍ଥାନ: ହେଲିପ୍ୟାଡ୍ ପଡ଼ିଆ ଦାରିଙ୍ଗବାଡ଼ି, ସମୟ: ପୂର୍ବାହ୍ନ ୧୦.୩୦।
- ମନ୍ଦିର ସୁରକ୍ଷା ମଞ୍ଚ ଓ ଗ୍ରାମବାସୀଙ୍କ ତରଫରୁ ସର୍ବସାଧାରଣ ବୈଠକ, ସ୍ଥାନ: ମା'ପାଟଖଣ୍ଡା ମନ୍ଦିର ସଭାଗୃହ ବାଲିଗୁଡ଼ା, ସମୟ: ଅପରାହ୍ନ ୨ ଟା।

## ଗଜପତି

- ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ସେଞ୍ଚୁରିଆନ ୟୁନିଭରସିଟି, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ହରଘର ତ୍ରିରଙ୍ଗା–୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ବାଜିଚୌକ ଢେଙ୍କାନାଳ, ସମୟ: ସକାଳ ୮ଟା।

## ଅନୁଗୋଳ

- ଆଠମଲ୍ଲିକ ନଗର ଭାଜପା ପକ୍ଷରୁ ତ୍ରିରଙ୍ଗା ରାଲି, ସ୍ଥାନ: ଆଠମଲ୍ଲିକ ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୮ଟା।
- ଆଠମଲ୍ଲିକ ଏନ୍‌ଏସି ତରଫରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ମାଣିକପଥରଠାରୁ ସ୍ମାର୍ଟ ପାର୍କର ରାସ୍ତା ପାର୍ଶ୍ୱ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- ପାରାଦୀପ ପୌରପରିଷଦ ପକ୍ଷରୁ ସ୍ୱାୟତ୍ତଶାସନ ଉପଲକ୍ଷେ ସମୂହ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ୧ ନମ୍ବର ୱାର୍ଡ, ନେହେରୁ ବଙ୍ଗଳା, ପାରାଦୀପ, ସମୟ: ସକାଳ ୭ଟା।
- ଛାତ୍ରୀଛାତ୍ରଙ୍କୁ ନେଇ ନିଶାମୁକ୍ତି ଅଭିଯାନ କାର୍ଯ୍ୟକ୍ରମ: ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜଣ୍ଟିଲୋ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ନିଶାମୁକ୍ତି ଭାରତ ଅଭିଯାନ ଅବସରରେ ଶପଥ ଗ୍ରହଣ ଉତ୍ସବ, ସ୍ଥାନ: ବ୍ୟାସନଗର ସ୍ୱୟଂଶାସିତ କଲେଜ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣର ୩ୟ ଦିବସ, ସ୍ଥାନ:ଦଶପଲ୍ଲା ବ୍ଲକ ସାତପାଟଣାର ପଣସପାଟଣା, ସମୟ: ସକାଳ ୭ଟା(ପାରାୟଣ), ସନ୍ଧ୍ୟା ୭ଟା (ପ୍ରବଚନ)।
- ହର୍‌ଘର୍ ତ୍ରିରଙ୍ଗା, ଘର୍ ଘର୍ ସ୍ୱଚ୍ଛତା ଅଭିଯାନ, ସ୍ଥାନ: ନୟାଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟାଳୟ, ସମୟ:ସକାଳ ୭ଟା ୩୦।
- ଭିତ୍ତିଭୂମି ବ୍ୟବସ୍ଥା ନ କରି ଅନ୍‌ଲାଇନ ଉପସ୍ଥାନକୁ ବିରୋଧ କରି ଶିକ୍ଷକଙ୍କ ଆନ୍ଦୋଳନ, ସ୍ଥାନ:ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ମୁଖ୍ୟ ସ୍ରୋତ ଲିଙ୍ଗ ଆନ୍ତର୍ଭୁକ୍ତିକରଣ ସମ୍ପର୍କିତ କର୍ମଶାଳା,
- ସ୍ଥାନ: କାମ୍ପ ମାଲିଗାଁ ଗ୍ରାମ ପଞ୍ଚାୟତ ସଭା ଗୃହ,ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିରଙ୍ଗା ଯାତ୍ରା, ସ୍ଥାନ: କୋଷାଗୁମୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଜିଲା ରାଜସ୍ୱ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ନିଶାମୁକ୍ତ ଭାରତ ଅଭିଯାନ, ସ୍ଥାନ: ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ସୁରଜ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଓସ୍ୱାନ ସମ୍ମିଳନୀ ଗୃହ, କୋରାପୁଟ, ସମୟ:ପୂର୍ବାହ୍ନ ୧୦ଟା ୩୦।
- ହର ଘର ତିରଙ୍ଗା ଶୋଭାଯାତ୍ରା, ସ୍ଥାନ: ସଦର ମହକୁମା, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ବିଧାୟକଙ୍କ ବିଭିନ୍ନ ଯୋଜନାର ସମୀକ୍ଷା, ସ୍ଥାନ: ପାଙ୍ଗଲୁଙ୍ଗ ଓ ଗୋଲୁର ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା, ଅପରାହ୍ନ ୩ଟା।
- ୧୧ତମ କୃଷି ସେନସସ୍ ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।

## ମାଲକାନଗିରି

- ଜିଲା ସାମାଜିକ ସୁରାକ୍ଷା କଲ୍ୟାଣ ବିଭାଗ ପକ୍ଷରୁ ନିଶା ନିବାରଣ ସଚେତନତା, ସ୍ଥାନ: ବାଲିମେଳା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାସ୍ତରୀୟ ନିଶାମୁକ୍ତ ଭାରତ ଅଭିଯାନ ସମ୍ବନ୍ଧୀୟ ବୈଠକ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୧ ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନ ପକ୍ଷରୁ ହର ଘର ତ୍ରିରଙ୍ଗା ଅଭିଯାନ ଶୁଭାରମ୍ଭ, ସ୍ଥାନ : ସହୀଦ ସ୍ତମ୍ଭ ଛକ, ସମୟ ସକାଳ ୭ଟା।
- ଜିଲା ଅମଲା ସଂଘର ଧାରଣା, ସ୍ଥାନ: ଜିଲାପାଳ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଚାରା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: କୁଚିଣ୍ଡା ଶ୍ରମିକ ଭବନ, ସମୟ: ଅପରାହ୍ନ ୩ଟା।

## ବଲାଙ୍ଗୀର

- ତ୍ରିରଙ୍ଗା ଯାତ୍ରା, ସ୍ଥାନ: ଖପ୍ରାଖୋଲ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ରାଜସ୍ୱ ଅମଲା ସଂଘର ଧାରଣା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ଗଙ୍ଗାଧର ମେହେର ଜୟନ୍ତୀ, ସ୍ଥାନ: କଦଳୀପାଲି, ବରପାଲି, ସମୟ: ଅପରାହ୍ନ ୧ଟା।

## ରାଉରକେଲା

- ରାଉରକେଲା ରାଜସ୍ୱ ଅମଲା ସଂଘର ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ପାନପୋଷ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୮ଟା।
- ତ୍ରିଦିବସୀୟ ଜନ୍ମାଷ୍ଟମୀ ଉତ୍ସବ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: କଲ୍ୟାଣ ମଣ୍ଡପ, ହନୁମାନ ବାଟିକା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ରାଉରକେଲା କଲେଜରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର–୪, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- 'ବ୍ରହ୍ମା କୁମାରୀ' ପକ୍ଷରୁ ସଚେତନତା ଶିବିର, ସ୍ଥାନ: କିଞ୍ଜିରିକେଲା କଲେଜ, ସମୟ: ମଧ୍ୟାହ୍ନ ୧୨ଟା।
- ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନ୍ତର୍ଗତ ଦେଶାତ୍ମବୋଧକ ଓ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ,ସୁନ୍ଦରଗଡ, ସମୟ: ଅପରାହ୍ନ ୩ଟା।

## କଳାହାଣ୍ଡି

- ନବନିର୍ମିତ ଚାଷୀ ବିଶ୍ରାମ କକ୍ଷ ଉଦ୍‌ଘାଟନ ଓ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ଯୋରାଡବରା ପ୍ରାଥମିକ କୃଷି ସମବାୟ ସମିତି, ସମୟ: ପୂର୍ବାହ୍ନ ୧୦ଟା।
- ଅଲ ଓଡ଼ିଶା ଟେଣ୍ଟହାଉସ ଆଣ୍ଡ ସପ୍ଲାୟର୍ସ ଆସୋସିଏଶନର ବୈଠକ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛକ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ହର ଘର ତ୍ରିରଙ୍ଗା ଯାତ୍ରା ଅବସରରେ ବାଇକ୍ ରାଲି, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ସକାଳ ୮ଟା।

## ସୁବର୍ଣ୍ଣପୁର

- ତରଭା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ସଭା ଘର, ସମୟ: ପୂର୍ବାହ୍ନ ୧୦ଟା।
- ବାଲ୍ୟ ବିବାହମୁକ୍ତ ଗ୍ରାମପଞ୍ଚାୟତ ଉପରେ ତାଲିମ ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ତୃତୀୟ ଦିବସ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମବାସୀ ଓ ଅଭିଭାବକଙ୍କ ଧାରଣା ତୃତୀୟ ଦିବସ, ସ୍ଥାନ: କୋମନା ବ୍ଲକ ଜଟଗଡ଼ ପଞ୍ଚାୟତ ସାହାଜଟ ଆଶ୍ରମ ବିଦ୍ୟାଳୟ ଗେଟ୍ ସମ୍ମୁଖ, ସମୟ: ସକାଳ ୮ଟା।
- ଇଣ୍ଡିପେଣ୍ଡେଣ୍ଟ କପ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।
- ୧୬ତମ ରାଜା ଅନୁପ ସିଂଦେଓ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଗ୍ରୁପ–ବି ସେମିଫାଇନାଲ, ସ୍ଥାନ: ରାଜା ଅର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ଖଡିଆଲ, ସମୟ: ଅପରାହ୍ନ ୪ଟା।
- ବିଦ୍ୟୁତ୍ ବିଲ ସଂଶୋଧନ ଶିବିର, ସ୍ଥାନ: ଟିପିଡବ୍ଲ୍ୟୁଓଡିଏଲ୍ ସେକ୍ସନ, ସବ୍‌ଡିଭିଜନ ଓ ଡିଭିଜନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୫ଟା ୩୦।
- କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଲଗ୍ନ ଧାର୍ଯ୍ୟ, ସ୍ଥାନ: ରାଜ ଦରବାର ଖଡିଆଲ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଅମଲା ସଂଘ ପକ୍ଷରୁ ବିକ୍ଷୋଭ ସମାବେଶ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟଠାରୁ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।

## ଝାରସୁଗୁଡ଼ା

- ବିଜୁ ପଟ୍ଟନାୟକ ସମାଜ କଲ୍ୟାଣ ସଂସ୍ଥା ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଦୋଡିହି ଶିବ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ଟା।
- ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବେହେରାମାଲ ରାଧାମାଧବ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରାଜନୀତି, ଆଇନ ଅଦାଲତ ତଥା ସାଙ୍ଗଠନିକ କାର୍ଯ୍ୟର ଆଲୋଚନାରେ ସଫଳତା ପାଇବେ। କିନ୍ତୁ ଶିକ୍ଷା, ସନ୍ତାନ ଓ ସମ୍ପର୍କ କ୍ଷେତ୍ରରେ ବିବାଦୀୟ ସ୍ଥିତି ଉପୁଜିପାରେ। ବନ୍ଧୁ ଓ ପରିବାର ଦିଗରୁ ସମୟଟି ବିଶେଷ ଅନୁକୂଳ ନୁହେଁ। ସାମାନ୍ୟ ଚେଷ୍ଟା ଦ୍ୱାରା ଯେଉଁଥିପାଇଁ ଚିନ୍ତିତ ଥିଲେ ଆଜି ତାହା ପାଇବାର ଆଶା କରାଯାଇପାରେ।

**ବୃଷ** ଆଜି କୌଣସି ଦୂରଭିସନ୍ଧି ରଖି ପାଖ ପଡ଼ୋଶୀ ମାନେ ସହଯୋଗର ହାତ ବଢ଼ାଇପାରନ୍ତି। ଆଲୋଚନା କ୍ଷେତ୍ରରେ ବିତର୍କ ବୃଦ୍ଧି ପାଇବା କାରଣରୁ ସହମତି ନ ହୋଇପାରେ। କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆଜିର ଆନୁଷ୍ଠାନିକ କାମରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି।

**ମିଥୁନ** ପାରିବାରିକ ଅସ୍ଥିରତାକୁ ନିୟନ୍ତ୍ରଣରେ ନ ରଖି ଅନ୍ୟକୁ ଦାୟୀକରି ସମାଲୋଚିତ ହେବେ। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ ନୂତନ କାମଟି ସମ୍ପନ୍ନ କରିପାରିବେ। ସାଂସ୍କୃତିକ କାର୍ଯ୍ୟକ୍ରମ, ରାଜନୀତି, ସଙ୍ଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ସନ୍ତାନଙ୍କ କୃତି ଓ କୃତିତ୍ୱରୁ ନିଜକୁ ଗୌରବାନ୍ୱିତ ମନେକରିବେ।

**କର୍କଟ** ଲୁହା ଦେଖି ପାଣିଦେବା ନ୍ୟାୟରେ ମନକୁ ପାଇଲା ଭଳି କଥା କହି ଅନ୍ୟମାନଙ୍କୁ ଆପଣାର କରିପାରିବେ। ଭାଇ, ବନ୍ଧୁ ଓ କୁଟୁମ୍ବଙ୍କ ସହ ପାଟିତୁଣ୍ଡ ହୋଇପାରେ। ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରି ଆତ୍ମବିଭୋର ହେବେ। କର୍ମାରମ୍ଭ, ବ୍ୟବସାୟ, ଦୂରଯାତ୍ରା ଏବଂ ବନ୍ଧୁସମ୍ପର୍କ କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟିହେବ।

**ସିଂହ** ଆଜି ଦୂରଯାତ୍ରା, ଶତ୍ରୁତାର ସମାଧାନ ଓ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଚିନ୍ତିତ ରହିବେ। ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ ପରେ ଅନୁତାପ କରିବେ। କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ନୂତନ ଯୋଜନାରମ୍ଭ କ୍ଷେତ୍ରରେ ପରିବାରବର୍ଗଙ୍କ ସହାୟତା ପାଇବେ ଓ ଆନନ୍ଦ ମନରେ କାମ କରିବେ।

**କନ୍ୟା** ଆଜି ହସକାନ୍ଦର ତିଳତଣ୍ଡୁଳ ଛାଇ ଭଳି ମିଶ୍ରିତ ଅନୁଭୂତି ପାଇବେ। ଯେତିକି ପାଇବେ ତାହାର ଦୁଇଗୁଣା ଖର୍ଚ୍ଚକରି ମନସ୍ତାପ କରିପାରନ୍ତି। ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ଆପଣଙ୍କ ମନକୁ ବାଧିଲା ଭଳି କଥା କହିପାରେ। ବନ୍ଧୁଗହଣରେ ଆପଣଙ୍କ କାର୍ଯ୍ୟକଳାପ ଓ ଦକ୍ଷତାରୁ ପରୋକ୍ଷ ପ୍ରଶଂସିତ ହୋଇପାରନ୍ତି।

**ତୁଳା** ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କୁ ହଁ କିମ୍ବା ନା କରିପାରିବେନାହିଁ। ଅନ୍ୟମାନଙ୍କ କଥାରେ ମୁଣ୍ଡ ପୂରାଇ ନିଜର କାମ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯିବ। ସହକର୍ମୀଙ୍କ ସହ ବିବାଦ ବୃଦ୍ଧିହେବ, ମାତ୍ର ପରକ୍ଷଣରେ ସେ ହିଁ ଆପଣଙ୍କ କାମରେ ସହଯୋଗ କରିବେ। ସତ୍‌ସଙ୍ଗ, ଧର୍ମଚର୍ଚ୍ଚା କିମ୍ବା ଆନୁଷ୍ଠାନିକ ଦିଗକୁ ମନ ବଳାଇବେ।

**ବିଛା** ନୂତନ କାମରେ ଆତ୍ମୀୟଙ୍କ ସହାୟତା ପାଇବେ। ପରିବହନ, ଶିଳ୍ପ ଓ ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇବାରେ ସଫଳ ହେବେ। ଜମିଜମା କିଣାବିକା କ୍ଷେତ୍ରରେ ନିଜ ପରିବାରର ସଦସ୍ୟଙ୍କ ବିରୋଧାଭାସର ସମ୍ମୁଖୀନ ହୋଇପାରନ୍ତି। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇଦେଇପାରେ।

**ଧନୁ** କର୍ମକ୍ଷେତ୍ରରେ କୌଣସି ଅସୁବିଧା ନ ହେଲେ ମଧ୍ୟ ଆର୍ଥିକ ଦିଗରୁ ସମସ୍ୟା ଲାଗି ରହିବ। ପିଲାଙ୍କ ଶିକ୍ଷାର ସଫଳତା ଏବଂ ଅନ୍ୟାନ୍ୟ କଲ୍ୟାଣମୂଳକ କାମରୁ ଖୁସି ରହିବେ। ଅନ୍ୟମନସ୍କ ଭାବରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ଚେଷ୍ଟା କରୁଥିବା କାମରେ ପୂର୍ଣ୍ଣ ସହଯୋଗ ପାଇ କାର୍ଯ୍ୟ ସାଧନ କରିପାରନ୍ତି।

**ମକର** ପରିସ୍ଥିତି ଅନୁକୂଳ ନ ଥିଲେ ମଧ୍ୟ ମନରେ ସାହସ ବାନ୍ଧି ଦୁରୂହ କାମରେ ମୁଣ୍ଡ ପୂରାଇପାରନ୍ତି। ଅଜଣା ବ୍ୟକ୍ତିଙ୍କଠାରୁ କୌଣସି ଖବର ପାଇ ବିଚଳିତ ହେବେ। ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ** ଆଜିର ଗ୍ରହ ସ୍ଥିତି ଅର୍ଥ, ଆଇନ ସହାୟତା, ସାଙ୍ଗଠନିକ ନେତୃତ୍ୱ ପ୍ରଦାନ କରିପାରେ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ଆଜିର କାମ ଓ କଥାରେ ସଂଯମ ରକ୍ଷା କରିବା ଭଲ। ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ମାଗିପାରନ୍ତି। କ୍ରୀଡ଼ା, ସଙ୍ଗୀତ ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ସହକର୍ମୀଙ୍କ ସହାୟତାରେ ସ୍ଥଗିତ କାମ ସମ୍ପନ୍ନ କରିବାର ଚେଷ୍ଟା କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନାହିଁ। ପରିବାରର ଆବଶ୍ୟକତା ଉପଲବ୍ଧିକରି ଧାରକରଜ କରିପାରନ୍ତି। ସାମାଜିକ ସ୍ତରରେ ପ୍ରଶଂସନୀୟ କାମକରି ବନ୍ଧୁମାନଙ୍କ ପ୍ରିୟଭାଜନ ହେବେ।

ଆଜି ଅଗଷ୍ଟ ୧୩ ତାରିଖ, ଭାଦ୍ରବ କୃଷ୍ଣପକ୍ଷର ରକ୍ଷା ପଞ୍ଚମୀ ବୁଧବାର। ଅଦ୍ୟ ଶ୍ରୀମନ୍ଦିରରେ ଏବଂ ଗୃହୀମାନଙ୍କର ରକ୍ଷା ପଞ୍ଚମୀ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସୁବର୍ଣ୍ଣ ରାହୁରେଖା ଲାଗି, ପଶ୍ଚିମ ଦ୍ୱାରରେ ଘଣ୍ଟାକର୍ଣ୍ଣ ପୂଜା, ବୁଧିବାମନ ଓଷା ଆରମ୍ଭ। ରାଶିନକ୍ଷତ୍ର–ଦିବା ଘ.୧୦।୩୨ ମି. ପର୍ଯ୍ୟନ୍ତ ଉତ୍ତରଭାଦ୍ରପଦ/ମୀନ, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୫।୩୦ ଗତେ, ଘ.୦୭।୧୧ ମଧ୍ୟେ, ଘ.୧୦।୧୬ ଗତେ, ଘ.୧୧।୨୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧।୫୧ ଗତେ, ଘ.୦୧।୨୬ ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

### ନାଗରିକତ୍ୱର ପ୍ରମାଣ...

ଆର୍‌ଜେଡି ନେତା ମନୋଜ ଝା'ଙ୍କ ତରଫରୁ ଉପସ୍ଥିତ ବରିଷ୍ଠ ଆଇନଜୀବୀ କପିଲ ସିବଲଙ୍କୁ ଜଷ୍ଟିସ୍ କାନ୍ତ କହିଥିଲେ। ତେବେ ଯାଞ୍ଚ ପ୍ରକ୍ରିୟା କାର୍ଯ୍ୟକାରୀ କରିବା କ୍ଷମତା ଇସିଆଇଙ୍କର ରହିଛି କି ନାହିଁ, ତାହା ପ୍ରଥମ ପ୍ରଶ୍ନ। ଯଦି ଏହାର କ୍ଷମତା ନ ଥାଏ, ତେବେ ଏସବୁକୁ ବନ୍ଦ କରିବାକୁ ହେବ। କିନ୍ତୁ ଯଦି କ୍ଷମତା ଥାଏ, ତେବେ ଏହା ସମସ୍ୟା ହୋଇ ନ ପାରେ ବୋଲି ବିଚାରପତି କହିଛନ୍ତି।

ନିର୍ବାଚନ କମିଶନଙ୍କ ଅନୁଯାୟୀ, ୨୦୦୩ ଭୋଟର ତାଲିକାରେ ଯେଉଁମାନଙ୍କର ନାଁ ରହିଛି କିମ୍ବା ସେମାନଙ୍କ ମା'ବାପାଙ୍କ ନାଁ ଅଛି, ସେମାନଙ୍କୁ ନାଗରିକତ୍ୱ ପ୍ରମାଣ ପାଇଁ କୌଣସି ଦସ୍ତାବିଜ୍ ଦାଖଲ କରିବା ଆବଶ୍ୟକ ନାହିଁ। ତଦନୁଯାୟୀ ବିହାରର ୭.୯ କୋଟି ଭୋଟରଙ୍କ ମଧ୍ୟରୁ ପ୍ରାୟ ୬.୫ କୋଟିଙ୍କୁ ଦସ୍ତାବିଜ୍ ଦାଖଲ କରିବାକୁ ପଡ଼ିବ ନାହିଁ। ତେଣୁ ଏସ୍‌ଆଇଆର୍ ବିବାଦ ଏକ ବିଶ୍ୱାସ ହ୍ରାସ ପ୍ରସଙ୍ଗ ଭଳି ଲାଗୁଥିବା ଖଣ୍ଡପୀଠ କହିଛନ୍ତି। ଏସ୍‌ଆଇଆର୍ ଯୋଗୁ କୋଟିଏ ଭୋଟର ମତଦାନ ଅଧିକାର ହରାଇବେ ବୋଲି ପିଟିଶନର ଦର୍ଶାଇଥିବାରୁ ଏହା ଉପରେ ଖଣ୍ଡପୀଠ ପ୍ରଶ୍ନ ଉଠାଇଥିଲେ। ମୋଟ ୭.୯ କୋଟି ଭୋଟରଙ୍କ ମଧ୍ୟରୁ ୭.୨୪ କୋଟି କାଗଜପତ୍ର ଦାଖଲ କରିଛନ୍ତି। ତେଣୁ କୋଟିଏ ଭୋଟର ନିଖୋଜ ବା ମତାଧିକାରରୁ ବଞ୍ଚିତ ହେବା ଅଭିଯୋଗକୁ ସର୍ବୋଚ୍ଚ ଅଦାଲତ ଖଣ୍ଡନ କରିଛନ୍ତି। ଲୋକଙ୍କ ପାଖରେ ଆଧାର, ଭୋଟର ପରିଚୟପତ୍ର ଓ ରାଶନ କାର୍ଡ ଥାଇ ମଧ୍ୟ ନିର୍ବାଚନ କମିଶନ ଏହାକୁ ଗ୍ରହଣ କରୁନାହାନ୍ତି ବୋଲି ସିବଲ କହିଥିଲେ। ଏହାର ଜବାବରେ ଖଣ୍ଡପୀଠ ପ୍ରଶ୍ନ କରିଥିଲେ, ବିହାରରେ ରହୁଥିବା ଯେଉଁ ଲୋକଙ୍କ ପାଖରେ ଦସ୍ତାବିଜ୍ ନାହିଁ, ସେମାନଙ୍କୁ ରାଜ୍ୟର ଭୋଟର ଭାବେ ବିଚାର କରାଯିବ କି? ସେମାନଙ୍କୁ କେତେକ ଦସ୍ତାବିଜ୍ ଦେଖାଇବାକୁ ହେବ ବୋଲି ଖଣ୍ଡପୀଠ କହିଛନ୍ତି। ମା'ବାପାଙ୍କ ଜନ୍ମ ପ୍ରମାଣପତ୍ର ଓ ଅନ୍ୟ କାଗଜାତ ପାଇବାରେ ଲୋକେ ସମସ୍ୟାରେ ପଡୁଥିବା ସିବଲ କହିବାରୁ ଏହା ଉପରଠାଉରିଆ ମନ୍ତବ୍ୟ ବୋଲି ଖଣ୍ଡପୀଠ କହିବା ସହ ବିହାରରେ ଯଦି ଏମିତି ହୁଏ, ଦେଶର ଅନ୍ୟ ଭାଗରେ କ'ଣ ହେବ ବୋଲି ପ୍ରଶ୍ନ କରିଥିଲେ। ଏସ୍‌ଆଇଆର୍ ସମୟସୀମା ଏବଂ ୬୫ ଲକ୍ଷ ଭୋଟର ମୃତ କିମ୍ବା ଅନ୍ୟ ନିର୍ବାଚନମଣ୍ଡଳୀରେ ପଞ୍ଜୀକୃତ ହୋଇଥିବା ଘୋଷଣା କରାଯାଇଥିବାରୁ ଏହା ଉପରେ ବରିଷ୍ଠ ଆଇନଜୀବୀ ଅଭିଷେକ ସିଂଘ୍ୱି ଏବଂ ପ୍ରଶାନ୍ତ ଭୂଷଣ ପ୍ରଶ୍ନ ଉଠାଇଥିଲେ।

### ଓଡ଼ିଶାରେ ହେବ ୨...

ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଇଛି। ଦେଶରେ ଚିପ୍ ଉତ୍ପାଦନ କାରଖାନା ନିର୍ମାଣ ବାବଦରେ ଆର୍ଥିକ ସହାୟତା ପ୍ରଦାନ ପାଇଁ ଏହି ମିଶନ ଅଧୀନରେ ୭୬,୦୦୦ କୋଟି ଟଙ୍କା ରଖାଯାଇଛି। ଅଶ୍ୱିନୀଙ୍କ ସୂଚନା ଅନୁଯାୟୀ, ଭୁବନେଶ୍ୱରରେ ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ୨,୦୬୬ କୋଟି ଟଙ୍କା ବ୍ୟୟରେ ଏକ ସିଲିକନ୍ କାର୍ବାଇଡ୍ ସେମିକଣ୍ଡକ୍ଟର କାରଖାନା ପ୍ରତିଷ୍ଠା ହେବ। ସିଲିକନ୍ କାର୍ବାଇଡ୍ ଅତ୍ୟନ୍ତ ମଜଭୁତ ସାମଗ୍ରୀ, ଯାହା ଅତି ଉଚ୍ଚ ତାପମାତ୍ରାରେ ଅପରିବର୍ତ୍ତିତ ରହିଥାଏ। ଏହାକୁ ମିଶାଇଲ୍, ସାଟେଲାଇଟ୍, ଟେଲିକମ୍ ଟାୱାର, ରକେଟ୍, ରେଳ ଇଞ୍ଜିନ ଆଦିରେ ବ୍ୟବହାର କରାଯାଇଥାଏ। ଭୁବନେଶ୍ୱରରେ ନିର୍ମାଣ ହେବାକୁ ଥିବା ପ୍ଲାଣ୍ଟରୁ ବର୍ଷକୁ ୯.୬ କୋଟି ଚିପ୍ ଉତ୍ପାଦନ ହେବ। ସେହିପରି ଆମେରିକାର ବୃହତ୍ ଚିପ୍ ଉତ୍ପାଦନକାରୀ ସଂସ୍ଥା ଇଣ୍ଟେଲ୍ ସମର୍ଥିତ ୩ଡି ଗ୍ଲାସ୍ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ଓଡ଼ିଶାରେ ସ୍ଥାପନ ହେବାକୁ ଯାଉଛି। ଏଥିରେ ୧,୯୪୩ କୋଟି ଟଙ୍କା ନିବେଶ ହେବ। ହେଟେରୋଜେନିଅସ୍ ଇଣ୍ଟିଗ୍ରେଶନ ପ୍ୟାକେଜିଂ ସଲ୍ୟୁଶନ୍ସ ପ୍ରା. ଲିଃ ଏହାକୁ ସ୍ଥାପନ କରିବାକୁ ଥିବାବେଳେ ବାର୍ଷିକ ଉତ୍ପାଦନ କ୍ଷମତା ୫ କୋଟି ୟୁନିଟ୍ ରହିବ। ଆମେରିକାର ଲକ୍‌ହିଡ୍ ମାର୍ଟିନ ମଧ୍ୟ ଏହି ପ୍ରୋଜେକ୍ଟକୁ ସହାୟତା କରିବ ବୋଲି ମନ୍ତ୍ରୀ କହିଛନ୍ତି।

ଆନ୍ଧ୍ରପ୍ରଦେଶରେ ଆଡଭାନ୍ସଡ ସିଷ୍ଟମ୍ ଇନ୍ ପ୍ୟାକେଜ୍ ଟେକ୍ନୋଲୋଜିଜ୍ ଦ୍ୱାରା ୪୬୮ କୋଟିଟଙ୍କା ବ୍ୟୟରେ ଏକ ଚିପ୍ ପ୍ୟାକେଜିଂ ପ୍ଲାଣ୍ଟ ନିର୍ମାଣକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୯.୬ କୋଟି ୟୁନିଟ୍ ରହିବ। ସେହିପରି ପଞ୍ଜାବରେ ୧୧୭ କୋଟି ଟଙ୍କା ବ୍ୟୟରେ ସିଡିଆଇଏଲ୍ ଏକ ସେମିକଣ୍ଡକ୍ଟର ପ୍ରକଳ୍ପ ନିର୍ମାଣକୁ କ୍ୟାବିନେଟ ଅନୁମୋଦନ କରିଛି। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୧୫.୮ କୋଟି ୟୁନିଟ୍ ରହିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ସେକ୍ଟରରେ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଫଳରେ ଗତ ୧୧ ବର୍ଷ ମଧ୍ୟରେ ଏହି ସେକ୍ଟର ୬ ଗୁଣ ଅଭିବୃଦ୍ଧି କରି ୧୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିବା ଅଶ୍ୱିନୀ କହିଛନ୍ତି। ଇଲେକ୍ଟ୍ରୋନିକ୍ସ ରପ୍ତାନି ୮ ଗୁଣ ବଢ଼ି ୩.୩ ଲକ୍ଷ କୋଟି ଟଙ୍କା ହୋଇଥିବାବେଳେ ମୋବାଇଲ୍ ଉତ୍ପାଦନ ୨୮ ଗୁଣ ବୃଦ୍ଧି ପାଇ ୫.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଭାରତ ୪ଟି ଦେଶ ସିଙ୍ଗାପୁର, ମାଲେସିଆ, ଜାପାନ ଓ କୋରିଆ ସହ ମିଶି ସେପ୍ଟେମ୍ବର ୨ରୁ ୪ ସେମିକନ୍ ଇଣ୍ଡିଆ ୨୦୨୫ ଆୟୋଜନ କରିବାକୁ ଯାଉଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

### ୩ ଦିନରେ ୪...

ଜିଲା ଉଦଳାରେ ଜଣେ ନାବାଳିକା ଛାତ୍ରୀଙ୍କୁ ୩ ଅଭିଯୁକ୍ତ ଘରୁ ଜଙ୍ଗଲକୁ ଟେକିନେଇ ଗଣବଳାତ୍କାର ଉଦ୍ୟମ କରିଥିଲେ। ତେବେ ଛାତ୍ରୀ ଜଣକ ସାହସିକତା ଦେଖାଇ ସେଠାରୁ ଖସିଆସିବାରେ ସକ୍ଷମ ହୋଇଥିଲେ। ଏହାର ୨ ଦିନ ପରେ ଅର୍ଥାତ୍ ୧୧ ତାରିଖରେ ବାଲେଶ୍ୱର ଜିଲା ସିମୁଳିଆ ଅଞ୍ଚଳର ଜଣେ ୯ମ ଶ୍ରେଣୀ ଛାତ୍ରୀ ଟିଉଶନରୁ ଫେରିବାବେଳେ ଜଣେ ଯୁବକ ତାଙ୍କୁ ଅପହରଣ କରି ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ରାଜ୍ୟରେ ଛାତ୍ରୀ ଓ ମହିଳା ବିରୋଧୀ ଜଘନ୍ୟ ବର୍ବରତା ବଢ଼ିଚାଲିଥିବାବେଳେ ସଦ୍ୟ ଦୁଇ ଘଟଣା ଆଇନଶୃଙ୍ଖଳା ଉପରେ ପ୍ରଶ୍ନ ଉଠାଉଥିବା ବିରୋଧୀଙ୍କୁ ସରକାରଙ୍କୁ ଘେରିବା ପାଇଁ ଆଉ ଏକ ଅସ୍ତ୍ର ଧରାଇଦେଇଛି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା କାଠିଆପଡ଼ା କଲେଜ ଛାତ୍ରୀ ପୋଡ଼ି ମୃତ୍ୟୁ ଘଟଣା ମନରୁ ନ ଲିଭୁଣୁ ରାଜନଗର ଥାନା ଅଞ୍ଚଳର ଜଣେ ୧୦ମ ଶ୍ରେଣୀ ଛାତ୍ରୀ (୧୪) ଶନିବାର ରକ୍ଷାବନ୍ଧନ ଦିନ ଗଣବଳାତ୍କାରର ଶିକାର ହୋଇଛନ୍ତି। ଏ ନେଇ ପୀଡିତା ସୋମବାର ରାତ୍ରି ୧୧ଟାରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଚଢ଼ାଉ କରି ରାତି ୨ଟାରେ ସମ୍ପୃକ୍ତ ପିଉସାଙ୍କ ସମେତ ୪ ଯୁବକଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରିଥିଲେ। ମଙ୍ଗଳବାର କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କାଟାରିଆ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା ଥାନାରେ ପହଞ୍ଚି ଭାରତୀୟ ନ୍ୟାୟ ସୁରକ୍ଷା ସଂହିତା ଧାରା ୧୮୦ରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛନ୍ତି। ପରେ ପୀଡିତାଙ୍କ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀମାଇନା କରାଯିବା ସହ ୫ ଜଣ ଅଟକ ଯୁବକଙ୍କ ଡାକ୍ତରୀ ପରୀକ୍ଷା ମଧ୍ୟ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ପିଉସା ଚିତ୍ତରଞ୍ଜନ ମଲିକ ଓରଫ ହାପି (୨୯)ଙ୍କୁ ପୋଲିସ ଗିରଫ କରିଛି। ଥାନାରେ ତାଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଧାରା ୭୦(୨), ୧୧୫ (୨), ୩୫୧(୩) ୬ (ଏ) ପୋକ୍‌ସୋ ଆଇନ ଅନୁସାରେ ନଂ. ୨୬୬/୨୫ ରେ ମାମଲା ରୁଜୁ କରି କେନ୍ଦ୍ରାପଡ଼ା କୋର୍ଟକୁ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ବାରିମୂଳ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟ ୪ ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିବା ଆଇଆଇସି ନରେଶ ସାହୁ କହିଛନ୍ତି।

ପୋଲିସ ସୂଚନା ମୁତାବକ, ରାଜନଗର ଥାନା ଅଞ୍ଚଳର ପୀଡ଼ିତା ରାଖୀପୂର୍ଣ୍ଣିମା ଶନିବାର ଅପରାହ୍ନ ୫ଟାରେ ଗାଁରେ ବୁଲୁଥିବା ବେଳେ ପିଉସା ଚିତ୍ତରଞ୍ଜନ ପାଖ ଦୋକାନକୁ ଡାକିଥିଲେ। ସେଠାରୁ ପିଉସା ଝିଆରୀଙ୍କୁ ବାଇକ୍‌ରେ ଧରି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଓଉପଦାକୁ ଝୁଡୁଝୁଣୀ ମୂର୍ତ୍ତି କିଣିବାକୁ ବାହାରିଥିଲେ। ଓଉପଦା ନେବା ପରିବର୍ତ୍ତେ କୁଦୁପୁର ମଶାଣିକୁ ଥିବା ମାଟି ରାସ୍ତାରେ ତାଙ୍କୁ ନେଇଥିଲେ। ଝିଆରୀ ଏପଟେ କୁଆଡ଼େ ଯାଉଛ ବୋଲି କହିଥିଲେ ମଧ୍ୟ ପିଉସା ମଶାଣି ନିକଟରେ ଥିବା ଏକ ନିଛାଟିଆ ଜଙ୍ଗଲ ଭଳି ହୋଇଥିବା ସ୍ଥାନକୁ ନେଇ ଯାଇଥିଲେ। ଝିଆରୀଙ୍କ ବିରୋଧ ସତ୍ତ୍ୱେ କିଛି ନ ଶୁଣି ପିଉସା ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଚିତ୍କାର ଶୁଣି ଅନ୍ୟ ୪ ଜଣ ଯୁବକ ଆସି ତାଙ୍କୁ ଟଣାଓଟରା କରି, ମାଡ଼ ମାରି ଗଣବଳାତ୍କାର କରିବା ସହ ମୋବାଇଲରେ ଫଟୋ ଓ ଭିଡିଓ ଉତ୍ତୋଳନ କରିଥିଲେ। ଗଣବଳାତ୍କାର ପରେ ପିଉସା ଝିଆରୀଙ୍କୁ ଗାଁ ମୁଣ୍ଡରେ ଏକା ଛାଡ଼ିଥିଲେ। ସାଙ୍ଗରେ ଗଲେ ସମସ୍ତେ ସନ୍ଦେହ କରିବେ କହି ଘଟଣା ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ପୀଡ଼ିତା ଏତଲାରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ପୀଡ଼ିତା ଘରେ ଜଣାଇଥିଲେ। ମାତ୍ର ପିଉସା ଓ ଘଟଣାରେ ସମ୍ପୃକ୍ତ ଯୁବକଙ୍କ କେତେଜଣ ଲୋକ ଏହାକୁ ସମାଧାନ କରିବା ପାଇଁ ଉଦ୍ୟମ କରିଥିଲେ। ଦୁଇଦିନ ଧରି ଉଦ୍ୟମ ହୋଇଥିଲେ ମଧ୍ୟ ସମାଧାନ ହୋଇ ପାରି ନ ଥିଲା। ଏହି ଘଟଣା ପରେ ପୀଡ଼ିତା ଆତ୍ମହତ୍ୟା କରିବା ପୂର୍ବରୁ ତାଙ୍କ ମାଙ୍କ ସାହସ ଦେବା ସହ ସୋମବାର ରାତିରେ ଆଣି ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ପରେ ପୋଲିସ ବିଳମ୍ବିତ ରାତିରେ ଚଢ଼ାଉ କରି ଚିତ୍ତରଞ୍ଜନଙ୍କ ସମେତ ୪ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିଲେ। ପିଉସାଙ୍କ ବାଇକ୍‌କୁ ମଙ୍ଗଳବାର ତାଙ୍କ ଘରୁ ପୋଲିସ ଜବତ କରି ଥାନାକୁ ଆଣିଛି।

ସେହିପରି ଜଗତ୍‌ସିଂହପୁର ଜିଲା ଅଭୟଚାନ୍ଦପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଘରେ ପଶି ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ମଙ୍ଗଳବାର ଭିଣୋଇଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ଉକ୍ତ ଥାନା ଅଞ୍ଚଳର ନାବାଳିକାଙ୍କ ସମ୍ପର୍କୀୟ ଭିଣୋଇ କୁମର ଦଳାଇ (୨୮)।

ଯୁକ୍ତ୨ ପଢୁଥିବା ୧୬ ବର୍ଷୀୟା ନାବାଳିକା ଜଣକ ସୋମବାର ସନ୍ଧ୍ୟାରେ ଘରେ ଏକୁଟିଆ ଥିଲାବେଳେ ମା' ବାପା ବଜାରକୁ ଯାଇଥିଲେ। ଏହାର ସୁଯୋଗ ନେଇ କୁମର ନାବାଳିକାଙ୍କ ଘରେ ପଶି କବାଟ ବନ୍ଦ କରି ବଳାତ୍କାର ଉଦ୍ୟମ କରିଥିଲେ। ଏହି ସମୟରେ ସମ୍ପୃକ୍ତା ନାବାଳିକା ଚିତ୍କାର କରିବାରୁ କୁମର ତାଙ୍କ ପାଟିରେ ଗାମୁଛା ଭର୍ତ୍ତି କରି ହତ୍ୟା ଧମକ ଦେଇ ବଳାତ୍କାର କରିଥିଲେ। ଘର ପାଖରେ ରହୁଥିବା ପଡ଼ୋଶୀଙ୍କ ଝିଅ ପୀଡ଼ିତାଙ୍କ ଚିତ୍କାର ଶୁଣି ଘର ଚାଳ ଫାଙ୍କରେ ଦେଖିଥିଲେ। ସେତେବେଳେ କୁମର ନାବାଳିକାଙ୍କୁ ବଳାତ୍କାର କରୁଥିବା ଦେଖି ସେ ଖିଡ଼ିକି ଦିଆହୋଇଥିବା କବାଟକୁ ଗୋଇଠା ମାରି ଫିଟାଇ ଦେଇଥିଲେ। ଫଳରେ କୁମର ସେଠାରୁ ଖସି ପଳାଇଥିଲେ। ପୀଡ଼ିତାଙ୍କ ମା' ବାପା ଘରକୁ ଫେରିବା ପରେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏନେଇ ପୀଡ଼ିତାଙ୍କ ବାପା ମଙ୍ଗଳବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୧୨୪/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯାହା କରିବେ ସାଇଁ, ତାହା କାହାରି ହାତରେ ନାହିଁ।**

ଭଗବାନ ଯାହା କରିପାରିବେ ତାହା ଅନ୍ୟ କେହି କରିପାରିବେ ନାହିଁ। ସେ ହିଁ ସଂସାରରେ ସର୍ବକ୍ଷମତାପନ୍ନ ହେବା ସହ ସର୍ବଶକ୍ତିମାନ ଓ ସକଳ ଶକ୍ତିର ଆଧାର ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାଚି କଲ୍ୟାଣ ମାଗି ଓଳିକି**

ଆଜିର ସମୟରେ ଯୋଗ୍ୟ ଅଯୋଗ୍ୟ ନିର୍ବିଶେଷରେ ସମସ୍ତେ ଅନ୍ୟଠାରୁ ଜୁହାର ଖୋଜିବାକୁ ଉଚିତ ମଣିଥାନ୍ତି। ସେଥିରୁ କାଣିଚାଏ ଊଣା ହୋଇଗଲେ ମନ ବିବ୍ରତ ହୋଇଯାଏ କିମ୍ବା ଓଳିଗି ମାଗିବା ଭଳି ବାତଲତା ଜନ୍ମେ। ସାଧାରଣତଃ ଗୁଣୀ ମେଧାବୀ ବ୍ୟକ୍ତିଙ୍କୁ ସ୍ୱତଃ ସମ୍ମାନ ମିଳେ, ତାଙ୍କୁ ସମ୍ମାନ ମାଗିବାକୁ ପଡେନାହିଁ। ସେହିପରି ନମସ୍କାର କରୁଥିବା ବିନୟୀ ବ୍ୟକ୍ତିଙ୍କୁ ପ୍ରଫୁଲ୍ଲ ଚିତ୍ତରେ କଲ୍ୟାଣ କରାଯାଏ, କଲ୍ୟାଣ ଯାଚିବାକୁ ପଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୪ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ସରକାରୀ ବାବୁଙ୍କୁ ନଜର ରଖିବ ଏଆଇ କ୍ୟାମେରା




# ଏଆଇ ଜଗିବ ଅଧିକାରୀ, କର୍ମଚାରୀଙ୍କ ଉପସ୍ଥାନ

## ସଚିବସ୍ତରୀୟ ବୈଠକ ଅନୁଷ୍ଠିତ

- ଠିକ୍ ସମୟରେ ଅଫିସ ଆସୁ ନ ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ
- କାର୍ଯ୍ୟ ସମ୍ପାଦନ କରୁ ନ ଥିବା କର୍ମଚାରୀଙ୍କୁ ଦିଆଯିବ ଆଗୁଆ ଅବସର
- ମୁଖ୍ୟମନ୍ତ୍ରୀଙ୍କଠାରୁ ପ୍ରାପ୍ତ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ଉତ୍ତରକୁ ଅଗ୍ରାଧିକାର ଦିଅ
- ଅକ୍ଟୋବରରୁ ଆରମ୍ଭ ହେବ ଚିଫ୍ ମିନିଷ୍ଟର୍ସ ଡ୍ୟାସ୍‌ବୋର୍ଡ

**ଭୁବନେଶ୍ୱର, ୧୨।୮ (ସୁନିତ୍ ମିଶ୍ର)**

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ଯେଉଁମାନେ ଠିକ୍ ସମୟରେ ଅଫିସ୍ ଆସୁନାହାନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି ଉପସ୍ଥାନ ନ ରହିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ। ଠିକ୍ ଭାବେ କାର୍ଯ୍ୟ ସମ୍ପାଦନ କରୁ ନ ଥିବା ସରକାରୀ ଅଧିକାରୀ ତଥା କର୍ମଚାରୀମାନଙ୍କୁ ସମୟ ପୂର୍ବରୁ ବାଧ୍ୟତାମୂଳକ ଅବସର ଦିଆଯିବ। ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସଂସ୍ଥାଗତ ସୁଦୃଢ଼ୀକରଣ କରାଯିବ। ମୁଖ୍ୟମନ୍ତ୍ରୀଙ୍କଠାରୁ ପ୍ରାପ୍ତ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ଉତ୍ତରକୁ ଅଗ୍ରାଧିକାର ଦେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏକ ୧୫ ଦିନିଆ କାର୍ଯ୍ୟସୂଚୀ ସୂଚିତ କରାଯାଇ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଏହି ଅବସରରେ ଗୁରୁତ୍ୱ ଦେଇଛନ୍ତି।

କର୍ମଚାରୀମାନେ ଠିକ୍ ସମୟରେ ଅଫିସରେ ପହଞ୍ଚିବା ପାଇଁ ପୂର୍ବରୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲା। ଏହାକୁ ନିଶ୍ଚିତ କରିବା ପାଇଁ ସରକାର କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଭିତ୍ତିକ ଉପସ୍ଥାନ ଯାଞ୍ଚ ବ୍ୟବସ୍ଥା କରିବାକୁ ବିଚାର କରିଛନ୍ତି। ଲୋକସେବା ଭବନ ଓ ଖାରବେଳ ଭବନରୁ ଏହାକୁ ପ୍ରାଥମିକତା ଭିତ୍ତିରେ ଆରମ୍ଭ କରାଯିବ। ପରେ ରାଜ୍ୟର ସବୁ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗକୁ ପଦକ୍ଷେପ ନେବାପାଇଁ ପରାମର୍ଶ ଦିଆଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଏ ସମ୍ପର୍କରେ ପ୍ରସ୍ତୁତି ନେଇ ଉପସ୍ଥାପନ କରିଛନ୍ତି। ଯେଉଁ ସରକାରୀ ଅଧିକାରୀ ବା କର୍ମଚାରୀମାନେ କାର୍ଯ୍ୟ ଠିକ୍ ଭାବେ ସମ୍ପାଦନ କରୁନାହାନ୍ତି, ସେମାନଙ୍କୁ ବିଭାଗ ସ୍ତରରେ ମାସିକ ବା ବିଭିନ୍ନ ସମୟରେ ସେମାନଙ୍କ କାର୍ଯ୍ୟ ପ୍ରଦର୍ଶନ ସମୀକ୍ଷା ହୋଇ ତଥ୍ୟ ରଖାଯିବ। ସରକାରୀ ବ୍ୟବସ୍ଥା ଅନୁସାରେ ଅବସର ପୂର୍ବରୁ ଅବସର ଦେବା ପାଇଁ ପଦକ୍ଷେପ ନେଇ ବୈଠକରେ ଆଲୋଚନା ହୋଇଛି।

କାର୍ଯ୍ୟରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ନ ରହିବା, ଅଭିଯୋଗ ଶୁଣାଣିରେ ଅପ୍ରଭାବୀ ପ୍ରଦର୍ଶନ, ଦୁର୍ନୀତିକୁ ଚିହ୍ନଟ କରିବାରେ ଦୁର୍ବଳ ହାର, ଅସାଧୁତା, ନିୟମିତ ତଦାରଖ ବ୍ୟବସ୍ଥା ନ କରାଯିବା ଆଦି ଦୁର୍ନୀତିର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରାଯାଇଛି। ବିଭାଗୀୟ କାର୍ଯ୍ୟର ତଦାରଖ ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଅଧିକ ପ୍ରଭାବୀ କରିବା ପାଇଁ ଅକ୍ଟୋବର ୧ରୁ ତଥ୍ୟ ସମ୍ବଳିତ ମୁଖ୍ୟମନ୍ତ୍ରୀଙ୍କ ଡ୍ୟାସ୍ ବୋର୍ଡ(ଚିଫ୍ ମିନିଷ୍ଟର୍ସ ଡ୍ୟାସ୍ ବୋର୍ଡ) କାର୍ଯ୍ୟକାରୀ କରାଯିବା ସମ୍ପର୍କରେ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଛି। ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ମଞ୍ଜୁରୀ ପାଇଁ ଆବଶ୍ୟକ ଭୂଅଧିଗ୍ରହଣ, ପିଏମଜି ଓ ପ୍ରଗତିରେ ଅନ୍ତର୍ଭୁକ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଜିଲାପାଳମାନେ ପ୍ରତି ମାସର ୭ ତାରିଖ ସୁଦ୍ଧା ଜିଲାସ୍ତରରେ, ସମ୍ପୃକ୍ତ ବିଭାଗୀୟ ମୁଖ୍ୟ ବିଶେଷ କରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମାସର ୧୨ ତାରିଖ ସୁଦ୍ଧା ସମୀକ୍ଷା ବୈଠକ କରିବେ। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ମାସର ଶେଷ ଶନିବାର ସମୀକ୍ଷା ବୈଠକ ଅନୁଷ୍ଠିତ ହେବ।

## ସବୁ ବିଭାଗକୁ ଅନୁସୂଚିତ ଜାତି ବିଭାଗର ତାଗିଦ

# ‘ହରିଜନ’ ଲେଖନାହିଁ

**ଭୁବନେଶ୍ୱର,୧୨।୮ (ରବିନାରାୟଣ ଜେନା)**

ଏଣିକି ‘ହରିଜନ’ ଶବ୍ଦ କୌଣସି ସରକାରୀସ୍ତର କିମ୍ବା ଶିକ୍ଷାକ୍ଷେତ୍ରରେ ବ୍ୟବହାର କରାଯିବନାହିଁ। ଏନେଇ ବହୁ ପୂର୍ବରୁ ରୋକ୍ ଲାଗିଥିଲେ ହେଁ ମଙ୍ଗଳବାର ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିଭାଗ ସଚିବ ବି. ପରମେଶ୍ୱର ପୁନର୍ବାର ସମସ୍ତ ବିଭାଗର ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ମଙ୍ଗଳବାର ସଚିବ ପରମେଶ୍ୱର ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ ଓ ସଚିବଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି ଯେ, ଏ ସଂକ୍ରାନ୍ତରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ୨୦୧୨ ନଭେମ୍ବର ୨୨ର ଏକ ନିର୍ଦ୍ଦେଶନାମାକୁ ଆଧାରକରି ୨୦୧୩ ଜାନୁଆରୀ ୧୦ରୁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ହେଲେ ଓଡ଼ିଶା ମାନବ ଅଧିକାର ଆୟୋଗଙ୍କ ପକ୍ଷରୁ ଏକ ମାମଲାକୁ ଆଧାରକରି ୨୦୨୫ ଜାନୁଆରୀ ୩୧ରେ ପୁନର୍ବାର ନିର୍ଦ୍ଦେଶ ଆସିଛି ଯେ, ‘ହରିଜନ’ ଶବ୍ଦ ବ୍ୟବହାର କରାଯିବନାହିଁ। ତେଣୁ ସରକାରୀ କାର୍ଯ୍ୟ, ନଥିପତ୍ର ସମ୍ପାଦନ ଓ ଜାତିଗତ ପ୍ରମାଣପତ୍ର ପ୍ରଦାନ ବେଳେ ଏହି ଶବ୍ଦ ବ୍ୟବହାର ହେବନାହିଁ। ସେ ଦର୍ଶାଇଛନ୍ତି, ସମ୍ବିଧାନରେ ଉଲ୍ଲେଖ ଥିବା ‘ସିଡ୍ୟୁଲ୍ଡ କାଷ୍ଟ’ ଅର୍ଥାତ୍ ଅନୁସୂଚିତ ଜାତି ହିଁ ‘ହରିଜନ’ ଶବ୍ଦର ପ୍ରତିବଦଳରେ ସବୁକ୍ଷେତ୍ରରେ ବ୍ୟବହାର କରାଯାଇପାରିବ। ଏହାକୁ ପ୍ରତ୍ୟେକ ସରକାରୀସ୍ତର, ସ୍ୱୟଂଶାସିତ ପରିଷଦ ଏବଂ ଅଧସ୍ତନ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ହେବା ଆବଶ୍ୟକ। ଏନେଇ ବିଭାଗ ପକ୍ଷରୁ ଉପଯୁକ୍ତ ସଚେତନତା ସୃଷ୍ଟି କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଲାଗି ସଚିବ ବି. ପରମେଶ୍ୱର ପତ୍ରରେ ଦର୍ଶାଇଛନ୍ତି।

# ତେଲଙ୍ଗାନାରେ ଦୁର୍ଘଟଣା: ୩ ଦାଦନ ଶ୍ରମିକ ମୃତ

**ଉମରକୋଟ, ୧୨।୮ (ସନ୍ତୋଷ ଶତପଥୀ)**



ଜୟରାମ ଭତ୍ରା


ନାରାୟଣ ଭତ୍ରା


ଚେତମନ ଭତ୍ରା

ଦି’ପଇସା ରୋଜଗାର ଲକ୍ଷ୍ୟରେ ତେଲଙ୍ଗାନାକୁ ଦାଦନ ଖଟିବାକୁ ଯାଇଥିଲେ। କିନ୍ତୁ ସୋମବାର ସେଠାରେ ଏକ ସଡ଼କ ଦୁର୍ଘଟଣାରେ ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ଝରିଗାଁ ବ୍ଲକ ବକଡ଼ାବେଡ଼ା ଗ୍ରାମର ୩ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଉକ୍ତ ଗାଁର ଜୟରାମ ଭତ୍ରା(୫୬), ନାରାୟଣ ଭତ୍ରା(୨୦) ଓ ଚେତମନ ଭତ୍ରା(୨୧)। ମଙ୍ଗଳବାର ଏହି ଖବର ପାଇବା ପରେ ସନ୍ଧ୍ୟାରେ ପରିବାର ଲୋକେ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମଙ୍ଗଳବାର ସେଠାରୁ ଆମ୍ବୁଲାନ୍ସରେ ଆସୁଥିବା ମୃତଦେହ ବୁଧବାର ଗ୍ରାମରେ ପହଞ୍ଚିବ ବୋଲି ସୂଚନା ମିଳିଛି। ସୂଚନାନୁଯାୟୀ, ୧୧ ଦିନ ତଳେ ବକଡ଼ାବେଡ଼ା ଗ୍ରାମର ୧୪ ଜଣ ଶ୍ରମିକ ଜଣେ ଦଲାଲଙ୍କ ସହାୟତାରେ ଦାଦନ ଖଟିବାକୁ ଯାଇଥିଲେ। ତେଲଙ୍ଗାନା ରାଜ୍ୟର କିସାରା ଥାନା ଅଧୀନ ସିକନ୍ଦର କମମ ଅଞ୍ଚଳ ରାସ୍ତାପାର୍ଶ୍ୱରେ ଚାରା ଲଗାଇବା କାର୍ଯ୍ୟରେ ଏହି ୧୪ ଶ୍ରମିକ ନିୟୋଜିତ ଥିଲେ। ତେବେ ସୋମବାର ମଧ୍ୟାହ୍ନଭୋଜନ କରି ପୁଣି କାମକୁ ଯିବାବେଳେ ପଛପଟରୁ ଏକ ଗାଡ଼ି(ଟିଜି-୦୮T-୨୪୯୬) ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜୟରାମ, ନାରାୟଣ ଓ ଚେତମନଙ୍କ ମୃତ୍ୟୁ ହୋଇଯାଇଥିଲା। ସେଠାକାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଜବତ କରିବା ସହ ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇଥିଲା। ଘଟଣା ସମ୍ପର୍କରେ ମଙ୍ଗଳବାର ସକାଳ ୯ଟାରେ ପରିବାର ସଦସ୍ୟ ଖବର ପାଇଥିଲେ। ଖବର ଲେଖାଯିବା ବେଳକୁ ଅନ୍ୟ ୧୧ ଶ୍ରମିକ ଆମ୍ବୁଲାନ୍ସ ଯୋଗେ ୩ ମୃତଦେହ ଧରି ବକଡ଼ାବେଡ଼ା ଅଭିମୁଖେ ବାହାରିଥିବା ଜଣାପଡ଼ିଛି। ବୁଧବାର ସମସ୍ତ ମୃତଦେହ ଗାଁରେ ପହଞ୍ଚିବ ବୋଲି ମୃତ ଜୟରାମଙ୍କ ପୁଅ ଶୈନ୍ଦ୍ର ସୂଚନା ଦେଇଛନ୍ତି। ଏ ନେଇ ଶୈନ୍ଦ୍ର ଉମରକୋଟ ଥାନାରେ ଲିଖିତ ଭାବେ ଜଣାଇଛନ୍ତି।

## ଆଜିଠୁ ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ମୋହନ ଭାଗବତ



**ଭୁବନେଶ୍ୱର, ୧୨।୮ (ସୁନିତ୍ ମିଶ୍ର)**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ମୋହନ ଭାଗବତ ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ବୁଧବାର ସନ୍ଧ୍ୟାରେ ସେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେ ତିନି ଦିନିଆ ଓଡ଼ିଶା ଗସ୍ତ ସାରି ଆସନ୍ତା ୧୫ରେ ଓଡ଼ିଶାରୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସଂଘର ଓଡ଼ିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା କହିଛନ୍ତି। ସୁମନ୍ତ କହିଛନ୍ତି, ଭାଗବତ ଗୌଡୀୟ ମିଶନ ନିମନ୍ତ୍ରଣ କ୍ରମେ ଓଡ଼ିଶା ଆସୁଛନ୍ତି। ସେ ୧୩ରେ ଭୁବନେଶ୍ୱରରେ ପହଞ୍ଚିବା ପରେ ଉତ୍କଳ ବିପନ୍ନ ସହାୟତା ସମିତିରେ ଅବସ୍ଥାନ କରିବେ। ୧୪ରେ କଟକ ସ୍ଥିତ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଗୌଡୀୟ ବୈଷ୍ଣବ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେବେ। ସେଦିନ ସନ୍ଧ୍ୟାରେ ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହିତ ଗୋବର୍ଦ୍ଧନ ପୀଠର ପୂଜ୍ୟ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଭେଟି ଭୁବନେଶ୍ୱର ଫେରି ଆସିବେ। ୧୫ରେ ଭାଗବତ ଓଡ଼ିଶାରୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସେ କହିଛନ୍ତି।





# ବିଷପିଇ ଆତ୍ମହତ୍ୟା କଲେ ଚାଷୀ

**ସୋନପୁର/ ବିନିକା,୧୨।୮ (ମୃତ୍ୟୁଞ୍ଜୟ ଶତପଥୀ/ ରାମଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ଲଛିପୁର ଥାନା ଚୌକାମାଲ ଗାଁର ଚାଷୀ ସୁରେନ୍ଦ୍ର ବିଶ୍ୱାଳ(୪୨) ବିଷ ପିଇ ଆତ୍ମହତ୍ୟ କରିଛନ୍ତି। ମାନସିକ ଦୁଶ୍ଚିନ୍ତା କିମ୍ବା ପାରିବାରିକ କଳହରୁ ସେ ଧାନଚାଷରେ ବ୍ୟବହୃତ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇପାରିନି। ଚକାମନ ବିଶ୍ୱାଳଙ୍କ ତିନିପୁଅ ଯୋଗୀନ୍ଦ୍ର(୪୫), ସୁରେନ୍ଦ୍ର ଓ ମିଥୁନ(୩୦)। ଚକାମନଙ୍କ ବାର୍ଦ୍ଧକ୍ୟ କାରଣରୁ ତାଙ୍କ ସାଢ଼େ ୪ ଏକର ଜମିକୁ ପୁଅମାନେ ଚାଷ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ଚଳିତ ଖରିଫ ଋତୁରେ ସୁରେନ୍ଦ୍ର ଧାନ ଚାଷ କରିଥିଲେ। ସିଆଳି ଓ ଚୌକାମାଲ ମୌଜାରେ ଥିବା ପୈତୃକ ଜମି ଭାଗବଣ୍ଟାକୁ ନେଇ ସୁରେନ୍ଦ୍ରଙ୍କର ବଡ ଭାଇ ଯୋଗୀନ୍ଦ୍ରଙ୍କ ସହିତ ବିବାଦ ଥିଲା। ଏ ନେଇ ଲଛିପୁର ଥାନାରେ ଅଭିଯୋଗ ହୋଇଥିଲା। ଆଇଆଇସି ଭୋଜରାଜ ସାଙ୍କ ପରାମର୍ଶକ୍ରମେ ରବିବାର ୩ ଭାଇ ଥାନାକୁ ଆସି ଆପୋସ ସମାଧାନ କରିଥିଲେ। ଆଲୋଚନା ମାଧ୍ୟମରେ ଜମି ବିବାଦ ସମାଧାନ ହୋଇଥିବା ନେଇ ତିନି ଭାଇ ଲିଖିତ ଭାବେ ଆଇଆଇସିଙ୍କୁ ଜଣାଇଥିଲେ। ତେବେ ଘରକୁ ଫେରିବା ପରେ ସୁରେନ୍ଦ୍ର ଚିନ୍ତାରେ ଥିଲେ। ସୋମବାର ସେ କୀଟନାଶକ ପିଇ ଦେଇଥିଲେ। ବିନିକା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ସେଠାରୁ ବୁର୍ଲା ଭିମ୍ସାରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକେ ତାଙ୍କ ମୃତଦେହକୁ ନେଇ ମଙ୍ଗଳବାର ଅପରାହ୍ନରେ ଲଛିପୁର ଥାନାକୁ ଆସିଥିଲେ। ଚାପରେ ପଡି ସମାଧାନ କାଗଜାତରେ ଦସ୍ତଖତ କରିବା ପରେ ସୁରେନ୍ଦ୍ର ମାନସିକ ଭାରସାମ୍ୟ ହରାଇ ବସିଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ, ଯାହାକୁ ପୋଲିସ ଖଣ୍ଡନ କରିଛି।


ସୁରେନ୍ଦ୍ର ବିଶ୍ୱାଳ



ସମସ୍ତ ପ୍ରକାର କାର୍ଯ୍ୟକୁ ଭଲ ଭାବେ ସଂପନ୍ନ କରିବାକୁ ଇଚ୍ଛା କର । ଉନ୍ନତି କରିବାକୁ ପ୍ରୟାସ କର । ଜୀବନରେ ସାଧାରଣ ମଣିଷଠାରୁ କିଛିଟା ଅଧିକ ଭଲ ହେବାକୁ ଆକାଂକ୍ଷା କର । -ଶ୍ରୀମା

-ବୁଧିବାମନ ଓଷା, ଶ୍ରୀମନ୍ଦିରରେ ରେଖା
ପଞ୍ଚମୀ ଓ ଗୃହିଣାଂ ରକ୍ଷା ପଞ୍ଚମୀ



# ବୁଲା କୁକୁର

ଭାରତରେ ବୁଲା କୁକୁରଙ୍କ ସଂଖ୍ୟା ୨୦୧୯ ପ୍ରାଣୀ ଗଣନା ତଥ୍ୟ ଅନୁଯାୟୀ ୬ କୋଟି। ୨୦୨୫ରେ ଏମାନଙ୍କ ସଂଖ୍ୟା ଯଥେଷ୍ଟ ବଢ଼ିଥିବ। ଓଡ଼ିଶାରେ ଏହି କୁକୁରଙ୍କ ସଂଖ୍ୟା ପାଖାପାଖି ୧୮ ଲକ୍ଷ ବୋଲି କୁହାଯାଉଛି, ଯାହା ଉତ୍ତର ପ୍ରଦେଶ ପରେ ଦ୍ୱିତୀୟ ସର୍ବାଧିକ। ବୁଲା କୁକୁର ଗାଁ ଗହଳିଠାରୁ ସହର ବଜାର ଗଳିକନ୍ଦି ଓ ରାସ୍ତା ଉପରେ ଯେଭଳି ବୁଲିଥାଆନ୍ତି ଏବଂ ସେମାନଙ୍କ ଯୋଗୁ ଯେତେ ପ୍ରକାର ଦୁର୍ଘଟଣା ଘଟିଥାଏ ତାହା ପ୍ରତ୍ୟେକ ବ୍ୟକ୍ତି ଅନୁଭବ କରିଥାଆନ୍ତି। ଦିଲ୍ଲୀ-ଏନ୍‌ସିଆର୍‌ରେ ବୁଲା କୁକୁରଙ୍କ ଉପଦ୍ରବ ଓ ଜଳାତଙ୍କ ରୋଗରେ ମୃତ୍ୟୁ ମାମଲାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ନିଜ ଆଡୁ ୧୧ ଅଗଷ୍ଟ ୨୦୨୫ରେ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଞ୍ଚଳରେ ଥିବା ବୁଲା କୁକୁରଙ୍କୁ ୮ ସପ୍ତାହ ମଧ୍ୟରେ ବିଭିନ୍ନ ଆବାସିକ ଅଞ୍ଚଳରୁ ଉଠାଇ ନେଇ ଆଶ୍ରୟସ୍ଥଳରେ ରଖିବାକୁ କୁହାଯାଇଛି। ଏଥିରେ କୌଣସି ବ୍ୟକ୍ତି କିମ୍ବା ସଙ୍ଗଠନ ବାଧା ସୃଷ୍ଟି କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସର୍ବୋଚ୍ଚ ଅଦାଲତଙ୍କ ଏହି ନିର୍ଦ୍ଦେଶ ପରେ ପ୍ରାଣୀପ୍ରେମୀ ସଙ୍ଗଠନଗୁଡ଼ିକ ରାସ୍ତାକୁ ଓହ୍ଲାଇଛନ୍ତି। କୁକୁରଙ୍କ ସ୍ୱାଧୀନତା ପାଇଁ ଲଢୁଥିବା ବ୍ୟକ୍ତି ବା ସଙ୍ଗଠନ ନିଶ୍ଚିତ ଉପରୋକ୍ତ ନିର୍ଦ୍ଦେଶକୁ ବିରୋଧ କରିବେ ଜାଣି ଖଣ୍ଡପୀଠ କହିଥିଲେ ଜଳାତଙ୍କ ରୋଗରେ ପ୍ରାଣ ହରାଇଥିବା ଲୋକଙ୍କ ଜୀବନକୁ ଫେରାଇ ଆଣିପାରିବେ କି ? ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ଏକ ବିତର୍କକୁ ଜନ୍ମ ଦେଇଛି। ପ୍ରାଣୀପ୍ରେମୀ ଅଦାଲତଙ୍କ ରାୟକୁ ସମାଲୋଚନା କରିଥିବା ବେଳେ କୁକୁର ଉପଦ୍ରବକୁ ସିଧାସଳଖ ଅନୁଭବ କରୁଥିବା ବ୍ୟକ୍ତିବିଶେଷ ସ୍ୱାଗତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ବଲାଙ୍ଗୀର ଜିଲାରେ ପାରା ଆଥ୍‌ଲେଟ ଯୋଗେନ୍ଦ୍ର ଛତ୍ରିଆଙ୍କ ସମେତ ଦୁଇ ଜଣ କୁକୁର କାମୁଡ଼ାରେ ପ୍ରାଣ ହରାଇବା ଅସଂଖ୍ୟ ଘଟଣା ମଧ୍ୟରୁ ଗୋଟିଏ। ପରିସଂଖ୍ୟାନରୁ ଜଣାପଡ଼ିଛି ଯେ, ଭାରତରେ ପ୍ରତି ୧୦ ସେକେଣ୍ଡରେ ଜଣେ କୁକୁର କାମୁଡ଼ାର ଶିକାର ହେଉଛନ୍ତି। ବିଶ୍ୱରେ ଭାରତର ସବୁଠୁ ଅଧିକ ବୁଲା କୁକୁର ଥିବା ବେଳେ ଜଳାତଙ୍କ ରୋଗରେ ମଧ୍ୟ ସର୍ବାଧିକ ଭାରତୀୟଙ୍କ ମୃତ୍ୟୁ ଘଟୁଛି (ବିଶ୍ୱ ଜଳାତଙ୍କଜନିତ ମୃତ୍ୟୁର ୩୬ ପ୍ରତିଶତ)।

ଏଭଳି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ଶୁଣି ଆଶ୍ଚର୍ଯ୍ୟ ଲାଗୁଛି। କାରଣ ଏଥିରେ ବାସ୍ତବତାର ଘୋର ଅଭାବ ପରିଲକ୍ଷିତ ହେଉଛି। ମାତ୍ର ୮ ସପ୍ତାହ ମଧ୍ୟରେ ପାଖାପାଖି ୧୦ ଲକ୍ଷ କୁକୁରଙ୍କୁ ଦିଲ୍ଲୀ ବାହାରେ ଥଇଥାନ କରିବାକୁ ହେଲେ କେଉଁ ଆଶ୍ରୟସ୍ଥଳୀରେ ରଖାଯିବ କୋର୍ଟ କହିନାହାନ୍ତି। କୋର୍ଟଙ୍କୁ ମଧ୍ୟ ଜଣାଥାଇପାରେ ଏପର୍ଯ୍ୟନ୍ତ ଦିଲ୍ଲୀ ଏନ୍‌ସିଆର୍‌ରେ ଗୋଟିଏ ବି ସରକାରୀ ଆଶ୍ରୟସ୍ଥଳୀ ନାହିଁ। ଏତେ ଅଧିକ ସଂଖ୍ୟକ କୁକୁରଙ୍କ ପାଇଁ କେତୋଟି ଓ କେତେ ବଡ଼ ଆଶ୍ରୟସ୍ଥଳୀର ଆବଶ୍ୟକତା ରହିବ, ତାହା ସକାଶେ ଜାଗା କେଉଁଠି ଚିହ୍ନଟ ହେବ, କେତେ ସମୟ ଭିତରେ ନିର୍ମାଣ କାର୍ଯ୍ୟ ସରିବ, କେତେ ସଂଖ୍ୟକ ଲୋକ ଆଶ୍ରୟସ୍ଥଳୀରେ ନିୟୋଜିତ ହେବେ, କେତେ ପ୍ରାଣୀ ଚିକିତ୍ସକ ଓ ଆମ୍ବୁଲାନ୍ସ ଦରକାର ପଡ଼ିବ ଏବଂ ଏସବୁ ସହ ଔଷଧ, ଟିକା, ଖାଦ୍ୟ ପାଇଁ କେତେ ଅର୍ଥ ଏକକାଳୀନ ଓ ନିୟମିତ ଭାବେ ଖର୍ଚ୍ଚ ହେବ ; ସେ ବିଷୟରେ କିଛି କୁହାଯାଇନାହିଁ। ଏସବୁ ଦିଗ ସ୍ପଷ୍ଟ ନ ହେଲେ ୮ ସପ୍ତାହ କ'ଣ ୮ ବର୍ଷରେ ମଧ୍ୟ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବା କାଠିକର ପାଠ। ସାଧାରଣତଃ ରାସ୍ତା ଉପରେ ବୁଲୁଥିବା ଗୋରୁଙ୍କର ମାଲିକ ଅଛନ୍ତି। ମ୍ୟୁନିସିପାଲିଟି ସେଗୁଡ଼ିକୁ ରାସ୍ତାରୁ ହଟାଇପାରୁ ନାହିଁ । ସେଭଳି ସ୍ଥଳେ କୁକୁରଙ୍କୁ ଥଇଥାନ କରିବା କଷ୍ଟକର ବ୍ୟାପାର। ସବୁଠାରୁ ବଡ଼ କଥା ହେଲା ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଓ ଟିକାକରଣ ଉପଯୁକ୍ତ ପଦ୍ଧତିରେ କରାଯିବା ଦରକାର। ସେଭଳି କୁକୁରଙ୍କ ଟ୍ୟାଗିଂ ହେଲେ ପ୍ରକ୍ରିୟା ଆହୁରି ସହଜ ହେବ। ଏଥିସହିତ ଜଳାତଙ୍କ ରୋଗ ନ ବ୍ୟାପିବା ସକାଶେ ଟିକାକରଣ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ତେବେ ୨୦୨୪ର ଏକ ତଥ୍ୟରୁ ଜଣାପଡ଼ିଛି ଯେ, ଓଡ଼ିଶାରେ ୨୦୨୨-୨୩ରେ ୮ଟି ସହରରେ ୪,୬୦୫ କୁକୁରଙ୍କୁ ବନ୍ଧ୍ୟାକରଣ କରାଯାଇଥିଲା। ଆମ ରାଜ୍ୟରେ ୧୮ ଲକ୍ଷ କୁକୁର ମଧ୍ୟରୁ ଯଦି ଏହି ସୀମିତ ସଂଖ୍ୟାର ବନ୍ଧ୍ୟାକରଣକୁ ଦେଖାଯାଏ, ତେବେ ଟାର୍ଗେଟ ପୂରଣ କରିବା ଅସମ୍ଭବ ମନେହେଉଛି।

କୁକୁରଙ୍କ ସଂଖ୍ୟା ବୃଦ୍ଧି ଯେଭଳି ଉପଦ୍ରବ ସୃଷ୍ଟି କରୁଛି, ନିହାତି ପକ୍ଷେ ପ୍ରତିକାର ବ୍ୟବସ୍ଥା କରାଯାଉ। କିନ୍ତୁ ଏଥିଲାଗି ଗଭୀର ଅନୁଧ୍ୟାନ, ଆର୍ଥିକ ବ୍ୟବସ୍ଥା କରାଯାଇ ବାସ୍ତବଧର୍ମୀ ପଦକ୍ଷେପ ନିଆଗଲେ ପରିବର୍ତ୍ତନ ଆସିପାରନ୍ତା। ସେହିପରି କୁକୁର ପ୍ରେମୀ ଓ ପ୍ରାଣୀ ମଙ୍ଗଳ ସଙ୍ଗଠନଗୁଡ଼ିକ ଏହି କାର୍ଯ୍ୟରେ ସାମିଲ ହୋଇ ସକ୍ରିୟ ଯୋଗଦାନ କରିବା ସକାଶେ ଆଗେଇ ଆସିବା ଦରକାର।

**କୁକୁରଙ୍କ ସଂଖ୍ୟା ବୃଦ୍ଧି ଯେଭଳି ଉପଦ୍ରବ ସୃଷ୍ଟି କରୁଛି, ନିହାତି ପକ୍ଷେ ପ୍ରତିକାର ବ୍ୟବସ୍ଥା କରାଯାଉ। କିନ୍ତୁ ଏଥିଲାଗି ଗଭୀର ଅନୁଧ୍ୟାନ, ଆର୍ଥିକ ବ୍ୟବସ୍ଥା କରାଯାଇ ବାସ୍ତବଧର୍ମୀ ପଦକ୍ଷେପ ନିଆଗଲେ ପରିବର୍ତ୍ତନ ଆସିପାରନ୍ତା। ସେହିପରି କୁକୁର ପ୍ରେମୀ ଓ ପ୍ରାଣୀ ମଙ୍ଗଳ ସଙ୍ଗଠନଗୁଡ଼ିକ ଏହି କାର୍ଯ୍ୟରେ ସାମିଲ ହୋଇ ସକ୍ରିୟ ଯୋଗଦାନ କରିବା ସକାଶେ ଆଗେଇ ଆସିବା ଦରକାର।**

## su | do | ku

Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 1 | | | | | | | |
| | 4 | 3 | 8 | | | | 9 | |
| 7 | 8 | | | 6 | | | | 4 |
| | | 8 | | | | 3 | 5 | |
| | | | | | | | | 7 |
| | | | | | 4 | | | |
| | 7 | | 9 | 1 | | 5 | | |
| 5 | 6 | | 3 | | | 4 | | |
| 9 | | | | 5 | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 9 | 6 | 2 | 3 | 8 | 4 | 5 |
| 4 | 5 | 2 | 8 | 7 | 9 | 3 | 1 | 6 |
| 8 | 6 | 3 | 1 | 4 | 5 | 9 | 2 | 7 |
| 6 | 9 | 1 | 7 | 8 | 2 | 5 | 3 | 4 |
| 2 | 8 | 7 | 5 | 3 | 4 | 1 | 6 | 9 |
| 5 | 3 | 4 | 9 | 6 | 1 | 7 | 8 | 2 |
| 9 | 1 | 8 | 2 | 5 | 6 | 4 | 7 | 3 |
| 7 | 4 | 6 | 3 | 9 | 8 | 2 | 5 | 1 |
| 3 | 2 | 5 | 4 | 1 | 7 | 6 | 9 | 8 |

ଗତକାଲିର ଉତ୍ତର

# ସମବାୟରେ ଦାରିଦ୍ର୍ୟ ଦୂରୀକରଣ



ପ୍ରତାପ ଚନ୍ଦ୍ର ସାମଲ

ଭାରତର ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ସେହି ତୁଳନାରେ ସାଧାରଣ ଲୋକଙ୍କର ଆର୍ଥିକ ବିକାଶର ଆଶାତୀତ ଭାବେ ବୃଦ୍ଧି ନ ପାଇବାରୁ ଗରିବ ଲୋକମାନେ ବିଭିନ୍ନ ପ୍ରକାର ବେଉସାକୁ ଆପଣାଉଛନ୍ତି। ଛେଳି ପାଳନ ତନ୍ମଧ୍ୟରୁ ଅନ୍ୟତମ। ଛେଳି ପାଳନ ଗରିବ ଲୋକଙ୍କ ଆର୍ଥିକ ସହାୟତାର ଆଶାବାଡ଼ି। ଛେଳିର କ୍ଷୀର, ମାଂସ, ଚମଡ଼ା, ଗୋବର ପ୍ରଭୃତି ଲୋକେ ବ୍ୟବହାର କରନ୍ତି। ବିଶେଷକରି ଛେଳି କ୍ଷୀର ଭିଟାମିନ ସାରଯୁକ୍ତ, ଛେଳି କ୍ଷୀରରେ ଗାଈ କ୍ଷୀର ତୁଳନାରେ ବହୁତ କମ୍ ଚର୍ବିଥାଏ। ଏହା ମା' କ୍ଷୀର ସହିତ ସମାନ ଥିବାରୁ ଶିଶୁମାନଙ୍କ ଖାଦ୍ୟଭାବରେ ବ୍ୟବହୃତ ହେବା ସଙ୍ଗେ ସଙ୍ଗେ ଶିଶୁର 'ଧର୍ମ ମା' ଭାବେ ଛେଳି ପରିଚିତ। ଛେଳି କ୍ଷୀର ଅତ୍ୟନ୍ତ ଭିଟାମିନ୍ ସାରଯୁକ୍ତ, ଜୀର୍ଣ୍ଣକାରକ ତଥା ଔଷଧୀୟ ଗୁଣକାରକ ହେତୁ ଜାତିର ପିତା ମହାତ୍ମା ଗାନ୍ଧୀ ଛେଳିକ୍ଷୀର ବ୍ୟବହାର କରୁଥିଲେ। ଛେଳିର ଗୋବର ଖତ ଅନ୍ୟାନ୍ୟ ଗୋ ମେଷାଦି ପ୍ରାଣୀର ଗୋବର ଖତ ତୁଳନାରେ ଅଧିକ ଶସ୍ୟ ଉତ୍ପାଦନକାରୀ।

ଅନେକ ଧନୀ ଲୋକ ସମାଜର ଗରିବଙ୍କୁ ଛେଳିପାଳନ ଭାଗକୁ ଲଗାଇ ଅଧେ ମୂଲ୍ୟ ପାଆନ୍ତି ଆଉ ଅଧେ ପାଳନକାରୀ ପାଆନ୍ତି। ଆଜିକାଲି ଗାଈକ୍ଷୀର ସହିତ ଛେଳିକ୍ଷୀର ମିଶି ପ୍ରକ୍ରିୟାକରଣ ଉପାୟରେ ଅଧିକ ବହଳିଆ ହେଉଥିବାରୁ ଏହାକୁ ପ୍ୟାକେଟ୍ କରାଯାଇ ବଜାରରେ ବିକ୍ରି କରାଯାଉଛି। ଫଳରେ ଏହାର ଚାହିଦା ଯଥେଷ୍ଟ ବୃଦ୍ଧି ପାଇଛି। ଆଗକାଳରେ ଯେଉଁ ମା' ମାନଙ୍କର କ୍ଷୀର ତା'ର ଶିଶୁପାଇଁ ଯଥେଷ୍ଟ ହେଉ ନ ଥିଲା ସେମାନେ ଛେଳି କ୍ଷୀରକୁ ଶିଶୁର ପାନୀୟ ଭାବେ ବ୍ୟବହାର କରୁଥିଲେ।

ଧନୀ ଲୋକଙ୍କ ଶୋଷଣରୁ ଗରିବଙ୍କୁ ମୁକ୍ତ କରାଇବା ପାଇଁ ୧୯୬୯ ମସିହାରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ବୃହତ୍ତମ ବେସରକାରୀ ବ୍ୟାଙ୍କଗୁଡ଼ିକୁ ଜାତୀୟକରଣ ଘୋଷଣା କରି ବ୍ୟାଙ୍କ ଦ୍ୱାରା କ୍ଷୁଦ୍ର ତଥା ନାମମାତ୍ର ଚାଷୀମାନଙ୍କୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମାଧ୍ୟମରେ ଚୟନ କରିବା ସହିତ ସମବାୟ ବ୍ୟାଙ୍କ ଚାଷୀମାନଙ୍କୁ ଅତିରିକ୍ତ ଆର୍ଥିକ ଆୟ ବୃଦ୍ଧି ସକାଶେ ରିହାତି ଋଣ ସୂତ୍ରରେ ଛେଳିପଲ ଯୋଗାଇଥିଲେ। ଚାଷୀମାନେ ବିଲ କାମ କରୁଥିଲା ବେଳେ ସେମାନଙ୍କର ପିଲାମାନେ ଛେଳି ଚରାଇ କିଛି ଅର୍ଥ ଉପାର୍ଜନ କରି ପରିବାରର ଖର୍ଚ୍ଚ ତୁଲାଇବାକୁ ଭାଗୀଦାରି ହେଉଥିଲେ। ୧୯୮୦ ମସିହାରେ ସମାଜର ଭୂମିହୀନ ଓ ଅତି ଦରିଦ୍ରତମ ଲୋକମାନଙ୍କର ଦାରିଦ୍ର ଦୂରୀକରଣ କରିବା ପାଇଁ ସରକାର ବ୍ୟାଙ୍କମାନଙ୍କ ଜରିଆରେ ରିହାତି ଋଣସୂତ୍ରରେ



ଛେଳିପଲ ଯୋଗାଇବା ଆରମ୍ଭ କରିଥିଲେ।

ଛେଳି ଖୁରାରେ ଅଧିକ ମୃତ୍ତିକା କ୍ଷୟ ହୋଇ ଜମିଗୁଡ଼ିକ ମରୁଭୂମି ହୋଇଯିବ ବୋଲି ପୁରୁଣା କଥା ଅଛି। ଯୋଜନା କମିଶନର ପୂର୍ବତନ ସଭ୍ୟ ଅର୍ଥନୀତିଜ୍ଞ ଡା. ହନୁମନ୍ତ ରାଓ କମିଟି ଏହା ଉପରେ ତର୍ଜମା କରି ଉକ୍ତ ତଥ୍ୟର ପ୍ରାମାଣିକ ଭିତ୍ତି ନ ଥିବାର ରିପୋର୍ଟ ପ୍ରଦାନ କରିବାରୁ ଦାରିଦ୍ର୍ୟ ଦୂରୀକରଣରେ ଛେଳି ପାଳନକୁ ସରକାର ତଥା ବ୍ୟାଙ୍କମାନେ ଗୁରୁତ୍ୱ ଦେବା ଆରମ୍ଭ କରିଦେଇଥିଲେ।

ବିଶେଷକରି ଗୋମେଷାଦି ପ୍ରାଣୀ ତୁଳନାରେ ଛେଳି ଶୁଷ୍କ ଜଳବାୟୁରେ ସୁରୁଖୁରୁରେ ଜୀବନଧାରଣ କରିପାରୁଥିବାରୁ ରାଜସ୍ଥାନରେ ଦରିଦ୍ର ଲୋକମାନେ ଛେଳି ପାଳନକୁ ପ୍ରଧାନ ସମ୍ବଳ ଭାବରେ ଆଦରି ନେଇଛନ୍ତି। ରାଜ୍ୟ ସରକାର ଏହି ଯୋଜନାକୁ ଫଳପ୍ରଦ କରିବା ପାଇଁ ରିହାତି ଋଣ ସୂତ୍ରରେ ଗରିବ ଲୋକଙ୍କୁ ପଲ ପଲ ଛେଳି ଋଣ ଯୋଗାଇ ସେମାନଙ୍କୁ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠାଇବାରେ ବିଶେଷ ସାହାଯ୍ୟ କରୁଛନ୍ତି। ଛେଳି ରଖିବାରେ ଅନ୍ୟ ପ୍ରାଣୀ ତୁଳନାରେ ଛୋଟ ଗୁହାଳ ନିର୍ମାଣ ଓ କମ୍ ଚାରଣ କ୍ଷେତ୍ରର ଆବଶ୍ୟକ ହେତୁ ଗରିବ ଲୋକମାନେ ଛେଳି ପାଳନକୁ ଅଧିକ ପସନ୍ଦ କରୁଛନ୍ତି। ରାଜସ୍ଥାନର ମରୁଭୂମି ଛେଳିପାଳନ ପାଇଁ ଉପଯୁକ୍ତ ଓ ପ୍ରଶସ୍ତ କ୍ଷେତ୍ର ହୋଇଥିବାରୁ ଲୋକମାନଙ୍କର ଆଗ୍ରହ ଏଥିପ୍ରତି ବୃଦ୍ଧି ପାଉଛି। ମରୁଭୂମିରେ ଉଠିଥିବା କଣ୍ଟାଜାତ ଗଛର ପତ୍ରକୁ ଛେଳି ସହଜରେ ଖାଇପାରେ।

ଗରିବ ଲୋକମାନେ ଛେଳି ସମବାୟ ସମିତି ଗଠନ କରି ସମିତି ମାଧ୍ୟମରେ ବହୁସଂଖ୍ୟାରେ ଛେଳି ରଖିଲେ ମଧ୍ୟସ୍ଥଙ୍କ ଶୋଷଣରୁ ମୁକ୍ତ ହୋଇ ସମବାୟ ସମିତିମାନଙ୍କ ସହଯୋଗରେ ମାଂସ ଓ କ୍ଷୀର ବିକ୍ରିର ଦାୟିତ୍ୱ ନେବା ଦ୍ୱାରା ସଭ୍ୟମାନେ ବେଶି ମାତ୍ରାରେ ଉପକୃତ ହୋଇପାରୁଛନ୍ତି। ଛେଳି ପାଳନ ଦ୍ୱାରା ବ୍ୟାପକ ନିଯୁକ୍ତି ସୃଷ୍ଟି ହୋଇପାରିଛି। ବ୍ୟାଙ୍କମାନେ ସମବାୟ ସମିତିକୁ ପାଣ୍ଠି ଯୋଗାଇ ଠିକ୍ ସମୟରେ ଛେଳିଋଣ ନେଇଥିବା ଋଣୀମାନଙ୍କଠାରୁ ଠିକ୍ ସମୟରେ କିସ୍ତି ଆଦାୟ କରିପାରୁଛନ୍ତି। ଓଡ଼ିଶାରେ ବିସ୍ତୀର୍ଣ୍ଣ ପାହାଡ଼ିଆ ଅଞ୍ଚଳ ଥିବାରୁ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଲୋକମାନଙ୍କ ଦ୍ୱାରା ଛେଳି ପାଳନ ଲାଭଜନକ ହୋଇପାରିଛି। ଏ ପ୍ରକାର ସୁବିଧା ସାଧାରଣ ଲୋକମାନେ ନେବାପାଇଁ ସରକାରଙ୍କ ଦ୍ୱାରା ଅଧିକ ପ୍ରଚାର ଓ ପ୍ରସାର ହେବା ଆବଶ୍ୟକ।

ବିଶ୍ୱ ଦରବାରରେ ବିଭିନ୍ନ ଦେଶ ଗୃହପାଳିତ ଗୋମେଷାଦି ପଶୁ ସମ୍ପଦ ମଧ୍ୟରେ ଛେଳି ମାଂସ ଓ କ୍ଷୀର ଯୋଗାଇବାରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛନ୍ତି। ପୃଥିବୀର ଗୋମେଷାଦି ମୋଟ ସଂଖ୍ୟାରୁ ଛେଳି ସଂଖ୍ୟା ଶତକଡ଼ା ୪୪ ଭାଗ। ବର୍ତ୍ତମାନ ପୃଥିବୀର ଛେଳି ସଂଖ୍ୟା ୧୨୦ କୋଟି ମଧ୍ୟରୁ ଭାରତରେ ଏମାନଙ୍କ ସଂଖ୍ୟା ୧୪ କୋଟି ୮୮ ଲକ୍ଷ ୪୭ ହଜାର। ସମଗ୍ର ଏସିଆ ମହାଦେଶରେ ପୃଥିବୀର ମୋଟ ଛେଳି ସଂଖ୍ୟାର ୬୦ ଭାଗ ଭାରତରେ ଦେଖିବାକୁ ମିଳେ। ଯାହାକି ଏହି ସଂଖ୍ୟା ୨୬ ଅକ୍ଟୋବର ୨୦୨୩ ସୁଦ୍ଧା ପ୍ରକାଶ କରାଯାଇଛି। ସମଗ୍ର ପୃଥିବୀରେ ଖାଦ୍ୟଭାବେ ଛେଳି ମାଂସ ବାର୍ଷିକ ୭୫ ଲକ୍ଷ ଟନ୍ ଓ କ୍ଷୀର ୨୦୦ ଲକ୍ଷ ଟନ୍ ଆବଶ୍ୟକ ହେଉଥିଲା ବେଳେ ଏସିଆ ମହାଦେଶର ଛେଳିମାନଙ୍କ ଦ୍ୱାରା ୩୮ ଲକ୍ଷ ଟନ୍ ମାଂସ ଓ ୮୦ ଲକ୍ଷ ଟନ୍ କ୍ଷୀର ମିଳିପାରୁଛି। ଭାରତରେ ମୋଟ ଗୋମେଷାଦି ସଂଖ୍ୟାରୁ ଶତକଡ଼ା ୩୦ ଭାଗ ହେଉଛି ଛେଳିସଂଖ୍ୟା। ସମୁଦାୟ ବାର୍ଷିକ କୃଷି ଓ ଆନୁଷଙ୍ଗିକ ଗୋମେଷାଦି ପାଳନରୁ ଛେଳିମାନେ କେବଳ ଶତକଡ଼ା ୧୯ ଭାଗ ଆର୍ଥିକ ଆୟ ଦେଉଛନ୍ତି। କୃଷି ଉତ୍ପାଦନ ୨୦୨୨-୨୩ ବର୍ଷ ମଧ୍ୟରେ ଶତକଡ଼ା ୫୭ ଭାଗକୁ ବୃଦ୍ଧି ପାଇଥିବା ସ୍ଥଳେ ଗୃହପାଳିତ ପଶୁସମ୍ପଦ ଶତକଡ଼ା ୩୭ ଭାଗକୁ ବୃଦ୍ଧି ପାଇଛି ଏବଂ ଚଳିତ ବର୍ଷ ଗୋମେଷାଦି ପ୍ରାଣୀ ସମ୍ପଦରୁ ଅଧିକ ୬୦ ହଜାର କୋଟି ଟଙ୍କା ଆୟ ହୋଇପାରିବ ବୋଲି ଯୋଜନା ପ୍ରଣୟନ କରାଯାଇଛି। ଭାରତୀୟ ଅର୍ଥନୀତିରେ ଗତବର୍ଷ ଛେଳି ଦ୍ୱାରା ୧୦୦୦ କୋଟି ଟଙ୍କା ଆୟ କରାଯାଇପାରିଛି।

ଛେଳି ପାଳନରେ ଗ୍ରାମ୍ୟ ଅର୍ଥନୀତିର ବିକାଶ ତଥା ନିଯୁକ୍ତି ପରିସର ବୃଦ୍ଧିର ଗୁରୁତ୍ୱ ହେତୁ ଭାରତୀୟ କୃଷି ଗବେଷଣା ସଂସ୍ଥା, ଭାରତୀୟ ପଶୁ ଗବେଷଣା ସଂସ୍ଥା ଓ ଜାତୀୟ ଦୁଗ୍ଧ ଗବେଷଣା ସଂସ୍ଥା ମିଶି ଛେଳିର ବଂଶବୃଦ୍ଧି ବିଶେଷକରି ଯମୁନା ପାରି ଓ ବାରବାରି ଜାତୀୟ ଦୁଇ ପ୍ରମୁଖ ଛେଳିର ବଂଶ ସୁରକ୍ଷା, ଛେଳିମାନଙ୍କ ଉତ୍ତମ ସ୍ୱାସ୍ଥ୍ୟରକ୍ଷା ଓ କ୍ଷୀର ପ୍ରକ୍ରିୟାକରଣରେ ଗବେଷଣା ଅବ୍ୟାହତ ରଖିଛନ୍ତି। ଏହା ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ପାଇଁ ଏକ ଉପଯୁକ୍ତ ଯୋଜନା। ଓଡ଼ିଶା ସରକାର ଏଥିପ୍ରତି ଯଥେଷ୍ଟ ଗୁରୁତ୍ୱ ଦେଇ ଯୋଜନାକୁ ସୁଫଳ କରାଇପାରିଲେ ଅର୍ଥନୀତି ବିକାଶ ହୋଇପାରିବ। କାରଣ ଓଡ଼ିଶାର ସମବାୟ ବିଭାଗ ଏ ବିଷୟରେ ବିଶେଷ ଧ୍ୟାନ ଦେବେ ବୋଲି ଆଶା।

**ବରିଷ୍ଠ ସମବାୟବିତ୍**
**ମୋ: ୯୦୯୦୩୨୫୮୦୨**

# ଶେଷ ସାଥୀ



ଡ. ଦ୍ୟୁତୀ ଚନ୍ଦ୍ର ସାହୁ

ଜୀବନରେ ଶେଷ ସାଥୀ କିଏ ? ଏହାର ଉତ୍ତର ଭିନ୍ନ ଭିନ୍ନ ହୋଇପାରେ। ବ୍ୟକ୍ତିଗତ ରୁଚି ଅନୁସାରେ ତାହାର ଉତ୍ତର ନିଶ୍ଚିତ ଭିନ୍ନ ହେବ। ତେବେ ମୁଖ୍ୟତଃ ସ୍ୱାମୀ ସ୍ତ୍ରୀ ପ୍ରତି ଓ ସ୍ତ୍ରୀ ସ୍ୱାମୀ ପ୍ରତି ଅନୁରକ୍ତି ପ୍ରକଟ କରିବା ସ୍ୱାଭାବିକ। କେତେକ କ୍ଷେତ୍ରରେ ଏକାକୀ ରହୁଥିବା ପତି କିମ୍ବା ପତ୍ନୀଟିଏ ନିଜ ସନ୍ତାନକୁ ଜୀବନର ଶେଷ ଆଶ୍ରା ବୋଲି କହନ୍ତି। ଜୀବନର ଶେଷ ସମୟରେ ପୁଅ କାଳେ ବୃଦ୍ଧ ମାତାପିତାଙ୍କ ଆଶ୍ରା ହେବ ବୋଲି ଅନେକ ପିତାମାତା ଆଶାପ୍ରକଟ କରନ୍ତି। କିନ୍ତୁ ଆଜିକାଲିର ପରିସ୍ଥିତିରେ ପୁଅ ହୁଏତ ଏହାକୁ ଭୁଲ୍ ପ୍ରମାଣିତ କରୁଛି। ଅସହାୟ ଅବସ୍ଥାରେ ମାତାପିତାଙ୍କୁ ଛାଡ଼ି ନିଜର ସୁଖକର ଜୀବନ ଜିଇଁବାକୁ ପସନ୍ଦ କରୁଛନ୍ତି। ଏଭଳି ସ୍ଥିତିରେ ସମଗ୍ର ଭାରତୀୟ ପରିବାର ଆଜି ଆକ୍ରାନ୍ତ। ସବୁଠି ସେଇ ଏକାପ୍ରକାର ଦୁଃଖର କୋହରାମ। ସବୁ ମାଆବାପାଙ୍କ ପାଟିରେ ଏକା ପ୍ରାୟ ଜୀବନ ସଙ୍ଗୀତ। ସେ ସଙ୍ଗୀତରେ କେବଳ କୋହ, ଦୁଃଖ ଏବଂ ଯାତନା ଭରପୂର। ତାକୁ ଯିଏ ଶୁଣିବ ସେ ବି ଲହରେଇ ଲହରେଇ କାନ୍ଦିବ। ଅଥଚ ସେ କାନ୍ଦର ସ୍ୱର କାହାକୁ ଶୁଭିବ ନାହିଁ। ବୟସ୍କବୟସ୍କାମାନେ ପରସ୍ପରକୁ ଭେଟିଲେ ଗୋଟିଏ ଚର୍ଚ୍ଚା ପୁଅଝିଅ କେମିତି ଅଛନ୍ତି, କୋଉଠି ଅଛନ୍ତି ଏବଂ ପଚରାପଚରି କରୁଛନ୍ତି ନା ନାହିଁ। ଉତ୍ତର ବି ସେଇ ଏକା ପ୍ରକାରର ଆସେ - 'ହଁ ! ଇଚ୍ଛା ହେଲେ ଫୋନ୍‌ଫାନ୍ କରନ୍ତି। ବର୍ଷେ ଦି ବର୍ଷରେ ଥରେ ମୁହଁ ଦେଖାଇବାକୁ ଆସନ୍ତି। କେବେକେବେ ଭିଡିଓ କଲ୍‌ରେ ମୁହଁ ଦେଖାଇ କୁଶଳ ଜିଜ୍ଞାସା କରନ୍ତି । ଆଉ କେହି କୁହନ୍ତି - ''କ'ଣ କହିବି ଆଜ୍ଞା ! ବହୁ କଷ୍ଟରେ ପୁଅକୁ ବଡ଼ କଲି। ଚାକିରିବାକିରି କଲା। ବଡ଼ଘର ଝିଅକୁ ବାହାହେଲା। ଏବେ ବାପାମାଆ ତା' ପାଇଁ ପରଦେଶୀ।'' ଏଭଳି ଆଉ କିଛି ଅସୁଖୀ ଉତ୍ତର ଶୁଣୁଥିବେ। ବାସ୍ତବିକ ସମାଜର ସ୍ଥିତି ବି ସେଇଆ। ଯନ୍ତ୍ରଣା ଭିତରେ ଚଳୁଛନ୍ତି ଆଜିର ବୟସ୍କ ମାଆବାପା। ଅବଶ୍ୟ ଅନେକଙ୍କ ନିକଟରେ ଚଳିବାକୁ କିଛି ଅଭାବ ନାହିଁ। ଚାକିରିରୁ ଅବସର ନେଇ ପେନ୍‌ସନ ପାଇ ବୁଢ଼ାବୁଢ଼ୀ ଘରେ ଚଳୁଛନ୍ତି। କିନ୍ତୁ ଜଣଙ୍କର ମୃତ୍ୟୁ ପରେ ଜୀବନ ଦୁର୍ବିଷହ ହୋଇପଡୁଛି। ଏକାକୀ ବଡ଼ ଘରେ ବଞ୍ଚିବା ସତରେ ଭାରି କଷ୍ଟ। ମନର କଥା କହିବାକୁ ଓ ଦୁଃଖ ଶୁଣିବାକୁ ପାଖରେ ଲୋକ ନାହାନ୍ତି। ନିଃସଙ୍ଗ ଜୀବନ ମଣିଷକୁ ଅସ୍ତବ୍ୟସ୍ତ କରୁଛି। ଏସବୁ ବଖାଣିବା ଭାରି କଷ୍ଟ ଓ ପୀଡ଼ାଦାୟକ।

କିନ୍ତୁ ଟିକେ ତଳେଇ ଦେଖିବା। ଆମ ସମାଜ ବାସ୍ତବରେ ସ୍ୱାର୍ଥପର ହୋଇଯାଇନି କି? ପୁଅ ନିଜ ସୁଖ ଚାହୁଁଛି। ମାଆବାପା ନିଜ ସୁଖ ପାଇଁ ପୁଅକୁ ଲୋଡୁଛନ୍ତି। ଏଭଳି ଅବସ୍ଥା ଭିତରେ ପରିବାର ବାଦେ ସମାଜରେ ଅନେକ ଅଛନ୍ତି ଯାହାକୁ ଆମେ କ୍ରମାଗତ ଭାବେ ଅଣଦେଖା କରିଆସୁଛୁ। କେବେ ପଚାରୁ ନ ଥିବା ଉଚ୍ଚ ଚାକିରି କରି ଥଇଥାନ ହୋଇଥିବା ପୁଅର ମାଆବାପାମାନେ ଅସଲରେ କରୁଛନ୍ତି କ'ଣ। ଏଇ ଦୁଃଖକୁ କ'ଣ ହରଣ କରିହେବନି। ନିଜ ହୃଦୟକୁ ଥରେ ଫେଡ଼ି ଦିଅ ଦେଖିବେ ଦୁଃଖ ବୋଲି ଯାହା ଛାତି ଭିତରେ ଜମାଟ ବାନ୍ଧିଛି ତାହା ନିମିଷକରେ ତରଳିଯିବ। ଯେଉଁ ଚିନ୍ତାରେ ଘାରି ହୋଇ ଅସମୟରେ ବହୁ ରୋଗକୁ ନିମନ୍ତ୍ରଣ କରୁଛନ୍ତି ତାହା ଉଭେଇଯିବ। କିନ୍ତୁ ଆମେ ସେପରି କରିପାରୁନୁ। ମୋଟା ଅଙ୍କର ପେନ୍‌ସନ ପାଉଥିବା ମଣିଷଟି ଯେତେବେଳେ ବଜାର ଯାଉଛି ତା'ର ଚରିତ୍ର ଧରାପଡୁଛି। ଦୂରଦୂରାନ୍ତରୁ ନିଜ



ଉତ୍ପାଦିତ ଫସଲ ଧରି ଆସି ଫୁଟ୍‌ପାଥରେ ବସିଥିବା ଗରିବଗୁରୁବାଙ୍କ ସହ ଟଙ୍କେ ଦି ଟଙ୍କା ପାଇଁ ଯୁକ୍ତି କରୁଥିବେ। ଜବରଦସ୍ତି ଗୋଟେ ଲେମ୍ବୁ କି ଗୋଟେ ଫଳ ବିକ୍ରେତାଙ୍କ ପ୍ରତିରୋଧ ସତ୍ତ୍ୱେ ବ୍ୟାଗ୍‌ରେ ଭରୁଥିବେ। ଏଣେ ଘରେ ଖାଇବାକୁ ଲୋକ ନ ଥିବେ ବାହାରେ ବେପାରୀଙ୍କ ସହ ମୂଲଚାଲ କରୁଥିବେ। ପେନ୍‌ସନ ଗଣ୍ଡାକ ଦି ପ୍ରାଣୀ କୁଟୁମ୍ବକୁ ଢେର ହୋଇ ଯାହିତାହି ବଳୁଥିବ ଅଥଚ ଲୋଭ କମୁ ନ ଥିବ। ତାକୁ କେମିତି ସାଇତି ରଖିହେବ ସେଥିପାଇଁ ଯୋଜନା ଚାଲେଇଥିବେ। କାହାକୁ ହାତ ଟେକି ଦେବା, ବେଳ ଅବେଳରେ ହୃଦୟ ଖୋଲାକରି ସାହାଯ୍ୟ ଦେବାକୁ ତଥାପି ହେଉଥିବେ କେଡ଼େ କୁନ୍ଥକୁନ୍ଥ। ନିତି ସକାଳ ହେଲେ ଯେଉଁମାନଙ୍କୁ ନେଇ ଆପଣଙ୍କର ଦିନ ଆରମ୍ଭ ହୁଏ, ପୁଣି ଯାହାଙ୍କର ସହଚାର୍ଯ୍ୟରେ ଦିନଟି ଭଲରେ ଭଲରେ କଟି ଶାନ୍ତି ନିଦଟିଏ ହୁଏ, ସେଇ ମଣିଷମାନଙ୍କ ପ୍ରତି ଆମର ପ୍ରତିବେଦନ କ'ଣ। ସେମାନଙ୍କ ପ୍ରତି ଆମ ଆଭିମୁଖ୍ୟ କେମିତି ରହୁଛି ଥରେ ଚିନ୍ତା କରନ୍ତୁ । କେବେ ପଚାରୁ ନ ଥିବା ଦୂରରେ ଥିବା ନିଜର ମଣିଷ ଅଚିରେ ପର କରିଦେଉଛି। ତା' ପାଇଁ ଧନସମ୍ପତ୍ତି ସାଇତି ଝୁରି ଝୁରି ମଣିଷ ଆଖି ବୁଜୁଛି। ମରିବାର ତିନି ଚାରିଦିନ ପରେ କିଏ ଆସୁଛି ତ ପୁଣି କିଏ ଅନ୍‌ଲାଇନରେ ଭିଡିଓ କଲିଂ ଜରିଆରେ ମୁଖାଗ୍ନି ଦେଉଛି। ଆଉ ସେଇ ମଣିଷଙ୍କ ପାଇଁ ଭାରି ଚିନ୍ତା ଆମର। ଅଥଚ ପର ବୋଲି ଭାବୁଥିବା ଆମ ଚାରିପାଖର ମଣିଷ ସମୟ ଅସମୟରେ ଆସି ପାଖରେ ଛିଡ଼ାହୋଇ ଆମ ସୁଖଦୁଃଖର ସାଥୀ ହୋଇପାରୁଛି। ତଥାପି ସେଇମାନଙ୍କ ପ୍ରତି ଆମର ଦୃଷ୍ଟିଭଙ୍ଗୀ ବଦଳିପାରୁନାହିଁ। ପର-ନିଜର ଭିତରେ ସମ୍ପର୍କକୁ ଖୋଜିଖୋଜି ମଲାଯାଏ ଗୋଟେ ଦ୍ୱିଧା କବଳିତ ଜୀବନକୁ ଧରି ବସୁଛୁ ପଛେ ମୋହରୁ ମୁକ୍ତି ପାଇପାରୁନାହୁଁ।

ଆଗକୁ ସମାଜର ବିକଳ ଚିତ୍ର ଆହୁରି କଦର୍ଯ୍ୟ ହେବ। ଗଲାବେଳେ ପାଖରେ ନିଜ ଲୋକ କେହି ନ ଥିବେ। ପର ବୋଲି ଭାବୁଥିବା ମଣିଷମାନେ ନିଜର ଭଳି ସବୁ ତୁଲାଇବେ। ଦୂରରେ ଥିବା ପୁତ୍ର ମୋହରୁ ମୁକ୍ତିର ବାଟ ଅବଶ୍ୟ ରହିଛି। ଆପଣ ସଞ୍ଚିଥିବା ସମ୍ପତ୍ତି କିଏ ଭୋଗ କରିବ ସତରେ ମରିବା ପରେ ଆପଣ ଜାଣିପାରିବେ କି? ଯଦି ନାହିଁ ତେବେ ମନକୁ ଥରେ ବଦଳାନ୍ତୁ। ହୃଦୟକୁ ଖୋଲି ଦିଅନ୍ତୁ। ଆମ ଚାରିପାଖର ମଣିଷମାନଙ୍କୁ ନିଜର ଭାବିବା ଆରମ୍ଭ କରନ୍ତୁ। ଭଲରେ ମନ୍ଦରେ ନିଜ ସାଧ୍ୟମତେ ସହଯୋଗ କରନ୍ତୁ। ଦେଖିବେ ଆପଣଙ୍କ ଶେଷ ଜୀବନ କେମିତି ବଦଳିଯିବ। କଳାଧଳାର ଦୁନିଆ ରଙ୍ଗିନ ରଙ୍ଗିନ ଲାଗିବ। ବଞ୍ଚିବାର ମୋହ ବଢ଼ିଯିବ। ଜୀବନ ପ୍ରତି ଲୋଭ ବଢ଼ିବ। ମଲା ପରେ କୋକେଇ ପାଇଁ ତଥାକଥିତ ପୁଅର କାନ୍ଧ ଅପେକ୍ଷା ଅନେକ ପୁଅଙ୍କ କାନ୍ଧ ଆଗେଇ ଆସିବ। ଆପଣଙ୍କ ଶେଷଯାତ୍ରା ଅନ୍ୟମାନଙ୍କ ପାଇଁ ସ୍ମରଣୀୟ ହୋଇ ରହିବ। ଆଉ ସବୁଠାରୁ ବଡ଼ କଥା ଆପଣଙ୍କ ତିରୋଧାନ ପରେ ଆପଣଙ୍କ ଜୀବନ ସାଥୀର ଜୀବନ କାରୁଣ୍ୟମୟ ନ ହୋଇ ମଧୁମୟ ହେବ। ଆପଣ ଯଦି ବୟସ୍କ ମଣିଷ ଓ ସମ୍ପର୍କ ଖୋଜି ଖୋଜି ଦୁର୍ବିଷହ ଜୀବନ ଜିଉଁଛନ୍ତି ତେବେ ଜୀବନର ଶେଷ ସାଥୀଙ୍କୁ ଖୋଜିବାକୁ ଆଉ ବିଳମ୍ବ କାହିଁକି। ଆପଣଙ୍କ ଚାରିପାଖରେ ବହୁତ ଭଲ ମଣିଷ ଅଛନ୍ତି। ତାଙ୍କୁ ଆପଣାର କରିବାର ବେଳ ଆସିଯାଇଛି। ଏଣିକି ଆପଣଙ୍କର ନିଷ୍ପତ୍ତି!

**ଇନ୍ଦିରା ନଗର, ରାୟଗଡ଼ା**
**ମୋ:୯୪୩୭୯୦୯୬୭୧**

## ଏଇ ଭାରତରେ

ପ୍ରତିବର୍ଷ ଗୁଡ଼ି ମାଞ୍ଜା ସୂତାରେ ଅନେକ ହଜାର ପକ୍ଷୀ ଆହତ ହୋଇଥାନ୍ତି। ବିଶେଷକରି ସ୍ୱାଧୀନତା ଦିବସରେ ଦିଲ୍ଲୀରେ ସବୁଠୁ ବୋଇ ଗୁଡ଼ି ଉଡ଼ାଇବା ଦେଖାଯାଏ ଏବଂ ଏଥିରେ ମଧ୍ୟ ସର୍ବାଧିକ ପକ୍ଷୀ ଆହତ ହୋଇଥାନ୍ତି। ଏଭଳି ଆହତ ପକ୍ଷୀଙ୍କୁ ଉଦ୍ଧାର କରି ଦିଲ୍ଲୀର ୨ ଭାଇ ନଦିମ୍ ଶେଜାଦ ଓ ମହମ୍ମଦ ସାଉଦ ସେମାନଙ୍କର ଯତ୍ନ ନେଉଛନ୍ତି। ଦୁଇ ଦଶନ୍ଧିରୁ ଅଧିକ ହେଲା ଏମାନେ ୨୩,୦୦୦ରୁ ଉର୍ଦ୍ଧ୍ୱ ପକ୍ଷୀଙ୍କୁ ଉଦ୍ଧାର କରିସାରିଲେଣି। ଭେଟେରିନାରି ଡାକ୍ତରଙ୍କ ଦ୍ୱାରା ଆହତ ପକ୍ଷୀଙ୍କ ଚିକିତ୍ସା କରାଯାଉଛି। ପକ୍ଷୀମାନେ ଭଲ ହେବା ପରେ ସେମାନଙ୍କୁ ମୁକ୍ତ କରିଦିଆଯାଉଛି। ୨୦୦୩ରୁ ୨୦୧୦ ମଧ୍ୟରେ ସେମାନେ ନିଜସ୍ୱ ଉଦ୍ୟମରେ ଦିଲ୍ଲୀରୁ ବିଭିନ୍ନ ପ୍ରଜାତିର ୪୦୦ ପକ୍ଷୀ ଉଦ୍ଧାର କରିଥିଲେ। ପରେ 'ୱାଇଲ୍ଡଲାଇଫ୍' ଗଠନ କରି ବିଭିନ୍ନ ସ୍ୱେଚ୍ଛାସେବୀଙ୍କୁ ଏଥିରେ ସାମିଲ କରିଥିଲେ। ସେବେଠାରୁ ଏଯାବତ୍ ୧୦୦ ପ୍ରଜାତିର ମୋଟ ୨୩,୦୦୦ରୁ ଉର୍ଦ୍ଧ୍ୱ ପକ୍ଷୀ ଉଦ୍ଧାର କରିସାରିଛନ୍ତି। ଯେକୌଣସି ବ୍ୟକ୍ତି କିମ୍ବା ଦିଲ୍ଲୀ ପୋଲିସ ଓ ଫାୟାର ସର୍ଭିସ୍ ପକ୍ଷରୁ କଲ୍ ପାଇଲାମାତ୍ରେ ଏନ୍‌ଜିଓର ସଦସ୍ୟ ସେଠାରେ ପହଞ୍ଚି ପକ୍ଷୀଙ୍କୁ ଉଦ୍ଧାର କରୁଛନ୍ତି। ଯେଉଁ ପକ୍ଷୀ ଚିକିତ୍ସିତ ପରେ ଉଡ଼ିବାକୁ ଅକ୍ଷମ, ସେମାନଙ୍କ ଲାଗି ରହିବାର ବ୍ୟବସ୍ଥା ମଧ୍ୟ କରାଯାଇଛି।

## ୧୩ ଅଗଷ୍ଟ ୧୯୭୬

- ପ୍ରବଳ ବର୍ଷା ଲାଗିରହିବା ଫଳରେ ଅମୃତସର ସହରରେ ବହୁ କୋଠାବାଡ଼ି ଭାଙ୍ଗିଯିବା ସହ ୧୪ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।
- ଜମ୍ମୁ ଓ କଶ୍ମୀରର ବନ୍ୟା ପ୍ରଭାବିତ ଲୋକଙ୍କୁ ତୁରନ୍ତ ସାହାଯ୍ୟ ପାଇଁ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨ ଲକ୍ଷ ଟଙ୍କା ମଞ୍ଜୁର।
- ପରୀକ୍ଷା ପଦ୍ଧତିର ସଂସ୍କାର ପାଇଁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନର ପକ୍ଷରୁ କେତେକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି।

## ଚିରନ୍ତନୀ

ନିଶୀଥ ନିଜନେ ନୂପୁର ନିକ୍ୱଣ
ରହିଛି ଝିଲ୍ଲୀ ନାଦେ
ଆଦ୍ୟ ଆଷାଢ଼ ଜଳଦ ସହିତ
ଚିକୁର ତାହାର ହୁଏ ଲୀଳାୟିତ
ଗନ୍ଧ ତାହାର କରଇ ମୋହିତ ମଳୟର ପରମାଦେ
ନିଶୀଥ ନିଜନେ ନୂପୁର ନିକ୍ୱଣ ରହିଛି ଝିଲ୍ଲୀନାଦେ ।

-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ପ୍ରହସନ ନ ପାଲଟୁ

ମହାଶୟ,

ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ପୋଡ଼ି ହୋଇ ମୃତ୍ୟୁବରଣ ପରେ ସରକାର ନିର୍ଦ୍ଦେଶ ଦେଲେ କେହି ପେଟ୍ରୋଲ୍ ପମ୍ପରୁ ବୋତଲରେ ପେଟ୍ରୋଲ ବିକ୍ରି କରିପାରିବେ ନାହିଁ । ଏହା ଏକ ଭଲ ପଦକ୍ଷେପ । କିନ୍ତୁ ଗତ ବର୍ଷର ଏକ ଉଦାହରଣ ଦେଉଛି । ଆରଟିଓଙ୍କ ନିର୍ଦ୍ଦେଶନାମା ପରେ ସବୁ ପେଟ୍ରୋଲ ପମ୍ପ ବ୍ୟାନର ଲେଖି ଟାଙ୍ଗିଲେ 'ନୋ ହେଲ୍‌ମେଟ୍, ନୋ ପେଟ୍ରୋଲ' । ଅର୍ଥାତ ହେଲ୍‌ମେଟ୍ ପିନ୍ଧି ନ ଆସିଲେ ପେଟ୍ରୋଲ ମିଳିବ ନାହିଁ । କିଛି ମାସ ଚାଲିବା ପରେ ଯଥା ପୂର୍ବଂ ତଥା ପର । ବିନା ହେଲ୍‌ମେଟ୍‌ରେ ଏବେ ବାଇକ୍‌ବାଲା ବିନ୍ଦାସରେ ପେଟ୍ରୋଲ ପକାଇ ଚାଲିଯାଉଛନ୍ତି । ତେଣୁ ଏ କ୍ଷେତ୍ରରେ ଯେପରି ତାହା ନ ହୁଏ ।

**-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜୀବନ ମୂଲ୍ୟବାନ୍, ଧୈର୍ଯ୍ୟ ଜରୁରୀ

କିଶୋରୀଙ୍କ ମଧରେ ବଢ଼ିଚାଲିଛି ଆତ୍ମହତ୍ୟା ପ୍ରବଣତା। ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବାରେ ବିଫଳତା କିମ୍ବା ମନର ଭାବନାକୁ କାହା ପାଖରେ ପରିପ୍ରକାଶ ନ କରି ପାରିବା ଯୋଗୁ ସେମାନେ ନିଜକୁ ଅସହାୟ ମନେକରୁଛନ୍ତି। ଫଳରେ ଆତ୍ମହତ୍ୟା ବା ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେଉଛନ୍ତି। ଗତ କିଛି ସପ୍ତାହ ମଧରେ ରାଜ୍ୟରେ ଘଟିଥିବା କେତେକ ଆତ୍ମାହୁତି ଘଟଣା ସମସ୍ତଙ୍କୁ ବିଚଳିତ କଲାଣି। ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଇଦେବା, ପୁରୀ ଜିଲା ବଳଙ୍ଗାରେ ନାବାଳିକା ଛାତ୍ରୀ ସମିଦା ଖାତୁନ୍ ନିଆଁରେ ପୋଡ଼ିହୋଇ ପ୍ରାଣ ହରାଇବା, କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କାଠିଆପଡ଼ା ଗ୍ରାମରେ ଯୁକ୍ତ ୩ ଛାତ୍ରୀ ସଙ୍ଗୀତା ପରିଡ଼ା ଘରେ ଜାଳିହୋଇ ଜୀବନ ହାରିବା ଏବଂ ବରଗଡ଼ ଜିଲା ଗାଇସିଲେଟରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ରଶ୍ମି ସେଠ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିବା ଘଟଣା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇଦେଇଛି। ତେଣୁ ଏଭଳି ଅପ୍ରତ୍ୟାଶିତ ଘଟଣାକୁ କିଭଳି ରୋକାଯାଇ ପାରିବ ସେନେଇ ସବୁସ୍ତରରେ ଉଦ୍ୟମ କରାଯିବା ଉଚିତ। ଜୀବନ ମୂଲ୍ୟବାନ, ଏଥିପାଇଁ ଧୈର୍ଯ୍ୟ ଧରିବା ଜରୁରୀ। ତେଣୁ ନିଆଁକୁ ନ ଆଦରି ଜୀବନକୁ ଆଗକୁ ନେବା ପାଇଁ ଚିନ୍ତା କରିବାର ସମୟ ଆସିଛି। ଏଥିପାଇଁ ପିଲାମାନଙ୍କୁ ଉଭୟ ଘରେ ଏବଂ ଶିକ୍ଷାନୁଷ୍ଠାନରେ ମାନସିକ ସହାୟତା ତଥା କାଉନ୍‌ସେଲିଂକୁ ପ୍ରଭାବଶାଳୀ କରିବା ଜରୁରୀ ହୋଇପଡ଼ିଛି।

### ଆୟୋଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯିବ



ପିଲାଙ୍କ ଭିତରେ ଧୈର୍ଯ୍ୟ ଓ ସହିବାର ଶକ୍ତି ଦିନକୁ ଦିନ କମିକମି ଯାଉଛି। ପିଲାମାନେ ଯଦି କୌଣସି ଭୁଲ୍ କରୁଛନ୍ତି, ସେମାନେ ଘରେ କି ସାଙ୍ଗ ସାଥୀଙ୍କ ପାଖରେ ପ୍ରକାଶ କରୁ ନାହାନ୍ତି। ସମସ୍ୟାର ସମାଧାନ ବାହାର କରିବା ପରିବର୍ତ୍ତେ ସେମାନେ ଆତ୍ମହତ୍ୟା କରିବାକୁ ବାହାରି ପଡୁଛନ୍ତି। ଏନେଇ ସ୍କୁଲ ଓ କଲେଜଗୁଡ଼ିକରେ ଶିଶୁଙ୍କ ମାନସିକ ବିକାଶ ପାଇଁ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯିବ। ସୋସିଆଲ ମିଡିଆ ହେଉ କି ଟେଲିଭିଜନରେ ଶିଶୁମାନଙ୍କ ଅଘଟଣ ଜନିତ ଘଟଣାକୁ ବାରମ୍ବାର ନ ଦେଖାଇ ସଚେତନମୂଳକ କାର୍ଯ୍ୟକ୍ରମ ଦେଖାନ୍ତୁ। ଶିଶୁଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ବିଭିନ୍ନ ଆଇନ କରିଛନ୍ତି। ଆୟୋଗ ପକ୍ଷରୁ ମଧ ଶିଶୁଙ୍କ ସୁରକ୍ଷା ପାଇଁ ଏକ ରୋଡ୍ ମ୍ୟାପ ପ୍ରସ୍ତୁତ କରି ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯିବ।

- ବବିତା ପାତ୍ର, ଅଧକ୍ଷା, ଓଏସ୍‌ସିପିସିଆର୍

### ପିଲାଙ୍କୁ ମା'ବାପା ଅଧିକ ସମୟ ଦିଅନ୍ତୁ



ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ ପରିବାର ଲୋକଙ୍କ ସମେତ ସମାଜର ଦାୟିତ୍ୱ ରହିଛି। ବର୍ତ୍ତମାନ ସମୟରେ ଏକକ ପରିବାର ଯୋଗୁ ପିଲାମାନେ ଏକୁଟିଆ ହୋଇଯାଉଛନ୍ତି। ମା'ବାପା ଦିନ ସାରା କାମ କରିବାକୁ ଯିବାରୁ ତାଙ୍କ ପାଖରେ ଛୁଆ ପାଇଁ ସମୟ ରହୁନି ଯଦ୍ୱାରା କୌଣସି ଲୋକ କିମ୍ବା ପରିବାର ଲୋକ କିଛି ସେ ଏହାକୁ ସହ୍ୟ କରିପାରୁ ନାହାଁ। ଆତ୍ମହତ୍ୟା ଭଳି ଚିନ୍ତା କରିବାର ମୁଖ୍ୟ ମାଧମ ମୋବାଇଲ ଫୋନ୍ ଓ ପାରିବାରିକ ସମସ୍ୟା। ଏନେଇ ରାଜ୍ୟ ସରକାର ବ୍ଲକ ଓ ପଞ୍ଚାୟତସ୍ତରରେ ସଚେତନତା ସୃଷ୍ଟି କରାନ୍ତୁ। ମହିଳା ଓ ଶିଶୁଙ୍କୁ କିପରି ସୁରକ୍ଷା ମିଳିବ ସେଥିପ୍ରତି ଅଧିକ ଧାନ ଦେବା ଜରୁରୀ।

- ମିନତି ବେହେରା, ପୂର୍ବତନ ଅଧକ୍ଷ, ରାଜ୍ୟ ମହିଳା ଆୟୋଗ

### ପିଲାଙ୍କ ସହ ପରିବାର ଲୋକେ ସାଙ୍ଗ ଭଳି ମିଶନ୍ତୁ

କଲେଜ ହେଉ କି ସ୍କୁଲ ପଢ଼ିବା ସମୟରେ ପିଲାମାନେ ବିଭିନ୍ନ ପ୍ରକାର ଭୁଲ୍ ପଦକ୍ଷେପ ନେଉଛନ୍ତି। ପିଲାମାନେ କୌଣସି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଲେ, ତାକୁ ଘରେ ବିଶେଷ ଧାନ ଦେଉନାହାନ୍ତି। ଫଳରେ ଏହା ତାଙ୍କ ମନକୁ ବିଚଳିତ କରି ପକାଉଛି। ସେଥିପାଇଁ ସେମାନେ ବାଧ ହୋଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଉଛନ୍ତି। ପରିବାର ଲୋକମାନେ ପିଲାଙ୍କ ସହିତ ସାଙ୍ଗ ଭଳିଆ ମିଶି ତାଙ୍କ ଭିତରେ ଥିବା ଭୟ ଓ ସମସ୍ୟାକୁ ଶୁଣିବାକୁ ଚେଷ୍ଟା କରନ୍ତୁ।



- ସୋନାଲିସା ସାହୁ, ଛାତ୍ରୀ, ଭୁବନେଶ୍ୱର

### ପିଲାଙ୍କ ଭିତରେ ଧୈର୍ଯ୍ୟଶକ୍ତିର ଅଭାବ



ରାଜ୍ୟରେ କିଛି ଦିନ ହେବ କେବଳ ଆତ୍ମାହୁତି ଓ ଆତ୍ମହତ୍ୟା ଭଳି ଘଟଣା ଶୁଣିବାକୁ ମିଳୁଛି। ପିଲାମାନେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ତା'ର ସମାଧାନ ବାହାର କରିବା ପରିବର୍ତ୍ତେ ଏଭଳି ଚରମ ନିଷ୍ପତ୍ତି ନେଇଯାଉଛନ୍ତି। ପରିବାର ଲୋକ ହୁଅନ୍ତୁ କି ବାହାର ଲୋକ ଯଦି କିଛି କହୁଛନ୍ତି, ଏମାନେ ତାକୁ ନେଗେଟିଭ ଭାବେ ଗ୍ରହଣ କରି ନେଉଛନ୍ତି। ପିଲାଙ୍କ ଭିତରେ ଧୈର୍ଯ୍ୟ ଶକ୍ତି ନ ଥିବାରୁ ସେମାନେ ଏଭଳି ଭୁଲ୍ ପଦକ୍ଷେପ ନେଉଛନ୍ତି। ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି।

- ପ୍ରିୟା ଜେନା, ଛାତ୍ରୀ , ଭୁବନେଶ୍ୱର

### ଆତ୍ମଦାହ ଘଟଣା ଅତ୍ୟନ୍ତ ହୃଦୟବିଦାରକ



ରାଜ୍ୟରେ ଘଟିଥିବା ଝିଅଙ୍କ ଆତ୍ମଦାହ ଘଟଣାଗୁଡିକ ଯେତିକି ହୃଦୟବିଦାରକ ସେତିକି ସମ୍ବେଦନଶୀଳ। ଅଳ୍ପ ବୟସର ଝିଅମାନେ ଦେହରେ ଅଗ୍ନି ସଂଯୋଗ କରି ଯେଭଳି ଭାବେ ଚରମ ପଦକ୍ଷେପକୁ ଆପଣେଇ ନେଉଛନ୍ତି ତାହା ଅତ୍ୟନ୍ତ ଚିନ୍ତାଜନକ। ଏଭଳି ପଦକ୍ଷେପ କେବେ ହେଲେ ବୁଦ୍ଧିମତ୍ତାର ପରିଚୟ ନୁହେଁ। କାରଣ ଏହାଦ୍ୱାରା ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନର ସୂତ୍ର ବାହାରିପାରିବନାହିଁ। ତେଣୁ ଆତ୍ମଦାହ ପରିବର୍ତ୍ତେ ଆତ୍ମସଂଯମ ଅବଲମ୍ବନ କରି ଅନ୍ୟାୟ ବିରୋଧରେ ଲଢ଼ିବାକୁ ପ୍ରୟାସ କରିବାକୁ ହେବ। ଅନ୍ୟାୟ ବିରୋଧରେ ଲଢ଼ିବାକୁ ପୀଡ଼ିତାର ମନୋବଳ ବୃଦ୍ଧି କରିବାକୁ ହେବ ଏବଂ ଏ ଦିଗରେ ସଭ୍ୟ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ବିଶେଷକରି ପୀଡିତା ପଛରେ ତାହାର ଆତ୍ମୀୟମାନଙ୍କ ସହିତ ସମ୍ପର୍କୀୟମାନଙ୍କୁ ଶେଷ ପର୍ଯ୍ୟନ୍ତ ଏକ ଶକ୍ତ ପ୍ରାଚୀର ଭଳି ଛିଡ଼ାହେବାକୁ ପଡ଼ିବ।

- ସତ୍ୟନାରାୟଣ ପାଢ଼ୀ, ଶିକ୍ଷାବିତ୍, ବରଗଡ଼

### ସହନଶୀଳ ଶକ୍ତି ଅଭାବରୁ ଆତ୍ମହତ୍ୟା ବଢୁଛି



ମାରିବା ଓ ମରିବା ଉଭୟେ ଗୋଟିଏ ଜିନିଷ। ଏହା ମଣିଷର ଆଦିମ ପ୍ରବୃତ୍ତି। ସାମାଜିକ ମୂଲ୍ୟବୋଧକୁ ଜାଗ୍ରତ କରିବା ପାଇଁ ଏହାକୁ ନିୟନ୍ତ୍ରଣ କରିବା ଦରକାର। ଯାହା ନିଜ ପାଇଁ ଲଜ୍ଜାବୋଧ, କାହା ଆଗରେ କହିହେଉନି ତାହାକୁ ସୋସିଆଲ ମିଡିଆରେ ଭାଇରାଲ କରାଯାଉଛି। ଏହାକୁ ସହି ନ ପାରି ଯେ କେହି ଆତ୍ମହତ୍ୟା କରୁଛି। ଓଡ଼ିଶାରେ ନିକଟରେ ଘଟିଯାଇଥିବା କେତେକ ଆତ୍ମହତ୍ୟା ଏହାର ଉଦାହରଣ। ଅନ୍ୟପକ୍ଷରେ ସାମାଜିକ ଗଣମାଧମରେ ପ୍ରସାର ଯୋଗୁ କିଭଳି ଆତ୍ମହତ୍ୟା କରିବେ ତାହା ଶିଖୁଛନ୍ତି। ସହନଶୀଳତାର ଅଭାବ ଯୋଗୁ ଏଭଳି ଘଟଣା ଘଟୁଛି। ଯେଉଁମାନେ ଉଦାସ ମନ ନେଇ ବଞ୍ଚୁଥିବେ ସେମାନେ କାହାକୁ କିଛି କହିପାରିବେନି। ତେଣୁ ସରକାର ୧୪୪୧୬ ଟେଲି ମାନସ ନଂ. ୨୪ ଘଣ୍ଟା ପ୍ରଚଳନ କରିଛନ୍ତି। ସେଥିରେ କ୍ୱାଲିଫାଏଡ ସାଇକୋଲୋଜିଷ୍ଟ ବସିଥାନ୍ତି। ତାହାକୁ ଫୋନ କଲେ ଭଲ ପରାମର୍ଶ ମିଳିବ। ମଣିଷ ଆତ୍ମହତ୍ୟା ଭଳି ପ୍ରବୃତ୍ତିରୁ ନିଜକୁ କ୍ଷାନ୍ତ କରିପାରିବ।

- ଡା. ବିଭୁକଲ୍ୟାଣ ସାହୁ, ବରିଷ୍ଠ ମାନସିକ ରୋଗ ବିଶେଷଜ୍ଞ, ନିଶା ନିବାରଣ କେନ୍ଦ୍ର, ଏମ୍‌କେସିଜି ମେଡିକାଲ କଲେଜ

### ଭାଙ୍ଗି ନ ପଡ଼ି ଦୃଢ଼ ହୁଅନ୍ତୁ



ଆତ୍ମହତ୍ୟା କେବଳ ସମାଧାନର ବାଟ ନୁହେଁ। ଝିଅମାନେ ସାଧାରଣତଃ ସରଳ ବିଶ୍ୱାସୀ। ସେମାନେ ଅନେକଙ୍କ ମନଲୋଭା କଥାକୁ ପରଖିପାରନ୍ତି ନାହିଁ। ସେଥିପାଇଁ ସେମାନଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ସେଥିରେ ଭାଙ୍ଗି ନ ପଡି ଦୃଢ଼ ହୁଅନ୍ତୁ। ସମାଧାନର ବାଟ ନିଜେ ବାହାର କରନ୍ତୁ। ନଚେତ୍ ନିଜ ପରିବାର ଓ ଆତ୍ମୀୟଙ୍କ ସହଯୋଗ ଲୋଡନ୍ତୁ। ଏଥିରେ ଅନେକ ସମସ୍ୟାର ସମାଧାନ ହୋଇପାରିବ। ଏହାଦ୍ୱାରା ଆମେ ଭୁଲ୍ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିପାରିବା।

- ଆସ୍ମି ଆଶିଷା ମହାନ୍ତି, ଯୁକ୍ତ ୩ କଳା ପ୍ରଥମ ବର୍ଷ ଛାତ୍ରୀ, ବ୍ୟାସନଗର ସ୍ୱୟଂଶାସିତ କଲେଜ, ଯାଜପୁର ରୋଡ୍, ଯାଜପୁର

### ଆତ୍ମହତ୍ୟା ସମାଧାନର ବାଟ ନୁହେଁ



ଆତ୍ମହତ୍ୟା କୌଣସି ସମସ୍ୟା ସମାଧାନର ବାଟ ନୁହେଁ। ପ୍ରତିକୂଳ ପରିସ୍ଥିତିର ସାମ୍ନା କରି ମାର୍ଗ ବାହାର କରିବାର ସାହସ ରଖିବା ଦରକାର। ଯୌଥ ପରିବାର ବିଘଟନ ପରେ ବର୍ତ୍ତମାନର ଏକାନ୍ନବର୍ତ୍ତୀ ପରିବାରରେ ଭାବର ଆଦାନପ୍ରଦାନ ଓ ସହନଶୀଳତାର ଘୋର ଅଭାବ ପରିଲକ୍ଷିତ ହେଉଛି। ପୁଣି ବିଦ୍ୟାଳୟ କି କଲେଜସ୍ତରରେ ପୂର୍ବଭଳି ଗୁରୁ-ଶିଷ୍ୟ ସମ୍ପର୍କ ଆଉ ଦୃଷ୍ଟିଗୋଚର ହେଉନାହିଁ। ଏପରିସ୍ଥଳେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ଯୁବପିଢ଼ିଙ୍କ ମାନସିକ ଚାପ ବୃଦ୍ଧିପାଉଛି। ତେଣୁ ସ୍କୁଲ ଏବଂ କଲେଜସ୍ତରରେ ସକାରାତ୍ମକ ଚିନ୍ତାଧାରାର ବିକାଶ ନେଇ ଶିକ୍ଷାଦାନ ଓ କାର୍ଯ୍ୟକ୍ରମ କରାଯିବାର ଆବଶ୍ୟକତା ରହିଛି।

- ସିଦ୍ଧିଶ୍ରୀ ବକ୍ସି, ଯୁକ୍ତ୩ ପ୍ରଥମ ବର୍ଷ, ସରକାରୀ ମହିଳା ମହାବିଦ୍ୟାଳୟ, ସମ୍ବଲପୁର

### ମନର କଥାକୁ ଅନ୍ୟକୁ ପରିପ୍ରକାଶ କରିବା ଆବଶ୍ୟକ



ଆତ୍ମହତ୍ୟା କରୁଥିବା ଛାତ୍ରୀଛାତ୍ରଙ୍କ ପ୍ରାୟ ୯୦ ପ୍ରତିଶତ କୌଣସି ନା କୌଣସି ମାନସିକ ଚାପ ରହିଥାଏ। ଏପରି ସମସ୍ୟା କେବଳ ଅଧିକ ଆଶା କରିବା ଦ୍ୱାରା ହୋଇଥାଏ। ୧୪ ବର୍ଷରୁ କମ୍ ବୟସର ପିଲା ଆତ୍ମହତ୍ୟା କରିଥାଏ, ଯେତେବେଳେ ସେ ତାଙ୍କ ମା'ବାପାଙ୍କୁ ହରାଇଥାଏ। ହେଲେ ଏବେ ଲୋକେ ପାଶ୍ଚାତ୍ୟ ସଭ୍ୟତାକୁ ବହୁ ଆପଣାଇଛନ୍ତି। ଲୋକେ ଏବେ ଅନ୍ୟଠୁ ଦୂରେଇ ରହିବାକୁ ପସନ୍ଦ କରି ମୁଖ୍ୟତଃ ସାମାଜିକ ଗଣମାଧ୍ୟମକୁ ଆପଣାଉଛନ୍ତି, ଯାହାକି ଆତ୍ମହତ୍ୟାର ଅନ୍ୟ ଏକ କାରଣ। ସେହିପରି ଅଭିଭାବକଙ୍କ ଚାପ, ପ୍ରେମ ସମ୍ପର୍କ, ବନ୍ଧୁତା ଓ ନିଶା ସେବନ ଯୋଗୁ ମଧ୍ୟ ନାନା ସମସ୍ୟା ସୃଷ୍ଟି ହେଉଛି, ଯାହାଦ୍ୱାରା ଛାତ୍ରୀଛାତ୍ର ଓ ଯୁବପିଢ଼ିମାନେ ନିଜ ମନର କଥାକୁ ପରିପ୍ରକାଶ ନ କରି ପାରି ଏହି ଆତ୍ମହତ୍ୟା ବାଟକୁ ଆପଣାଇଥାନ୍ତି। ଏହାକୁ ରୋକିବାକୁ ହେଲେ ପ୍ରତ୍ୟେକ ଅଭିଭାବକ ଓ ମଣିଷମାନେ ଯେବେ କୌଣସି ବ୍ୟକ୍ତି ବିଚଳିତ ହେଉଥିବା ଅନୁଭବ କରିବେ ସେ ସମୟରେ କିଛି ସମୟ ତାଙ୍କୁ ଦେବା ସହ ଦୁଇ ପଦ କଥା ଶୁଣିବା ଏବଂ ଡାକ୍ତରର ପରାମର୍ଶ କରି କାଉନ୍‌ସେଲିଂ କରିବା ଦ୍ୱାରା ଏହାକୁ ରୋଗା ଯାଇପାରିବ।

- ଡାକ୍ତର ସମ୍ରାଟ କର, ମାନସିକ ରୋଗ ବିଭାଗ, କଟକ

### ସମସ୍ୟାର ସମାଧାନ ରାସ୍ତା ବାହାର କରିବା ଜରୁରୀ



ଆଜିକାଲି ପ୍ରାୟତଃ ଛାତ୍ରୀଛାତ୍ର ନିଜ ଅଭିଭାବକଙ୍କ ସହ ନିଜ ସମସ୍ୟା ନେଇ ଆଲୋଚନା କରୁନାହାନ୍ତି। ଯାହାଦ୍ୱାରା ମାନସିକ ଚାପ ବଢ଼ିଥାଏ। ଏହାକୁ ଏଡାଇବା ପାଇଁ ଅଧିକରୁ ଅଧିକ ସାଙ୍ଗ ବନାଇବା ସହ ନିଜ ପରିବାର ଲୋକଙ୍କ ସହ ସମସ୍ତ ସମସ୍ୟା ବିଷୟରେ ଆଲୋଚନା କରିବା ଆବଶ୍ୟକ। ପ୍ରତ୍ୟେକ ଛାତ୍ରୀଛାତ୍ର ସମସ୍ୟାର ସମାଧାନ ରାସ୍ତା ବାହାର କରିବା ଜରୁରୀ।

- ଡା. ଈପ୍ସିତା ମହାରଣା, ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ଦ୍ୱିତୀୟ ବର୍ଷ ଛାତ୍ରୀ

### ସ୍କୁଲ, କଲେଜରେ କାଉନ୍‌ସେଲିଂ ବ୍ୟବସ୍ଥା କରିବା ଆବଶ୍ୟକ



ଆଜିକାଲିର ପିଲାମାନେ ସାମାଜିକ ସମ୍ପର୍କ ଏବଂ ପରିବାରବର୍ଗଙ୍କ ସହିତ ସମୟ ବିତାଇବା ବଦଳରେ ମୋବାଇଲ ଓ ସୋସିଆଲ ମିଡିଆରେ ଅଧିକ ସମୟ ଅତିବାହିତ କରୁଛନ୍ତି। ଏହାଦ୍ୱାରା ସାମାଜିକ ଓ ପାରିବାରିକ ସମ୍ପର୍କରୁ ଏକପ୍ରକାର ଦୂରେଇ ଯାଇଛନ୍ତି। ଫଳରେ କିଛି ସମସ୍ୟା ହେଲେ ମା'ବାପା, ସମ୍ପର୍କୀୟ ଓ ବନ୍ଧୁଙ୍କୁ ଜଣାଇବା ବଦଳରେ ଭୟରେ ଆତ୍ମାହୁତି ଦେଉଛନ୍ତି। ତେଣୁ ଏ ନେଇ ସ୍କୁଲ ଓ କଲେଜରେ ଏକ ବିଶେଷ ତାଲିମ ପ୍ରଦାନ ସହିତ ସୋସିଆଲ ଫ୍ରେଣ୍ଡ୍‌ଲି କରାଇବା ପାଇଁ କାଉନସେଲିଂର ଆବଶ୍ୟକତା ରହିଛି।

- ସନ୍ତୋଷ କୁମାର ସାହୁ, ଅଭିଭାବକ, ରାୟଗଡ଼ା

# ଅଙ୍ଗଦାନ ସମ୍ପର୍କରେ ଅଧିକ ସଚେତନତାର ଆବଶ୍ୟକତା ରହିଛି

## ଆଜି ବିଶ୍ୱ ଅଙ୍ଗଦାନ ଦିବସ



ଅଙ୍ଗଦାନ ଏକ ମହାନ୍ କାମ। ଏହି ଧାରାରେ କେତେକ ନିଜକୁ ସାମିଲ କରିସାରିଛନ୍ତି। ଜଣେ ବ୍ୟକ୍ତିଙ୍କର ଜୀବନ ବଞ୍ଚାଇବାରେ ଏହା ଅନେକାଂଶରେ ସହାୟକ ହୋଇଥାଏ। ଏ ବିଷୟରେ ଜନସାଧାରଣଙ୍କୁ ଅଧିକ ସଚେତନ କରିବା ଲାଗି ପ୍ରତିବର୍ଷ ଅଗଷ୍ଟ ୧୩ରେ 'ବିଶ୍ୱ ଅଙ୍ଗଦାନ ଦିବସ' ପାଳନ କରାଯାଇଥାଏ। ଏହାର ଆବଶ୍ୟକତା ବିଷୟରେ ସମସ୍ତେ ଅବଗତହେବା ନିହାତି ଦରକାର। ଆଜିକାଲି ଦୁର୍ଘଟଣା ଯେଉଁଭଳି ବଢ଼ିଚାଲିଛି ସେହି ଅନୁସାରେ କେତେଜଣ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ ଅଙ୍ଗଦାନର ଆବଶ୍ୟକତା ରହିଛି। ମୃତ୍ୟୁ ସତ୍ୟ–ଏକଥାକୁ ଆମକୁ ଗ୍ରହଣ କରିବାକୁ ପଡ଼ିବ। ହେଲେ ଅଙ୍ଗଦାନ ଦ୍ୱାରା ହୁଏତ ଜଣେ ଗୁରୁତର ରୋଗୀ ଆରୋଗ୍ୟ ଲାଭ କରିପାରେ। ଜଣେ ଜୀବିତ ବ୍ୟକ୍ତି ନିଜର ହୃତ୍‌ପିଣ୍ଡ, ଆଖି, କିଡ୍‌ନୀ, ଲିଭର, ଫୁସ୍‌ଫୁସ୍, ପାନ୍‌କ୍ରିୟାସ୍, ଇଣ୍ଟେଷ୍ଟାଇନ୍ ଭଳି ଅଙ୍ଗଦାନକରି ଅନ୍ୟ ଜଣଙ୍କର ଜୀବନ ବଞ୍ଚାଇ ପାରିବେ। ଆଇନ ଅନୁସାରେ ଯଦି ଜଣେ ଅଙ୍ଗଦାନ କରିବାକୁ ଚାହାନ୍ତି ତାହା ତାଙ୍କର ପରିବାର ସଦସ୍ୟଙ୍କ ନିଷ୍ପତ୍ତି ଉପରେ ନିର୍ଭର କରିଥାଏ। କିନ୍ତୁ ଏହା ପୂର୍ବରୁ ବ୍ରେନ୍ ଡେଥ୍ ହେବା ଦରକାର। ୧୯୫୪ ମସିହାରେ ଡା. ନି ଜୋଶେଫ ଇ. ମୁରେୟେଙ୍କ ଦ୍ୱାରା ପ୍ରଥମ ଥର ପାଇଁ କିଡ୍‌ନୀ ପ୍ରତିରୋପଣ ସଫଳତାର ସହ କରାଯାଇପାରିଥିଲା। ହେଲେ ଜଣେ ଅଙ୍ଗଦାନ କରିବା ପୂର୍ବରୁ ନିଜର ସ୍ୱାସ୍ଥ୍ୟ ବିଷୟରେ ଅବଗତ ହେବା ଦରକାର। ଏଚ୍‌ଆଇଭି, କ୍ୟାନ୍‌ସର ଭଳି ରୋଗରେ ପୀଡ଼ିତ ବ୍ୟକ୍ତିମାନେ ଅଙ୍ଗଦାନ କରିପାରିବେ ନାହିଁ। ଅଙ୍ଗଦାନ ନିଷ୍ପତ୍ତି ନେବା ପରେ ସେହି ଅଙ୍ଗ ପ୍ରତିରୋପଣ ପାଇଁ କେତେ ଠିକ୍ ଅଛି ତାହାକୁ ଡାକ୍ତରମାନେ ତନ୍ନତନ୍ନକରି ତର୍ଜମା କରିଥାଆନ୍ତି।

# ଅନ୍ତର୍ଜାତୀୟ ବାମହାତୀ ଦିବସ



ବାମହାତୀ ବ୍ୟକ୍ତିଙ୍କ ସ୍ୱାତନ୍ତ୍ର୍ୟ ସମ୍ପର୍କରେ ଜଣାଇବା ଲାଗି ପ୍ରତିବର୍ଷ ଅଗଷ୍ଟ ୧୩ରେ ପାଳନ କରାଯାଏ ବାମହାତୀ ଦିବସ। ୧୯୭୬ ମସିହାରେ ବାମହାତୀ କ୍ଲବର ପ୍ରତିଷ୍ଠାତା ଡିନ୍ ଆର୍. କ୍ୟାମ୍ପବେଲ ପ୍ରଥରେ ଏହି ଦିବସ ପାଳନ କରିଥିଲେ। ଏହି ଦିବସଟି ମୁଖ୍ୟତଃ ବାମହାତୀ ବ୍ୟକ୍ତି ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜ ଏବଂ ଅଭିଜ୍ଞତା ବିଷୟରେ ସଚେତନତା ସୃଷ୍ଟି ପାଇଁ ଆରମ୍ଭ କରାଯାଇଥିଲା। ତଥ୍ୟ ଅନୁଯାୟୀ, ବିଶ୍ୱ ଜନସଂଖ୍ୟାର ୭ରୁ ୧୦ ପ୍ରତିଶତ ବାମହାତୀ ବ୍ୟକ୍ତି। ଅପରପକ୍ଷେ ବିଭିନ୍ନ ଗଣମାଧମ ଏବଂ ବାଣିଜ୍ୟିକ ସଂଘ ଏହି ଦିବସକୁ ସ୍ୱୀକୃତି ଦେବା ପାଇଁ ସଫଳ ବାମହାତୀ ବ୍ୟକ୍ତିଙ୍କର ଏକକାଳୀନ ପୋଷ୍ଟ ଏବଂ ସଂକଳନ କରିଛନ୍ତି। ତେବେ ଏଠାରେ କେତେଜଣ ବିଶିଷ୍ଟ ବାମହାତୀଙ୍କ ବିଷୟରେ ସୂଚିତ କରାଯାଉଛି। ସେମାନଙ୍କ ମଧରେ ଅଛନ୍ତି ଜାତିର ପିତା ମହାତ୍ମା ଗାନ୍ଧୀ, କ୍ୟାଥୋଲିକ୍ ସନ୍ଥ ମଦର ଟେରେସା, ପ୍ରସିଦ୍ଧ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ, ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନ, ଦିବଂଗତ ବିଶିଷ୍ଟ ଶିଳ୍ପପତି ରତନ ଟାଟା, କ୍ରିକେଟର ସଚିନ ତେନ୍ଦୁଲକର, ବିଶିଷ୍ଟ ଉଦ୍ୟୋଗୀ ତଥା ମେଟା ସିଇଓ ମାର୍କ ଜୁକରବର୍ଗ, ହଲିଉଡ୍ ଅଭିନେତା ଚାର୍ଲି ଚାପ୍‌ଲିନ, ଅଭିନେତା ରଜନୀକାନ୍ତ, ହଲିଉଡ୍ ଅଭିନେତ୍ରୀ ଆଞ୍ଜେଲିନା ଜୋଲି, ଗାୟିକା ଆଶା ଭୋଁସ୍‌ଲେ, ପପ୍‌ଷ୍ଟାର ମାଇକେଲ ଜ୍ୟାକ୍‌ସନ, ଟେନିସ୍ ଖେଳାଳି ମାର୍ଟିନା ନାଭ୍ରାଟିଲୋଭାଙ୍କ ଭଳି ବହୁ ବ୍ୟକ୍ତିତ୍ୱ ଏହି ବାମହାତୀ ତାଲିକାରେ ସାମିଲ ଅଛନ୍ତି।

## ରାଜ୍ୟ ଖବର

# ୧୦ ହଜାର ଆଦିବାସୀ ଭାଷା ଶିକ୍ଷକ ନିଯୁକ୍ତ ହେବେ

ଭୁବନେଶ୍ୱର,୧୨।୮(ସୁଚିସ୍ମିତା ସାହୁ)

ରାଜ୍ୟରେ ଆଦିବାସୀ ଭାଷାକୁ ଅବହେଳା କରାଯାଉଛି। ତେଣୁ ଆଦିବାସୀ ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ଡ୍ରପ୍ ଆଉଟ୍ ହାର ବଢୁଛି। ଆଦିବାସୀ ପିଲାମାନେ ନିଜ ଭାଷାର ଶିକ୍ଷକ ପାଉ ନ ଥିବାବେଳେ ଅନ୍ୟ ଭାଷା ବୁଝିବାରେ ସମସ୍ୟା ସୃଷ୍ଟି ହେଉଛି। ବିଭାଗ ପକ୍ଷରୁ ଏହି ସମସ୍ୟା ଦୂର କରାଯିବା ସହ ଆଦିବାସୀ ଛାତ୍ରୀଛାତ୍ରଙ୍କୁ କିଭଳି ଶିକ୍ଷା ପ୍ରତି ଉତ୍ସାହିତ କରାଯାଇପାରିବ ତାହାକୁ ଦୃଷ୍ଟିରେ ରଖି ୧୦ହଜାର ବହୁମୁଖୀ ଭାଷାଗତ ଶିକ୍ଷକ (ଏମ୍‌ଏଲ୍‌ଇ) ନିଯୁକ୍ତି କରାଯିବାକୁ ସ୍ଥିର ହୋଇଛି। ଏନେଇ ସରକାରଙ୍କୁ ଏକ ପ୍ରସ୍ତାବରେ ସୁପାରିସ କରାଯାଇଛି। ଏହି ପ୍ରସ୍ତାବରେ ମୁଖ୍ୟମନ୍ତ୍ରୀଙ୍କ ମୋହର ବାଜିଲେ ଆଦିବାସୀ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ବୋଲି ଜଣାପଡ଼ିଛି। ଏ ସଂକ୍ରାନ୍ତରେ ନିକଟରେ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଦୁର୍ଗାପ୍ରସାଦ ମହାପାତ୍ର ସମସ୍ତ ବିଭାଗୀୟ ନିର୍ଦ୍ଦେଶକଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ରାଜ୍ୟରେ ସମୁଦାୟ ଜନସଂଖ୍ୟାର ୨୨.୧୩ ପ୍ରତିଶତ ଆଦିବାସୀ ବର୍ଗର ରହିଛନ୍ତି। ରାଜ୍ୟରେ ୭୨ ପ୍ରକାର ଆଦିବାସୀ ମାତୃଭାଷା ରହିଥିବାବେଳେ ୨୮ଟି ଭାଷାରେ ସେମାନେ ସଂଘବଦ୍ଧ ଅଛନ୍ତି। ଭାଷାଗତ ପ୍ରତିବନ୍ଧକ ରହିଥିବାରୁ ପିଲାମାନେ ଠିକଣା ଭାବେ ଶିକ୍ଷା ପାଇପାରୁନାହାନ୍ତି। ଫଳରେ ଡ୍ରପ୍‌ଆଉଟ ହାର ବଢୁଛି। ଜାତୀୟ ଶିକ୍ଷା ନୀତି–୨୦୨୦ରେ ବହୁମୁଖୀ ଭାଷା ଶିକ୍ଷକ ପ୍ରଣୟନ କରିବାର ବ୍ୟବସ୍ଥା ରହିଛି। ତେଣୁ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷାଦାନ ଦେବାକୁ ପଡ଼ିବ। ସମ୍ପ୍ରତି ରାଜ୍ୟର ୧୭ଟି ଜିଲାରେ ୨୧ପ୍ରକାର ଆଦିବାସୀ ଭାଷାରେ ଶିକ୍ଷାଦାନ କରାଯାଉଛି। ୧୩୧୭ଟି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ୩,୧୮୮ଜଣ ଏମ୍‌ଏଲ୍‌ଇ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଆଗାମୀ ଦିନରେ ଏହାକୁ ସମ୍ପୂର୍ଣ୍ଣ ରାଜ୍ୟରେ ସମ୍ପ୍ରସାରଣ କରାଯିବ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୧୦ହଜାର ଶିକ୍ଷକ ନିଯୁକ୍ତି ପାଇଁ ପ୍ରସ୍ତୁତି ଚାଲିଛି। ମାତ୍ର ପରବର୍ତ୍ତୀ ସମୟରେ ଅଧିକ ଏମ୍‌ଏଲ୍‌ଇ ଶିକ୍ଷକ ପର୍ଯ୍ୟାୟକ୍ରମେ ନିଯୁକ୍ତ କରାଯିବା ଲାଗି ବିଭାଗ ପକ୍ଷରୁ ପ୍ରସ୍ତାବ ରହିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
Experienced ELECTRICAL SITE ENGINEERS with AutoCad Skills for Hospital project at Bhubaneswar. Walk-in-Interview on 13.08.2025 from 11 AM onwards at Administrative Block, 2nd Floor, Hi-Tech Hospital & Medical College, Pandra, Bhubaneswar.
Contact Person
Abinash Rautaray : 63713 82526

See Career Appointment on every Wednesday & Saturday

ski WANTED
A LEADING FINANCIAL SERVICES MARKETING COMPANY REQUIRES
AREA MANAGER
FOR SELLING MOTOR INSURANCE
CTC Rs. 3.5- 4.5 LACS/ANNUM
PREFERABLY FROM GENERAL INSURANCE COMPANIES OR INSURANCE BROKING COMPANIES WITH 3 TO 4 YEARS OF EXPERIENCE.
LOCATION
ROURKELA, SAMBALPUR, BHADRAK, BALASORE, BARIPADA, CUTTACK, PARADEEP, JEYPORE, BERHAMPUR / GOPALPUR
send your RESUME to
resume@skiretail.in
9840335849
Ski Retail Capital limited
No.1, Sambandam Street,
T Nagar Chennai-600017.

ROHAN AUTORIDERS HIRING
(Authorised Hero MotoCorp Dealer)
Open Roles :
- Frontline Supervisor
- Floor Supervisor
- Billing Executive
- Technicians / Mechanics
- Insurance Executive
- Sales Executives
Candidates are preferred to have existing experience in two wheeler segment.
Bhubaneswar 8018370072
rohandubey231@gmail.com

FAKIR MOHAN UNIVERSITY
Vyasa Vihar, Nuapadhi, Balasore-756089
ADMISSION ANNOUNCEMENT : 2025-26
PGDCA COURSE
No : FMU/PGC-I-45/2025/1147 Dt.12.08.2025
In continuation to this Office Notification No. FMU/PGC/I-45/2025/949 dt.02.07.2025, the last date of submission of Application Forms for PGDCA is extended up to 30.08.2025. Desirous students may download the application form available in the website www.fmuniversity.nic.in and apply by the above dates with required fees & other documents.
Sd./- Chairman, P.G. Council

OFFICE OF THE EXECUTIVE ENGINEER
ROAD CONSTRUCTION DEPARTMENT
ROAD DIVISION, DUMKA
3rd CORRIGENDUM
TENDER REFERENCE No.- RCD/DUMKA/975
PR 354584 Road(25-26):D, PR 355582 Road (25-26)_D & PR 358355 Road (25-26)D
NAME OF THE WORK - Widening, Strengthening & Reconstruction work of Kothiya (NH 133) – Dighi-Gadi Jhopa-Parariya-Champagarh Road (Total Length-17.2015 Km) for the year 2025-26.
Job No. CRF-JHR-2025-26-73
CORRIGENDUM DETAIL OF NIT

| | | |
|---|---|---|
| 4 | Last date/Time for receipt of bids | 23.09.2025 at 10.30 A.M in place of 08.09.2025 Up to 12.00 Noon. |
| 5 | Date of Publication of Tender on website | 19.08.2025 at 10.30 A.M in place of 12.08.2025 |
| 6 | Pre Bid Meeting | 25.08.2025 at 10.30 A.M in place of 18.08.2025 at 11.00 A.M |

Other terms and conditions shall remain unchanged.
Executive Engineer
Road Construction Department,
Road Division, Dumka
PR 359406 Road (25-26)_D

Govt. of Jharkhand, Energy Department
Jharkhand Renewable Energy Development Agency (JREDA)
3rd Floor, S.L.D.C. Building, Kusai Colony, Doranda, Ranchi-834002. Ph.: 0651-2491161, Fax: 0651-2491165,
E-mail: info@jreda.com; Website: www.jreda.com
e-Procurement Notice
Tender reference no.: 11/JREDA/SPP/ES/25-26 Dated: 11.08.2025

| | | |
|---|---|---|
| 1 | Name of the work | Request for Proposal (RFP) for Design, Engineering, Procurement & Supply, Construction, Commissioning and Comprehensive Operation & Maintenance of Cumulative 05 MW (AC) Grid Connected Ground Mounted Solar Power Plant, for a period of 25 years on Government Land at East Singhbhum District of Jharkhand. |
| 2 | Estimated Cost | Rs. 43.93 Crores (inclusive of GST) |
| 3 | Time of completion | 12 (Twelve) Months |
| 4 | Date of publication of NIT on website: http:// jharkhandtenders.gov.in | 18.08.2025 (Monday) |
| 5 | Date & time of Pre-bid meeting | 25.08.2025 (Monday)at 1.00 P.M. |
| 6 | Last date & time for receipt of online bids | 10.09.2025 (Wednesday)up to 05:00 PM |
| 7 | Submission of Bid fee and EMD through Online Via SBI Payment Gateway of Jharkhand Tenders. | 10.09.2025 (Wednesday)up to 05:00 PM |
| 8 | Technical Bid Opening Date | 12.09.2025 (Friday) at 3.00 P.M. |
| 9 | Name & address of office inviting tender | Director, Jharkhand Renewable Energy Development Agency(JREDA) 3rd Floor, SLDC Building, Kusai, Doranda, Ranchi- 834002 (Jharkhand) |
| 10 | Contact no. of procurement officer | 0651-2491167/68/61/7903935514 |
| 11 | Helpline no. of e-procurement | 0651-2491167/68/61 |

Any corrigendum/addendum can be seen on website: http:// jharkhand tenders.gov.in & www.jreda.com. Further details can be seen on website: http://jharkhandtenders.gov.in & www.jreda.com
Sd/-
Director, JREDA, Ranchi
PR.NO.359402 Energy(25-26):D

## ବସ୍ ଟର୍ମିନାଲରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ଭବାନୀପାଟଣା (ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବସ୍ ଟର୍ମିନାଲରୁ ମଙ୍ଗଳବାର ସକାଳେ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ସ୍ଥାନୀୟ ପୋଲିସ ଜବତ କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ଜଣାପଡି ନ ଥିବାବେଳେ ମୃତ୍ୟୁର କାରଣ ମଧ୍ୟ ଅସ୍ପଷ୍ଟ ରହିଛି। ଫଳରେ ବ୍ୟବଚ୍ଛେଦ ପରେ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟର ଶବ ଗୃହରେ ରଖାଯାଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ୨ଶହ ମିଟର ତ୍ରିରଙ୍ଗା ଧରି ଗ୍ରାମ ପରିକ୍ରମା

ନୂଆପଡ଼ା,୧୨।୮ (ମକାରୁ ବେମାଲ): ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ପ୍ରକଳ୍ପ ସଂଯୋଜକ ସମଗ୍ର ଶିକ୍ଷା ନୂଆପଡ଼ାଙ୍କ ନିର୍ଦ୍ଦେଶ କ୍ରମେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁଲିଆବନ୍ଧାଠାରେ ମଙ୍ଗଳବାର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମୀର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶୋଭାଯାତ୍ରାରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ସ୍କାଉଟ ଗାଇଡ ଓ ସମସ୍ତ ଛାତ୍ରୀଛାତ୍ର ୨ ଶହ ମିଟର ଲମ୍ବ ତ୍ରିରଙ୍ଗା ପତାକା ଧରି ଗ୍ରାମ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ଖେଦୁରାମ କେଉଟ, ଲୋଭିତ ଶବର, ହିରାଲାଲ ପଟେଲ, ଥାନସିଂ ଠାକୁର, ମୋହିତ ନାୟକ, ମନୋଜ ବରଦିହା, ପବନ ସିଂ ପ୍ରମୁଖ ସାମିଲ ହୋଇଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ଖଡ଼ିଆଳ,୧୨।୮ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ଶିଶୁ ବିଦ୍ୟା ମନ୍ଦିରଠାରେ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ବିଇଓ କାହ୍ନୁ ଚରଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ମାର୍ଗଦର୍ଶନ କରିଥିଲେ। ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତଥା ସଙ୍କୁଳ ସଂଯୋଜକ ଜଗଦୀଶ ପୁଟେଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପରିଚାଳନା ସମିତି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର କର୍ମୀ, ସଭାପତି ଲୋହିତାକ୍ଷ ଯୋଷୀ, ଉପସଭାପତି ଆଦିତ୍ୟ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ବିଚାରକ ଭାବରେ ବିଜ୍ଞାନ ଶିକ୍ଷକ ଅଶୋକ ବେହେରା, ସିଦ୍ଧାର୍ଥ ଦାସ, ଗୌରାଙ୍ଗ କୁମାର ସାହୁ, ସଙ୍ଗୀତା ବେହେରା, ଜୟଶ୍ରୀ ଦଣ୍ଡସେନା ଯୋଗଦେଇଥିଲେ। ୧୦ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତଥା ପରିଚାଳକ ପ୍ରତିଯୋଗିତା ପରିଚାଳନା କରିଥିଲେ।

### ଉନ୍ନୟନ କାର୍ଯ୍ୟ ନିମ୍ନମାନର, ଜିଲାପାଳଙ୍କୁ ଅଭିଯୋଗ

କେସିଙ୍ଗା,୧୨।୮ (ତୁମେଶ୍ୱର ସାହୁ): କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସିର ୱାର୍ଡ ନମ୍ବର ୧ରେ ହୋଇଥିବା ଉନ୍ନୟନ କାର୍ଯ୍ୟ ନିମ୍ନମାନର ନେଇ ୪ଜଣ କାଉନ୍‌ସିଲର ଜିଲାପାଳ ଓ ଭିଜିଲାନ୍ସରେ ଅଭିଯୋଗ କରିଛନ୍ତି। ବଗାଡ଼ ଗ୍ରାମରେ ୩୫,୩୧,୪୬୭ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା କଂସେଇଖାନା ଓ ମାର୍କେଟ କମ୍ପ୍ଲେକ୍ସର ଶୁଭ ଉଦ୍‌ଘାଟନ ଆସନ୍ତା ୩୧ ତାରିଖରେ କରାଯିବା ନେଇ ଏନ୍‌ଏସି ପକ୍ଷରୁ ଧାର୍ଯ୍ୟ ହୋଇଛି। ହେଲେ ଏହା ପୂର୍ବରୁ କାଉନସିଲରଙ୍କ ଅଭିଯୋଗ ସମସ୍ତଙ୍କୁ ଚକିତ କରିଛି। ସୂଚନା ଅନୁସାରେ ଉକ୍ତ ଉନ୍ନୟନ କାର୍ଯ୍ୟ ମଞ୍ଜୁରୀ ପାଇଁ କାଉନସିଲ ବୈଠକରେ ଉକ୍ତ ୪ ଜଣ କାଉନସିଲର ଦସ୍ତଖତ କରିଛନ୍ତି। ଏ ସଂକ୍ରାନ୍ତରେ କେସିଙ୍ଗା ଏନ୍‌ଏସି ଅଧ୍ୟକ୍ଷ ନୃପରାଜ ଯାଦବଙ୍କୁ ପଚାରିବାରୁ ୪ଜଣ କାଉନ୍‌ସିଲର କରିଥିବା ଅଭିଯୋଗ ଭିତ୍ତିହୀନ ଓ ତାହାର କୌଣସି ସତ୍ୟତା ନାହିଁ। ଚଳିତ ମାସ ୩୧ ତାରିଖରେ ଉଦ୍‌ଘାଟନ ହେବାକୁ ଥିବା କଂସେଇଖାନା ଓ ମାର୍କେଟ କମ୍ପ୍ଲେକ୍ସକୁ ବିରୋଧ କରି ମୋତେ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି। ସବୁପ୍ରକାର ତଦନ୍ତର ସାମ୍ନା କରିବାକୁ ପ୍ରସ୍ତୁତ ଅଛି ବୋଲି ଅଧ୍ୟକ୍ଷ ପ୍ରକାଶ କରିଥିଲେ।

### ଆଦର୍ଶ ଶିକ୍ଷୟିତ୍ରୀଙ୍କ ପରଲୋକ

ବଲାଙ୍ଗୀର,୧୨।୮ (ବୀରେନ୍ଦ୍ର କୁମାର ଝାଙ୍କର)

ପୂର୍ବତନ ଆଦର୍ଶ ଶିକ୍ଷୟିତ୍ରୀ ତଥା ସହରର ଜଣାଶୁଣା ଡା. ହାଡିବନ୍ଧୁ ଶତପଥୀଙ୍କ ସ୍ତ୍ରୀ ତୃପ୍ତିମୟୀ ମିଶ୍ର (୭୪)ଙ୍କ ଭୁବନେଶ୍ୱରସ୍ଥ ଏକ ହସ୍ପିଟାଲରେ ରବିବାର ପରଲୋକ ହୋଇଛି। ବଲାଙ୍ଗୀର ସହରର ବିଭିନ୍ନ ସ୍କୁଲରେ ଦୀର୍ଘ ବର୍ଷ ଧରି ଶିକ୍ଷାଦାନ କରି ବହୁ କୃତୀ ଛାତ୍ରୀଛାତ୍ର ସୃଷ୍ଟି କରିଥିବା ତୃପ୍ତିମୟୀ ୨୦୧୧ରେ ଚାକିରୀରୁ ଅବସର ନେଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ଡା. ଶତପଥୀ, ଦୁଇ ପୁଅ ଦେବାଶିଷ ଓ ଶୁଭାଶିଷ, ଦୁଇ ବୋହୂ, ଝିଅଙ୍କ ଉପସ୍ଥିତ ଥିଲେ। ବିଜାଖମନସ୍ଥିତ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।



ତୃପ୍ତିମୟୀ ମିଶ୍ର

# ବଦଳି ପରେ ବି ସ୍କୁଲ ଛାଡୁନାହାନ୍ତି ଶିକ୍ଷୟିତ୍ରୀ

ଲାଞ୍ଜିଗଡ଼, ୧୨।୮ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍ ବନ୍ଧପାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ସହ ଶିକ୍ଷୟିତ୍ରୀ ବଦଳି ପରେ ହାଇକୋର୍ଟରୁ ରହିତାଦେଶ ଆଣିଥିବା ବେଳେ ଏହାକୁ ବିରୋଧ କରିଛନ୍ତି ବନ୍ଧପାରି ଗ୍ରାମବାସୀ। ସେମାନେ ଶିକ୍ଷୟିତ୍ରୀ ଜଣଙ୍କୁ ସ୍କୁଲରେ ପୂରାଇ ନ ଦେଇ ଗେଟ୍ ସମ୍ମୁଖରେ ଧାରଣା ଦେଇଛନ୍ତି। ସୂଚନା ଅନୁସାରେ, ଅଞ୍ଚଳବାସୀଙ୍କ ଅଭିଯୋଗ ଓ କଳାହାଣ୍ଡି ସାଂସଦ, ବିଧାୟକ ଓ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷା ଅଧିକାରୀ ଲାଞ୍ଜିଗଡ଼ ବ୍ଲକ୍‌ର ୯ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବିଭିନ୍ନ ବ୍ଲକକୁ ବଦଳି କରିଥିଲେ। ଗତ ଜୁଲାଇ ୨୧ରେ ଡିଇଓ ଚିଠି ନଂ.୫୮୪୦ରେ ଭବାନୀପାଟଣା ସଦର ବ୍ଲକରେ ୫ ଜଣ, କେସିଙ୍ଗା ବ୍ଲକରେ ଜଣେ ଓ ଲାଞ୍ଜିଗଡ଼ ବ୍ଲକ୍‌ରେ ୩ ଜଣକୁ ବଦଳି କରାଯାଇ ଅତିଶୀଘ୍ର ସ୍କୁଲ୍‌ଗୁଡିକଙ୍କରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ଲାଞ୍ଜିଗଡ଼ ବ୍ଲକ ବନ୍ଧପାରି ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହ ଶିକ୍ଷୟିତ୍ରୀ ପ୍ରଭାତୀ ନାଏକଙ୍କୁ ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ



ସ୍କୁଲ ଆଗରେ ଧାରଣା ଦେଇଛନ୍ତି ଗ୍ରାମବାସୀ।

ଘାଟିକୁଣ୍ଡରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି ହୋଇଥିଲା। ଅନୁରୂପ ଭାବେ ଘାଟିକୁଣ୍ଡରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହ ଶିକ୍ଷକ ମୀନକେତନ ତାଣ୍ଡିଙ୍କୁ ବନ୍ଧପାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିୟୋଜିତ କରିଥିଲେ। ହେଲେ ବନ୍ଧପାରି ସ୍କୁଲର ସହ ଶିକ୍ଷୟିତ୍ରୀ ପ୍ରଭାତି ନାଏକ ଘାଟିକୁଣ୍ଡରୁ ସ୍କୁଲକୁ ନ ଯାଇ ୨୪ ଜୁଲାଇଠାରୁ ୭ ଅଗଷ୍ଟ ପର୍ଯ୍ୟନ୍ତ ଛୁଟି ନେଇଥିଲେ। ଇତିମଧ୍ୟରେ ସେ ତାଙ୍କ ବଦଳିକୁ ନେଇ ଗତ ଅଗଷ୍ଟ ୪ରେ ହାଇକୋର୍ଟରେ କେସ୍ କରିବା ପରେ ଅଗଷ୍ଟ ୬ରେ ହାଇକୋର୍ଟ ପକ୍ଷରୁ ତାଙ୍କ ବଦଳିକୁ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଛୁଟିରେ ରହିଥିବା ଶିକ୍ଷୟିତ୍ରୀ ପ୍ରଭାତୀ ଅଗଷ୍ଟ ୮ରେ ବନ୍ଧପାରି ସ୍କୁଲକୁ ଆସିଥିଲେ। କିନ୍ତୁ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ରଘୁ ମାଝୀ ପ୍ରଭାତୀଙ୍କ ପାଖରେ ଶିକ୍ଷା ବିଭାଗ ପକ୍ଷରୁ କୌଣସି ନିର୍ଦ୍ଦେଶ ନ ଥିବା ଯୋଗୁ ମନା କରିଥିଲେ। ଶିକ୍ଷୟିତ୍ରୀ ଜଣଙ୍କ ଜୋର ଜବରଦସ୍ତ ରେଜିଷ୍ଟର ନେଇ ତାଙ୍କ ଦସ୍ତଖତ କରିଥିବା ରଘୁ ମାଝୀ ପ୍ରକାଶ କରିଛନ୍ତି। ପୂର୍ବରୁ ଗ୍ରାମବାସୀ ଶିକ୍ଷୟିତ୍ରୀଙ୍କ ନାଁରେ ବିଭିନ୍ନ ଅଭିଯୋଗ ବ୍ଲକ ଶିକ୍ଷା ବିଭାଗ ନିକଟରେ କରି ଆସୁଥିବା ବେଳେ ଶିକ୍ଷୟିତ୍ରୀଙ୍କ ଏଭଳି ଦାଦାଗିରିକୁ ବରଦାସ୍ତ

### ସ୍କୁଲ ଆଗରେ ଗ୍ରାମବାସୀଙ୍କ ଧାରଣା

କରାଯିବ ନାହିଁ ବୋଲି ବନ୍ଧପାରି ସରପଞ୍ଚ ଜଗବନ୍ଧୁ ମାଝୀ, ରାଧାମୋହନ ଦଳପତି, ଗୌର ଦଳପତି, ପ୍ରଫୁଲ୍ଲ ଦଳପତି, ସୁବାସ ପାତ୍ର, ଉଗ୍ରସେନ ବେହେରା, ଚତୁର୍ଭୁଜ ବିଭାର, ଉଗ୍ରସେନ ବିଭାର ପ୍ରମୁଖ ଗ୍ରାମବାସୀ ପୁନର୍ବାର ଶିକ୍ଷୟିତ୍ରୀ ଉପସ୍ଥିତିକୁ ନେଇ ସ୍କୁଲ ସମ୍ମୁଖରେ ଧାରଣା ଦେଇ ଏହାର ସମାଧାନ ନ ହେଲେ ଜିଲାପାଳଙ୍କୁ ସାକ୍ଷାତ କରିବୁ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଶିକ୍ଷୟିତ୍ରୀ ପ୍ରଭାତୀ ନାଏକଙ୍କୁ ପଚାରିବାରୁ କିଛି ଲୋକଙ୍କ ଚକ୍ରାନ୍ତକୁ ନେଇ ମୋତେ ବଦଳି କରି ମୋ ସ୍ଥାନରେ ଲେବୁଲ ୩ ସ୍ଥାନରେ ଜଣେ ଏକ୍ସକ୍ୟାଡର ଶିକ୍ଷକଙ୍କୁ ନିୟୋଜିତ କରିଛନ୍ତି ଯାହା ଠିକ ନୁହେଁ ବୋଲି ପ୍ରକାଶ କରିଛନ୍ତି। ଏ ନେଇ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରିଙ୍କୁ ପଚାରିବାରୁ ଜିଲା କମିଟି ପକ୍ଷରୁ ତାଙ୍କୁ ବଦଳି କରାଯାଇଛି। ଶିକ୍ଷୟିତ୍ରୀଙ୍କ ଅଭିଯୋଗ କୋର୍ଟକୁ ଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଶିକ୍ଷୟିତ୍ରୀ ସ୍କୁଲ ଯିବା ପାଇଁ ଅର୍ଡର ଦିଆଯାଇନାହିଁ। ଅର୍ଡର ପରେ ହିଁ ଯାଇପାରିବେ ବୋଲି ପ୍ରକାଶ କରିଥିଲେ।

# ସ୍ୱତନ୍ତ୍ର ଅତିଥି ଭାବେ ନୂଆଦିଲ୍ଲୀ ସ୍ୱାଧୀନତା ଦିବସରେ ଯୋଗଦେବେ କଳାହାଣ୍ଡିର ପୁଅ

ଭବାନୀପାଟଣା, ୧୨।୮ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ଯୁବ ଲେଖକ ଡିଲେଶ୍ୱର ରଣାଙ୍କୁ ନୂଆଦିଲ୍ଲୀସ୍ଥିତ ଲାଲକିଲ୍ଲାରେ ଆୟୋଜିତ ୭୯ତମ ସ୍ୱାଧୀନତା ଦିବସରେ ଯୋଗଦାନ ନିମନ୍ତେ ନିମନ୍ତ୍ରଣ ମିଳିଛି। ଭାରତ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଅତିଥି ଭାବେ ନିମନ୍ତ୍ରିତ ହୋଇ ସେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଉଛନ୍ତି। କଳାହାଣ୍ଡିର ଜଣେ ଯୁବଲେଖକ ଭାବେ ପ୍ରଥମଥର ପାଇଁ ଲାଲକିଲ୍ଲାସ୍ଥିତ କାର୍ଯ୍ୟକ୍ରମରେ ସାମିଲ ହେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜାତୀୟ ପତାକା ଉତ୍ତୋଳନ ଓ ଦେଶକୁ ସମ୍ବୋଧନ ପର୍ବରେ ସେ ଉପସ୍ଥିତ ରହିବେ। କଳାହାଣ୍ଡି ଜିଲା ନର୍ଲା ବ୍ଲକ ଧଅଁରାମାଲ ଗାଁରେ ଜନ୍ମିତ ଡିଲେଶ୍ୱରଙ୍କର ଗଳ୍ପ, କବିତା, ଫିଚର ଓ ଗୀତ ରଚନା, ଅଭିନୟ ଓ ଉପସ୍ଥାପନାରେ ରୁଚି ରହିଛି। ତାଙ୍କର ଟାଇମପାସ ପ୍ରକାଶିତ ଗଳ୍ପ ସଂକଳନ 'ସେଁରରା' ଓ ନ୍ୟାଶନାଲ ବୁକଟ୍ରଷ୍ଟ ପ୍ରକାଶିତ ଉପନ୍ୟାସ 'ମେଳିଭୂଇଁ' ପାଠକୀୟ ଆଦୃତି ଲାଭ କରିଛି। ସାରସ୍ୱତ ସାଧନା ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର,



ଯୁବ ଲେଖକ ଡିଲେଶ୍ୱର ରଣା।

ପ୍ରଧାନମନ୍ତ୍ରୀ ଯୁବା ମେଣ୍ଟରଶିପ, କଥା ନବପ୍ରତିଭା ପୁରସ୍କାର, କାଦମ୍ବିନୀ ଗଳ୍ପ ଉନ୍ମେଷ ପୁରସ୍କାର, ତପସ୍ୟା ସମ୍ଭାବନା ପୁରସ୍କାର, ପଲ୍ଲବନ ଶବ୍ଦ ସମ୍ମାନ, ଦେବଗିରି ଯୁବ ସମ୍ମାନ, କଳାହାଣ୍ଡି ଯୁବ ପ୍ରତିଭା ପୁରସ୍କାର ପାଇଛନ୍ତି। ସେହିପରି ଦେଶର ବିଭିନ୍ନ ମଞ୍ଚରେ ଅଭିନୟ କରିବା ସହ ବଲିଉଡ ଫିଲ୍ମ 'ଏ ରେଡ ଶାର୍ଟ'ରେ ଅଭିନେତା ରଘୁବୀର ଯାଦବଙ୍କ ସହ ଅଭିନୟ କରିଛନ୍ତି। ଜଣେ ଲେଖକ ଭାବେ ସେ ଜାତୀୟ ସ୍ୱାଧୀନତା ଦିବସ ଉତ୍ସବରେ ସାମିଲ ହେଉଥିବାରୁ ଜିଲାର ବହୁ ବ୍ୟକ୍ତିବିଶେଷ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।





କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ବାହାରିଥିବା ପଦଯାତ୍ରା।

# କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ପଦଯାତ୍ରା

ଭବାନୀପାଟଣା,୧୨।୮ (ଉତ୍ତମ କୁମାର ଦାଶ)

ବିଧାନସଭା କମିଟି ଦ୍ୱାରା ସୁପାରିଶ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ ପତ୍ର (ନଂ.୨୧୨୬୮)କୁ ତୁରନ୍ତ ମୁଖ୍ୟମନ୍ତ୍ରୀ ଅନୁମୋଦିତ କରି କାର୍ଯ୍ୟକାରୀ କରିବା ଦାବି ନେଇ ମଙ୍ଗଳବାର ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରିଛି। କଳାହାଣ୍ଡି କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଭବାନୀପାଟଣା ସହରସ୍ଥିତ ପୌରପାଳିକା କାର୍ଯ୍ୟାଳୟ ନିକଟରୁ ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ପଦଯାତ୍ରା କରାଯାଇଥିଲା। ଏଥିରେ ଜିଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ୭ ଶହରୁ ଊର୍ଦ୍ଧ୍ୱ କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଧାନସଭା କମିଟି ଦ୍ୱାରା ଗତ ୨ତାରିଖରେ ସୁପାରିଶ କରାଯାଇଥିବା କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକ (ଯୋଜନା ଭିତ୍ତିକ)ଙ୍କୁ ନିୟମିତ କରିବା, ଶିକ୍ଷା ବ୍ୟବସ୍ଥା ଆରମ୍ଭରୁ ନିୟମିତ ନିଯୁକ୍ତି, ୪୪ ହଜାର ନୂତନ ଶିକ୍ଷକ ପଦବୀ ସୃଷ୍ଟି କରିବା ନିମନ୍ତେ ସୁପାରିଶ କରାଯାଇଥିଲା। ଏପରିକି ବିଭାଗୀୟ ଅଧିକାରୀଙ୍କ ଅନୁମୋଦନକ୍ରମେ ଗଣଶିକ୍ଷା ବିଭାଗ ଏକ ବିଜ୍ଞପ୍ତି ଜାରି କରିଥିଲା। ହେଲେ ଏହି ବିଜ୍ଞପ୍ତି ବାହାରିବାର ୫ ଦିନ ପରେ ଉପଯୁକ୍ତ ସ୍ତରରେ ଏହାକୁ ଅନୁମୋଦନ କରାଯାଇନାହିଁ ବୋଲି ଦର୍ଶାଇ ସରକାର ପ୍ରତ୍ୟାହାର କରି ନେଇଛନ୍ତି। ଯାହାକୁ କନିଷ୍ଠ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆସନ୍ତା ୧୭ ତାରିଖ ସୁଦ୍ଧା ଦାବିଗୁଡିକୁ କାର୍ଯ୍ୟକାରୀ ନ କଲେ ରାଜ ରାସ୍ତାକୁ ଓହ୍ଲାଇବୁ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଜିଲା ସଭାପତି ବିମଳ ଦୀପ, ସମ୍ପାଦକ ଜ୍ୟୋତିଷ କୁମାର ନାଏକ, ଉପସଭାନେତ୍ରୀ ଅରୁଣା ମହାରଣା, ଉପଦେଷ୍ଟା ଆର୍‌ଆର୍ ବ୍ରହ୍ମା, ଅଜୟ ପଧାନ,ଏମ୍‌କେ ନନ୍ଦ ପ୍ରମୁଖ ଏହି ପଦଯାତ୍ରାର ନେତୃତ୍ୱ ନେଇଥିଲେ।

# ମା' ସର୍ବମଙ୍ଗଳା ଘାଟି ମୁଣ୍ଡିଆଣୀଙ୍କ ଡଙ୍ଗରଯାତ୍ରା

କୋକସରା,୧୨।୮ (ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ମା' ସର୍ବମଙ୍ଗଳା ଘାଟି ମୁଣ୍ଡିଆଣୀଙ୍କୁ ଗ୍ରାମବାସୀ କେଉଁ ଆବାହମାନ କାଳରୁ ପୂଜାକରି ଆସୁଛନ୍ତି। ଦେବୀଙ୍କ ଛତ୍ରଛାୟାରୁ ଗ୍ରାମବାସୀ ସୁସ୍ଥ ରହି ବସବାସ କରୁଥିବା ଯୋଗୁ ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ପରେ ପଡୁଥିବା ମଙ୍ଗଳବାର ଏହି ପୂଜା କରଥିଲେ। ଡଙ୍ଗର ଯାତ୍ରା ନାମରେ ନାମିତ ଏହି ପର୍ବରେ ଗ୍ରାମବାସୀ କାଳିସୀ ଓ ଲାଠି ଯାତ୍ରାରେ ବାହାରି ଜଙ୍ଗଲ ମଧ୍ୟରେ ଥିବା ଦେବୀଙ୍କ ଆସ୍ଥାନରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ଡଙ୍ଗର ଯାତ୍ରାରେ ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଯାତ୍ରା କମିଟି



ମନ୍ଦିର ପରିସରରେ ସମବେତ ଶ୍ରଦ୍ଧାଳୁ।

ସଭାପତି ହେମନ୍ତ ମାଝୀଙ୍କ ନେତୃତ୍ୱରେ ଗୋଟୋମୁଣ୍ଡା ଗ୍ରାମର ମଳୟ ବାଗ, ଶିରା ଦେବିସିଂ ମାଝୀ, ଅଖିଳ ମାଝୀ, ଅମୂଲ୍ୟ ମାଝୀ, ପୂର୍ଣ୍ଣଚନ୍ଦ୍ର ନାଏକ, ଭରତ ପୂଜାରୀ, ରତନ ମାଝୀ, ହିମାଂଚଳ ପୂଜାରୀ, ବଳରାମ ମାଝୀ, ମୁକୁନ୍ଦ ନାଗେସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଦେବୀଙ୍କ ସେବକ ମନୋହର ପୂଜାରୀ, ପୀତାମ୍ବର ପୂଜାରୀ, ବଳି ପୀଠ ପୂଜାରୀ ଗଣନାଥ ପୂଜାରୀ ଦେବୀଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ମାନସିକ ଧାରି ଶ୍ରଦ୍ଧାଳୁ ମା'ଙ୍କ ପାଖରେ ଶୁକ୍ଳଭୋଗ ସହ ରକ୍ତଭୋଗ ଅର୍ପଣ କରି ନିଜର ମାନସିକ ପୂରଣ କରିଥିଲେ।

# ଦେଓଗାଁ କଲେଜରେ ସଚେତନତା କାର୍ଯ୍ୟକ୍ରମ

ଦେଓଗାଁ,୧୨।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ତରଫରୁ ସ୍ଥାନୀୟ ଯୁକ୍ତ ଦୁଇ କଲେଜରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ କିଛିମାସ ହେଲା ନାରୀ ନିର୍ଯାତନା ଓ ଆତ୍ମହତ୍ୟା ବଢି ଚାଲିଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ପୋଲିସ କଲେଜରେ ପାଠ ପଢୁଥିବା ଛାତ୍ରୀଛାତ୍ରମାନଙ୍କୁ ସମସ୍ୟାର ସମାଧାନ କିପରି କରାଯାଇ ପାରିବ ସେ ଦିଗରେ ଆଲୋକପାତ କରିଥିଲେ। ଦେଓଗାଁ ଥାନାଧିକାରୀ ବୁଲୁ ମୁଣ୍ଡାଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଡିଏସପି ସମର୍ଥ କେ. ବେହେରା, କଲେଜ ଅଧ୍ୟକ୍ଷ ଉପମନ୍ୟୁ ବାଗ, ଏଏସଆଇ ରଶ୍ମିତା ସାହୁ ପ୍ରମୁଖ ଉପସ୍ଥିତ ରହି ସମାଜରେ ଛାତ୍ରୀଛାତ୍ର ନିଜକୁ ଅସହାୟ ମନେ ନ କରି ଯେଉଁ ସମସ୍ୟା



ଛାତ୍ରୀଛାତ୍ରଙ୍କୁ ଦେଓଗାଁ ଥାନାଧିକାରୀ ସଚେତନତାର ବାର୍ତ୍ତା ଦେଉଛନ୍ତି।

ଜୀବନରେ ଆସୁଛି ତାକୁ ବନ୍ଧୁ ପରିଜନ, ସହପାଠୀ, ପିତାମାତା, ଥାନାଧିକାରୀ କିମ୍ବା ଆଇନ ପରାମର୍ଶଦାତାଙ୍କ ସହ ବିଚାର ବିମର୍ଶ କରି ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ମନୁଷ୍ୟ ଜୀବନରେ ଆତ୍ମହତ୍ୟା ଏକ ବିକଳ୍ପ ସମାଧାନ ନୁହେଁ। ତେଣୁ ସମସ୍ତେ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନ କରି ସମାଜରେ ପ୍ରେରଣାଦାୟୀ ହୋଇ କାର୍ଯ୍ୟ କରିବା ବୋଲି ଡିଏସପି ବେହେରା ପିଲାଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଥାନାର ମହିଳା କନଷ୍ଟେବଳ ମାମି ଜେନା, ଜ୍ୟୋତ୍ସ୍ନାମୟୀ ଧରୁଆ, ଖିଲି ସାହୁଙ୍କ ସମେତ କଲେଜର ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ।

### ଶିବିରରେ ଚିକିତ୍ସିତ ହେଲେ ୮୪ ଶିଶୁ

ଭବାନୀପାଟଣା,୧୨।୮ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ମଙ୍ଗଳବାର ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ) ମାଧ୍ୟମରେ ଜନ୍ମରୁ ୧୮ ବର୍ଷ ଶିଶୁଙ୍କ ପାଇଁ ମାଗଣା ହୃଦରୋଗ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ତଥା ଏହାର ପଡୋଶୀ ଜିଲାର ବିଭିନ୍ନ ବ୍ଲକରୁ ମୋଟ ୮୪ ପିଲା ଚିକିତ୍ସା ପାଇଁ ଆସିଥିଲେ। ଆର୍‌ବିଏସ୍‌କେ କାର୍ଯ୍ୟକ୍ରମ ଅନୁବନ୍ଧିତ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲର ହୃଦ୍‌ରୋଗ ବିଶେଷଜ୍ଞ ଡା. ପଙ୍କଜ କୁମାର ମିଶ୍ର, ଡା. ମନ୍ମୟ ପାଢ଼ୀ ଓ ତାଙ୍କ ଟିମ୍ ସହଯୋଗରେ ଶିବିରଟି ଆୟୋଜିତ ହୋଇଥିଲା। ପଞ୍ଜିକୃତ ୮୪ ଶିଶୁଙ୍କ ମଧ୍ୟରୁ ୪୨ ଜଣ ଗୁରୁତରଙ୍କୁ ଚିହ୍ନଟ କରାଯାଇ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଇବା ପାଇଁ ନିଶ୍ଚିତ କରାଯାଇଛି। ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ପରିବହନଠାରୁ ଆରମ୍ଭ କରି ସମସ୍ତ ଚିକିତ୍ସା ଖର୍ଚ୍ଚ ଆର୍‌ବିଏସ୍‌କେ ବହନ କରିବ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଉପ ଚିକିତ୍ସାଧିକାରୀ ଡା. ଦେବୀ ପ୍ରସାଦ ମହାପାତ୍ର, ଡିପିଏମ୍ ଦିଲୀପ କୁମାର ଦୁବେ, ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ କୃଷ୍ଣ ଚନ୍ଦ୍ର ପ୍ରଧାନ ସମେତ ମୋବାଇଲ ହେଲଥ୍ ଟିମର ଆୟୁଷ ଡାକ୍ତର, ଫାର୍ମାସିଷ୍ଟ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବର୍ଷା ପାଇଁ ଇନ୍ଦ୍ର ଦେବତାଙ୍କୁ ପୂଜା

କର୍ଲାମୁଣ୍ଡା,୧୨।୮ (ପ୍ରଦୀପ କୁମାର ସାହୁ): ଇନ୍ଦ୍ର ଦେବତାଙ୍କୁ ପୂଜା କଲେ ବର୍ଷା ହେବ। ଏହି ବିଶ୍ୱାସ ରଖି କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ଜୋରାଡବରାଠାରେ ଗ୍ରାମବାସୀ ଇନ୍ଦ୍ର ପୂଜା କରିଛନ୍ତି। ସୋମବାର ରାତିରେ ଗ୍ରାମବାସୀ ଦୁମପଟାଠାରେ ମାଟି ମା'ର ପୂଜାର୍ଚ୍ଚନା କରିବା ସହ ବିଭିନ୍ନ ଋଷି ମୁନୀ, ଦେବତାମାନଙ୍କ ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ। ପରେ ଗାଁ ଧରଣୀ ପୀଠରେ ପହଞ୍ଚି ଇନ୍ଦ୍ର ଦେବତାଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏଥିରେ କର୍ତ୍ତା ଭାବେ ଗୋପାଳ ମାଝୀ ଓ ତାଙ୍କ ପତ୍ନୀ ମାନସୀ ମାଝୀ, ପୂଜକ ଡମ୍ବରୁଧର ତ୍ରିପାଠୀ ରହିଥିବାବେଳେ ବିଭିନ୍ନ ବେଶରେ ସନ୍ତୋଷ ଭୋଇ, ରବି ମଲ୍ଲିକ, କାର୍ତ୍ତିକ ସାହୁ, ଅନିରୁଦ୍ଧ ସାହୁ, ପରମାନନ୍ଦ ବେହେରା ଅଭିନୟ କରିଥିଲେ।

### ନର୍ସିଂ କଲେଜରେ ଅନ୍ତର୍ଜାତୀୟ ଯୁବ ଦିବସ

ନୂଆପଡ଼ା,୧୨।୮ (ମକାରୁ ବେମାଲ): ନୂଆପଡ଼ା ସଦର ବ୍ଲକ ଗୋଡଫୁଲା ଗୋପୀନାଥ ନର୍ସିଂ କଲେଜରେ ମଙ୍ଗଳବାର ଅନ୍ତର୍ଜାତୀୟ ଯୁବ ଦିବସ ଓ ଆଣ୍ଟିରାଗିଂ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ପ୍ରତିଷ୍ଠାତା ଖାମସିଂ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ପୋଲିସ ଇନ୍ସପେକ୍ଟର ବିନୋଦ ବିହାରୀ ସେଠୀ ମୁଖ୍ୟ ଅତିଥି, କଲେଜ ନିର୍ଦ୍ଦେଶକ କୁଅର ପ୍ରକାଶ ଠାକୁର, ଜିଜିଏସ୍ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଣ୍ଡୁରାମ ପାଣ୍ଡେ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଯୁବପିଢିର ଭବିଷ୍ୟତ ଓ ଆଣ୍ଟିରାଗିଂ ଉପରେ ଆଲୋକପାତ କରିଥିଲେ। ପ୍ରଶାସନିକ ଅଧିକାରୀ ତାପସ ପଣ୍ଡା, କଲେଜ ଅଧୀକ୍ଷକ ବିକ୍ରାନ୍ତ ଶେଖର ବିଶି, ଅଧ୍ୟକ୍ଷା ମାରଥା ଏକ୍କା ପ୍ରମୁଖ ଆୟୋଜନ କରିଥିଲେ।

# ସ୍ୱାଧୀନତା ଦିବସରେ ଯୋଗଦେବେ ଯୁବ ଉଦ୍ୟୋଗୀ ସାଧୁରାମ ଛତ୍ରିଆ





ଯୁବ ଉଦ୍ୟୋଗୀ ସାଧୁରାମଙ୍କୁ ପୁରସ୍କୃତ କରାଯାଉଛି।

ଭବାନୀପାଟଣା,୧୨।୮ (ଉତ୍ତମ କୁମାର ଦାଶ)

ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଏକ ଆଲୋଚନା ଚକ୍ରରେ ଯୋଗଦେବେ କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ସୁନ୍ଦରୀଜୋର ଗ୍ରାମର ଯୁବ ଉଦ୍ୟୋଗୀ ସାଧୁରାମ ଛତ୍ରିଆ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ତାଙ୍କୁ ଡାକରା ଆସିଛି। ଆସନ୍ତା ୧୪ ତାରିଖ ଗୁରୁବାର ନୂଆଦିଲ୍ଲୀର ଏମ୍‌ଏସ୍‌ଏମ୍‌ଇ ଅନୁଷ୍ଠାନ ଓ ଅନ୍ୟାନ୍ୟ ବାଣିଜ୍ୟ ବିକାଶ ସମ୍ପର୍କିତ ଏକ ଆଲୋଚନା ଚକ୍ରରେ ସେ ଭାଗ ନେବେ। ଏହାପରେ ୧୫ ତାରିଖ ନୂଆଦିଲ୍ଲୀ ଲାଲକିଲ୍ଲାରେ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବରେ ସେ ଉପସ୍ଥିତ ରହିବେ। ସାଧୁରାମ ଏକ ସଫ୍ଟୱେର କମ୍ପାନୀର ମାଲିକ ଅଛନ୍ତି। ସେ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନରେ ସେବା ଯୋଗାଇବା ସହ ଅନେକ ଯୁବତୀଯୁବକଙ୍କୁ ନିଯୁକ୍ତି ଦେବାରେ ତାଙ୍କର ଅବଦାନ ରହିଛି। ୨୦୧୦ରେ ଜୟପୁରଠାରେ ତାଙ୍କର ସଫ୍ଟୱେର କମ୍ପାନୀ ଆରମ୍ଭ କରିଥିଲେ। ୨୦୧୬ରେ ଭୁବନେଶ୍ୱର ସ୍ଥାନାନ୍ତର କରିଛନ୍ତି। ଏପରି କାର୍ଯ୍ୟ ପାଇଁ ଗତ ଏପ୍ରିଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ମନ୍ତ୍ରୀ ଜିତନ ରାମ ମାଝୀଙ୍କ ଦ୍ୱାରା ସଫଳ ଉଦ୍ୟୋଗୀ ଭାବେ ପୁରସ୍କୃତ ହୋଇଥିଲେ। ସାରିଛନ୍ତି।

### ସ୍ୱୟଂଶାସିତ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ଉଦ୍‌ଯାପିତ

ଖଡ଼ିଆଳ,୧୨।୮ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସଂସ୍କୃତ ବିଭାଗ ତରଫରୁ ସଂସ୍କୃତ ସପ୍ତାହ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ଅଧ୍ୟାପିକା ଆନନ୍ଦିନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁକ୍ତ ୨ ଅଧ୍ୟକ୍ଷ ଡ. ରଣବୀର ସିଂହ, ଛାତ୍ର କଲ୍ୟାଣ ଅଧିକାରୀ ଅଧ୍ୟାପିକା ଗୀତାଶ୍ରୀ ପ୍ରିୟମ୍ବଦା, ସହଅଧିକାରୀ ଅଧ୍ୟାପିକା ସାଗରିକା ପଣ୍ଡା, ଅଧ୍ୟାପକ ଡ. ସରୋଜ କୁମାର ପଣ୍ଡା ଯୋଗଦେଇ ସଂସ୍କୃତ ଭାଷାର ଗୁରୁତ୍ୱ, ଆବଶ୍ୟକତା, ମହାନତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ସଂସ୍କୃତ ଭାଷାରେ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମର ଶୁଭାରମ୍ଭ

ଥୁଆମୂଳ ରାମପୁର,୧୨।୮ (ଦୁର୍ଗା କୀର୍ତ୍ତି)

ଧୀନତା ଦିବସ ପାଳନ ପରିପ୍ରେକ୍ଷୀରେ ଦେଶରେ 'ଆଜାଦୀ କା ଅମୃତ ମହୋତ୍ସବ' ଅଧୀନରେ 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନ ଆରମ୍ଭ ହୋଇଛି। ମଙ୍ଗଳବାର କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍ ସରକାରୀ ଯୁକ୍ତ ୩ ମହାବିଦ୍ୟାଳୟଠାରେ କଲେଜ ଅଧ୍ୟକ୍ଷ ସର୍ବେଶ୍ୱର ଉଠାନସିଂଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ବାହାରି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। କଲେଜ ଫେରିବା ପରେ ଅନୁଷ୍ଠିତ ସଭାରେ କଲେଜ ଅଧ୍ୟକ୍ଷ ଓ ଅଧ୍ୟାପକ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ସେହିପରି ବ୍ଲକ ଭାଜପା ପକ୍ଷରୁ ଆୟୋଜିତ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରାରେ ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝୀ, କଳାହାଣ୍ଡି ସାଂସଦ ବ୍ଲକ ପ୍ରତିନିଧି ପବିତ୍ର ନାଏକ, ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରତିନିଧି ରମେଶ ମାଝୀ, ମଣ୍ଡଳ ସଭାପତି ପୁଷ୍ପକେତୁ ନାଏକ, ମଣ୍ଡଳ ସଭାପତି ଦୟାନିଧି ଭୋଇ, ବରିଷ୍ଠ ନେତା ବାଜରା ଭୋଇ, ରାଧାକାନ୍ତ ନାଏକ, ବିପିନ ବିହାରୀ ନାଏକ ପ୍ରମୁଖ ସାମିଲ ଥିଲେ।



ଶୋଭାଯାତ୍ରାରେ ସାମିଲ ଛାତ୍ରୀଛାତ୍ର।

# ଚାଷୀ ପଞ୍ଜୀକରଣ ନୂଆନୀତିକୁ ବିରୋଧ, ତାତିଲେ ଚାଷୀ

- ସରକାର ବଦଳିଲା, ବଦଳିନି ବ୍ୟବସ୍ଥା
- ଜିଲାପାଳଙ୍କ ଅଫିସକୁ ଧସେଇ ପଶିଲେ
- ୨୧ରୁ ମୁଖ୍ୟମନ୍ତ୍ରୀ, ବିଧାୟକଙ୍କ କୁଶପୁତ୍ତଳିକା ଦାହ

**ବରଗଡ଼,୧୨।୮(ପ୍ରେମାନନ୍ଦ ଖମାରୀ)**



ଜିଲାପାଳଙ୍କ ଅଫିସ ଆଗରେ ଚାଷୀଙ୍କ ଧାରଣା।

ରାଜ୍ୟରେ ଶାସନକୁ ଆସିବା ପରେ ଭାଜପା ସରକାର ନିର୍ବାଚନ ପ୍ରତିଶ୍ରୁତି ମୁତାବକ ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କା ଇନପୁଟ ସହାୟତା(ବୋନସ) ଦେଉଛନ୍ତି। ଏହାକୁ ନେଇ ଆରମ୍ଭରୁ ଚାଷୀ ଉଲ୍ଲସିତ ଥିଲେ। କିନ୍ତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ସରକାର ଚାଷୀଙ୍କ ଉପରେ ଯେଭଳି ଗୋଟିଏ ପରେ ଗୋଟିଏ କଟକଣା ଜାରି କରୁଛନ୍ତି, ତାହାକୁ ନେଇ ଚାଷୀ ଅସନ୍ତୋଷ ବଢି ଚାଲିଛି। ଏହି କ୍ରମରେ ମଙ୍ଗଳବାର ଚାଷୀ ସଙ୍ଗଠନ ଜୟ କିସାନ ଆନ୍ଦୋଳ, ବରଗଡ଼ର ଆହ୍ୱାନକ୍ରମେ ଜିଲାର ବିଭିନ୍ନ ବ୍ଲକରୁ ଶହ ଶହ ଚାଷୀ ଜଟିଳ ପଞ୍ଜିକରଣ ପ୍ରତ୍ୟାହାର ଦାବିରେ ଜିଲାପାଳଙ୍କ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହିତ ଧାରଣା ଦେଇଥିଲେ। ଦାବିପତ୍ର ଦେବା ପାଇଁ ସଙ୍ଗଠନ ପକ୍ଷରୁ ବାରମ୍ବାର ଆହ୍ୱାନ କରାଯାଇଥିଲା। ଏହାସତ୍ତ୍ୱେ ଜିଲାପାଳ କିମ୍ବା ତାଙ୍କ କୌଣସି ପ୍ରତିନିଧି ଦୀର୍ଘ ସମୟ ଧରି ଧାରଣାସ୍ଥଳୀକୁ ପହଞ୍ଚି ନ ଥିଲେ। ବିଳମ୍ବ କରିବାରୁ ଚାଷୀମାନେ ଉତ୍ୟକ୍ତ ହୋଇ ଫାଟକ ଖୋଲି ଜିଲାପାଳଙ୍କ ଅଫିସ ଭିତରକୁ ଧସେଇ ପଶିଯାଇଥିଲେ। ସେଠାରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଏବଂ ପୋଲିସ ଅଧିକାରୀମାନେ ଦୁଃଖ ପ୍ରକାଶ କରିବାରୁ ପରିସ୍ଥିତି ସାମାନ୍ୟ ହୋଇଥିଲା ଏବଂ ଅତିରିକ୍ତ ଜିଲାପାଳ ସାହୁ ଦାବିପତ୍ର ଗ୍ରହଣ କରିଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ସ୍ଥାନୀୟ ଗୋପାଳ ଗୋଶାଳାରୁ ଏକ ବିଶାଳ ଶୋଭାଯାତ୍ରାରେ ଚାଷୀମାନେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରି ଜିଲାପାଳ କାର୍ଯ୍ୟାଳୟ ପହଞ୍ଚିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟର ଫାଟକ ବନ୍ଦ ରହିଥିଲା। ଫଳରେ କାର୍ଯ୍ୟାଳୟ ସମ୍ମୁଖରେ ସଙ୍ଗଠନର ଜିଲା ସଭାପତି ସୁଶୀଲ କୁମାର ସାହୁଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସରକାର ଚଳିତବର୍ଷ ଖରିଫ ଋତୁର ଧାନ ସଂଗ୍ରହ ପାଇଁ ଯେଉଁ ଚାଷୀ ପଞ୍ଜୀକରଣ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି ତାହା ରାଜ୍ୟର ଅଧିକାଂଶ କୃଷକମାନଙ୍କ ପାଇଁ ଏକ ଗମ୍ଭୀର ସମସ୍ୟା ସୃଷ୍ଟି କରିଛି। ରାଜ୍ୟରେ ଦୀର୍ଘ ୪/୫ ଦଶନ୍ଧି ହେଲା ଜମିବାଡିର ସତ୍ତ୍ୱ ସଂଶୋଧନ ପୂର୍ବକ ଅଲଗା ଅଲଗା ପଟ୍ଟା ଦେଇ ନଥିବା କାରଣରୁ ଶତକ ୬୦/୭୦ ଭାଗ ଚାଷୀମାନଙ୍କର ସଂଯୁକ୍ତ ପଟ୍ଟା ରହିଛି। ଏପରି ପରିସ୍ଥିତିରେ ବଂଶାବଳି ନ ହେଲେ ପଞ୍ଜିକରଣ ହେଉନାହିଁ। ଫଳସ୍ୱରୂପ ବରଗଡ଼ ଜିଲାରେ ଗତ ଖରିଫ ଋତୁରେ ୧,୫୫,୬୧୭ ଜଣ କୃଷକ ପଞ୍ଜିକୃତ ହୋଇଥିବା ବେଳେ ଚଳିତ ବର୍ଷ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ମାତ୍ର ୫୮,୮୦୮ ଜଣ କୃଷକ ପଞ୍ଜିକରଣ କରିଥିବା ବେଳେ ଆଗାମୀ ସାତ ଦିନ ମଧ୍ୟରେ କିପରି ପ୍ରାୟ ଏକ ଲକ୍ଷ ପଞ୍ଜିକରଣ କରିପାରିବେ ବୋଲି ବକ୍ତାମାନେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଜୟ କିସାନ ଆନ୍ଦୋଳନର ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଅଶୋକ ପ୍ରଧାନ କହିଥିଲେ, ଯଦି ସରକାର ତାଙ୍କ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ନକରନ୍ତି ତାହେଲେ ସମଗ୍ର ପଶ୍ଚିମ ଓଡ଼ିଶାରେ ଆଇନ ଶୃଙ୍ଖଳା ସୃଷ୍ଟି ହେବ। ସମନ୍ୱୟ ସମିତିର ପ୍ରବକ୍ତା ସରୋଜ ମହାନ୍ତି କହିଥିଲେ, ସରକାର କିଛି ନୂତନ କରିବାର ଛଳରେ ସବୁ ବ୍ୟବସ୍ଥାକୁ ଜଟିଳ କରି ଚାଲିଛନ୍ତି। ତାହା ଧାନ ବିକ୍ରି ବ୍ୟବସ୍ଥାରେ କଟନୀଛଟନୀ, ଦଲାଲରାଜଠାରୁ ଆରମ୍ଭ କରି ନୂତନ ପଞ୍ଜୀକରଣ ବ୍ୟବସ୍ଥା ପର୍ଯ୍ୟନ୍ତ। ଏହା ସରକାରଙ୍କ ଏକ ଷଡ଼ଯନ୍ତ୍ର ଯେ, କିପରି ଚାଷୀମାନଙ୍କୁ ୮୦୦ ଟଙ୍କା ଇନ୍ପୁଟ ସହାୟତା ପାଇବାରୁ ବଞ୍ଚିତ କରାଯିବ ବୋଲି ସରୋଜ କହିଥିଲେ। ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଅନ୍ୟତମ ଆବାହକ ଲିଙ୍ଗରାଜ କହିଥିଲେ ଯେ, ଆଗାମୀ ଦିନରେ ସରକାରଙ୍କ ଏପରି ଚାଷୀମାରଣ ପଞ୍ଜୀକରଣ ନୀତି ବ୍ୟବସ୍ଥା ପ୍ରତ୍ୟାହାର କରି ଆଗଭଳି ଏକ ସରଳ ଏବଂ ସମୟସୀମା ବୃଦ୍ଧି ନ କରନ୍ତି ତାହେଲେ ସରକାର ଚାଷୀ ବିରୋଧି ବୋଲି ପ୍ରମାଣିତ ହେବ ଓ ଗାଁଠାରୁ ଜିଲା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ଥାନୀୟ ବିଧାୟକ ଏବଂ ସାଂସଦଙ୍କ କୁଶପୁତ୍ତଳିକା ଦାହ କାର୍ଯ୍ୟକ୍ରମ କରାଯିବ ବୋଲି ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦେବଗଡ଼ ଜିଲାରୁ କୃଷକ ସଙ୍ଗଠନର ସଭାପତି ପ୍ରମୋଦ ଝାଙ୍କର, ସୋନପୁର ଜିଲାରୁ ସୁଧିର ବଘାର, ସମ୍ବଲପୁର ଜିଲାରୁ ବ୍ୟୋମକେଶ ଠାକୁର, ରାଉରକେଲାରୁ ମୁକ୍ତିକାନ୍ତ ବିଶ୍ୱାଳ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଜୟ କିସାନ ଆନ୍ଦୋଳନ ବରଗଡ଼ ଜିଲା ସାଧାରଣ ସମ୍ପାଦକ ହର ବଣିଆଁ ଉଦ୍ଦେଶ୍ୟରେ ଜ୍ଞାପନ କରିଥିବା ବେଳେ ଚାଷୀନେତା ଶିବ ପ୍ରସାଦ ପ୍ରଧାନ, ଅରୁଣ କୁମାର ସାହୁ, ବିଶ୍ୱନାଥ ରଣା, ଭଞ୍ଜନ ବାରିକ, ମହେଶ୍ୱର ପ୍ରଧାନ, ସୁରେନ୍ଦ୍ର ମେହେର, ଅକ୍ଷୟ ପ୍ରଧାନ, ତପୋବନ୍ତ ନାୟକ, ମିନିଷ୍ଟର୍ ବାରିକ, କିଶୋର ସାହୁ ଆନ୍ଦୋଳନ ପରିଚାଳନା କରିଥିଲେ।

## ନଗର ଉନ୍ନୟନ ମନ୍ତ୍ରୀଙ୍କ ବୌଦ୍ଧ ଏନ୍ଏସି ଅଞ୍ଚଳ ପରିଦର୍ଶନ


ନଗର ଉନ୍ନୟନ ମନ୍ତ୍ରୀ ୱାର୍ଡ ପରିଦର୍ଶନ କରୁଛନ୍ତି।

**ବୌଦ୍ଧ,୧୨।୮(ଅଜିତ କୁମାର ବାରିକ)**

ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମଙ୍ଗଳବାର ବୌଦ୍ଧ ଜିଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମନ୍ତ୍ରୀ ଅପରାହ୍ନରେ ବୌଦ୍ଧଗଡ ଏନ୍ଏସି ଅନ୍ତର୍ଗତ ୧ ନଂ. ୱାର୍ଡ ପରିଦର୍ଶନ କରିଥିଲେ। ଏହି ସମୟରେ ଡ୍ରେନେଜ ବ୍ୟବସ୍ଥା ନେଇ ସ୍ଥାନୀୟ ଲୋକେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବା ସହିତ ନିୟମିତ ମଶାତେଲ ପକାଇବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଡ୍ରେନେଜ ବ୍ୟବସ୍ଥାରେ ରହିଥିବା ସମସ୍ୟାର ତୁରନ୍ତ ସମାଧାନ ପାଇଁ ମନ୍ତ୍ରୀ ମହାପାତ୍ର ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଏହାସହ ସେ ରାମେଶ୍ୱର ମନ୍ଦିର ପରିଦର୍ଶନ କରି ସେଠାରେ ଥିବା ପୋଖରୀର ପୁନରୁଦ୍ଧାର ପାଇଁ କହିଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ଜିଲାପାଳ ବିଭୂତି ଭୂଷଣ ନାଏକ, ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଏନ୍ଏସି ନିର୍ବାହୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନ, ଯନ୍ତ୍ରୀ ପବିତ୍ର ମୋହନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବୌଦ୍ଧ ଜିଲା କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

**ବୌଦ୍ଧ,୧୨।୮(ଅଜିତ କୁମାର ବାରିକ):** ବୌଦ୍ଧ ଜିଲା କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗଣଶିକ୍ଷା ବିଭାଗ ପକ୍ଷରୁ ଗତ ତା.୨।୮।୨୫ରିଖରେ ଚିଠି ସଂଖ୍ୟା ୨୧୨୬୮ରେ ଏକ ଚିଠା ପ୍ରକାଶ ପାଇଥିଲା। କିନ୍ତୁ ତାକୁ ଗତ ତା.୮।୮।୨୫ରିଖରେ କୌଣସି କାରଣ ନ ଦର୍ଶାଇ ବିଭାଗ ପକ୍ଷରୁ ପ୍ରତ୍ୟାହାର କରି ନିଆଯାଇଛି। ଯେଉଁ ସୁପାରିଶ ଦ୍ୱାରା ଓଡିଶାରେ ଧ୍ୱଂସ ପାଇବାକୁ ବସିଥିବା ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ନୂତନ ଦିଗ୍‌ଦର୍ଶନ ମିଳିପାରିଥାନ୍ତା। ତାହା ଏବେ ପ୍ରତ୍ୟାହୃତ ହୋଇଛି। ସରକାର ପୂର୍ବ ସୁପାରିଶକୁ ପୁର୍ନବାର ଅନୁମୋଦନ ଓ କାର୍ଯ୍ୟକାରୀ କରିବାକୁ ଦାବି ହୋଇଛି। ଏହାସହ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଆରମ୍ଭରୁ ନିୟମିତ ଶିକ୍ଷକ ନିଯୁକ୍ତି, ନୂତନ ଶିକ୍ଷକ ପଦବୀ ସୃଷ୍ଟି ଓ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ଏକ ଯୁଗାନ୍ତକାରୀ ପଦକ୍ଷେପ, ଯାହାକୁ ସେହି ସୁପାରିଶ ମାଧ୍ୟମରେ ପୂରଣ କରାଯାଇଥାନ୍ତା ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା ସଭାପତି ଅଂଶୁମାନ ପାତ୍ର, ପ୍ରତିମା ନାୟକ, ଦିବ୍ୟଶକ୍ତି ସିଂ, ପ୍ରିତମ ପ୍ରଧାନ, ସୁଶାନ୍ତ ସାହୁ, ରବି ନାରାୟଣ ମେହେର, ବନିତା ସେଠୀ, ସୁଶାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ୩ ପାକ୍ସ ସମ୍ପାଦକ ନିଲମ୍ବିତ

**ସୋନପୁର,୧୨।୮(ମୃତ୍ୟୁଞ୍ଜୟ ଶତପଥୀ)**

**ଚାଷୀ ପଞ୍ଜୀକରଣ ସମୟରେ ବିଦେଶ ଗସ୍ତ**

ଖରିଫ ଧାନ ବିକ୍ରି ପାଇଁ ଗୁରୁତ୍ୱପୂର୍ଣ୍ଣ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଚାଲିଥିବା ବେଳେ ବିଦେଶ ବୁଲିବା ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକର ୩ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ସମ୍ପାଦକଙ୍କୁ ମହଙ୍ଗା ପଡିଛି। ଅଭିଯୋଗକ୍ରମେ ସମବାୟ ବିଭାଗ ପକ୍ଷରୁ ଏହାର ତଦନ୍ତ ହୋଇଥିଲା। ତେବେ ତଦନ୍ତ ସମୟରେ ସମ୍ପାଦକମାନେ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବା ଜଣାପଡିଥିଲା। ତେଣୁ ସୋନପୁର ମଣ୍ଡଳ ସମବାୟ ସମିତି ସହକାରୀ ନିବନ୍ଧକ ପାଣ୍ଡୁ ଚରଣ ସାହୁ ସମ୍ପୃକ୍ତ ୩ ପାକ୍ସ ସମ୍ପାଦକଙ୍କୁ ମଙ୍ଗଳବାର ନିଲମ୍ବନ କରିଛନ୍ତି। ସେମାନେ ହେଲେ ଲଛିପୁର ପାକ୍ସ ସମ୍ପାଦକ ମଞ୍ଜୟ ଧରୁଆ, ମୟୂରଉଡାନ ପାକ୍ସ ସମ୍ପାଦକ ଧନେଶ୍ୱର ସାହୁ ଓ ରେଙ୍ଗାଲି ପାକ୍ସ ସମ୍ପାଦକ ଅରୁଣ ପୂଜାରୀ। ସୂଚନା ଅନୁଯାୟୀ ଧନେଶ୍ୱର ଓ ଅରୁଣ ମେଡିକାଲ ଗ୍ରାଉଣ୍ଡ ଏବଂ ପାରିବାରିକ କାରଣ ଦର୍ଶାଇ ସମ୍ପୃକ୍ତ ପାକ୍ସ ପରିଚାଳନା ପରିଷଦ ସଭାପତିଙ୍କ ନିକଟରେ ଛୁଟି ପାଇଁ ଆବେଦନ କରିଛନ୍ତି। କିନ୍ତୁ ମଞ୍ଜୟ ଛୁଟି ପାଇଁ ଆବେଦନ କରିନାହାନ୍ତି। ସମ୍ପାଦକମାନେ ବୌଦ୍ଧ ଜିଲା ସମବାୟ ବିଭାଗର ଜଣେ ଉଚ୍ଚପଦସ୍ଥ ଅଧିକାରୀ ଓ ସୋନପୁର ବ୍ଲକର ଜଣେ ଲୋକପ୍ରତିନିଧିଙ୍କ ସହିତ ବ୍ୟାଙ୍କକ ବୁଲି ଯାଇଛନ୍ତି। ସୋସିଆଲ ମିଡିଆରେ ବିଦେଶ ବୁଲା ଫଟୋ ଭାଇରାଲ ହେବା ପରେ ଚର୍ଚ୍ଚା ବଢିଥିଲା। ଚାଷୀ ପଞ୍ଜୀକରଣ, ଚାଷୀଙ୍କୁ ଋଣ ପ୍ରଦାନ ଓ ସାର ପ୍ରଦାନ ସମୟରେ ସମ୍ପାଦକଙ୍କ ବିଦେଶ ବୁଲି ମଉଜ କରିବା ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଇଛି।

## ବୌଦ୍ଧରେ ତ୍ରିରଙ୍ଗା ଶୋଭାଯାତ୍ରା


ଜିଲାପାଳ ତ୍ରିରଙ୍ଗା ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି।

**ବୌଦ୍ଧ,୧୨।୮(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିଥିବା ବେଳେ ଜିଲାପାଳ ବିଭୂତି ଭୂଷଣ ନାୟକ ଶୁଭାରମ୍ଭ କରିଥିଲେ। ୨ଶହ ମିଟର ଲମ୍ବ ଜାତୀୟ ପତାକାକୁ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତ କରାଯାଇଥିଲା। ଶୋଭାଯାତ୍ରାରେ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରା କୋର୍ଟ ଛକ, ପୋଡାପୋଡା ଛକ, ଗାନ୍ଧୀଛକ, ବାଘଗୁଡା ଛକ ଦେଇ ଜିଲା ଷ୍ଟାଡିୟମରେ ଶେଷ ହୋଇଥିଲା। ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲାପାଳ ବିନୟ କୁମାର ଭୋଇ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ, ଅଧ୍ୟାପକ ପ୍ରବୀର ଦାସଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହୋଇଥିଲେ।

## ବରପାଲି ମହାବିଦ୍ୟାଳୟରେ ଗଙ୍ଗାଧର ଜୟନ୍ତୀ



ଅତିଥିମାନେ ଛାତ୍ରୀଛାତ୍ରଙ୍କ ଗଙ୍ଗାଧର ସଙ୍ଗୀତ ଶୁଣୁଛନ୍ତି।

**ବରପାଲି,୧୨।୮(ଚିତ୍ତରଞ୍ଜନ ସାହୁ)**

ବରପାଲି ମହାବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ଜୟନ୍ତୀ ଦାଶ ସଭାପତିତ୍ୱ କରିଥିଲେ। ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ ଛାତ୍ରୀଛାତ୍ରମାନେ ଗଙ୍ଗାଧର ସଙ୍ଗୀତ ଗାନ କରିଥିଲେ। ଅଧ୍ୟକ୍ଷାଙ୍କ ସ୍ୱାଗତ ସମ୍ଭାଷଣ ପରେ ଡ. ବିଶ୍ୱନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ସୁଶୀଳ କୁମାର ଶତପଥୀ ଅତିଥିମାନଙ୍କୁ ଉପଢୌକନ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ର ଯୋଗଦେଇଥିଲେ। ମୁଖ୍ୟ ଅତିଥି ଡ. ଉମାଶଙ୍କର ଦାଶ, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ, ସମ୍ବଲପୁର ଗଙ୍ଗାଧରଙ୍କୁ ଜଣେ ପୂର୍ଣ୍ଣକବି ବୋଲି ଅଭିହିତ କରିଥିଲେ। ସଂସ୍କୃତ କାବ୍ୟାନୁଯାୟୀ ଜଣେ କବିଙ୍କୁ ପୂର୍ଣ୍ଣକବି ହେବାରେ ଯେଉଁସବୁ ଦକ୍ଷତା ଆବଶ୍ୟକ ତାହା ସ୍ୱଭାବ କବିଙ୍କ ପାଖରେ ରହିଛି ବୋଲି ସେ ସଦୃଷ୍ଟାନ୍ତ ଆଲୋଚନା କରିଥିଲେ। ଅଧ୍ୟାପକ ଭକ୍ତବନ୍ଧୁ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେ ମହାବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ। ଏହାପରେ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ସହଯୋଗ କରିଥିଲେ ଡ. ନୀଲମ ଦେବତା, ଗଣେଶ ମିଶ୍ର, ଅଧ୍ୟାପିକା ଦେବାଙ୍ଗିନୀ ସାହୁ ପ୍ରମୁଖ। ଏ ଅବସରରେ ମହାବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଯୁକ୍ତ୩ ଛାତ୍ରୀ ମାନସୀ ବେହେରାଙ୍କୁ ଅର୍ଥ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ଉତ୍ତର କୁମାର ଗଡ଼ତିଆ ସଭାକୁ ସଂଯୋଜନା କରିଥିବା ବେଳେ ଡ. ସସ୍ମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଧିରୋଜ ତ୍ରିପାଠୀ, ଅରୁଣ କୁମାର ବାରିକ, ଅଲେଖ ମହାନନ୍ଦ, ଗୌରଚନ୍ଦ୍ର ପଧାନ, ଅଶୋକ ପଧାନ, ଭଗବାନ ମହାନନ୍ଦ, ବିଜୟ ମିଶ୍ର, ବିଭୁ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ବିଶ୍ୱ ହସ୍ତୀ ଦିବସ ପାଳିତ

**ପାଇକମାଲ ୧୨।୮(ବଡ଼ ଶତପଥୀ)**



କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

ପାଇକମାଲ ଯମୁନା କନ୍ଧୁଣୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ହସ୍ତୀ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ନନ୍ଦଲାଲ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ବନାଞ୍ଚଳ ଅଧିକାରୀ ହୃଦାନନ୍ଦ ମିଶ୍ର ମୁଖ୍ୟଅତିଥି, ଗିରିଧାରୀ ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅବୈତନିକ ବନ୍ୟଜନ୍ତୁ ସଂରକ୍ଷକ ତଥା ଜିଲା ପରିବେଶ ସୁରକ୍ଷା ମଞ୍ଚର ସହ ସମ୍ପାଦକ ବିଭୂତି ଭୂଷଣ ମୁଣ୍ଡ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସୃଷ୍ଟିରେ ଗଜରାଜଙ୍କ ଭୂମିକା ତଥା ଜଙ୍ଗଲ ଓ ପରିବେଶ ବିଷୟରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ବନାଞ୍ଚଳ ଅଧିକାରୀ ମିଶ୍ର ହାତୀ ଓ ମଣିଷର ଲଢେଇ ବିଷୟରେ କହି ସରକାରଙ୍କ ବିଭିନ୍ନ ଦିଗରେ ସହାୟତା ତଥା ବନବିଭାଗ ପକ୍ଷରୁ ଅନେକ ପ୍ରକାର କାର୍ଯ୍ୟଦକ୍ଷତା ମାନବ ସମାଜକୁ ସଚେତନ କରି ବହୁମୂଲ୍ୟ ବନ୍ୟଜନ୍ତୁଙ୍କ ଉପସ୍ଥିତି ସୃଷ୍ଟି ପାଇଁ କେତେଯେ ଉପକାରୀ ତାରି ଉପରେ ଆଲୋକପାତ କରିଥିଲେ। ପ୍ରକୃତିବନ୍ଧୁ ନନ୍ଦଲାଲ ନାୟକ ତାଙ୍କ ଅଭିଭାଷଣରେ ବୃକ୍ଷ ଓ ବନ୍ୟପ୍ରାଣୀ ମଣିଷ ପାଇଁ କେତେ ଦରକାରୀ ସେ ବିଷୟରେ ଆଲୋଚନା କରିଥିଲେ । ସଭାରେ ବନପାଳ ରମେଶ ପ୍ରଧାନ, ଦିବାକର ପ୍ରଧାନ, ରଜନୀକାନ୍ତ ବଢେଇ, ବନରକ୍ଷୀ ବସନ୍ତ ବାଗ , ନାଥ ବର୍ଲା ଓ ଗଜସାଥୀ ପ୍ରମୁଖ ଯୋଗ ଦେଇଥିଲେ ।

## ଆତ୍ମଦାହ ରୋକିବାକୁ ସଚେତନତା କାର୍ଯ୍ୟକ୍ରମ

**ସୋହେଲା,୧୨।୮(ଅଶ୍ୱିନୀ କୁମାର ପାତ୍ର)**

ସୋହେଲା ପିଏମ୍‌ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ସ୍ଥାନୀୟ ପୋଲିସ ପକ୍ଷରୁ ଆତ୍ମଦାହ ରୋକିବାକୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିକ୍ରମ ପଧାନ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସୋହେଲା ଥାନା ଆଇଆଇସି ହରିଶଙ୍କର ଭୋଇ, ସବ୍‌ଇନ୍ସପେକ୍ଟର ଅନିମା ଏକ୍କା ଛାତ୍ରୀଙ୍କୁ ଆତ୍ମହତ୍ୟା କିମ୍ବା ଆତ୍ମଦାହ ରୋକିବାକୁ ବିଭିନ୍ନ ଉପାୟ ବତାଇଥିଲେ। ସହକାରୀ ଶିକ୍ଷୟିତ୍ରୀ ମମତା ବେହେରା, କିରଣ ଭୁଏ ମଞ୍ଚାସୀନ ଥିଲେ।

## ଡୁଡୁକିଝରିଆ ଜଙ୍ଗଲରୁ ଝୁଲନ୍ତା ମୃତଦେହ ଜବତ

**ପାଇକମାଲ, ୧୨।୮(ବଡ଼ ଶତପଥୀ):** ପାଇକମାଲ ବ୍ଲକ ଜାମସେଠ ପଞ୍ଚାୟତ ଡୁଡୁକିଝରିଆ ନିକଟ ଜଙ୍ଗଲରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। ସେ ହେଲେ ପାଇକମାଲ ଥାନା ଜାମସେଠ ପଞ୍ଚାୟତ ଡୁଡୁକିଝରିଆ ଗାଁର ଦୀନବନ୍ଧୁ ଭୋଇଙ୍କ ପୁଅ ଚନ୍ଦ୍ରଶେଖର(୧୯)। କିଛିଦିନ ପୂର୍ବରୁ ଚନ୍ଦ୍ରଶେଖରଙ୍କ ମାନସିକ ସ୍ଥିତି ଠିକ୍ ନ ଥିଲା। ରବିବାର ସେ କୁଆଡ଼େ ଯାଇ ପୁଣି ଘରକୁ ଫେରିଥିଲେ। ସୋମବାର ତାଙ୍କ ବାପା ବିଲକୁ ପାଣି ମଡ଼ାଇବା ପାଇଁ ସାଙ୍ଗରେ ଯିବାକୁ କହିଥିଲେ ହେଲେ ଚନ୍ଦ୍ରଶେଖର ନ ଯାଇ ନିକଟ ଜଙ୍ଗଲ ପାଖରେ ଥିବା ଡ୍ୟାମ୍ ପଟକୁ ଯାଇଥିଲେ। ସେଠାରୁ ସେ ଆଉ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ନିକଟ ଜଙ୍ଗଲର ଗୋଟିଏ ଗଛରେ ଚନ୍ଦ୍ରଶେଖର ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ଜବତ କରିଛି। ଏ ନେଇ ପାଇକମାଲ ଥାନାରେ ଏକ ମାମଲା (ନଂ. ୧୨/୨୫) ରୁଜୁ ହୋଇଛି।

## ଦହ୍ୟାରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

**ବାଉଁଶୁଣୀ,୧୨।୮(ଦେବାଶିଷ ନେପାକ)**

କଣ୍ଟାମାଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରକସା ଗ୍ରାମପଞ୍ଚାୟତର ଦହ୍ୟାଠାରେ ମଙ୍ଗଳବାର ମଧ୍ୟାହ୍ନ ସାଢେ ୧୨ଟାରେ ହର୍ ଘର୍ ତ୍ରିରଙ୍ଗା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି, କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ ଅବସରରେ ମନ୍ତ୍ରୀ ମହାପାତ୍ର ତ୍ରିରଙ୍ଗା ଯାତ୍ରା ଓ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ଅଞ୍ଚଳର ଜନ ପ୍ରତିନିଧି, ବରିଷ୍ଠ ପ୍ରଶାସନିକ ଅଧିକାରୀ, ଜିଲା ଭାଜପା ସଭାପତି ପ୍ରେମାନନ୍ଦ ମିଶ୍ର, ବରିଷ୍ଠ ଭାଜପା ନେତା କିଶୋର କୁମାର ମେହେର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ତ୍ରିରଙ୍ଗା ଶୋଭାଯାତ୍ରା, ଆତ୍ମଦାହ ସଚେତନତା କାର୍ଯ୍ୟକ୍ରମ

**ଝାରବନ୍ଧ,୧୨।୮(ଦେବେନ୍ଦ୍ର ସାହୁ)**



ଝାରବନ୍ଧରେ ତ୍ରିରଙ୍ଗା ଶୋଭାଯାତ୍ରା

ଝାରବନ୍ଧ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ବେହେରାଙ୍କ ଅଧ୍ୟକ୍ଷତାରେ ତ୍ରିରଙ୍ଗା ଶୋଭାଯାତ୍ରା ଓ ଆତ୍ମଦାହ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଝାରବନ୍ଧ ଥାନା ଅଧିକାରୀ କ୍ରିସେନ୍ସିଆ ସମେରିଆ ମୁଖ୍ୟ ଅତିଥି, ସାନନ୍ଦ କୁମାର ସାହୁ ମୁଖ୍ୟବକ୍ତା, ଥାନା ଏସଆଇ ସୁଶାନ୍ତ ସାହୁ, ଏଏସଆଇ ଶଶିକାନ୍ତ ବାରିକ, ମାନଭଞ୍ଜନ ବେହେରା, ହରିହର ସାହୁ, ଗୋବିନ୍ଦ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୫୦୦ ଛାତ୍ରୀଛାତ୍ର ଦୀର୍ଘ ୫୦୦ ମିଟର ଲମ୍ବ ତ୍ରିରଙ୍ଗା ଧାରଣ କରି ସହର ପରିଭ୍ରମଣ କରିଥିଲେ। ଝାରବନ୍ଧ ଥାନା ପ୍ରଭାରୀଙ୍କ ଉପସ୍ଥିତିରେ ଏକ ଆତ୍ମଦାହ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମୂଲ୍ୟବାନ ଜୀବନକୁ ମୂଲ୍ୟବୋଧ ସହିତ ବଞ୍ଚିବାକୁ ମୁଖ୍ୟ ଅତିଥି ଉପଦେଶ ଦେଇଥିଲେ। ପରିଶେଷରେ ମହାବିଦ୍ୟାଳୟ ଆଇସିସି ମୁଖ୍ୟ ସୁଶ୍ରୀ ଯାଜ୍ଞସିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ନବୀନ କୁମାର ମେହେର, ଗଗନ ବିହାରୀ ଦନସନା, ଡ. ଖ୍ୟାତିମୟ ତ୍ରିପାଠୀ, ରଶ୍ମି ମହାଲିଂ, ରୀତାଞ୍ଜଳି ଗୁରୁ, ମିନପ୍ରଭା ପ୍ରଧାନ, ମୁକେଶ ବାଗ, ଚନ୍ଦ୍ରମଣି ବାଗ, ମନୀଷା ଭୋଇ, ବଂଶୀଧର ସେଠୀ, ଅଶୋକ ହାତୀ, ବଲ୍ଲଭ କୁମାର ମିର୍ଦ୍ଧା, ଅଞ୍ଜନ କୁମାର ବରିହା ଉପସ୍ଥିତ ରହି ସହଯୋଗ କରିଥିଲେ।

## ତ୍ରିରଙ୍ଗା ଶୋଭାଯାତ୍ରାରେ ଯୋଗଦେଲେ ବିଧାୟକ

**ଅତାବିରା,୧୨।୮(ଯୁଧିଷ୍ଠିର ମହାପାତ୍ର)**


ବିଧାୟକଙ୍କ ଉପସ୍ଥିତିରେ ତ୍ରିରଙ୍ଗା ଶୋଭାଯାତ୍ରା ଚାଲିଛି।

ଅତାବିରାରେ ମଙ୍ଗଳବାର ସନ୍ଧ୍ୟାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ୫ଟାରେ ଅତାବିରା ପୁରୁଣା ସିନେମା ହଲରୁ ମାରୱାଡି ଧର୍ମଶାଳା ଯାଏ ହଜାର ହଜାର ଜନସାଧାରଣ ଏବଂ ବିଭିନ୍ନ ଅନୁଷ୍ଠାନ ସଦସ୍ୟଙ୍କୁ ନେଇ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଥିଲା। ଏଥିପାଇଁ ଅତାବିରା ତ୍ରିରଙ୍ଗାମୟ ହୋଇପଡ଼ିଥିଲା। କୋଶଳ ସ୍କୁଲର ଛାତ୍ରୀ ସଂସ୍କୃତି ମହାପାତ୍ର, ନିତୁ ଘୋଷ ଓ ନୀଳମ ଘୋଷଙ୍କୁ ଭାରତ ମାତା ବେଶରେ ସୁସଜ୍ଜିତ କରାଇ ଏକ ସ୍ୱତନ୍ତ୍ର ଗାଡ଼ିରେ ଶୋଭାଯାତ୍ରାରେ ନିଆଯାଇଥିଲା। ଏହି ଶୋଭାଯାତ୍ରାରେ ବିଧାୟକ ମହାନନ୍ଦ ଏବଂ ଭାଜପା ବରଗଡ଼ ଜିଲା ସଭାପତି ଅରୂପାନନ୍ଦ ସାହୁଙ୍କ ଉପସ୍ଥିତିରେ କୋଶଳ ଅବସରପ୍ରାପ୍ତ ସୈନିକ ସଂଘ ସଦସ୍ୟ ଅରୁଣ ବାରିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ନଗର ସଭାପତି ସତୀଶ ଚୌଧୁରୀ, ଅତାବିରା ୧ ନମ୍ବର ୱାର୍ଡର କାଉନସିଲର ଦୀପକ ରାଏ, ସୁରେନ୍ଦ୍ର ସ୍ୱାଇଁ, ପ୍ରିୟ ଦର୍ଶିନୀ ଅର୍ଚ୍ଚନା ବାଗ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଅତାବିରା ଦୁର୍ଗା ମନ୍ଦିର ପାଖରେ ଥିବା ଜାତିର ପିତା ମହାତ୍ମାଗାନ୍ଧୀ ଓ ତହସିଲ ଅଫିସ ଛକରେ ଥିବା ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥି ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ତ୍ରିରଙ୍ଗା ଯାତ୍ରାରେ ସାମୂହିକ ସ୍ୱାଧୀନତା ଦିବସ ପାଳନ କମିଟି ସହ ଅତାବିରାର କୋଶଳ ଅବସରପ୍ରାପ୍ତ ସୈନିକ ସଂଘ, ଓକିଲ ସଂଘ, ଅଖିଳ ଭାରତୀୟ ହିନ୍ଦୁ ମହିଳା ମଞ୍ଚ, ଭି.ଏସ. ଏସ୍ କ୍ଲବ, ବଣିକ ସଂଘ, କୃଷକ ସଂଘ, ବରିଷ୍ଠ ନାଗରିକ ସଂଘ, ମାରୱାଡି ସମାଜ, ଜନ କଲ୍ୟାଣ କୁଳିତା ସମାଜ, କୋଶଳ ଆନ୍ଧ୍ର ସାଂସ୍କୃତିକ ସଂଘ, ଦୁର୍ଗା ମନ୍ଦିର କମିଟି, ଟ୍ରକ୍ ମାଲିକ ସଂଘ, ମୁସଲିମ କମିଟି, ଖବରଦାତା ସଂଘ ଆଦି ଅନୁଷ୍ଠାନର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।

# ମିନି ଷ୍ଟାଡିୟମରେ ପରେଡ୍ ରିହର୍ସାଲ



ରାଉରକେଲା,୧୨।୮(ବିପ୍ଳବ ରଞ୍ଜନ ଦାଶ): ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଉପଲକ୍ଷେ ଉଦିତନଗର ମିନି ଷ୍ଟାଡିୟମରେ ମଙ୍ଗଳବାର ପରେଡ୍ ରିହର୍ସାଲ କରାଯାଇଥିଲା। ଏଥିରେ ବିଭିନ୍ନ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ସମେତ ସିଭିଲ୍ ଡିଫେନ୍ସ, ସ୍କାଉଟ୍ ଗାଇଡ୍ ଏବଂ ରିଜର୍ଭ ପୋଲିସ ଦଳର ୪୯ ଗ୍ରୁପ୍ ସାମିଲ ହୋଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କାଙ୍କ ସମେତ ରିଜର୍ଭ ପୋଲିସର ବରିଷ୍ଠ ଅଧିକାରୀ ଏବଂ ଇନ୍ସପେକ୍ଟର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପ୍ରାକ୍ ପ୍ୟାରେଡ୍ ଦେଖିବା ପାଇଁ ଷ୍ଟାଡିୟମ୍ ବାହାରେ ବହୁ ସଂଖ୍ୟକ ଲୋକଙ୍କ ଭିଡ଼ ହୋଇଥିଲା।

# ମନି ଲଣ୍ଡରିଂ ଅଭିଯୋଗରେ ୯ ଗିରଫ

- ଦୁବାଇରୁ ଆସୁଥିଲା କଳାଟଙ୍କା, ୨ ବ୍ୟାଙ୍କ କର୍ମଚାରୀ ସମ୍ପୃକ୍ତ
- ୨୦ ମୋବାଇଲ, ଲାପ୍‌ଟପ୍, ବ୍ୟାଙ୍କ ଆକାଉଣ୍ଟ ଓ ସିମ୍ ଜବତ

ରାଉରକେଲା,୧୨।୮(ଦିନେଶ ମିଶ୍ର)



ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତ।

ମନି ଲଣ୍ଡରିଂ ଅଭିଯୋଗରେ ରାଉରକେଲା ସାଇବର ପୋଲିସ ୯ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଲାଠିକଟା ଥାନା ଅନ୍ତର୍ଗତ ବଲାଣି ଅଞ୍ଚଳର ଜୟନ୍ତ ପ୍ରଧାନ(୨୬), ପାନପୋଷ ବସ୍ତିର ମେହୁଲ ସାହୁ(୨୩), ଟ୍ରାଫିକ୍ ଗେଟ୍‌ର ସଚିନ ଜେନା(୨୩), ସେକ୍ଟର-୧୮ ଉତ୍କଳ ବସ୍ତିର ଆଦିତ୍ୟ ନାଗବଂଶୀ(୧୯), ବୀରମିତ୍ରପୁର ଅଞ୍ଚଳର ମୌସିମ୍ ଖାନ(୨୮), ପାନପୋଷ ବସ୍ତିର ଦୀପକ ମୁଖୀ(୨୬), ବିବେକାନନ୍ଦପଲ୍ଲୀ ସେକ୍ଟର-୬ର ଶେଖ୍ ସାହିଦୁଲ ଅଲ୍ଲୀ, ଗୋପବନ୍ଧୁପଲୀର ଶିଳ୍ପୀ ସାହୁ(୨୨) ଏବଂ ଗାନ୍ଧୀରୋଡ ଅଞ୍ଚଳର ସାହିଲ ଖୁଣ୍ଟିଆ(୨୩)। ଅଭିଯୁକ୍ତମାନଙ୍କଠାରୁ ୩୦ଟି ଆଧାର କାର୍ଡ, ବିଭିନ୍ନ ବ୍ୟାଙ୍କର ୧୭ଟି ପାସ୍‌ବୁକ, ଗୋଟିଏ ଲାପ୍‌ଟପ୍, ୨୦ଟି ମୋବାଇଲ, ୪ଟି ଚେକ୍ ବୁକ୍, ଗୋଟିଏ କାର, ଗୋଟିଏ ବୁଲେଟ୍‌କୁ ଜବତ କରାଯାଇଛି। ଏ ନେଇ ମଙ୍ଗଳବାର ରାଉରକେଲା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ନିତେଶ ୱାଧୱାନି ଓ ଡିଆଇଜି ବ୍ରିଜେଶ ରାୟ ସୂଚନା ପ୍ରଦାନ କରିଥିଲେ। ସୂଚନା ଅନୁସାରେ, ଅଭିଯୁକ୍ତମାନେ ଗ୍ରାହକମାନଙ୍କୁ ଅଧିକ ଅର୍ଥ ଲାଳସା ଦେଖାଇ ବିଭିନ୍ନ ବ୍ୟାଙ୍କରେ ଆକାଉଣ୍ଟ ଖୋଲୁଥିଲେ। ସେହି ଆକାଉଣ୍ଟକୁ ଦୁବାଇରୁ ପୁଳାପୁଳା କଳା ଟଙ୍କା ଆସୁଥିଲା। ଯେଉଁ ଲୋକମାନଙ୍କ ନାମରେ ଆକାଉଣ୍ଟ ଖୋଲାଯାଇଥିଲା ସେମାନଙ୍କୁ ମାସକୁ ୮ ହଜାରୁ ୧୦ ହଜାର ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ସେମାନଙ୍କୁ ଟଙ୍କା ଦିଆ ନ ଯିବାରୁ ସେମାନେ ସାଇବର ଥାନାରେ ଅଭିଯୋଗ କରିଥିଲେ। ସାଇବର ପୋଲିସ ଏ ନେଇ ଏକ ମାମଲା (ନଂ.୧୭/୨୫) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ରାଉରକେଲା ଅତିରିକ୍ତ ଏସ୍‌ପି ଶ୍ରାବଣୀ ନାୟକଙ୍କ ନେତୃତ୍ୱରେ ରାଉରକେଲା ସାଇବର ଥାନାଧିକାରୀ ଫ୍ଲୋରେନ୍‌ସିଆ ଏକ୍କା ଘଟଣାର ତଦନ୍ତ କରି ଏହି ମନି ଲଣ୍ଡରିଂ ମାମଲାରେ ଆଇଡିବିଆଇ ଓ ବନ୍ଧନ ବ୍ୟାଙ୍କର ୨ଜଣ କର୍ମଚାରୀ ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲେ। ଏହି ଘଟଣାରେ ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୨ଜଣ ବ୍ୟାଙ୍କ କର୍ମଚାରୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଉଲ୍ଲେଖନୀୟ, ଏହି ମାମଲାରେ ପୂର୍ବରୁ ସେକ୍ଟର-୭ ପୋଲିସ ଗତ ୯ ତାରିଖରେ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

# କାହ୍ନୁ ଚରଣ ଓଡ଼ିଆ ସାହିତ୍ୟର କାଳଜୟୀ କଥାକାର



ସାହିତ୍ୟ ସଭାରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା,୧୨।୮(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୭ ସ୍ଥିତ ପ୍ରଗତି ଉତ୍କଳ ସଂଘ ପରିସରରେ ସୋମବାର ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ କାହ୍ନୁ ଚରଣ ମହାନ୍ତିଙ୍କ ୧୨୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ରାଉରକେଲା ଇସ୍ପାତ କାରଖାନାର ସାମଗ୍ରୀ ପରିଚାଳନା ବିଭାଗ ସେବା ନିବୃତ୍ତ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ୧୯୦୬ ଅଗଷ୍ଟ ୧୧ରେ ଜନ୍ମ ଗ୍ରହଣ କରିଥିବା କାହ୍ନୁଚରଣ ୧୯୩୦ରୁ ୧୯୮୫ ପର୍ଯ୍ୟନ୍ତ ଦୀର୍ଘ ୬ ଦଶନ୍ଧିର ସାହିତ୍ୟ ରଚନା କାଳ ମଧ୍ୟରେ ୫୦ଟି ଉପନ୍ୟାସ ଓ ୬୦ ଖଣ୍ଡ ପୁସ୍ତକ ରଚନା କରି ଓଡିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଯାଇଛନ୍ତି ବୋଲି ମୁଖ୍ୟ ଅତିଥି ତ୍ରିପାଠୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଫକୀର ମୋହନ ସେନାପତିଙ୍କ ପରେ ଆଧୁନିକ ଓଡିଆ ଗଦ୍ୟ ସାହିତ୍ୟର କର୍ଣ୍ଣଧାର ଥିଲେ କାହ୍ନୁ ଚରଣ। ତାଙ୍କର ସମସ୍ତ ରଚନାରେ ମଣିଷପଣିଆ ଭାବ ଓ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ସହାବସ୍ଥାନ ସହ ଗ୍ରାମୀଣ ଓଡିଶାର ପୃଷ୍ଠଭୂମି ଚିତ୍ରଣ ହେଉଥିଲା ବୋଲି ବିଶ୍ୱଭାରତୀର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ମନୋରଞ୍ଜନ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ରହି ମତପ୍ରକାଶ କରିଥିଲେ। ଉପସଭାପତି ଡକ୍ଟର ପ୍ରଭାତ କୁମାର ମଲ୍ଲିକ ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘର ଉପଦେଷ୍ଟା ଭାରତ ଭୂଷଣ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆବାହକ ଭାରତ ଭୂଷଣ ମହାନ୍ତି କାହ୍ନୁ ଚରଣଙ୍କ କୃତି ସମ୍ପର୍କରେ ଭିତ୍ତିପ୍ରବନ୍ଧ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ସଂଘର କର୍ମକର୍ତ୍ତା ରଶ୍ମିରଞ୍ଜନ ବୋଇତାଇ, ରାଧାମୋହନ ନାୟକ, ଲକ୍ଷ୍ମଣନାଥ ଦାସ, ଇନ୍ଦ୍ରମଣି ମହାପାତ୍ର, ସ୍ମିତା ମିଶ୍ର, ରଶ୍ମି ସାହୁ, ଅରବିନ୍ଦ ପାତ୍ର, ଧରଣୀଧର ସାମଲ, ବିପିନ ବିହାରୀ ପଟ୍ଟନାୟକ, ଅଶୋକ କୁମାର ପଟ୍ଟନାୟକ, ପ୍ରସନ୍ନ କୁମାର ମହାନ୍ତି, ଶୁଭ୍ରାଂଶୁ ଶେଖର ମହାପାତ୍ର, ସତ୍ୟନାରାୟଣ ଦାଶ, ବରୁଣ କୁମାର ନାହାକ, ପ୍ରଦୀପ କୁମାର ପଟ୍ଟନାୟକ, ବ୍ରଜେନ୍ଦ୍ର ଦାଶ, ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ, ଅଜୟ ପାଣିଙ୍କ ସମେତ ବହୁ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ଘନଶ୍ୟାମ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ସୁନ୍ଦରଗଡ଼,୧୨।୮(ଜୟ ନାରାୟଣ ମେଣ୍ଡୁଲି)

ବିଭିନ୍ନ ଦାବି ନେଇ ଓଡ଼ିଶା ଶିଳ୍ପୀ ମହାସଂଘ ସୁନ୍ଦରଗଡ ଜିଲା ଶାଖା ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମଙ୍ଗଳବାର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୁରଜ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ ପୂର୍ବ ରାଜ୍ୟ ସରକାର ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମାଜିକ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଲାଗୁ କରିଥିଲେ। ଏହି ଯୋଜନା ଅଧୀନରେ ରାଜ୍ୟର ମାତ୍ର ୧୫୦୦ରୁ ପାଖାପାଖି ବରିଷ୍ଠ, ବୁଣାକାର ମାସିକ ଦୁଇ ହଜାର ଟଙ୍କା ପାଉଛନ୍ତି । ହେଲେ ପରିତାପର ବିଷୟ ଏଯାବତ ଜଣେ ହେଲେନି ହସ୍ତଶିଳ୍ପୀ ଏହି ଯୋଜନାରୁ ଉପକୃତ ହୋଇନାହାନ୍ତି। ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା, ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଏବଂ ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରର ବଜେଟକୁ ହଜାର କୋଟି କାରିବା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଆଜିର ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲାର ଶହଶହ କାରିଗର ଓ ବୁଣାକାର ସାମିଲ ହୋଇଥିବାବେଳେ ଡ଼ିଆରଡ଼ିଏ ଛକରୁ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଯାଏଁ ଆସିଥିଲା । ମହାସଂଘର ରାଜ୍ୟ ଉପସଭାପତି କଳ୍ପନା ରଣା, ସୁନ୍ଦରଗଡ ଜିଲ୍ଲା ସଭାପତି ରାଜେନ୍ଦ୍ର କୁମାର ମେହେର, ସମ୍ବଲପୁର ଜିଲା ସଭାପତି ବିଶ ରଣା, ନଭେନ୍ଦ୍ର ରଣା, ପ୍ରତାପ ମାଝୀ, ମହେନ୍ଦ୍ର ମାଝୀ, ବୈଳାସ ରଣା,ସୁମନ ମେହେର ପ୍ରମୁଖ ନେତୃତ୍ୱ ନେଇଥିଲେ।

# ମେହେର ସାହିତ୍ୟରେ ପ୍ରକୃତି, ଆଧ୍ୟାତ୍ମିକତା ଆଲୋଚନା



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ରାଉରକେଲା,୧୨।୮(ବିପ୍ଳବ ରଞ୍ଜନ ଦାଶ)

ଛେଣ୍ଡ ସ୍ଥିତ ମଧୁସୂଦନ ପାଠାଗାର ଓ ଛେଣ୍ଡ ୱେଲଫେୟାର କମିଟିର ମିଳିତ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୪ତମ ଜୟନ୍ତୀ ଓ ମେହେର ସାହିତ୍ୟରେ ଆଧ୍ୟାତ୍ମିକତା ଓ ପ୍ରକୃତି ବର୍ଣ୍ଣନା ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଠାଗାର ସଭାପତି ହରିହର ରାଉତରାୟ ସଭାପତିତ୍ୱ କରିଥିଲେ। ସମ୍ପାଦକ ବିଜୟ କୁମାର ବରାଳଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରୋଜ ପାତ୍ର ମୁଖ୍ୟଅତିଥି, ଶାସ୍ତ୍ରୀୟ ପ୍ରବକ୍ତା ଶ୍ରୀକାନ୍ତ ଷଡ଼ଙ୍ଗୀ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଆଲୋଚ୍ୟ ବିଷୟରେ ମତ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ରାଉତ ମେହେର ସାହିତ୍ୟରେ ପ୍ରକୃତି ଏବଂ ସମ୍ମାନିତ ବକ୍ତା ଷଡ଼ଙ୍ଗୀ ମେହେର ସାହିତ୍ୟରେ ଆଧ୍ୟାତ୍ମିକତା ଉପରେ ଆଲୋଚନା କରିଥିଲେ। ସମାଜସେବୀ ଅର୍ଚ୍ଚନା ଦେବତା ଗଙ୍ଗାଧରଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ରଖାଲ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ୱେଲଫେୟାର କମିଟି ସଭାପତି ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ମଞ୍ଚାସୀନ ଥିଲେ। କମିଟିର ସମ୍ପାଦକ ବ୍ରଜକିଶୋର ପାଣି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ହରିହର ଶତପଥୀ, ସୁଶାନ୍ତ କୁମାର ନାୟକ, ମନୋରଞ୍ଜନ ଦାଶ, ପ୍ରସନ୍ନ କୁମାର ସାବତ, ପୀତବାସ ପ୍ରଧାନ, ଜଗନ୍ନାଥ ମହାରଣା, ଜ୍ୟୋତ୍ସ୍ନାରାଣୀ ରାୟ, ପ୍ରକାଶ ମହାନ୍ତି, ଡା. ପ୍ରଭାକର ନାୟକ, ଇଂ. ରବି ସିଂ, ଇଂ. ରମେଶ ସିଂ, କମଳାକାନ୍ତ ହୋତା, କୁଳମଣି ଦାସ, ରାମଚନ୍ଦ୍ର ପରିଡ଼ା, ସଞ୍ଜୁ ଦାସ, ସଞ୍ଜୁକ୍ତା ଦାସ, ସରାଫ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାରୁ ବର୍ତ୍ତିବାକୁ ଟ୍ରାଫିକ୍ ନିୟମ ମାନ



କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଶପଥ ପାଠ କରୁଛନ୍ତି।

ରାଉରକେଲା,୧୨।୮ (ବିପ୍ଳବ ରଞ୍ଜନ ଦାଶ/ଦିନେଶ ମିଶ୍ର)

**ମ୍ୟୁନିସିପାଲ କଲେଜରେ କର୍ମଶାଳା**

ରାଉରକେଲା ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ମ୍ୟୁନିସିପାଲ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଟ୍ରାଫିକ ପୋଲିସ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଟ୍ରାଫିକ ପୋଲିସ ବିଭାଗର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପୁରୁଷୋତ୍ତମ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟ୍ରାଫିକ ନିୟମ ମାନି ଚଳିବା ସମସ୍ତ ନାଗରିକଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ଟ୍ରାଫିକ ପୋଲିସ ଆଇଆଇସି ପ୍ରମୋଦ କୁମାର ଭୋଇ, ଏଏସ୍‌ଆଇ ମନୋରଞ୍ଜନ ସେଠି ଏବଂ ପି.କେ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ କଲେଜର ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଟ୍ରାଫିକ୍ ସବ୍‌ଇନ୍ସପେକ୍ଟର ବୁଲୁ ସାହୁ ସଡ଼କ ସୁରକ୍ଷା ଅଭିଯାନ ଉପରେ ଆଲୋଚନା କରିଥିଲେ। ପରେ ଟ୍ରାଫିକ୍ ଡିଏସ୍‌ପି ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଟ୍ରାଫିକ୍ ନିୟମର ବିଭିନ୍ନ ଗତିବିଧି ସହ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ କରିଥିଲେ। ଏହି ଅବସରରେ ସମସ୍ତ ଛାତ୍ରୀଛାତ୍ର ଟ୍ରାଫିକ୍ ନିୟମ ମାନିବା ପାଇଁ ସାମୂହିକ ଶପଥ ପାଠ କରିଥିଲେ। କ୍ୟାପ୍‌ଟେନ ସତ୍ୟ ନାରାୟଣ ରାଉତ ଓ ସୁରଜ ତନ୍ତି ସହଯୋଗ କରିଥିଲେ।

# ରିମ୍ସରେ ଜାତୀୟ ଗ୍ରନ୍ଥାଗାର ଦିବସ ପାଳିତ





କାର୍ଯ୍ୟକ୍ରମରେ ଉପସ୍ଥିତ କାର୍ଯ୍ୟକର୍ତ୍ତା।

ରାଉରକେଲା,୧୨।୮(ଦିନେଶ ମିଶ୍ର)

ଛେଣ୍ଡସ୍ଥିତ ରିମ୍ସ ଲାଇବ୍ରେରୀ କକ୍ଷରେ ଲାଇବ୍ରେରୀ ସାଇନ୍ସର ଜନକ ପଦ୍ମଶ୍ରୀ ଡକ୍ଟର ଏସ୍. ଆର୍. ରଙ୍ଗନାଥଙ୍କ ୧୩୪ତମ ଜନ୍ମ ଦିବସ ପାଳନ ଅବସରରେ ଜାତୀୟ ଗ୍ରନ୍ଥାଗାର ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ରିମ୍ସର ଅଧ୍ୟକ୍ଷା ନଳିନୀପ୍ରଭା ପଟ୍ଟନାୟକ ଆଭାଷୀ ମାଧ୍ୟମରେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଯୁବସମାଜ ବିଭିନ୍ନ ଇଲେକ୍ଟ୍ରୋନିକ ଗ୍ୟାଜେଟ୍ ପଛରେ ସମୟ ଅପଚୟ ନ କରି ଇ-ପାଠଗାରର ସଦୁପଯୋଗ କରିବା ପାଇଁ ପଟ୍ଟନାୟକ ଆହ୍ୱାନ ଦେଇଥିଲେ। ରିମ୍ସର ସମ୍ପାଦକ ଡକ୍ଟର ଆର୍ଯ୍ୟ ପଟ୍ଟନାୟକ ଆଭାଷୀ ମାଧ୍ୟମରେ ପାଠାଗାରର ଉପଯୋଗିତା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଡକ୍ଟର ପଟ୍ଟନାୟକ ପାଠାଗାରର ଆଧୁନିକୀକରଣ ସକାଶେ ଡିଜିଟାଲାଇଜେଶନର ଆବଶ୍ୟକତା ସହିତ ନୂତନ ଶିକ୍ଷା ପ୍ରଣାଳୀ ଉପରେ ଗୁରୁତ୍ୱାରୋପ କରିଥିଲେ। ରିମ୍ସର ନିର୍ଦ୍ଦେଶକ କରୁଣାକର ପାତ୍ର, ଡ. ଶ୍ରୀକୁମାର, ଡ. ସନ୍ତୋଷ କୁମାର ବିଶ୍ୱାଳ, ପ୍ରିନ୍ସପାଲ ଡ. ସୁବ୍ରତ କୁମାର ପଟ୍ଟନାୟକଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ବରିଷ୍ଠ ଲାଇବ୍ରେରିଆନ ମମତା ରାୟ ଓ ରଶ୍ମିତା ଯୋଶୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରଞ୍ଜିତ ମହାନ୍ତି, ଜେ.କେ. ବୋଷ, ସ୍ୱରାଜ୍ୟ ଜେନା, ଦୀପ୍ତିରଞ୍ଜନ ସେଠୀ, ରୋହିତ ଗୋରାଇ ପ୍ରମୁଖ ସହଯୋଗ କରିଥିଲେ।

# ଆର୍‌ଏସ୍‌ପି କାର୍ମିକଙ୍କୁ ସାବାସ ପୁରସ୍କାର

ରାଉରକେଲା,୧୨।୮(ବିପ୍ଳବ ରଞ୍ଜନ ଦାଶ)



ଆର୍‌ଏସ୍‌ପି କାର୍ମିକ ବିଭାଗ ଅଧିକାରୀ, କର୍ମଚାରୀ ପୁରସ୍କୃତ ହେଉଛନ୍ତି।

ଆର୍‌ଏସ୍‌ପିର ସିଲିକନ ଷ୍ଟିଲ ମିଲ (ଏସ୍‌ଏସ୍‌ଏମ୍)ରେ ସୋମବାର ଆୟୋଜିତ ଏକ ସମାରୋହରେ ବିଭାଗର ୩ ଜଣ କାର୍ମିକଙ୍କୁ ସେମାନଙ୍କ ଉଦାହରଣୀୟ ଅବଦାନ ପାଇଁ ପୁରସ୍କୃତ କରାଯାଇଛି। ଏହି ସମାରୋହରେ ହଟ୍ ଷ୍ଟ୍ରିପ୍ ମିଲ ଓ ଆନୁଷଙ୍ଗିକ ବିଭାଗର ସିଜିଏମ୍ ସୁବ୍ରତ କୁମାର ଅଧ୍ୟକ୍ଷତା କରି ଅପରେଶନ ବିଭାଗର ଏଜିଏମ୍ ପି. ସି ସ୍ୱାଇଁ, ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ ପାୟଲ ସରକାର ଏବଂ ଜୁନିୟର ଇଞ୍ଜିନିୟର ପି. କେ. ପରିଡାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଏସ୍‌ଏସ୍‌ଏମ୍ ବିଭାଗର ଜିଏମ୍ ଇନ୍‌ଚାର୍ଜ ଏବଂ ବିଭାଗ ମୁଖ୍ୟ ସି. ଆର୍. ମିଶ୍ର, ଏସ୍‌ଏସ୍‌ଏମ୍ ମେକାନିକାଲ ବିଭାଗର ଜିଏମ୍ ଡି. ବାନାର୍ଜୀ, ଏସ୍‌ଏସ୍‌ଏମ୍ ଇଲେକ୍ଟ୍ରିକାଲ ବିଭାଗର ଜିଏମ୍ ଏମ୍. ପି. ରାଜାରାଓ ଏବଂ ଅପରେଶନ ବିଭାଗର ଜିଏମ ବି. ଦାସଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏ ନେଇ ସୁବ୍ରତ କୁମାର ନିଜ ଅଭିଭାଷଣରେ ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ପ୍ରତ୍ୟେକ ଛୋଟ ସୃଜନଶୀଳ, ଅବଦାନ ଉଚ୍ଚ ଉତ୍ପାଦକତା, ସୁରକ୍ଷାରେ ଉନ୍ନତି ଓ ସାମଗ୍ରିକ କାର୍ଯ୍ୟକ୍ଷମ ଉତ୍କର୍ଷତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। ସୃଜନଶୀଳତା ଓ ନିରନ୍ତର ଉନ୍ନତିର ଏକ ସଂସ୍କୃତି ସୃଷ୍ଟି ପୂର୍ବକ କାରଖାନାର କାର୍ଯ୍ୟଦକ୍ଷତା ଏବଂ ପ୍ରତିଦ୍ୱନ୍ଦ୍ୱିତାମୂଳକ ସ୍ଥାନକୁ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଉଲ୍ଲେଖନୀୟ, ରିଭର୍ସି ମିଲ୍‌ରେ ଏୟାର ୱାଇପର ବ୍ୟବହାର କରି ଷ୍ଟ୍ରିପ୍ ସଫା କରିବାରେ ଉନ୍ନତି ଆଣିବାରେ ସ୍ୱାଇଁଙ୍କ ପ୍ରୟାସ ପାଇଁ ଉକ୍ତ ପୁରସ୍କାର ଦିଆଯାଇଥିଲା। ସମୟୋଚିତ ତଥ୍ୟ ସଂଗ୍ରହ ଏବଂ ନିୟମିତ ଅନୁସରଣ ମାଧ୍ୟମରେ ବୈଷୟିକ-ଅର୍ଥନୈତିକ ପରିମାପକତା ଗୁଡିକରେ ଉନ୍ନତି ସାଧନରେ ସୁଶ୍ରୀ ସରକାରଙ୍କ ଅବଦାନ ପାଇଁ ଏହି ପୁରସ୍କାର ଦିଆଯାଇଥିବା ବେଳେ ଷ୍ଟ୍ରିପ୍ ସଫା କରିବାରେ ଉନ୍ନତି ଆଣି ଟି.ଏ ଲାଇନରେ ବିବର୍ତ୍ତନ ହ୍ରାସ କରିବା କାର୍ଯ୍ୟ ପାଇଁ ପରିଡାଙ୍କୁ ପୁରସ୍କୃତ କରାଯାଇଥିଲା।

# ଫାଇଲେରିଆ ନିରାକରଣ ଅଭିଯାନ

ରାଉରକେଲା,୧୨।୮(ଦିନେଶ ମିଶ୍ର): ବାସନ୍ତୀ କଲୋନିର ଆମ୍ବେଡ଼କର ଓ ଝରଣା ବସ୍ତିରେ ଫାଇଲେରିଆ ନିରାକରଣ ସଚେତନତା ଅଭିଯାନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ ବାସନ୍ତୀ କଲୋନି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ସ୍ଥାନୀୟ ଅଙ୍ଗନୱାଡି କର୍ମୀମାନେ ଯୋଗଦେଇ ଫାଇଲେରିଆସିସ୍ ରୋଗର ଦୂରୀକରଣ ଓ ଏହାର ନିରାକରଣ ଉପରେ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସଚେତନ କରିଥିଲେ। ଏହି ସଚେନତତା ଅଭିଯାନରେ ୨ଟି ବସ୍ତିର ବହୁ ଲୋକ ସାମିଲ ହୋଇଥିଲେ। ଝରଣା ବସ୍ତିର ମା' ମଙ୍ଗଳା ଅଙ୍ଗନୱାଡି ଓ ସ୍ଥାନୀୟ ଏନ୍‌ଏଚ୍‌ଏମ୍ ଦିଦିମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗଙ୍ଗାଧର ମେହେର ଜୟନ୍ତୀ, କବିତା ପାଠୋତ୍ସବ

ରାଉରକେଲା,୧୨।୮(ବିପ୍ଳବ ରଞ୍ଜନ ଦାଶ)





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା ଇସ୍ପାତ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ଓ କବିତା ପାଠୋତ୍ସବ ସୋମବାର ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସେକ୍ଟର-୭ ସ୍ଥିତ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ସଭାପତି ପ୍ରତାପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡକ୍ଟର କିଶୋରୀ ଦାଶ ମୁଖ୍ୟ ଅତିଥି ଓ କଳଚରାଲ ଏକାଡେମୀର ସଭାପତି ପଶୁପତିନାଥ ଚାଟାର୍ଜୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ସାହିତ୍ୟିକ ଓ ଶିକ୍ଷାବିତ୍ ଡକ୍ଟର ଅଶ୍ୱିନୀ କୁମାର ରାୟ ମୁଖ୍ୟ ବକ୍ତା ଭାବେ ଯୋଗଦେଇ 'ସମାଜ ଗଠନରେ ପ୍ରକୃତିର ମନ୍ମୟ ଚିତ୍ରକର: ସ୍ୱଭାବ କବି ଗଙ୍ଗାଧର' ଶୀର୍ଷକରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଡକ୍ଟର ଦାଶ ଗଙ୍ଗାଧର ସାହିତ୍ୟର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଚାଟାର୍ଜୀ ପ୍ରକୃତିର ପୂଜାରୀ ଗଙ୍ଗାଧରଙ୍କ କାବ୍ୟଚେତନା ସମ୍ପର୍କରେ ଆଲୋକପାତ କରିଥିଲେ। ସଂସଦର ସଦସ୍ୟା ମଞ୍ଜୁଳା କୁମାରୀ ରଥଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଉପସଭାପତି ରଶ୍ମିବାଳା ରାଉତରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସଂସଦର ସାଧାରଣ ସମ୍ପାଦକ ମନୋଜ ନନ୍ଦ ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ମେହେର କବିତା ଆବୃତ୍ତି ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରାରମ୍ଭରେ କବି ସୁଚିତ୍ରା ଲେଙ୍କା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ଡଳିରାଣୀ ବ୍ରହ୍ମାଙ୍କ ଅଧ୍ୟକ୍ଷତାରେ ଏକ କବିତା ପାଠୋତ୍ସବ ହୋଇଥିଲା। କବି ସୁଶାନ୍ତ କୁମାର ନାୟକ ଏବଂ ଅର୍ଚ୍ଚନା ପାତ୍ରଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ତ୍ରିଲୋଚନ ମଥାନ, ହରମୋହନ ମିଶ୍ର, ରଘୁବର ଧଳ, ସୁମିତ୍ରା ମିଶ୍ର, ସତ୍ୟବ୍ରତ ଦାସ, ବ୍ରଜେନ୍ଦ୍ର ଦାଶ, ବ୍ରଜବିହାରୀ ଦାଶ, କଳ୍ପନା ନନ୍ଦ, ଦିବାକର ଦାସ, ଦୀପ୍ତି ମହାନ୍ତି, ପୁଷ୍ପାରାଣୀ ପଟେଲ, ପ୍ରଶାନ୍ତ କୁମାର ପତି, ଶ୍ରୀଧର ସୁନା, ଗୀତାରାଣୀ ବେହେରା, ଚିତ୍ତରଞ୍ଜନ ବ୍ରହ୍ମା, ସୁମିତ୍ରା ବାରିକ, ଗୌତମ ଦାସ, ଅଜୟ କୁମାର ମହାନ୍ତି, ପ୍ରକାଶ ଚନ୍ଦ୍ର ସେଠୀ ପ୍ରମୁଖ ସହଯୋଗ କରିଥିଲେ। କବି ଉପେନ୍ଦ୍ର କୁମାର ବହିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ସାମୁଦ୍ରିକ ବାୟୋଟେକ୍ନୋଲୋଜି ଗବେଷଣାକୁ ପ୍ରୋତ୍ସାହନ

ରାଉରକେଲା,୧୨।୮(ସଙ୍ଗୀତା ଜେନା)



ବୁଝାମଣାପତ୍ର ସ୍ୱାକ୍ଷରିତ ହେଉଛି।

ଓଡ଼ିଶା ସାମୁଦ୍ରିକ ବାୟୋଟେକ୍ନୋଲୋଜି ଗବେଷଣା ଓ ନବସୃଜନ କରିଡର (ଓଏମ୍‌ବିଆରଆଇସି)ର ରଣନୈତିକ ଅଂଶୀଦାର ଭାବେ ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ଉଭା ହୋଇଛି। ଓଡ଼ିଶା ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ ରାଜ୍ୟକୁ ଅତ୍ୟାଧୁନିକ ସାମୁଦ୍ରିକ ବାୟୋଟେକ୍ନୋଲୋଜି ଗବେଷଣା ନବସୃଜନ ଏବଂ ସମୁଦ୍ର ସମ୍ପଦର ସ୍ଥାୟୀ ବ୍ୟବହାର ପାଇଁ ଏକ ଜାତୀୟ କେନ୍ଦ୍ର ଭାବେ ସ୍ଥାନୀତ କରିବାକୁ ଲକ୍ଷ୍ୟ ରଖିଛି। ଏହି କ୍ରମରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ରାଜ୍ୟ ସରକାର ଏବଂ ଏନ୍‌ଆଇଟି ରାଉରକେଲା, ଆଇଆଇଟି ଭୁବନେଶ୍ୱର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟ, ଆଇଆଇଏସ୍‌ଇଆର୍ ବ୍ରହ୍ମପୁର ଏବଂ ଆଇଏଲ୍‌ଏସ୍ ଭୁବନେଶ୍ୱର ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଉକ୍ତ ପ୍ରମୁଖ ଅନୁଷ୍ଠାନର ପ୍ରତିନିଧିଙ୍କ ସମେତ ଏନ୍‌ଆଇଟି ରେଜିଷ୍ଟ୍ରାର ତଥା ପ୍ରକଳ୍ପର ପ୍ରମୁଖ ଅଧିକାରୀ ପ୍ରଫେସର ରୋହନ ଧୀମାନ ଏବଂ ପ୍ରକଳ୍ପ ସଂଯୋଜକ ପ୍ରଫେସର ସୁରଜିତ ଦାସ ଯୋଗ ଦେଇଥିଲେ। ଦେଶର ୬ଟି ପ୍ରମୁଖ ଶିକ୍ଷାନୁଷ୍ଠାନ ସହ ସହଭାଗିତା କରି ଓଏମ୍‌ବିଆର୍‌ଆଇସି ଜିନ୍ ଆବିଷ୍କାର, ଜୈବ ପ୍ରତିକାର ଏବଂ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଅଗ୍ରଗତିକୁ ନେତୃତ୍ୱ ଦେବା ଉପରେ ଧ୍ୟାନକେନ୍ଦ୍ରିତ କରୁଛି। ଏହାଦ୍ୱାରା ଓଡ଼ିଶାକୁ ଉପକୂଳୀୟ ନବସୃଜନର କେନ୍ଦ୍ର ଭାବେ ପ୍ରତିଷ୍ଠା କରାଯାଇପାରିବ। ବଙ୍ଗୋପସାଗରର ଓଡ଼ିଶା ଉପକୂଳବର୍ତ୍ତୀ ସ୍ଥାନ ଏବଂ ମ୍ୟାନ୍‌ଗ୍ରୋଭ ପରିବେଶ ସମେତ ବିଭିନ୍ନ ଇକୋସିଷ୍ଟମରୁ ସଂସ୍କୃତି ନିର୍ଭର ସାମୁଦ୍ରିକ ବିବିଧତା ଅଣୁଜୀବ ସମ୍ପ୍ରଦାୟ ବିଶ୍ଳେଷଣ ଓ ଚିହ୍ନଟ, ଡିଜାଇନର ସିନ୍ଥେଟିକ୍ ମିଡିଆ ବ୍ୟବହାର କରି ଅସଂସ୍କୃତିକ ସୂକ୍ଷ୍ମଜୀବ ଚାଷ କରିବା, ଔଷଧ ଏବଂ ଶିଳ୍ପ ପ୍ରୟୋଗ ସହିତ ନୂତନ ଜୈବ ସକ୍ରିୟ ଯୌଗିକ ପାଇଁ ସାମୁଦ୍ରିକ ମାଇକ୍ରୋବାୟମ୍ ଆଇସୋଲେଟ୍ ଗୁଡ଼ିକ ସ୍କ୍ରିନିଂ କରିବା ଆଦି ପ୍ରମୁଖ କାର୍ଯ୍ୟ ଏନ୍‌ଆଇଟି ସୂକ୍ଷ୍ମଜୀବ ବିଜ୍ଞାନ ଗବେଷଣା ଉପରେ ଧ୍ୟାନ ଦେବେ। ଏହି ଅବସରରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ବିକଶିତ ଓଡ଼ିଶା ୨୦୩୬ ପାଇଁ ଏହା ଏକ ମାଇଲଖୁଣ୍ଟ ହେବ ଏବଂ ପରିବର୍ତ୍ତନଶୀଳ ଯାତ୍ରାର ଅଂଶ ହେବାକୁ ଯାଉଛି ବୋଲି ମତବ୍ୟକ୍ତ କରିଥିଲେ।

**ସ୍କିମେଟିକ ଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ଦିଅ**

ସମ୍ବଲପୁର (ପ୍ରମୋଦ ବହିଦାର): ବିଧାନସଭା କମିଟିର ନିଷ୍ପତ୍ତି ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୁପାରିଶକୁ ଅନୁମୋଦନ ଦାବି କରିଛି କନିଷ୍ଠ ଶିକ୍ଷକ ସଂଘ। ବିଜ୍ଞପ୍ତି ପ୍ରକାଶନର ମାତ୍ର ୬ଦିନ ପରେ ପ୍ରତ୍ୟାହାରକୁ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ସମ୍ବଲପୁର ଶାଖା ପକ୍ଷରୁ ବିରୋଧ କରାଯାଇଛି। ମଙ୍ଗଳବାର ଶିକ୍ଷକ ସଂଘ ସମ୍ବଲପୁର ଶାଖା ସଦସ୍ୟମାନେ ଜେଲଖାନା ଛକରୁ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସଂଘ ପକ୍ଷରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି।

# ହାତୀଙ୍କ ସଂରକ୍ଷଣ ପାଇଁ ଜନଭାଗୀଦାରିତା ଜରୁରୀ

**ସମ୍ବଲପୁର,୧୨।୮(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ବନଖଣ୍ଡ ଅନ୍ତର୍ଗତ ସଦର ବନାଞ୍ଚଳ ପକ୍ଷରୁ ମଙ୍ଗଳବାର ବିଶ୍ୱ ହସ୍ତୀ ଦିବସ ପାଳିତ ହୋଇଯାଇଛି। ସଦର ବନାଞ୍ଚଳ ଅଧିକାରୀ ହରିଶଙ୍କର ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଷେତ୍ର ସଂଯୋଜକ ଉମାକାନ୍ତ ପୋଢ ବିଶ୍ୱ ହସ୍ତୀ ଦିବସର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ସଦର ବନାଞ୍ଚଳ ଅଧିକାରୀ ନାଏକ ଓଡ଼ିଶାରେ ହାତୀ ସଂଖ୍ୟା ଦିନକୁ ଦନ ବୃଦ୍ଧି ପାଉଥିବା ସୂଚନା ଦେଇଥିଲେ। ତେବେ ଶତକଡା ୩୭% ପରିମିତ ଜଙ୍ଗଲରେ ୧୭ଶହ ହାତୀ ରହିବା କଥା। ତେବେ ଓଡ଼ିଶାରେ ୩୭% ପରିମିତ ଜଙ୍ଗଲରେ ୨୧ଶହ ହାତୀ ରହିଥିବା ପରିସଂଖ୍ୟାନରୁ ତଥ୍ୟ ପ୍ରଦାନ କରିଥିଲେ। ସେହିପରି ସମ୍ବଲପୁରରେ ମଧ୍ୟ ଜଙ୍ଗଲ ଅପେକ୍ଷା ହାତୀ ସଂଖ୍ୟା ଅଧିକ ରହିଥିବା ସେ କହିଥିଲେ। ହାତୀଙ୍କ ସଂରକ୍ଷଣ ପାଇଁ ଉଭୟ ଭିତ୍ତିଭୂମି ଏବଂ ଜନଭାଗିଦାରିତାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଗଡଗଡବାହାଲ ବନସୁରକ୍ଷା ସମିତି ସଭାପତି ସୁରେଶ ପ୍ରଧାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମନୁଷ୍ୟ-ହାତୀ ସଂଘର୍ଷ ଉପରେ ଅଭିଭାଷଣ ରଖିଥିଲେ। ସମ୍ମାନୀତ ଅତିଥିଭାବେ ଦେବଝରଣ ବିକାଶ ମଞ୍ଚ ଆବାହକ ଅରୁଣ କୁମାର ଦେହୁରୀ ଯୋଗଦେଇ ବନ୍ୟଜନ୍ତୁ ତଥା ହାତୀର ଶିକାର ରୋକିବା ଦିଗରେ କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଥିବା କହିଥିଲେ। ଏଥିପାଇଁ ଅଞ୍ଚଳରେ ସଚେତନତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବସିଆପଡା ସେକ୍ସନର ବନପାଳ ରଞ୍ଜନ ଖମାରୀ ଖାଦ୍ୟ ଅଭାବ ହାତୀ ଆକ୍ରମଣର ମୁଖ୍ୟ କାରଣ। ତେଣୁ ଏହାର ସମାଧାନ ପାଇଁ କିଛି ସାମୂହିକ ପଦକ୍ଷେପ ଗ୍ରହଣ କଲେ ହୁଏତ ମନୁଷ୍ୟ ଓ ହାତୀର ସଂଘର୍ଷ ଦୂରୀଭୂତ ହୋଇପାରିବ ବୋଲି କହିଥିଲେ। ବିଭିନ୍ନ ବନ ସୁରକ୍ଷା ସମିତିର ବନସହାୟକ, ସହାୟିକାମାନେ ମଧ୍ୟ ସୋଲାର ଫେନସିଂର ଆବଶ୍ୟକତା ଉପରେ ବନାଞ୍ଚଳ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଶେଷରେ ବନାଞ୍ଚଳ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସଦର ବନାଞ୍ଚଳର ବିଭିନ୍ନ ବନସୁରକ୍ଷା ସମିତିରୁ ବନ ସହାୟକ, ସହାୟିକା, ସଭାପତି କୋଷାଧ୍ୟକ୍ଷ, ସଭ୍ୟାସଭ୍ୟ, ବନପାଳ, ବନରକ୍ଷୀ, ପାରାଗାର୍ଡ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର କ୍ଷେତ୍ରୀୟ ପରିଚାଳନା ସଂସ୍ଥା ସଦର ବନାଞ୍ଚଳର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

**ସଦର ବନାଞ୍ଚଳ ପକ୍ଷରୁ ବିଶ୍ୱ ହସ୍ତୀ ଦିବସ ପାଳିତ**

## ଜଙ୍ଗଲ ଅବକ୍ଷୟ ହାତୀ-ମଣିଷ ଲଢ଼େଇର କାରଣ

**କୁଚିଣ୍ଡା,୧୨।୮(ବିରଞ୍ଚି ଦର୍ଭା)**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ସମ୍ବଲପୁର ଜିଲା କୁଚିଣ୍ଡା ଟାଉନ ହଲଠାରେ ମଙ୍ଗଳବାର ବାମରା ବନ୍ୟପ୍ରାଣୀ ବନଖଣ୍ଡସ୍ତରୀୟ ବିଶ୍ୱ ହସ୍ତୀ ଦିବସ ପାଳିତ ହୋଇ ଯାଇଛି। ବାମରା ଡିଏଫଓ ବିକ୍ରମଦେବ ପଟ୍ଟନାୟକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ପ୍ରତିନିଧି ଶୁଶିଲ କର, କୁଚିଣ୍ଡା ଉପଜିଲାପାଳ ସରବାନନ ସି, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ, ଏମ୍‌ପି ପ୍ରତିନିଧି ବିଭୂତି କଲ୍ୟାଣ ପଟେଲ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ବିଶ୍ୱ ହସ୍ତୀ ଦିବସ ପାଳନର ପ୍ରାସଙ୍ଗିକତା ଏବଂ ଦ୍ରୁତଗତିରେ ଗଢି ଉଠୁଥିବା ଶିଳ୍ପାୟନ, ଖଣିଖାଦାନ ଓ ଜଙ୍ଗଲ କ୍ଷୟ ଯୋଗୁ ହାତୀ-ମଣିଷ ଲଢେଇ ହେଉଥିବା କହିଥିଲେ। ହାତୀ ଓ ମଣିଷ ମଧ୍ୟରେ କିଭଳି ସହାବସ୍ଥାନ ହୋଇ ପରିପାରିବ ସେଥିନିମନ୍ତେ ସମସ୍ତେ ସଚେତନ ହେବାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାମ ପାଇଁ ଅତିଥିଙ୍କ ଦ୍ୱାରା ଡିଭିଜନର ୫ଜଣ ଗଜସାଥୀ ଓ ୧୦ଜଣ ୱାର୍ଡ ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ରେଞ୍ଜର ଲେଖାରାଣୀ ମହାନନ୍ଦ, ଦୀପକ ମହାନନ୍ଦ, ମହେନ୍ଦ୍ର ସାହୁ, ଗିରିଧାରୀ ପ୍ରଧାନ, ଲକ୍ଷ୍ମୀ ନାରାୟଣ ନାଏକ, ଫରେଷ୍ଟର ଟିକମଚାନ୍ଦ ଚୌଧୁରୀ, ଅଜିତ ନାଏକ, ଚୂଡାମଣି ନାଏକ, ଅନିତା ନାୟକ, ବିଶାଳ ନାଏକ ସହଯୋଗ କରିଥିଲେ। ଏସିଏଫ ଆଲୋକ ଷଡ଼ଙ୍ଗୀ ସଭା ପରିଚାଳନା କରିଥିବାବେଳେ ଅନ୍ୟତମ ଏସିଏଫ ରେଶମା ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଭିଏସ କର୍ମକର୍ତ୍ତା, କଲେଜ ଛାତ୍ରୀଛାତ୍ର, ଇକୋ ଉନ୍ନୟନ ସଭ୍ୟ ଯୋଗଦେଇଥିଲେ।

## ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

**ନାବାଳିକା ବଳାତ୍କାର ମାମଲା**

**ସମ୍ବଲପୁର,୧୨।୮(ପ୍ରମୋଦ ବହିଦାର)**

ସମ୍ବଲପୁର ଅଇଁଠାପାଲି ଥାନା ଅନ୍ତର୍ଗତ ସର୍ଙ୍କମା ଗ୍ରାମରେ ସଂଘଟିତ ନାବାଳିକା ବଳାତ୍କାର ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ସମ୍ବଲପୁର ଅତିରିକ୍ତ ଜିଲାଜଜ୍ ତଥା ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଳାଷ ସେନାପତି ଏହି ମାମଲାରେ ରାୟ ଦେଇ ଅଭିଯୁକ୍ତ ଶାସନ ଥାନା ତବଲା ଗ୍ରାମର ପବିତ୍ର ଭୋଇ(୨୪)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦଫା ୬ ପୋକ୍‌ସୋ ଆଇନରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ହଜାର ଟଙ୍କା ଜରିମାନାଦେଶ ହୋଇଛି। ଜରିମାନା ଅର୍ଥ ଅନାଦାୟ ଅଭିଯୁକ୍ତ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବିଚାରପତି ପୀଡ଼ିତାଙ୍କୁ କ୍ଷତିପୂରଣ ସହାୟତା ବାବଦକୁ ୮ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲା ଆଇନ୍ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁସାରେ ୨୦୨୧ ମସିହାରେ ଛାତ୍ରୀ ଜଣକ ୬ଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ସ୍କୁଲକୁ ବସ୍‌ରେ ଯିବା ଆସିବା କରୁଥିଲେ। ଏହି ସମୟରେ ତାଙ୍କର ଉକ୍ତ ବସ୍‌ର ଚାଳକଙ୍କ ସହ ତାଙ୍କର ପରିଚିତ ହୋଇଥିଲା। ୭ମ ଶ୍ରେଣୀରେ ପଢିବା ବେଳେ ୧୨ବର୍ଷୀୟା ଉକ୍ତ ଛାତ୍ରୀଙ୍କ ଘରକୁ ଅଭିଯୁକ୍ତ ଆସିଥିଲେ। ଘରେ କେହି ନ ଥିବାର ସୁଯୋଗ ପାଇ ପବିତ୍ର ତାଙ୍କୁ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଅଜାଣତରେ ସେ ବଳାତ୍କାର ବେଳର ଫଟୋ ଉତ୍ତୋଳନ କରି ନେଇଥିଲେ। ଏହାକୁ ଭାଇରାଲ କରିବାକୁ ଧମକ ଦେଇ ସେ ପୀଡ଼ିତାଙ୍କୁ ବାରମ୍ବାର ବଳାତ୍କାର କରିବାକୁ ପ୍ରୟାସ କରିଥିଲେ। ମାତ୍ର ପୀଡ଼ିତା ଏଥିରେ ରାଜି ନ ହେବାରୁ ୨୦୨୪ ମେ ୧୧ ରେ ଅଭିଯୁକ୍ତ ରଖିଥିବା ସମସ୍ତ ଆପତ୍ତିଜନକ ଫଟୋକୁ ଭାଇରାଲ କରିବା ସହ ପୀଡ଼ିତାଙ୍କ ପରିବାର ଲୋକଙ୍କ ହ୍ୱାଟ୍‌ସଆପ୍‌କୁ ପ୍ରେରଣ କରିଥିଲେ। ଏହା ପରଦିନ ପରିବାର ଲୋକ ପୀଡ଼ିତାଙ୍କୁ ନେଇ ଅଇଁଠାପାଲି ଥାନାରେ ଏତଲା ଦେଇଥିଲେ। ଅଇଁଠାପାଲି ଥାନାରେ ଏକ ମାମଲା(ନଂ.୧୫୮/୨୪) ରୁଜୁ କରି ପୋଲିସ ପବିତ୍ରଙ୍କୁ ଗିରଫ କରିଥିଲା। ଅଦାଲତରେ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ।


ସମ୍ମୁଖ ଚକ ଫାଟିଯିବାରୁ ଜାତୀୟ ରାଜପଥ(୫୩) ସମ୍ବଲପୁର ମହାନଦୀ ସେତୁ ବାଡ଼କୁ ଲେଉଟିଲା ମାଲ ବୋଝେଇ ଟ୍ରକ୍। ବର୍ତ୍ତିଲେ ଟ୍ରକ ଚାଳକ ଓ କର୍ମଚାରୀ।


## ତାଲା ଭାଙ୍ଗି ଦୋକାନରୁ ଚୋରି

**ଅଭିଯୁକ୍ତ ଗିରଫ, ଚୋରି ସାମଗ୍ରୀ ଉଦ୍ଧାର**

**ସମ୍ବଲପୁର,୧୨।୮(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ଝୁଝୁମୁରା ଥାନା ଅନ୍ତର୍ଗତ କେଶାପାଲି ଗ୍ରାମର ଏକ ଭେରାଇଟି ଦୋକନାରୁ ହୋଇଥିବା ଚୋରି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ଅଭିଯୁକ୍ତ ହେଲେ ଥାନା ଅନ୍ତର୍ଗତ ଜୁନେନ୍‌ଗଡ଼ ଲୁଇସିଂର ସୁଜଲ ମୁଣ୍ଡା(୧୯)। ତାଙ୍କ ନିକଟରୁ ଚୋରି ହୋଇଥିବା ୩ଟି ୱେୟାରଲେସ୍ ସ୍ପିକର, ୨ଟି ୟୁଏସ୍‌ବି ଚାର୍ଜିଂ କାସବଲ, ତାଲାପାଲି, ୨ଟି ବାଳକଟା ମେଶିନ୍(ଟ୍ରିମର୍) ଓ ୨ଟି ଡିଓକୁ ପୋଲିସ ଜବତ କରିଛି। କେଶାପାଲିରେ ଉମେଶ ଚନ୍ଦ୍ର ବିଶ୍ୱାଳ ଏକ ଭେରାଇଟି ଷ୍ଟୋର ରହିଛି। ସେ ଗତ ଗତ ଜୁଲାଇ ୨୫ ତାରିଖ ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ପରଦିନ ସକାଳେ ଦୋକାନ ଖୋଲିବାକୁ ଆସି ଉମେଶ ତାଙ୍କ ଦୋକାନର ତାଲା ଭଙ୍ଗାଯାଇ ଦୋକାନରୁ ଅନେକ ସାମଗ୍ରୀ ଚୋରି ହୋଇ ଯାଇଥିବା ଦେଖିବାକୁ ପାଇଥିଲେ। ତାଙ୍କ ଏତଲା ଆଧାରରେ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଦୋକାନ ଓ ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଅନୁଧ୍ୟାନ କରି ପୋଲିସ ଅଭିଯୁକ୍ତ ସୁଜଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରେ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ମଣ୍ଡଳ ଜେଲ୍‌କୁ ପଠାଇ ଦିଆଯାଇଛି।

## ବସୁନ୍ଧରା ଯୋଜନାରେ ପଟ୍ଟା ବଣ୍ଟନ କଲେ ରାଜସ୍ୱ ମନ୍ତ୍ରୀ


ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଜଣେ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରୁଛନ୍ତି।

**ରେଢାଖୋଲ,୧୨।୮(ଅଚ୍ୟୁତାନନ୍ଦ ପୁରୋହିତ)**

ସମ୍ବଲପୁର ଜିଲା ରେଢାଖୋଲ କନ୍ଦମ୍ବ ପଡିଆସ୍ଥିତ ଭୀମଭୋଇ କଳା ମଣ୍ଡପରେ ମଙ୍ଗଳବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବସୁନ୍ଧରା ଯୋଜନା ଅଧିନରେ ଉପଖଣ୍ଡର ୨୬୮ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପଟ୍ଟା ବଣ୍ଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ରେଢାଖୋଲ ବିଧାୟକ ତଥା ବିଧାନ ସଭାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଅଚାର୍ଯ୍ୟ ଯୋଗଦେଇଥିଲେ। ମନ୍ତ୍ରୀ ପୂଜାରୀ ରେଢାଖୋଲ ଉପଖଣ୍ଡର ୨୬୮ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ପଟ୍ଟା ବଣ୍ଟନ କରିଥିଲେ। ସେଥିମଧ୍ୟରୁ ରେଢାଖୋଲ ବ୍ଲକର ୧୯୪ ଜଣ, ନାକଟୀଦେଉଳ ବ୍ଲକର ୭୪ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥଲା। ସେହିପରି ଜଙ୍ଗଲଜମି ଅଧିନରେ ରେଢାଖୋଲ ବ୍ଲକର ୧୯୨ ଓ ନାକଟୀଦେଉଳ ବ୍ଲକର ୪୧ଜଣଙ୍କୁ, ନାକଟୀଦେଉଳ ବ୍ଲକର ୩୯ ଓ ରେଢାଖୋଲ ବ୍ଲକର ୯୨ଟି ସ୍କୁଲ କଲେଜକୁ ସ୍ଥାୟୀ ପଟ୍ଟା ବଣ୍ଟନ ହୋଇଥିଲା। ସେହିପରି ୮୦ବର୍ଷରୁ ଅଧିକ ବୟସର ୯୫ଜଣ ହିତାଧିକାରୀଙ୍କୁ ୩୫ଶହ ଟଙ୍କା ଲେଖାଏ ଭତ୍ତାରାଶି ବଣ୍ଟନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ସୁଧାଂଶୁ ଭୋଇ, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏନଏସି ଅଧ୍ୟକ୍ଷ ଶିବରାମ ସାହୁ, ନାକଟୀଦେଉଳ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ଉପଜିଲାପାଳ ରଶ୍ମୀରଞ୍ଜନ ମହାନ୍ତ, ଭାରପ୍ରାପ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ରେଢାଖୋଲ ବିଡିଓ ରାଜେନ୍ଦ୍ର ନାରାୟଣ ସେନାପତି, ନାକଟୀଦେଉଳ ତହସିଲଦାର ଅମର ଜେ.ଡୁଙ୍ଗଡୁଙ୍ଗ, ଜିଲା ପରିଷଦ ସଭ୍ୟ ଶରତ ପ୍ରଧାନ, ଗୋବିନ୍ଦ ଅଗ୍ରୱାଲ ଉପସ୍ଥିତ ଥିଲେ।

## ହର ଘର ତ୍ରିରଙ୍ଗା ଅଭିଯାନରେ ସିଆରପିଏଫ ଯବାନ

**ସମ୍ବଲପୁର,୧୨।୮(ବି.ଶଙ୍କର)**

ସିଆରପିଏଫ ସମ୍ବଲପୁର ଗ୍ରୁପ ସେଣ୍ଟର ଆୟେଜନରେ ମଙ୍ଗଳବାର ହର ଘର ତ୍ରିରଙ୍ଗା ଅଭିଯାନ ସମ୍ପନ୍ନ ହୋଇଛି। ସମ୍ବଲପୁର ଗ୍ରୁପ ସେଣ୍ଟର ଡେପୁଟି ଇନ୍ସପେକ୍ଟର ଜେନରାଲ ସଞ୍ଜୟ କୁମାର ସିଂହ ଅଭିଯାନର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ୧୪୫ରୁ ଅଧିକ ସିଆରପିଏଫ ଯବାନ ଅଂଶଗ୍ରହଣ କରିଥିଲେ। ହାତରେ ତ୍ରିରଙ୍ଗା ପତାକା ଧରି ସେମାନଙ୍କର ଦେଶପ୍ରେମ ଭାବନା ପ୍ରଦର୍ଶନ କରିଥିଲେ। ସ୍ୱାଧୀନତା ସଂଗ୍ରାମର ମହାନତାକୁ ସମ୍ମାନ କରିବା ଏବଂ ଏହାକୁ ଶ୍ରଦ୍ଧାଞ୍ଜଳି ଦେବା ସହିତ ଆଖପାଖ ଗାଁର ଅଧିବାସୀଙ୍କ ମଧ୍ୟରେ ଦେଶ ପ୍ରେମ ଓ ଦେଶ ପ୍ରତି ପ୍ରେମକୁ ପ୍ରୋତ୍ସାହିତ କରିବା ହେଉଛି ହର ଘର ତ୍ରିରଙ୍ଗା ଅଭିଯାନର ଲକ୍ଷ୍ୟ ବୋଲି ଡେପୁଟି ଇନ୍ସପେକ୍ଟର ଜେନରାଲ ସିଂହ ମତବ୍ୟକ୍ତ କରିଥିଲେ। ସିଆପିଏପଫ ଗ୍ରୁପ ସେଣ୍ଟର ପରିସରରୁ ଗୋଶାଳା ଏବଂ ଚିପଲିମା ଗ୍ରାମ ପର୍ଯ୍ୟନ୍ତ ଏକ ବାଇକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା।

## ୧୬ କୁଇଣ୍ଟାଲ ଚୋରା କେନ୍ଦୁପତ୍ର ଜବତ

**ନାକଟିଦେଉଳ,୧୨।୮(ବୈକୁଣ୍ଠନାଥ ସାହୁ)**

ଚୋରା କେନ୍ଦୁପତ୍ର ଚାଲାଣ ବେଳେ ମଙ୍ଗଳବାର ସକାଳେ ସମ୍ବଲପୁର ଜିଲା ନାକଟିଦେଉଳ ବନ ବିଭାଗ କର୍ମଚାରୀ ୧୬ କୁଇଣ୍ଟାଲ ୭୫ କେଜି ଚୋରା କେନ୍ଦୁପତ୍ର ସହ ଏକ ପିକ୍‌ଅପ ଜବତ କରିଛି । ରେଢ଼ାଖୋଲ ପଟରୁ ନାକଟିଦେଉଳ ରାସ୍ତାଦେଇ ଦେବଗଡ଼ ଆଡକୁ ଏକ ପିକଅପ୍‌ରେ କେନ୍ଦୁପତ୍ର ଚାଲାଣ ସମ୍ପର୍କରେ ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା ଖବର ପାଇଥିଲେ। ତାଙ୍କ ନିର୍ଦ୍ଦେଶ କ୍ରମେ ନାକଟିଦେଉଳ ଫରେଷ୍ଟର ଅରୁଣ କୁମାର ବେହେରା ସଦଳବଳ ଭୋର ୪ଟାରେ ନାକଟିଦେଉଳଠାରେ ଗାଡିକୁ ଅଟକାଇ ଥିଲେ। ତେବେ ଚୋରା କେନ୍ଦୁପତ୍ର ଭର୍ତ୍ତି ଗାଡ଼ି ନ ଅଟକି ଦ୍ରୁତ ଗତିରେ ଦେବଗଡ଼ ରାସ୍ତାରେ ପଳାଉ ଥିବାବେଳେ ବନ କର୍ମଚାରୀମାନେ ପିଛା କରିଥିଲେ। ପଛରେ ବନ ବିଭାଗ ଗାଡ଼ି ଆସୁଥିବା ଜାଣି ମାରୁଆଡ଼ିମୁଣ୍ଡା ଛକରେ ଚୋରା ଚାଲାଣକାରୀମାନେ ରାସ୍ତା ଉପରେ ଗାଡି ଛାଡି ଫେରାର ହୋଇଯାଇଥିଲେ। ବନ ବିଭାଗ କର୍ମଚାରୀ ଚାଲାଣରେ ବ୍ୟବହୃତ ଓଡି ୦୫ ଏ ୦୪୦୨ ନମ୍ବର ବିଶିଷ୍ଟ ପିକ୍‌ଅପକୁ ଜବତ କରିବା ସହ ଗାଡ଼ିରେ ଥିବା ୩୩୫ ବିଡା ଚୋରା କେନ୍ଦୁପତ୍ର ଜବତ କରିଥିଲେ।

## ନାରୀ ନିର୍ଯାତନା ବିରୋଧରେ ବିଜେଡିର ଦାବିପତ୍ର

**କୁଚିଣ୍ଡା,୧୨।୮(ବିରଞ୍ଚି ଦର୍ଭା)**

ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା ବିରୋଧୀ ହିଂସା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବିରୋଧରେ ମଙ୍ଗଳବାର ବିଜୁ ଯୁବ, ଛାତ୍ର ଜନତାଦଳ ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ଏସ୍‌ଡିପିଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ କୁଚିଣ୍ଡା କଲେଜ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ସ୍ମାରକ ପତ୍ରରେ ଗୋପାଳପୁର ଗଣବଳାତ୍କାର, ଭରତପୁର ଥାନାରେ ହେଇଥିବା ମହିଳାଙ୍କ ପ୍ରତି ନିର୍ଯାତନା, କୁଚିଣ୍ଡାରେ ଆଦିବାସୀ ନାବାଳିକା ଗଣବଳାତ୍କାର, ବଲଙ୍ଗା ଛାତ୍ରୀ ମୃତ୍ୟୁ ଆଦି ଘଟଣା ବିଷୟରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ବ୍ଲକ ବିଜେଡ଼ି ସଭାପତି ଅମୂଲ୍ୟ ମିଶ୍ର, ଛାତ୍ର ବିଜେଡି ସମ୍ବଲପୁର ଜୋନ ଉପସଭାପତି ଦେବଜ୍ୟୋତି ପଟ୍ଟନାୟକ, ସାଧାରଣ ସମ୍ପାଦକ ସନ୍ଦୀପ ମହାନ୍ତି, ଯୁବ ବିଜେଡି ସମ୍ବଲପୁର ଜୋନ ଉପସଭାପତି ପ୍ରତାପ ଶର୍ମା, ଜିଲା ଉପସଭାପତି ସୁମିତ ପଟେଲ, ଛାତ୍ର ବିଜେଡି ଜିଲା ସାଧାରଣ ସମ୍ପାଦକ ଚୁମନ ପ୍ରଧାନ, କୁଚିଣ୍ଡା କଲେଜ ସଭାପତି ଆର୍ଯ୍ୟନ ବହିଦାର ରୂପା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟସ୍ତରୀୟ ମେଗା ଅଟଳ ଟିଙ୍କରିଂ ଦିବସ

**ବୁଢ଼ାରଜା ଛାତ୍ରୀଛାତ୍ର ନିର୍ମିତ କଲେ ଭେକ୍ୟୁମ କ୍ଲିନର**

**ସମ୍ବଲପୁର,୧୨।୮(ବି.ଶଙ୍କର)**

ଜାତୀୟସ୍ତରୀୟ ଅଟଳ ମେଗା ଟିଙ୍କରିଂ ଦିବସ ମଙ୍ଗଳବାର ସମ୍ବଲପୁର ସହର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁମିତା ପତ୍ରୀଙ୍କ ଦିଗଦର୍ଶନରେ ଆଭାସୀ ବ୍ୟବସ୍ଥାରେ କର୍ମଶାଳା ହୋଇଥିଲା। ଏହି କର୍ମଶାଳାରେ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ଅଟଳ ଟିଙ୍କରିଂ ଲାବରେଟୋରୀ ସହିତ ସଂଶ୍ଳିଷ୍ଟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ଭେକ୍ୟୁମ କ୍ଲିନର ନିର୍ମିତ ହୋଇ ପ୍ରଦର୍ଶିତ ହୋଇଥିଲା । ନିଜେ ନିଜେ କର(ଡୁ ଇଟ ଇୟୋର ସେଲଫ) କାର୍ଯ୍ୟକ୍ରମକୁ ଅଟଳ ଇନୋଭେଶନ ସେଣ୍ଟର ନାଳନ୍ଦାରୁ ଆସିଥିବା ଅବିନାଶ କୁମାର ବେହେରା ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ସହଯୋଗ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ଜୟନ୍ତୀ ହୋତା, ଧନ୍ଦାମୂଳକ ଶିକ୍ଷା ବିଭାଗ ପ୍ରଶିକ୍ଷିକା ଦେବଶ୍ରୀ ଦେହୁରୀ ଓ ପ୍ରଶିକ୍ଷକ ସୁବ୍ରତ କୁମାର ସାହୁ ଏଥିରେ ସହାୟତା କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ଜାତୀୟ କାର୍ଯ୍ୟକ୍ରମରେ ପ୍ରତ୍ୟେକ ରାଜ୍ୟରୁ ଦୁଇରୁ ତିନିଟି ଲେଖାଏ ବିଦ୍ୟାଳୟ ଯୋଗଦାନ କରିବା ସୁଯୋଗ ଲାଭ କରିଥିଲେ । ନୀତି ଆୟୋଗ ଏବଂ ଅଟଳ ଇନୋଭେଶନ ମିଶନ ଆୟୋଜିତ କାର୍ଯ୍ୟକ୍ରମରେ ସମଗ୍ର ରାଜ୍ୟରୁ ନିର୍ବାଚିତ ତିନୋଟି ଉଚ୍ଚ ବିଦ୍ୟାଳୟ ମଧ୍ୟରେ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ଥାନ ପାଇବାରେ ଗୌରବ ଅର୍ଜନ କରିଛି।

## ସୁଇଟ୍‌ରେ ଫାଇଲେରିଆ ନିରାକରଣ ଶିବିର

**ସମ୍ବଲପୁର,୧୨।୮(ବି.ଶଙ୍କର)**

ଫାଇଲେରିଆ ନିରାକରଣ ଶିବିର ମଙ୍ଗଳବାର ସମ୍ବଲପୁର ବିଦ୍ୟାବିଦ୍ୟାଳୟ ସୂଚନା ପ୍ରଯୁକ୍ତି ପ୍ରତିଷ୍ଠାନ(ସୁଇଟ୍) ପରିସରସ୍ଥ ଏପିଜେ ଅବଦୁଲ କାଲାମ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ସୁଇଟ ଅଧ୍ୟକ୍ଷ ପ୍ରଫେସର ନଳିନୀକାନ୍ତ ବରପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଶିବିର ଆୟୋଜକ ମାସ ଡ୍ରଗ ଆଡମିନିଷ୍ଟ୍ରେଶନ(ଏମଡିଏ) ପକ୍ଷରୁ ଫାଇଲେରିଆ ନିରାକରଣ ସକାଶେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଯାଇଥିଲା। ଶିବିରକୁ ଡ. ପ୍ରବୀର କୁମାର ସେଠୀ ପରିଚାଳନା କରିଥିଲେ। ସେହିପରି ଚିକିତ୍ସା ଦଳରେ ଡାକ୍ତର ଦେବାନନ୍ଦ ଭୋଇ(ୟୁପିଏଚ୍‌ସି), ରୋସାଲିନ ମହାନ୍ତି, ସନ୍ତୋଷିନୀ ବେହେରା, ସୁବାଷିନୀ ସିଂହ ଓ ରମେଶ ନାଗ ସାମିଲ ଥିଲେ। ସୁଇଟ୍‌ର ୧୬୦ରୁ ଅଧିକ ଛାତ୍ରୀଛାତ୍ର ଏବଂ କର୍ମଚାରୀ ଏହି ଶିବିରରେ ଯୋଗଦେଇ ପ୍ରତିରୋଧକ ଔଷଧ ସେବନ କରିଥିଲେ। ଲିମ୍ଫାଟିକ ଫିଲେରିଆସିସ (ହାତୀପାଦ) ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ପ୍ରତିରୋଧକ ଔଷଧ ଲୋକଙ୍କ ପାଖରେ ପହଞ୍ଚାଇବା ଉଚିତ। ଏହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟକର୍ମୀମାନେ ଫାଇଲେରିଆର କାରଣ, ଲକ୍ଷଣ ଏବଂ ପ୍ରତିରୋଧ ପଦ୍ଧତି ବିଷୟରେ ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କୁ ସଚେତନ କରିଥିଲେ। ଏଥିସହ ଠିକ୍ ସମୟରେ ଔଷଧ ସେବନର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ। ଏହାଦ୍ୱାରା ଫାଇଲେରିଆ ମୁକ୍ତ ସମାଜ ଗଠନରେ ଅତ୍ୟନ୍ତ ଆବଶ୍ୟକ ବୋଲି ଶିବିରରେ ମତ ପ୍ରକାଶ ପାଇଥିଲା।


ମଙ୍ଗଳବାର ସୁଇଟ୍ ପରିସରସ୍ଥ ଏପିଜେ ଅବଦୁଲ କଲାମ ଅଡିଟୋରିୟମରେ ଆୟୋଜିତ ଫାଇଲେରିଆ ନିରାକରଣ ଶିବିର।

## କୃଷି ଅଫିସ୍ ଘେରିଲେ ଚାଷୀ

**କୁଚିଣ୍ଡା,୧୨।୮(ବିରଞ୍ଚି ଦର୍ଭା)**

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡରେ ୟୁରିଆ ସାର ଅଭାବ ଯୋଗୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ମଙ୍ଗଳବାର ବାମରା ବ୍ଲକର ଚାଷୀମାନେ କୃଷି ଅଫିସ ସମ୍ମୁଖରେ ବିକ୍ଷୋଭ ସହ ଘେରାଉ କରିଥିଲେ। ଗୁରୁବାର ସୁଦ୍ଧା ଚାଷୀଙ୍କୁ ସାର ଯୋଗାଇ ନଦେଲେ ଶୁକ୍ରବାର କୃଷି ଅଫିସ ଓ ଲ୍ୟାମ୍ପ୍‌ରେ ତାଲା ପକାଇ ଦେବାକୁ ସେମାନେ ଚେତାବନୀ ଦେଇଛନ୍ତି। ଲ୍ୟାମ୍ପ ସମିତିରୁ କେସିସି ଋଣ କରି ସାର ପାଇଁ ଚାଷୀ ଚାତକ ପରି ଅନାଇ ବସିଥିବା ବେଳେ ଚାହିଦା ମୁତାବକ ୧୧ଟ୍ରିପ ୟୁରିଆ ସାର ଦଳରେ ମାତ୍ର ୬ ଟ୍ରିପ ସାର ଆସିଛି। ଜୁଲାଇ ୩୧ସୁଦ୍ଧା ୫ଟ୍ରିପ ସାର ପହଞ୍ଚିବା ପ୍ରାବଧାନ ଥିବାବେଳେ ପ୍ରଶାସନିକ ଅବହେଳା ଯୋଗୁ ଏପର୍ଯ୍ୟନ୍ତ ସାର ଯୋଗାଇ ଦିଆଯାଇନାହିଁ। ସମ୍ବଲପୁର ଜିଲାକୁ ପର୍ଯ୍ୟାପ୍ତ ପରିମାଣର


ବାମରା ବ୍ଲକ କୃଷି ଅଫିସ ଆଗରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ପ୍ରଶାସନିକ ଅବହେଳାରୁ ୟୁରିଆ ସାର ଅଭାବ**

ୟୁରିଆ ଆସିଥିଲେ ମଧ୍ୟ ଗୋବିନ୍ଦପୁର ଲ୍ୟାମ୍ପସକୁ ଯୋଗାଇ ଦିଆଯାଇନାହିଁ। ଓଲଟା ଘରୋଇ ଡିଲରମାନଙ୍କୁ ଦିଆଯାଇଥିବାରୁ ସେମାନେ ସାରକୁ ଚଢା ଦରରେ ବିକ୍ରୀ କଲେ। ଫଳରେ ଚାଷୀ ଦୁଇଗୁଣା ଟଙ୍କା ଦେଇ ନେବାପାଇଁ ବାଧ୍ୟ ହେଲେ। ଏନେଇ ଶତାଧିକ ଚାଷୀ ବାମରା କୃଷି କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ଲକ କୃଷି ଅଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ କୃଷି ଅଧିକାରୀ ଚନ୍ଦ୍ରମୋହନ ମାଝୀ ଓ ପୃଥ୍ୱୀରାଜ ଭୋଇ ଚାଷୀଙ୍କ ସହ ଆଲୋଚନା କରି ଦିନେ ଦୁଇଦିନ ଭିତରେ ସାର ମିଳିଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଚାଷୀ ମାନେ ଫେରିଯାଇଥିଲେ । ଗୁରୁବାର ସୁଦ୍ଧା ସାର ଯୋଗାଇ ଦିଆ ନ ଗଲେ କୃଷି ଓ ଲ୍ୟାମ୍ପସ କାର୍ଯ୍ୟାଳୟରେ ତାଲା ପକେଇବା ପାଇଁ ବାଧ୍ୟ ହେବେ ବୋଲି ଚାଷୀ ନେତା ଯୋଗବିହାରୀ ପରିଡା, ମହାବୀର ଖଣ୍ଡେଲୱାଲ ଚେତାବନୀ ଦେଇଛନ୍ତି।

# ପିଲାଙ୍କ ମନ ଜିଣୁଛି 'ସୁଗର ବୋର୍ଡ'

## ସୁସ୍ୱାସ୍ଥ୍ୟ ପାଇଁ ଅଭିନବ ଉପାୟରେ ଶିକ୍ଷାଦାନ

ବଲାଙ୍ଗୀର,୧୨।୮ (ବୀରେନ୍ଦ୍ର କୁମାର ଝାଙ୍କର)

ସୁସ୍ଥ ଛାତ୍ରୀଛାତ୍ର, ଯୁବତୀ, ଯୁବକ ହେଉଛନ୍ତି ଦେଶର ଭବିଷ୍ୟତ। ସେମାନଙ୍କ ସୁସ୍ଥ ଓ ଚିନ୍ତାଶୀଳ ମସ୍ତିଷ୍କ ପାଇଁ ସୁସ୍ଥ ଶରୀର ନିତାନ୍ତ ଆବଶ୍ୟକ। ସମ୍ପ୍ରତି ଶିଶୁ, କିଶୋର ଏବଂ ଯୁବାବସ୍ଥାରୁ ଶାରୀରିକ ଏବଂ ମାନସିକ ବ୍ୟତିକ୍ରମମାନ ଲକ୍ଷ୍ୟ କରାଗଲାଣି। ଫଳରେ ଅନେକ ଛାତ୍ରୀଛାତ୍ର ଏବଂ କିଶୋରୀ, କିଶୋର ସ୍ୱାସ୍ଥ୍ୟକୁ ନେଇ ନା ନା ସମସ୍ୟା ମଧ୍ୟରେ ଗତି କରୁଥିବା ଦେଖାଯାଉଛି। ଏସବୁ ସମସ୍ୟାରୁ ମୁକ୍ତି ଏବଂ ପିଲାଦିନରୁ ସ୍ୱାସ୍ଥ୍ୟ ସଚେତନତା ପ୍ରତି ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟ ନେଇ ବଲାଙ୍ଗୀର ଜିଲାର ସ୍କୁଲଗୁଡ଼ିକରେ ଏକ ଅଭିନବ ସ୍ୱାସ୍ଥ୍ୟ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ବଲାଙ୍ଗୀର ଜିଲାପାଳ ଗୌରବ ଶିୱାଜୀ ଇସଲୱାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ମାର୍ଗଦର୍ଶନରେ ବିଭିନ୍ନ ସ୍କୁଲରେ ଆରମ୍ଭ ହୋଇଛି 'ସୁଗର ବୋର୍ଡ' ଶିକ୍ଷା କାର୍ଯ୍ୟକ୍ରମ। ଏହି 'ସୁଗର ବୋର୍ଡ' କାର୍ଯ୍ୟକ୍ରମ କରିଆରେ ସ୍କୁଲର ଛାତ୍ରୀଛାତ୍ରଙ୍କୁ କିଭଳି ଭାବେ ବିଭିନ୍ନ ପ୍ରକାର ଥଣ୍ଡା ପାନୀୟ ସେମାନଙ୍କ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଛି ତାହା ଶିକ୍ଷାଦାନ କରାଯାଉଛି।


ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲରେ ଲାଗିଥିବା 'ସୁଗର ବୋର୍ଡ' ସମ୍ମୁଖରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରାଯାଉଛି।

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲରେ ଲାଗିଛି ସୁଗର ବୋର୍ଡ। ପୃଥ୍ୱୀରାଜ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ କହିଛନ୍ତି ଯେ, ଜିଲାପାଳ ଇସଲୱାରଙ୍କ ଏହା ଏକ ଅଭିନବ ପଦକ୍ଷେପ। ଏହି ସୁଗର ବୋର୍ଡ ଏଭଳି ଡିଜାଇନ୍ କରାଯାଇଛି ଯେ, ଏଥିରେ କେଉଁ ଥଣ୍ଡା ପାନୀୟରେ କେତେ ମାତ୍ରାରେ 'ସୁଗର' ବା ଚିନି ଅଂଶ ରହିଛି ଏବଂ ତାହା ଶରୀରକୁ କିଭଳି କ୍ଷତି ପହଞ୍ଚାଉଛି ଉକ୍ତ ବୋର୍ଡରେ ଉଲ୍ଲେଖ କରାଯାଇଛି। ସ୍କୁଲ ପିଲାମାନଙ୍କ ଅବଗତି ଏବଂ ସଚେତନତା ପାଇଁ ସ୍କୁଲ ପରିସରରେ ଏହି ବୋର୍ଡକୁ ଲଗାଯାଇଥିବାରୁ ପିଲାମାନେ ବାରମ୍ବାର ଏହାକୁ ଦେଖି ସଚେତନ ହେଉଛନ୍ତି। ନିଜ ନିଜ ଭିତରେ ଆଲୋଚନା କରୁଛନ୍ତି। ଅଭିନବ ଉପାୟରେ ଏଥିରୁ ପିଲାମାନେ ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତା ଶିକ୍ଷା ଲାଭ କରୁଛନ୍ତି। ଏହାସହିତ ସ୍କୁଲରେ ବିଭିନ୍ନ ସମୟରେ 'ସୁଗର ବୋର୍ଡ'କୁ ନେଇ ସଚେତନତା ବୈଠକ ମଧ୍ୟ କରାଯାଉଛି। ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଏ ଦିଗରେ ପିଲାମାନଙ୍କୁ ନିରନ୍ତର ଶିକ୍ଷାଦାନ ଓ ସଚେତନ କରୁଛନ୍ତି ବୋଲି ସେଠୀ କହିଛନ୍ତି। ଏହି ସ୍କୁଲର ନବମ ଶ୍ରେଣୀ ଛାତ୍ର ଶୁଭମ୍ ପଣ୍ଡା ଓ ଶୁଭମ୍ ପଟେଲ କହିଛନ୍ତି, ଥଣ୍ଡା ପାନୀୟ ପିଇବାକୁ ବିଶେଷ କରି ପିଲାମାନଙ୍କର ବେଶୀ ଆଗ୍ରହ ଥାଏ। ଯେଉଁଠି ମିଳିଲେ ଆମେ ଥଣ୍ଡା ପାନୀୟ ପିଇ ଦେଉ। ଏବେ ଆମ ସ୍କୁଲରେ ସୁଗର ବୋର୍ଡ ଲାଗିଲା ପରେ କେଉଁ ଥଣ୍ଡା ପାନୀୟରେ କେତେ ମାତ୍ରାରେ ସୁଗର ବା ଚିନି ଅଂଶ ରହିଛି ତାହା ଆମେ ଜାଣି ପାରୁଛୁ । କେଉଁ ପାନୀୟ ପିଇବା ଉପଯୋଗୀ ଓ କେଉଁଟା ନୁହଁ ତାହା ମଧ୍ୟ ଜାଣିପାରୁଛୁ। ସୁଗର ବୋର୍ଡ ଆମମାନଙ୍କ ପାଇଁ ଶିକ୍ଷଣୀୟ ବୋଲି ସେମାନେ କହିଛନ୍ତି। ଜିଲାର ବିଭିନ୍ନ ସ୍କୁଲରେ ଏହି ବୋର୍ଡ ଲାଗି ଥିବାରୁ ଅଭିନବ ଉପାୟରେ ଛାତ୍ରୀଛାତ୍ରଙ୍କୁ ଥଣ୍ଡା ପାନୀୟ ସେବନର ଅପକାରିତା ବିଷୟରେ ଅବଗତ କରାଯାଉଥିବା ଦେଖାଯାଉଛି।

# ରାଜସ୍ୱ ଅମଲା ସଂଘର ଧାରଣା ଜାରି


ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ରାଜସ୍ୱ ଅମଲାଙ୍କ ଧାରଣା ଓ ପ୍ରତିବାଦ ସଭା।

## ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା

ବଲାଙ୍ଗୀର,୧୨।୮ (ବୀରେନ୍ଦ୍ର କୁମାର ଝାଙ୍କର)

ରାଜସ୍ୱ ଅମଲା ସଂଘ ପକ୍ଷରୁ ୧୦ ଦଫା ଦାବି ନେଇ ରାଜ୍ୟ ସରକାରଙ୍କ ସହ ଆଲୋଚନା ବିଫଳ ହେବା ପରେ ସଂଘର ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ସୋମବାରଠାରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ଜାରି ରହିଛି। ରାଜ୍ୟର ରାଜସ୍ୱ ଅମଲାମାନେ ସାମୂହିକ ଛୁଟିରେ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳୀନ ଧାରଣା ଜାରି ରହିଛି। ଏହି ଅବସରରେ ମଙ୍ଗଳବାର ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ରାଜସ୍ୱ ଅମଲାଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅମଲାମାନେ କାର୍ଯ୍ୟରେ ଯୋଗ ଦେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛନ୍ତି। ଆନ୍ଦୋଳନ ସକାଶେ ଗତ ୮ ତାରିଖଠାରୁ ରାଜସ୍ୱ ଅମଲାମାନେ ନିଜ ବିଭାଗୀୟ ଅଧିକାରୀଙ୍କୁ ସମୂହ ଛୁଟି ସକାଶେ ଦରଖାସ୍ତ ପ୍ରଦାନ କରିଥିଲେ। ଯେତେଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଦାବି ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ କରିବେ ନାହିଁ ସେତେଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଘୋଷଣା କରିଥିଲେ। ରାଜ୍ୟ ରାଜସ୍ୱ ଅମଲା ସଂଘର ମୁଖ୍ୟ ଉପଦେଷ୍ଟା ସୁଧାକର ମହାପାତ୍ର, ରାଜ୍ୟ ଉପସଭାପତି ସୁରେନ୍ଦ୍ର ବାବୁ, ବଲାଙ୍ଗୀର ଜିଲା ରାଜସ୍ୱ ଅମଲା ସଂଘ ସଭାପତି ପ୍ରଭାତ କୁମାର ମଲ୍ଲିକ, ସମ୍ପାଦକ ରତିକାନ୍ତ ପୁରୋହିତ, ଗଣମାଧ୍ୟମ ସମ୍ପାଦକ ଜ୍ୟୋତି ପ୍ରକାଶ ସାହୁ ଓ ଅନ୍ୟମାନେ ସରକାରଙ୍କ ପଦକ୍ଷେପକୁ କଡା ଭାଷାରେ ସମାଲୋଚନା କରିଥିଲେ। ରାଜସ୍ୱ ଅମଲାଙ୍କ ଆନ୍ଦୋଳନ ସମୟରେ ଜନସାଧାରଣ ଯେଉଁ ଅସୁବିଧାର ସମ୍ମୁଖୀନ ହେବେ ସେଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି କହିଥିଲେ। ଆନ୍ଦୋଳନରେ କୋଷାଧ୍ୟକ୍ଷ ଜିତେନ୍ଦ୍ର ସାହୁ, ଜିଲା ଉପଦେଷ୍ଟା ନୀଳମାଧମ ପଟ୍ଟନାୟକ, ମଦନ ଗୋପାଳ ପଧାନ, କାର୍ଯ୍ୟକାରୀ ସଭାପତି ସୌମ୍ୟ ରଞ୍ଜନ ପଣ୍ଡା, ସାଂଗଠନିକ ସମ୍ପାଦକ ସୁନିଲ କୁମାର ବିଶି, ଉପସଭାପତି ଦେବୀ ପ୍ରସନ୍ନ ଶତପଥୀ, ଜିଲା କାର୍ଯ୍ୟକାରୀ ସଦସ୍ୟ ବିଜୟା ଭାରତୀ, ଶ୍ରୀନିବାସ ତ୍ରିପାଠୀ, ବିଶ୍ୱଜିତ ମହାରଣା, ସଞ୍ଜିବ କୁମାର ସାହୁ, ନୀଳମାଧବ ନାଏକ, ନୀଳାମ୍ବର ପାଣ୍ଡେ, ଝସକେତନ ଖାଡିଆ, ସୁନିଲ କୁମାର ସୁନା, ପୂର୍ବତନ ସମ୍ପାଦକ ଚୈତନ୍ୟ ବାଗ, ସୁଜାତା ମିଶ୍ର, ସ୍ୱାଗତିକା ମିଶ୍ର, ବିନୋଦିନୀ ମିର୍ଦ୍ଧା, ଲିପିକା ବେହେରା, ସୁବଳ ଚନ୍ଦ୍ର ଖର୍ସେଲ ଓ ସଂଘର ଅନ୍ୟାନ୍ୟ ସଦସ୍ୟା ସଦସ୍ୟ ଉପସ୍ଥିତ ରହି ଆନ୍ଦୋଳନକୁ ତୀବ୍ରତର କରିବାକୁ ମତାମତ ଦେଇଥିଲେ।


ବଲାଙ୍ଗୀର ସର୍କିଟ ହାଉସଠାରେ ପ୍ରତିନିଧି ଦଳ ଉପ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରୁଛନ୍ତି।

# ପର୍ଯ୍ୟଟନସ୍ଥଳୀର ଉନ୍ନତୀକରଣ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଦେଓଗାଁ,୧୨।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ଐତିହାସିକ ପର୍ଯ୍ୟଟନସ୍ଥଳୀ ଭୀମପାହାଡ ଓ ଚାନ୍ଦଲି ପାହାଡର ଉନ୍ନତୀକରଣ ପାଇଁ ଉଭୟ ମହୋତ୍ସବ କମିଟିର କର୍ମକର୍ତ୍ତା ମଙ୍ଗଳବାର ବଲାଙ୍ଗୀର ସର୍କିଟ ହାଉସଠାରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି । ଉପ ମୁଖ୍ୟମନ୍ତ୍ରୀ ପରିଡା ବଲାଙ୍ଗୀର ଗସ୍ତରେ ଆସିଥିବା ବେଳେ ଉଭୟ କମିଟିର ଏକ ପ୍ରତିନିଧିଦଳ ସାକ୍ଷାତ କରି ଆହୁରି ଅନେକ ଉନ୍ନୟନ କାମର ଆବଶ୍ୟକତା ରହିଥିବାରୁ ଅତି କମରେ ୧୫ କୋଟି ଲେଖାଏଁ ଅନୁଦାନ ଯୋଗାଇ ଦେବାକୁ ଦାବି କରିଥିଲେ । ପ୍ରତିନିଧି ଦଳରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ପ୍ରମୋଦ କୁମାର ବହିଦାର,ଗୋବର୍ଦ୍ଧନ ସାହୁ, ଅଭିମନ୍ୟୁ ମାଝୀ,ମକୁନ୍ଦପୁର ସରପଞ୍ଚ ଜାନକୀ ସାହୁ, ଚାନ୍ଦିଲି ପାହାଡ କମିଟିର ଘସିରାମ ରଣା, ପ୍ରଦ୍ୟୁମ୍ନ ଷଡଙ୍ଗୀ ,ଜ୍ୟୋସ୍ନା ନାଏକ, ରାଜୁ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

# ଦେଶାନ୍ତର ରୋକିବାକୁ ବ୍ଲକ ପ୍ରଶାସନର ପ୍ରୟାସ

## ବାଞ୍ଜିପାଳି ଗାଁରେ ସଚେତନତା କାର୍ଯ୍ୟକ୍ରମ

ଖପ୍ରାଖୋଲ,୧୨।୮ (ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଅଞ୍ଚଳରୁ ପ୍ରତିବର୍ଷ ଶତାଧିକ ପରିବାର ପେଟ ପାଟଣା ପାଇଁ ଦେଶାନ୍ତର ଯାଉଥିବା ବେଳେ ବିଭିନ୍ନ ସମସ୍ୟା ର ସମ୍ମୁଖୀନ ହୋଇଥାନ୍ତି। ଏହାର ସମାଧାନ ପାଇଁ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଛି। ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ବାଞ୍ଜିପାଲି ଗାଁ ଦୁର୍ଗା ମଣ୍ଡପଠାରେ ବ୍ଲକ ପ୍ରଶାସନ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜ କିଶୋର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଶ୍ରମ ଅଧିକାରୀ ବିଭୂତି ଭୂଷଣ ମଲ୍ଲିକ, ଏପିଓ ପ୍ରଶାନ୍ତ କୁମାର ସାହୁ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପରମେଶ୍ୱର ନାଏକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିସ୍କ ବିଭାର, ସରପଞ୍ଚ ବୈଦ୍ୟନାଥ ମିଶ୍ର, ଡା. ସତ୍ପେଶ୍ୱର ନାଏକ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜୀନିତା ବରୁଆ, ସହକାରୀ ମତ୍ସ୍ୟ ଅଧିକାରୀ ଶୁଭ୍ରଜିତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଗୋଷ୍ଠୀଗତ କାମ ଓ ବ୍ୟକ୍ତିଗତ ପ୍ରକଳ୍ପ କରିବା, ବିଭିନ୍ନ ବିଭାଗ ତରଫରୁ ବ୍ୟକ୍ତିଗତ ପ୍ରକଳ୍ପ, ଆର୍ଥିକ ସହାୟତା ଉପରେ ଆଲୋଚନା କରାଯାଇଥିଲା। ଏହାଛଡା ଶ୍ରମ ବିଭାଗର ସହାୟତା ଓ ଶ୍ରମ ଆଇନ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବନପାଳ ଇନ୍ଦ୍ରମଣି ବେହେରା, ରାମାନନ୍ଦ ବେହେରା, ସାମାଜିକ କର୍ମୀ ଅଭୟ ତ୍ରିପାଠୀ, ଶୋଭନ ମୟ ମିଶ୍ରଙ୍କ ସମେତ ବିଭିନ୍ନ ସରକାରୀ କର୍ମଚାରୀ, ଗାଁର ଶତାଧିକ ଶ୍ରମିକ ଉପସ୍ଥିତ ଥିଲେ।

# ୧୯୬ ବୋତଲ ବିଦେଶୀ ମଦ ଜବତ: ଜଣେ ଗିରଫ

ପାଟଣାଗଡ,୧୨।୮ (ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଚଢାଉ କରାଯାଇ ୧୯୬ ବୋତଲ ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ପାଟଣାଗଡ଼ ଥାନା ଭଇଁଷା ଗାଁର ରୁପେଶ ଅଗ୍ରୱାଲ (୪୮)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲ । କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ଅବକାରୀ ବିଭାଗ ଓ ବଲାଙ୍ଗୀର ମୋବାଇଲ ଟିମ୍ ମିଳିତ ଭାବେ ମଙ୍ଗଳବାର ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଭଇଁଷା ରାମଚନ୍ଦ୍ରପୁର ମୁଖ୍ୟରାସ୍ତାର ମିର୍ଦ୍ଧାପଡାଠାରେ ଥିବା ଏକ ତେଜରାତି ଦୋକାନ ପଛପଟେ ଅବକାରୀ ବିଭାଗର ଏକ ଟିମ୍ ଚଢାଉ କରିଥିଲା। ଚଢାଉ ସମୟରେ ଏକ ବସ୍ତା ଭିତରୁ ୧୯୬ ବୋତଲ ବିଦେଶୀ ମଦ ଜବତ ହୋଇଥିଲା। ଏନେଇ ନଂ ୮୫/୨୦୨୫ରେ ଏକ ମାମଲା ରୁଜୁ ହୋଇଛି।

# ପୋଲିସ ପକ୍ଷରୁ ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ

ଲୋଇସିଂହା,୧୨।୮ (ସୁଶାନ୍ତ ବାରିକ)

ରାଜ୍ୟର ବିଭିନ୍ନ ସ୍ଥାନରେ ଏବେ ବିଭିନ୍ନ କାରଣକୁ ନେଇ ଯୁବତୀମାନେ ଆତ୍ମାହୁତି ଦେଉଥିବା ଦେଖିବାକୁ ମିଳୁଛି। ଏହାଛଡ଼ା ନିର୍ଯାତନାର ଶିକାର ହେଉଥିବା ଯୁବତୀମାନେ ଆତ୍ମହତ୍ୟାର ରାସ୍ତା ବାଛି ନେବାକୁ ପଛାଉ ନାହାନ୍ତି। ଏହା ରାଜ୍ୟ ସରକାର ଓ ପୋଲିସ ବିଭାଗର ଚିନ୍ତା ବଢାଇ ଦେଇଛି। ଏଭଳି ପରିସ୍ଥିତିକୁ ରୋକିବା ପାଇଁ ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ ମଙ୍ଗଳବାର ବଲାଙ୍ଗୀର ଜିଲା ଲୋଇସିଂହା ପୋଲିସ ପକ୍ଷରୁ ଲୋଇସିଂହା କଲେଜ ଓ ଥାନା ଅନ୍ତର୍ଗତ ସକମା ଯୁବୋଦୟ କଲେଜଠାରେ ଯୌନ ନିର୍ଯାତନା ସମ୍ପର୍କିତ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନା ଅଧିକାରୀ ଯାଜ୍ଞସେନୀ ନାୟକ ଯୋଗଦେଇ ବିଦ୍ୟାଳୟ, ବିଭିନ୍ନ ସରକାରୀ ଓ ଘରୋଇ କାର୍ଯ୍ୟାଳୟରେ କିଭଳି ଭାବେ ଜଣେ ଛାତ୍ରୀ, ଜଣେ ଯୁବତୀ ନିର୍ଯାତନାର ଶିକାର ହୋଇଥାନ୍ତି ଓ ଏଥିଯୋଗୁ କେଉଁ ଭଳି ମାନସିକତା ମନରେ ସୃଷ୍ଟି ହୋଇଥାଏ ସେ ସମ୍ପର୍କରେ ଆଲୋଚନା କରି ଏଥିରୁ ବଞ୍ଚିବା ପାଇଁ ଆଇନର ଦିଗ କ'ଣ ରହିଛି ସେ ନେଇ ଆଲୋକପାତ କରିଥିଲେ।

# ଜାତୀୟ କୃମି ନାଶ ଦିବସ ପାଳିତ

ଦେଓଗାଁ,୧୨।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଜରାସିଂହା ନେତ୍ରଭାନୁ ହାଇସ୍କୁଲଠାରେ ଜାତୀୟ କୃମି ନାଶକ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡ. ଚିତ୍ତ ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେଓଗାଁ ବିଡିଓ ପ୍ରିୟ ରଞ୍ଜନ କୁମାର, ଏବିଡିଓ ପୁଷ୍ପାଞ୍ଜଳୀ ନାୟକ, ବ୍ଲକ ଶିକ୍ଷା ଅଧିକାରୀ ମମତା ମହାଡିକ ଯୋଗଦେଇ କୃମି ସଂକ୍ରମଣ ଦ୍ୱାରା ହେଉଥିବା ସ୍ୱାସ୍ଥ୍ୟଗତ ଅସୁବିଧା ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ଏହି ଦିବସରେ ଏକ ବର୍ଷରୁ ଆରମ୍ଭ କରି ୧୯ ବର୍ଷ ପର୍ଯ୍ୟନ୍ତ ସମସ୍ତ ବ୍ୟକ୍ତି କୃମିନାଶକ ଔଷଧ ଆବଶ୍ୟକତା ଅନୁଯାୟୀ ସେବନ କରିବାର ଆବଶ୍ୟକତା ରହିଛି ବୋଲି ଡ. ଶ୍ରୀ ମିଶ୍ର କହିଥିଲେ। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ, ସିଏଚଓ ସୁଜାତା ମିଶ୍ର, ବିବିଏମ ବିପ୍ଲବ ମିଶ୍ର, ବିପିଏମ ପରେଶ ସାହୁ, ପିଏଚଇଓ ସ୍ନେହଲତା ସାହୁଙ୍କ ସମେତ ଆଶା କର୍ମୀମାନେ ଉପସ୍ଥିତ ଥିଲେ।


यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ସିଡିଏ ବିଡାନାସୀ ଶାଖା**
ସିଡିଏ, ସେକ୍ଟର-୬, ମର୍କତ ନଗର, ବିଡାନାସୀ, କଟକ,
ଇମେଲ: ubin0558869@unionbankofindia.bank, ମୋ: ୯୩୯୮୨୬୩୭୯୯

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୯.୦୮.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ଋଣଗ୍ରହୀତାମାନେ: ମେସର୍ସ ସାଗର ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଶ୍ରୀ ବିରାଜ ଛୋଟରାୟ,** ସମ୍ରାଟ ହଲ୍ ନିକଟ, ସା/ପୋ/ଥାନା: ମଧୁପାଟଣା, ଜିଲ୍ଲା: କଟକ - ୭୫୩୦୧୦, **ଶ୍ରୀ ବିରାଜ ଛୋଟରାୟ,** ପିତା: ୰ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା: ବଡ଼େଇସାହି, ମାଛୁଆ ବଜାର, ପୋ: ବକ୍ସି ବଜାର, କଟକ - ୭୫୩୦୦୧ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅଜୟ କୁମାର ମହାନ୍ତି,** ପିତା: ସୁରେନ୍ଦ୍ର ମହାନ୍ତି, ସା: ନିମାଇସାପୁର, ପୋ: ଆୟତପୁର, ଭାୟା: କିଶାନନଗର, କଟକ ସଦର, କଟକ - ୭୫୪୧୩୧ / **ବକେୟା ରାଶି: ଟ.୧୧,୦୯,୧୯୧.୦୨ +** ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ବିରାଜ ଛୋଟରାୟ,** ପିତା: ୰ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା: ବଡ଼େଇସାହି, ମାଛୁଆ ବଜାର, ବକ୍ସି ବଜାର, କଟକ - ୭୫୩୦୦୧ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୯୭, ଖାତା ନଂ.: ୩୪୨, ଥାନା ନଂ.: ୪, ଥାନା: ମଙ୍ଗଳାବାଗ, ମୌଜା: କଟକ ସଦର ୟୁନିଟ୍-୧୮ ବକ୍ସି ବଜାର, **ମୋଟ ଜମିର କ୍ଷେତ୍ର: ଏକର ୦.୦୯୭ ଡିସିମିଲି ଯାହା ୪୨୨୫ ବର୍ଗଫୁଟ,** ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୬୧୩, ଦକ୍ଷିଣ: ପ୍ଲଟ୍ ନଂ.: ୫୯୮, ପୂର୍ବ: ପ୍ଲଟ୍ ନଂ.: ୫୯୬, ପଶ୍ଚିମ: ପ୍ଲଟ୍ ନଂ.: ୬୧୨ | ଟ.୭୯,୦୫,୦୦୦/- / ଟ.୭,୯୦,୫୦୦/- / ଟ.୭୯,୦୫୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡ଼ିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ପୂର୍ବା

ଇ-ନିଲାମ ତାରିଖ ଏବଂ ସମୟ: ତା. ୨୯.୦୮.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ୍/ମ୍ୟାପ୍‌ଡ୍ କରି ଦାଖଲ କରିବେ

ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍:
https://baanknet.com & https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: କଟକ
ତାରିଖ: ୧୨.୦୮.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



DSPL-203


Government of Odisha

**ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମରେ ପଞ୍ଜୀକରଣ**

ଏତଦ୍ୱାରା ଓଡିଶାର ସମସ୍ତ ମତ୍ସ୍ୟକ୍ଷେତ୍ରରେ କାର୍ଯ୍ୟରତ ଅଣସଙ୍ଗଠିତ ମତ୍ସ୍ୟଜୀବୀ, ମାଛଧରାଳୀ, ମତ୍ସ୍ୟପାଳକ, ବ୍ୟବସାୟୀ, ପ୍ରକ୍ରିୟାକରଣକାରୀ, ମତ୍ସ୍ୟ ଉପାଦାନ ଉତ୍ପାଦନକାରୀ ଓ ଅନ୍ୟାନ୍ୟ ସମସ୍ତ ହିତାଧିକାରୀ ମାନଙ୍କୁ ଏକତ୍ରିତ କରି ଗୋଟିଏ ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ପଞ୍ଜୀକରଣ କରି ଏହି କ୍ଷେତ୍ରକୁ ସୁସଂଗଠିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଅଟେ।

ଏଥି ନିମନ୍ତେ ମତ୍ସ୍ୟ କ୍ଷେତ୍ର ସହିତ ଜଡିତ ସମସ୍ତଙ୍କୁ ନିଜ ମୋବାଇଲ ମାଧ୍ୟମରେ ସ୍ୱୟଂ ପଞ୍ଜୀକରଣ କିମ୍ବା ଜନସେବା କେନ୍ଦ୍ର ସହାୟତାରେ ପଞ୍ଜୀକୃତ ହେବା ପାଇଁ ନିମ୍ନ ପ୍ରଦତ୍ତ ୱେବ ସାଇଟ ରେ(nfdp.dof.gov.in) କ୍ଲିକ କରି ନିଜର ଆବଶ୍ୟକୀୟ ତଥ୍ୟ ପ୍ରଦାନ କରନ୍ତୁ।

ଏଥି ନିମନ୍ତେ ଆବଶ୍ୟକ ହେଉଥିବା ଦସ୍ତାବିଜ ଗୁଡିକ ହେଲା:
୧) ପାସପୋର୍ଟ ଫଟୋ
୨) ମୋବାଇଲ ପଞ୍ଜୀକୃତ ଆଧାର ନମ୍ବର
୩) ବ୍ୟାଙ୍କ ପାସ ବହି
୪) ଜାତିଗତ ପ୍ରମାଣ ପତ୍ର
୫) ଦିବ୍ୟାଙ୍ଗ ପ୍ରମାଣ ପତ୍ର



**ପଞ୍ଜୀକରଣ କରିବାଦ୍ୱାରା ମିଳୁଥିବା ଲାଭଗୁଡିକ ନିମ୍ନରେ ପ୍ରଦତ୍ତ ହେଲା:**

- ସ୍ୱୟଂ ପଞ୍ଜୀକରଣ ସଂପୂର୍ଣ୍ଣ କଲେ ପ୍ରତି ବ୍ୟକ୍ତିଙ୍କୁ ଏକଶହ ଟଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରାପ୍ତ ହେବ। ଜନସେବା କେନ୍ଦ୍ର ମାଧ୍ୟମରେ ପଞ୍ଜୀକରଣ କରାଇଲେ ପ୍ରତି ବ୍ୟକ୍ତିଙ୍କୁ ଟ ୭୬.୪୦ ଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରାପ୍ତ ହେବ।
- ୨୦୨୫-୨୬ ବର୍ଷଠାରୁ ସମସ୍ତ NFDP ପଞ୍ଜୀକୃତ ବ୍ୟକ୍ତିହିଁ GAIS ବୀମାଭୁକ୍ତ ହେବେ । ପୂର୍ବର ସମସ୍ତ GAIS ହିତାଧିକାରୀ ନିଶ୍ଚିତ ପଞ୍ଜୀକୃତ ହୁଅନ୍ତୁ ନଚେତ ସେମାନେ ଏହି ଯୋଜନାରୁ ବଞ୍ଚିତ ହେବେ।
- ମତ୍ସ୍ୟ କ୍ଷେତ୍ରକୁ ଅନୁଷ୍ଠାନିକ ବ୍ୟାଙ୍କ ଋଣ ପ୍ରଦାନ, ଅଣୁ ଉଦ୍ୟୋଗ ପ୍ରବେଶ ନିମନ୍ତେ ସହାୟତା ତଥା ଆନୁସଙ୍ଗିକ ସହାୟତା ମିଳିବାରେ ସୁବିଧା ପ୍ରଦାନ ।
- ଜଳକୃଷି ବୀମାକରଣ ନିମନ୍ତେ ଏହି NFDP ପଞ୍ଜୀକରଣ ବାଧ୍ୟତାମୂଳକ ଅଟେ।
- ମତ୍ସ୍ୟଚାଷ ମୂଲ୍ୟ ଶୃଙ୍ଖଳର ଦକ୍ଷତା ବୃଦ୍ଧି ପାଇଁ ସହାୟତା ପାଇବାକୁ ହେଲେ ଏହି ପଞ୍ଜୀକରଣ ନିତାନ୍ତ ଆବଶ୍ୟକ।
- ମତ୍ସ୍ୟ ଓ ମତ୍ସ୍ୟ ଉତ୍ପାଦର ସୁରକ୍ଷା ଓ ଗୁଣାତ୍ମକ ନିଶ୍ଚିତତା ଗ୍ରହଣ ଓ ବିସ୍ତାରର ଲାଭ ଉଠାଇବା ପାଇଁ ଏହି ପଞ୍ଜୀକରଣର ଆବଶ୍ୟକତା ପଡିବ।

ଉପରୋକ୍ତ ଲାଭ ହାସଲ କରିବା ପାଇଁ ନିଜେ ପଞ୍ଜୀକୃତ ହେବା ସହ ଅନ୍ୟ ସମସ୍ତଙ୍କୁ ପଞ୍ଜୀକୃତ ହେବା ପାଇଁ ଉତ୍ସାହିତ କରନ୍ତୁ।

**ମତ୍ସ୍ୟକ୍ଷେତ୍ରକୁ ସୁସଙ୍ଗଠିତ କରିବା ଓ ମତ୍ସ୍ୟକ୍ଷେତ୍ରର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା।**

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡିଶା, କଟକ**

OIPR-06030/13/0048/2526

# ପାତାଳି ଶ୍ରୀକ୍ଷେତ୍ରର ଉନ୍ନତି କରାଯିବ

■ସୁରେଶ୍ୱରୀ, ରାମେଶ୍ୱର ଓ ସୁବର୍ଣ୍ଣମେରୁ ମନ୍ଦିର ପାଇଁ ବଡ଼ପ୍ଲାନ

■ମହାନଦୀ-ତେଲନଦୀ ରିଭର ଫ୍ରଣ୍ଟର ବିକାଶ ହେବ

■ଡିପିଆର ପ୍ରସ୍ତୁତି ପାଇଁ ଖୁବ୍‌ଶୀଘ୍ର ଟିମ୍ ଆସିବେ: ପ୍ରଭାତୀ

**ସୋନପୁର,୧୨।୮(ମୃତ୍ୟୁଞ୍ଜୟ ଶତପଥୀ)**

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମଙ୍ଗଳବାର ଦିନିକିଆ ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସି ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ପରିଦର୍ଶନ କରିବା ସହ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ ଜଗନ୍ନାଥଙ୍କ ଆଦି ପୀଠ ଉଲୁଣ୍ଡା ବ୍ଲକର ପାତାଳି ଶ୍ରୀକ୍ଷେତ୍ର ପରିଦର୍ଶନ କରିଥିଲେ। ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ନିର୍ମାଣାଧୀନ ନୂତନ ମନ୍ଦିର କାର୍ଯ୍ୟର ତଦାରଖ କରିଥିଲେ। ମନ୍ଦିର ମୁଖଶାଳା, ନାଟ ମନ୍ଦିର ଓ ଗର୍ଭ ଗୃହର କାର୍ଯ୍ୟ ଭବ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ପାତାଳି ଶ୍ରୀକ୍ଷେତ୍ରକୁ ଯାଇଥିବା ପାହାଚକୁ ପଥର ଟାଇଲ୍ସ ଦ୍ୱାରା ଓ ବାଡ଼ାକୁ ସୁନ୍ଦର ଭାବେ ନିର୍ମାଣ କରିବାକୁ ଉପମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ମୁଖରେ ଥିବା ଜଳାଶୟକୁ ପର୍ଯ୍ୟଟକଙ୍କ ପାଇଁ ଅଧିକ ଆକର୍ଷଣୀୟ କରିବାକୁ କ୍ଷୁଦ୍ର ଜଳସେଚନ ବିଭାଗର ଅଧିକାରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। ପରେ ସୁବର୍ଣ୍ଣପୁର ସହର ଆସି ସୁରେଶ୍ୱରୀଙ୍କ ମନ୍ଦିର ଦର୍ଶନ କରିବା ସହ ପାରିପାର୍ଶ୍ୱିକ ବିକାଶ ନେଇ ମନ୍ଦିର କମିଟି କର୍ମକର୍ତ୍ତା, ସେବାୟତ ଓ ବରିଷ୍ଠ ନାଗରିକଙ୍କ ସହ ବସି ଆଲୋଚନା କରିଥିଲେ। ଏହାପରେ ପ୍ରସିଦ୍ଧ ରାମେଶ୍ୱର ଓ ସୁବର୍ଣ୍ଣମେରୁ ଶୈବପୀଠକୁ ଉପମୁଖ୍ୟମନ୍ତ୍ରୀ ପରିଦର୍ଶନ କରିବା ସହ ସେବାୟତ ଓ ମନ୍ଦିର କମିଟିର କର୍ମକର୍ତ୍ତାଙ୍କ ସହିତ କଥା ହୋଇଥିଲେ।

ଅପରାହ୍ନରେ ସୁଭଦ୍ରା ଭଉଣୀ ଓ ଲକ୍ଷପତି ଦିଦିଙ୍କ ସହିତ ପରିଡା ମଧ୍ୟାହ୍ନ ଭୋଜନ କରିଥିଲେ। ପରେ ସର୍କିଟ୍ ହାଉସଠାରେ ପହଞ୍ଚି ସୁଭଦ୍ରା ଯୋଜନା ଓ ଜିଲାର ପର୍ଯ୍ୟଟନ କ୍ଷେତ୍ରର ସାମଗ୍ରୀକ ବିକାଶ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ। ଜିଲାରେ ପର୍ଯ୍ୟଟନ ପାଇଁ ବ୍ୟାପକ ଭିତ୍ତିଭୂମି ରହିଛି। ସୁରେଶ୍ୱରୀ, ସୁବର୍ଣ୍ଣମେରୁ ଓ ରାମେଶ୍ୱର ମନ୍ଦିର ବିକାଶ ପାଇଁ ସେ ୩ କୋଟି ଟଙ୍କା ଯୋଗାଇ ଦେଇଛନ୍ତି। ତେବେ ଲୋକଙ୍କ ଦାବିଠାରୁ ତିନି ମନ୍ଦିରର ବିକାଶକୁ ଆହୁରି ବଡ଼ ଆକାରରେ କରାଯିବ। ସେହିପରି ସହର କୂଳରେ ମହାନଦୀ ଓ ତେଲନଦୀ ବହିଯାଇଛି। ପର୍ଯ୍ୟଟକଙ୍କ ପାଇଁ ରିଭର ଫ୍ରଣ୍ଟର ବିକାଶ କରାଯିବ। ବିନିକା ଚରଦାର କପିଳେଶ୍ୱର ମନ୍ଦିରର ଉନ୍ନତି ହେବ। ଡିପିଆର ପ୍ରସ୍ତୁତି ପାଇଁ ଖୁବ୍‌ଶୀଘ୍ର ଏକ ବୈଷୟିକ ଟିମ୍ ସୁବର୍ଣ୍ଣପୁର ସହର ଓ ପାତାଳି ଶ୍ରୀକ୍ଷେତ୍ର ଗସ୍ତ କରିବେ। ପର୍ଯ୍ୟଟନର ବିକାଶ ପାଇଁ ମୋହନ ସରକାର ଆନ୍ତରିକତାର ସହ କାମ କରୁଛନ୍ତି। ଏଥିପାଇଁ ଅର୍ଥ ପ୍ରତିବନ୍ଧକ ହେବନି ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ଗସ୍ତ କାର୍ଯ୍ୟକ୍ରମ ଓ ସମୀକ୍ଷା ବୈଠକରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା, ପର୍ଯ୍ୟଟନ ବିଭାଗ ସଚିବ ବଲବନ୍ତ ସିଂ, ଅବସରପ୍ରାପ୍ତ ବିଚାରପତି ଚିତ୍ତରଞ୍ଜନ ଦାଶ, ଜିଲାପାଳ ଡ. ନୃପରାଜ ସାହୁ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ଅଞ୍ଜଳିନା ପ୍ରଧାନ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସୋନପୁର ଓ ବୀରମହାରାଜପୁର ଉପଜିଲାପାଳ, ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ସୁରେଶ୍ୱରୀ ମନ୍ଦିର ପରିସରରେ ଉପମୁଖ୍ୟମନ୍ତ୍ରୀ ମନ୍ଦିର କମିଟି କର୍ମକର୍ତ୍ତା ଓ ସେବାୟତଙ୍କ ସହିତ ଆଲୋଚନା କରୁଛନ୍ତି।

# ଗଙ୍ଗାଧର ଥିଲେ ଚିରନ୍ତନ ମୂଲ୍ୟବୋଧର କବି




ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥିମାନେ।

**ସୋନପୁର,୧୨।୮(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ମହାବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ଅଧ୍ୟକ୍ଷ ରାଜୀବଲୋଚନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ସାରସ୍ୱତ ସଭାରେ ପଦ୍ମଶ୍ରୀ ଚତୁର୍ଭୁଜ ମେହେର ମୁଖ୍ୟଅତିଥି, ଆଇଆଇଏମ ସମ୍ବଲପୁରର ପ୍ରଫେସର ଡକ୍ଟର ସୁଜିତ କୁମାର ପୃଷେଠ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଙ୍ଗାଧରଙ୍କ କାବ୍ୟକୃତି ଉପରେ ଆଲୋଚନା କରି ଗଙ୍ଗାଧର ଚିରନ୍ତନ ମୂଲ୍ୟବୋଧର କବି ଏବଂ ତାଙ୍କ କାଳଜୟୀ କବିତା ପାଠକଙ୍କୁ ତଥା ଜନସାଧାରଣଙ୍କୁ ଆଜିବି ପ୍ରଭାବିତ କରିରଖିଛି। ସେ ପୌରାଣିକ କଥାବସ୍ତୁକୁ ବିଜ୍ଞାନସମ୍ମତ ଦୃଷ୍ଟିରେ ଚିତ୍ରଣ କରିବା ସହ କୃଷି, କୃଷକ ଓ ମହାନଦୀ ସମ୍ପର୍କରେ ସୁନ୍ଦର ଉପସ୍ଥାପନ କରିଥିଲେ ବୋଲି କହିଥିଲେ।

ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ସୌରଭରଞ୍ଜନ ଖମାରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗ ଛାତ୍ରୀ ରୁବି ବେହେରା ସଭା ସଂଯୋଜନା କରିଥିଲେ। ସଭା ଆରମ୍ଭରେ ଗଙ୍ଗାଧରଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଭାବରେ ବିଶ୍ୱଦେଖ ମଧୁମୟ ଗୀତକୁ ଗାନ କରିଥିଲେ। ଏହି ସଭାରେ ଅଧ୍ୟାପିକା ରାଜଲତା ଅଲିଭା, ନୀଳିମା ପ୍ରଧାନ, ରୁଚିସୁଧା ମେହେର, ଚନ୍ଦ୍ରକାନ୍ତି ବିଶ୍ୱାଳ, ଲିସା ଭୋଇ, ଅଧ୍ୟାପକ ଡ ରାଜେନ୍ଦ୍ର ରଣା, ଡ. ସୁଦାମ ଦୀପ, ଧୀରେନ କୁମାର ମିଶ୍ର, ରାଜୁ ଓରାମ, ଲମ୍ବୋଦର ପ୍ରଧାନ, ଡ. ମୀନକେତନ କୁମ୍ଭାର ଏବଂ ବହୁ ଛାତ୍ରଛାତ୍ରୀ ସଭାରେ ଉପସ୍ଥିତ ଥିଲେ। ଅଧ୍ୟାପିକା ଡକ୍ଟର ଇତିଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଛୁଟିରେ ରାଜସ୍ୱ ଅମଲା: ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ

**ବୀରମହାରାଜପୁର,୧୨।୮(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ସମସ୍ତ ରାଜସ୍ୱ ଅମଲା କର୍ମଚାରୀ ଛୁଟିରେ ଅଛନ୍ତି। ରାଜ୍ୟ ସଂଘର ପୂର୍ବ ନିଷ୍ପତ୍ତି ଅନୁସାରେ ଦଶ ଦଫା ଦାବି ପୂରଣ ନେଇ ରାଜ୍ୟ ସରକାରଙ୍କ ସହିତ ଆଲୋଚନା ବିଫଳ ହେବାରୁ ଏହି ଆନ୍ଦୋଳନ କରିବାକୁ ବାଧ୍ୟ ହେଲୁ ବୋଲି ଆନ୍ଦୋଳନକାରୀ କର୍ମଚାରୀ କହିଛନ୍ତି। ସମୂହ ଛୁଟି ଯୋଗୁ ବୀରମହାରାଜପୁର ଉପଜିଲାପାଳ କାର୍ଯ୍ୟାଳୟଠାରେ ଉପଖଣ୍ଡର ଉଲୁଣ୍ଡା ବ୍ଲକ, ଉଲୁଣ୍ଡା ତହସିଲ, ବୀରମହାରାଜପୁର ଉପଜିଲାପାଳ କାର୍ଯ୍ୟାଳୟ, ବ୍ଲକ, ତହସିଲ କାର୍ଯ୍ୟାଳୟରେ ଅମଲା କର୍ମଚାରୀ ଧାରଣାରେ ବସିଛନ୍ତି। ଫଳରେ ସରକାରୀ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେବା ସହିତ ସାଧାରଣ ଲୋକ ଦୂର ଦୂରାନ୍ତରୁ ଆସି ହଇରାଣ ହରକତ ହୋଇ ଘରକୁ ଫେରୁଥିବା ଦେଖିବାକୁ ମିଳିଛି। ବୀରମହାରାଜପୁର ଉପଜିଲାପାଳ କାର୍ଯ୍ୟାଳୟ ସେକ୍ସନ ଅଫିସର ସଞ୍ଜିବ ବାବୁଙ୍କ ନେତୃତ୍ୱରେ ଗିରିଧାରୀ ହୋତା, ପ୍ରମୋଦ କୁମାର ମହାନ୍ତି ପ୍ରମୁଖ ସାମିଲ ହୋଇଛନ୍ତି।

# ହର୍ ଘର୍ ତ୍ରିରଙ୍ଗା, ହର୍ ଘର୍ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ବିନିକା,୧୨।୮(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ଅଫିସ ପରିସରରେ ମଙ୍ଗଳବାର ହର ଘର ତ୍ରିରଙ୍ଗା, ହର ଘର ସ୍ୱଚ୍ଛତା ସଚେତନତା ଓ ସଫେଇ କାର୍ଯ୍ୟକ୍ରମ କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନଗରପାଳ ସୁବାଷ ଚନ୍ଦ୍ର ଭୁଏ ଅଧକ୍ଷତା କରିଥିଲେ। ଉପାଧାକ୍ଷା ତପସ୍ୱିନୀ ମେହେର, ସମସ୍ତ କାଉନସିଲର, ଏନଏସି କର୍ମଚାରୀ, ସିଓ ସୁମିତା ବାରିକ, ସାନିଟାରୀ ଏକ୍ସପୋର୍ଟ ସାଗରୀକା ପାତ୍ରୋ, ପିଏ ସରୋଜ ମେହେର, ପୃଥ୍ୱୀରାଜ ପଧାନ, ସତ୍ୟ ରାଜହଂସ, ସରୋଜ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ରଙ୍ଗୋଲି ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ନିର୍ବାହୀ ଅଧିକାରୀ ଭୋଇ ନଳକୂପଗୁଡିକ ଚାରିପଟେ ପରିଷ୍କାର ରଖିବା, ପୋଖରୀ ଚାରିପଟେ ଚାରାରୋପଣ, ଅଫିସ ଅଙ୍ଗନବାଡି ସେଣ୍ଟର, ପରିଷ୍କାର ରଖିବା, ପାଣି ଅପଚୟ ରୋକିବା ଉପରେ ଆଲୋକପାତ କରିଥିଲେ।

# ଗଙ୍ଗାଧର ମେହେର ଜୟନ୍ତୀ

## ତପସ୍ୱିନୀ କାବ୍ୟରେ ପ୍ରକୃତିକୁ ଜୀବନ୍ତ ରୂପ ଦେଇଛନ୍ତି ଗଙ୍ଗାଧର

**ବୀରମହାରାଜପୁର,୧୨।୮(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରକାରୀ ଉଚ୍ଚବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଧାନ ଶିକ୍ଷକ ନିରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ଆଧ୍ୟାତ୍ମିକ ପ୍ରବଚକ କୃଷ୍ଣଚନ୍ଦ୍ର ପାଢ଼ୀ ଯୋଗଦେଇ ଗଙ୍ଗାଧର ମେହେରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ମେହେରଙ୍କ ତପସ୍ୱିନୀ କାବ୍ୟରେ ପ୍ରକୃତି କିପରି ଜୀବନ୍ତ ହୋଇ ଉଠିଛି ବର୍ଣ୍ଣନା କରିଥିଲେ। ଏହାସହ କବିଙ୍କ କାବ୍ୟ ଇନ୍ଦୁମତୀ, କିଚକବଧ ଓ ପ୍ରଣୟବଲ୍ଲରୀର ସଂକ୍ଷିପ୍ତ ଆଲୋଚନା କରିଥିଲେ। ବିଦ୍ୟାଳୟର ଛାତ୍ରମାନଙ୍କ ସହ ଶିକ୍ଷକ ସଦାନନ୍ଦ ପଣ୍ଡା,ବୈକୁଣ୍ଠ ନାୟକ ପ୍ରମୁଖ ଗଙ୍ଗାଧର ମେହେରଙ୍କ ଜୀବନୀ ଓ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପଞ୍ଚାନନ ମେହେର ଓ ସତ୍ୟ ନାରାୟଣ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସାଂସ୍କୃତିକ ପ୍ରମୁଖ ଜ୍ୟୋର୍ତିମୟୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ସରକାରୀ ଉଚ୍ଚବିଦ୍ୟାଳୟରେ ଗଙ୍ଗାଧର ଜୟନ୍ତୀ କାର୍ଯ୍ୟକ୍ରମରେ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

# ଧାନଫସଲ ନଷ୍ଟ କଲେ ହାତୀପଲ

## ବୀରମହାରାଜପୁର ରେଞ୍ଜ

## କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦିଆଯିବ: ସହକାରୀ ବନ ସଂରକ୍ଷକ



ବିକଳପୁରରେ ହାତୀପଲ।

**ଅମରପାଲି, ୧୨।୮(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ବନଖଣ୍ଡ ଅଧିନ ବୀରମହାରାଜପୁର ବନାଞ୍ଚଳ ବିଭିନ୍ନ ଗ୍ରାମରେ ବ୍ୟାପକ ଧାନ ଚାଷ ନଷ୍ଟ କରିଛନ୍ତି ହାତୀପଲ। ଗତ ସୋମବାରଠାରୁ ବୀରମହାରାଜପୁର ରେଞ୍ଜ ଅଞ୍ଚଳକୁ ଆସିଥିବା ହାତୀପଲ ଦୁଇ ଦିନ ହେଲା ବ୍ୟାପକ ଚାଷ ଜମିରେ ଧାନ ଚାଷ ନଷ୍ଟ କରୁଛନ୍ତି। ଏହାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଚଳିତବର୍ଷ ବିଳମ୍ବ ହେଲେ ମଧ ବର୍ତ୍ତମାନ ପର୍ଯ୍ୟନ୍ତ ଚାଷ ଭଲ ହୋଇଛି। ଚାଷୀ ଭଲ ଅମଳ ଆଶା କରିଥିବା ବେଳେ ଏବେ ହାତୀପଲ ଧାନଚାଷ ନଷ୍ଟ କରୁଥିବାରୁ ଚାଷୀ ହତାଶ ହୋଇ ପଡ଼ିଛି। ମଙ୍ଗଳାବର ସନ୍ଧ୍ୟାରେ ଖବର ଲେଖା ଯିବାବେଳକୁ ହାତୀପଲ ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତର ବିକଳପୁର ଅଞ୍ଚଳରେ ଥିବା ସୂଚନା ମିଳିଛି। ଉକ୍ତ ୮ ଟିକିଆ ହାତୀ ପଲରେ ୫ଟି ମାଇ ଓ ୩ଟି ହାତୀ ଶାବକ ଥିବା ଜଣାପଡ଼ିଛି। ଗତ କିଛି ଦିନ ହେବ ଉଲୁଣ୍ଡା ବନାଞ୍ଚଳର ବିଭିନ୍ନ ଗାଁରେ ୧୫ଟିକିଆ ହାତୀପଲ ଥିବା ବେଳେ ଏହି ଅଞ୍ଚଳରୁ ପ୍ରାୟ ୮ ଟି ବୀରମହାରାଜପୁର ଅଞ୍ଚଳକୁ ଆସିଥିବା ଅନୁମାନ କରାଯାଉଛି। ସୋମବାର ହାତୀପଲ ମୁର୍ଷୁଣ୍ଡି ପଞ୍ଚାୟତର ସୀତାପୁର, ଚୌକା, ଖଣ୍ଡହତା ପଞ୍ଚାୟତର ବରଘାଟ, ଅତାଲ ଆଦି ଗ୍ରାମରେ ଚାଷ ଜମିରେ ଦଳିଚକଟି ଧାନ ଚାଷ ନଷ୍ଟ କରିଥିଲେ। ମଙ୍ଗଳବାର କମିରା, ବିକଳପୁର, ବଳରାମପୁର, ଲକ୍ଷ୍ମୀ ଆଦି ଗ୍ରାମରେ ଧାନ ଚାଷ ହାତୀପଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ବନ ବିଭାଗ ହାତୀପଲକୁ ଘଉଡାଉଛନ୍ତି। ଏ ନେଇ ବୀରମହାରାଜପୁର ସହକାରୀ ବନ ସଂରକ୍ଷକ ତଥା ଅତିରିକ୍ତ ରେଞ୍ଜ ଦାୟିତ୍ୱରେ ଥିବା ରେଞ୍ଜର ଅବିନାଶ ବରିହାଙ୍କୁ ପଚାରିବାରୁ ବୁଧବାର କ୍ଷୟକ୍ଷତିର ଆକଳନ କରି ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି।


यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ସିଡିଏ ବିଡାନାସୀ ଶାଖା**
ସିଡିଏ, ସେକ୍ଟର-୬, ମର୍କତ ନଗର, ବିଡାନାସୀ, କଟକ,
ଇମେଲ: ubin0558869@unionbankofindia.bank, ମୋ: ୯୩୯୮୨୬୩୭୯୯

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୯.୦୮.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ଋଣଗ୍ରହୀତାମାନେ: ମେସର୍ସ ସାଗର ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ବିରାଜ ଛୋଟରାୟ,** ସମ୍ରାଟ ହଲ୍ ନିକଟ, ସା/ପୋ/ଥାନା: ମଧୁପାଟଣା, ଜିଲ୍ଲା: କଟକ - ୭୫୩୦୧୦, **ଶ୍ରୀ ବିରାଜ ଛୋଟରାୟ,** ପିତା: ୰ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା: ବଢ଼େଇସାହି, ମାଛୁଆ ବଜାର, ପୋ: ବକ୍ସି ବଜାର, କଟକ - ୭୫୩୦୦୧ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅଜୟ କୁମାର ମହାନ୍ତି,** ପିତା: ସୁରେନ୍ଦ୍ର ମହାନ୍ତି, ସା: ନିମାଇସାପୁର, ପୋ: ଆୟତପୁର, ଭାୟା: କିଶାନନଗର, କଟକ ସଦର, କଟକ - ୭୫୪୧୩୧ / **ବକେୟା ରାଶି: ଟ.୧୧,୦୯,୧୯୧.୦୨ +** ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ବିରାଜ ଛୋଟରାୟ,** ପିତା: ୰ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା: ବଢ଼େଇସାହି, ମାଛୁଆ ବଜାର, ବକ୍ସି ବଜାର, କଟକ - ୭୫୩୦୦୧ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୯୭, ଖାତା ନଂ.: ୩୪୨, ଥାନା ନଂ.: ୪, ଥାନା: ମଙ୍ଗଳାବାଗ, ମୌଜା: କଟକ ସଦର ୟୁନିଟ୍-୧୮ ବକ୍ସି ବଜାର, **ମୋଟ ଜମିର କ୍ଷେତ୍ର: ଏକର ୦.୦୯୭ ଡିସିମିଲି ଯାହା ୪୨୨୫ ବର୍ଗଫୁଟ,** ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୬୧୩, ଦକ୍ଷିଣ: ପ୍ଲଟ୍ ନଂ.: ୫୯୮, ପୂର୍ବ: ପ୍ଲଟ୍ ନଂ.: ୫୯୬, ପଶ୍ଚିମ: ପ୍ଲଟ୍ ନଂ.: ୬୧୨ | ଟ.୭୯,୦୫,୦୦୦/- / ଟ.୭,୯୦,୫୦୦/- / ଟ.୭୯,୦୫୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ସୁଦ୍ଧା

ଇ-ନିଲାମ ତାରିଖ ଏବଂ ସମୟ: ତା. ୨୯.୦୮.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ/ମ୍ୟାପ୍‌ଡ୍ କରି ଦାଖଲ କରିବେ

ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com & https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: କଟକ
ତାରିଖ: ୧୨.୦୮.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



DSPL-203


Government of Odisha

**ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମରେ ପଞ୍ଜୀକରଣ**

ଏତଦ୍ୱାରା ଓଡିଶାର ସମସ୍ତ ମତ୍ସ୍ୟକ୍ଷେତ୍ରରେ କାର୍ଯ୍ୟରତ ଅଣସଙ୍ଗଠିତ ମତ୍ସ୍ୟଜୀବୀ, ମାଛଧରାଳୀ, ମତ୍ସ୍ୟପାଳକ, ବ୍ୟବସାୟୀ, ପ୍ରକ୍ରିୟାକରଣକାରୀ, ମତ୍ସ୍ୟ ଉପାଦାନ ଉତ୍ପାଦନକାରୀ ଓ ଅନ୍ୟାନ୍ୟ ସମସ୍ତ ହିତାଧିକାରୀ ମାନଙ୍କୁ ଏକତ୍ରିତ କରି ଗୋଟିଏ ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ପଞ୍ଜୀକରଣ କରି ଏହି କ୍ଷେତ୍ରକୁ ସୁସଂଗଠିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଅଟେ।

ଏଥି ନିମନ୍ତେ ମତ୍ସ୍ୟ କ୍ଷେତ୍ର ସହିତ ଜଡିତ ସମସ୍ତଙ୍କୁ ନିଜ ମୋବାଇଲ ମାଧ୍ୟମରେ ସ୍ୱୟଂ ପଞ୍ଜୀକରଣ କିମ୍ବା ଜନସେବା କେନ୍ଦ୍ର ସହାୟତାରେ ପଞ୍ଜୀକୃତ ହେବା ପାଇଁ ନିମ୍ନ ପ୍ରଦତ୍ତ ୱେବ ସାଇଟ ରେ(nfdp.dof.gov.in) କ୍ଲିକ କରି ନିଜର ଆବଶ୍ୟକୀୟ ତଥ୍ୟ ପ୍ରଦାନ କରନ୍ତୁ।

ଏଥି ନିମନ୍ତେ ଆବଶ୍ୟକ ହେଉଥିବା ଦସ୍ତାବିଜ ଗୁଡିକ ହେଲା:
୧) ପାସପୋର୍ଟ ଫଟୋ
୨) ମୋବାଇଲ ପଞ୍ଜୀକୃତ ଆଧାର ନମ୍ବର
୩) ବ୍ୟାଙ୍କ ପାସ ବହି
୪) ଜାତିଗତ ପ୍ରମାଣ ପତ୍ର
୫) ଦିବ୍ୟାଙ୍ଗ ପ୍ରମାଣ ପତ୍ର



**ପଞ୍ଜୀକରଣ କରିବାଦ୍ୱାରା ମିଳୁଥିବା ଲାଭଗୁଡିକ ନିମ୍ନରେ ପ୍ରଦତ୍ତ ହେଲା:**

- ସ୍ୱୟଂ ପଞ୍ଜୀକରଣ ସଂପୂର୍ଣ୍ଣ କଲେ ପ୍ରତି ବ୍ୟକ୍ତିଙ୍କୁ ଏକଶହ ଟଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରାପ୍ତ ହେବ। ଜନସେବା କେନ୍ଦ୍ର ମାଧ୍ୟମରେ ପଞ୍ଜୀକରଣ କରାଇଲେ ପ୍ରତି ବ୍ୟକ୍ତିଙ୍କୁ ଟ ୭୬.୪୦ ଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରାପ୍ତ ହେବ।
- ୨୦୨୫-୨୬ ବର୍ଷଠାରୁ ସମସ୍ତ NFDP ପଞ୍ଜୀକୃତ ବ୍ୟକ୍ତିହିଁ GAIS ବୀମାଭୁକ୍ତ ହେବେ । ପୂର୍ବର ସମସ୍ତ GAIS ହିତାଧିକାରୀ ନିଶ୍ଚିତ ପଞ୍ଜୀକୃତ ହୁଅନ୍ତୁ ନଚେତ ସେମାନେ ଏହି ଯୋଜନାରୁ ବଞ୍ଚିତ ହେବେ।
- ମତ୍ସ୍ୟ କ୍ଷେତ୍ରକୁ ଅନୁଷ୍ଠାନିକ ବ୍ୟାଙ୍କ ଋଣ ପ୍ରଦାନ, ଅଣୁ ଉଦ୍ୟୋଗ ପ୍ରବେଶ ନିମନ୍ତେ ସହାୟତା ତଥା ଆନୁସଙ୍ଗିକ ସହାୟତା ମିଳିବାରେ ସୁବିଧା ପ୍ରଦାନ ।
- ଜଳକୃଷି ବୀମାକରଣ ନିମନ୍ତେ ଏହି NFDP ପଞ୍ଜୀକରଣ ବାଧ୍ୟତାମୂଳକ ଅଟେ।
- ମତ୍ସ୍ୟଚାଷ ମୂଲ୍ୟ ଶୃଙ୍ଖଳର ଦକ୍ଷତା ବୃଦ୍ଧି ପାଇଁ ସହାୟତା ପାଇବାକୁ ହେଲେ ଏହି ପଞ୍ଜୀକରଣ ନିତାନ୍ତ ଆବଶ୍ୟକ।
- ମତ୍ସ୍ୟ ଓ ମତ୍ସ୍ୟ ଉତ୍ପାଦର ସୁରକ୍ଷା ଓ ଗୁଣାତ୍ମକ ନିଶ୍ଚିତତା ଗ୍ରହଣ ଓ ବିସ୍ତାରର ଲାଭ ଉଠାଇବା ପାଇଁ ଏହି ପଞ୍ଜୀକରଣର ଆବଶ୍ୟକତା ପଡିବ।

ଉପରୋକ୍ତ ଲାଭ ହାସଲ କରିବା ପାଇଁ ନିଜେ ପଞ୍ଜୀକୃତ ହେବା ସହ ଅନ୍ୟ ସମସ୍ତଙ୍କୁ ପଞ୍ଜୀକୃତ ହେବା ପାଇଁ ଉତ୍ସାହିତ କରନ୍ତୁ।

**ମତ୍ସ୍ୟକ୍ଷେତ୍ରକୁ ସୁସଙ୍ଗଠିତ କରିବା ଓ ମତ୍ସ୍ୟକ୍ଷେତ୍ରର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା।**

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡିଶା, କଟକ**

OIPR-06030/13/0048/2526

## କୁରାଢ଼ିରେ ସ୍ତ୍ରୀଙ୍କୁ ଆକ୍ରମଣ କରି ସ୍ୱାମୀ ଫେରାର

**ବାଲିଶଙ୍କରା, ୧୨।୮ (ସତ ସେଠ):** ସୁନ୍ଦରଗଡ଼ ଜିଲା ତଲସରା ଥାନା ଅନ୍ତର୍ଗତ ବାଲିଶଙ୍କରା କୁଇଲେରମୁଣ୍ଡାରେ ଏକ ଅଭାବନୀୟ ଘଟଣା ଘଟିଛି। କୁରାଢ଼ିରେ ସ୍ତ୍ରୀଙ୍କୁ ଆକ୍ରମଣ କରି ସ୍ୱାମୀ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ଝାଡ଼ଖଣ୍ଡ ରାଜ୍ୟ ସିମଡେଗା ଜିଲା ବାନୋ ଗ୍ରାମର ସୁଧୀର ନାଏକ (୫୦) ଓ ସାବିତ୍ରୀ ଦେବୀ ( ୪୫) ପରିବାର ସହ ବ୍ୟବସାୟ ପାଇଁ ଆସି କୁଇଲେରମୁଣ୍ଡା ଗ୍ରାମରେ ଭଡା ରହି ବ୍ୟବସାୟ କରୁଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ କୌଣସି କଥାକୁ ନେଇ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସୁଧୀର ନିଜ ସ୍ତ୍ରୀ ସାବିତ୍ରୀ ଦେବୀଙ୍କୁ କୁରାଢ଼ୀରେ ପ୍ରହାର କରିଥିଲେ। ସାବିତ୍ରୀ ରକ୍ତ ଜୁଡୁବୁଡୁ ହୋଇ ଗୁରୁତର ହୋଇଯାଇଥିବାବେଳେ ସୁଧୀର ଫେରାର ହୋଇଯାଇଥିଲେ। ତାଙ୍କ ପରିବାରବର୍ଗ ସାବିତ୍ରୀଙ୍କୁ ଉଦ୍ଧାର କରି ସବଡେଗା ହସ୍ପିଟାଲରେ ଭର୍ତ୍ତି କରିଛନ୍ତି।

# ରାସ୍ତା ଦୁରବସ୍ଥା ପ୍ରତିବାଦ: ଗ୍ରାମବାସୀଙ୍କ ଆନ୍ଦୋଳନ

**କୁଆଁରମୁଣ୍ଡା - ପଦମପୁର ରାସ୍ତା ଫାଟି ଖାଲଖମା ସୃଷ୍ଟି**

**କୁଆଁରମୁଣ୍ଡା, ୧୨।୮ (ମହେନ୍ଦ୍ର କୁମାର ସାହୁ)**



ରାସ୍ତାର ଦୁରବସ୍ଥା ନେଇ ଗ୍ରାମବାସୀ ରାସ୍ତା ଅବରୋଧ କରି ପ୍ରତିବାଦ କରୁଛନ୍ତି।

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର କୁଆଁରମୁଣ୍ଡା- ପଦମପୁର ରାସ୍ତା ଦୁରାବସ୍ଥା ପ୍ରତିବାଦରେ ଗ୍ରାମବାସୀ ଆରମ୍ଭ କରିଛନ୍ତି ରାସ୍ତାରୋକୋ ଆନ୍ଦୋଳନ। ମଙ୍ଗଳବାର ରାତି ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିଥିବାବେଳେ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀ କହିଛନ୍ତି। କୁଆଁରମୁଣ୍ଡା – ପଦମପୁର ରାସ୍ତା ଫାଟି ଏବେ ଖାଲଖମା ସୃଷ୍ଟି ହୋଇଛି। ବାଇକ ଓ ସାଇକେଲ ଆରୋହୀଙ୍କ ପାଇଁ ଏହି ରାସ୍ତା ବିପଦସଙ୍କୁଳ ହୋଇପଡିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହି ରାସ୍ତା ଗତ ପ୍ରାୟ ୩ ବର୍ଷ ତଳେ ନିର୍ମାଣ କରାଯାଇଥିଲା। ହେଲେ ଏହି ଗ୍ରାମ୍ୟ ରାସ୍ତା ଦେଇ ନିକଟସ୍ଥ ଏକ ଉଷ୍ଟ କାରଖାନାର ୧୮ ଚକିଆ ଭାରିଯାନ ଅହରହ ଚଳାଚଳ କରୁଥିବାରୁ ରାସ୍ତା ଫାଟି କୃତ୍ରିମ ଖାଲ ସୃଷ୍ଟି ହୋଇଛି। କେବଳ ସେତିକି ନୁହେଁ, ଏହି ରାସ୍ତା ଉପରେ ନିକଟସ୍ଥ ଶଙ୍ଖ ନଦୀ ବାଲି ଘାଟରୁ ହାଇୱା ଦ୍ୱାରା ବାଲି ବୁହାଯାଉଥିବା ମଧ୍ୟ ଏହି ରାସ୍ତା ଫାଟିବାର ଅନ୍ୟ ଏକ କାରଣ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଅପରାହ୍ନରୁ ରାତି ପର୍ଯ୍ୟନ୍ତ ରାସ୍ତା ଅବରୋଧ ଚାଲିଥିଲା। ରାସ୍ତା ପ୍ରଦୂଷଣରେ ସ୍ଥାନୀୟ ଗ୍ରାମବାସୀ ଅତିଷ୍ଠ ହୋଇ ଏପରି ଚରମ ନିଷ୍ପତ୍ତି ନେବାକୁ ବାଧ ହୋଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ରାସ୍ତା ଅବରୋଧରୁ ହଟିବା ପାଇଁ ଚେଷ୍ଟା ଚଳାଇଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ଭାରିଯାନଗୁଡ଼ିକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଛିଡ଼ା ହୋଇରହିଥିଲା।

# ବାଘ ଗତିବିଧି ଜାଣିବାକୁ ଜଙ୍ଗଲରେ ଲାଗିଲା ଟ୍ରାପ କ୍ୟାମେରା

**ସୁନ୍ଦରଗଡ଼, ୧୨।୮ (ଜୟନାରାୟଣ ମେଣ୍ଡୁଲି)**

- ଛତିଶଗଡ଼ରୁ ସୁନ୍ଦରଗଡ ଜଙ୍ଗଲକୁ ଏକ ବାଘ ଚାଲି ଆସିଥିବା ଖବର ଓ ଫଟୋ ଭାଇରାଲ
- ବାଘ ଫଟୋ କେତେ ସତ କେତେ ମିଛ

ପଡୋଶୀ ଛତିଶଗଡ଼ ରାଜ୍ୟରୁ ସୁନ୍ଦରଗଡ଼ ଜଙ୍ଗଲକୁ ଏକ ବାଘ ଚାଲି ଆସିଥିବା ଖବର ଓ ଫଟୋ ଏବେ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି। ଏହି ଖବରର କେତେ ସତ୍ୟତା ଅଛି, ତାହା ବର୍ତ୍ତମାନ ସୁଦ୍ଧା ବନ ବିଭାଗ ସ୍ପଷ୍ଟ କରି ନ ଥିଲାବେଳେ ବାଘ ଭୟ ଲୋକଙ୍କ ମନରେ ଛନକା ପଶିଛି। ଗତ ୫ତାରିଖରେ ଏହି ବାଘ ସୁନ୍ଦରଗଡ ବନଖଣ୍ଡ ଅନ୍ତର୍ଗତ ଲେଫ୍ରିପଡା ଅଞ୍ଚଳରେ ଚାଲିଆସିଥିବା କିଛି ଲୋକ ଖବର ଦେବା ପରେ ବନ ବିଭାଗ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ଜଙ୍ଗଲ ଭିତରକୁ ନ ଯିବାକୁ ଓ ଗୃହପାଳିତ ପଶୁଙ୍କୁ ମଧ୍ୟ ନ ଛାଡିବାକୁ ଡାକବାଜି ଯନ୍ତ୍ର ଜରିଆରେ ସତର୍କ କରାଯାଇଛି। ପୂର୍ବରୁ ଜଙ୍ଗଲ ଭିତରେ ଲାଗିଥିବା ଟ୍ରାପ କ୍ୟାମେରାରେ ସେମିତି କିଛି ସୂଚନା ନ ଥିବା ବନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା। ମାତ୍ର ପ୍ରତିଦିନ ଏହି ବାଘ ଜଙ୍ଗଲରେ ବୁଲୁଥିବା ଓ ଗତ ରାତିରେ ବାଘଟି ଏକ ରାସ୍ତାରେ ଗାଡି ଧକ୍କାରେ ମରିଥିବା ଭିଡିଓ ମଧ୍ୟ ଭାଇରାଲ ହେଉଛି। ଏ ସବୁର ସତ୍ୟତା କେତେ ଅଛି ସେ ନେଇ ବନ ବିଭାଗ ତତ୍ପରତା ପ୍ରକାଶ କରିଛି। ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଅଧିକ ଟ୍ରାପ କ୍ୟାମେରା ଲଗାଯାଉଛି।

# ସଂସ୍କୃତ ଭାଷାରେ ସ୍ଲୋଗାନ, ଭାଷଣ ଦେଲେ ଛାତ୍ରୀଛାତ୍ର

- ସଂସ୍କୃତରେ ଗୀତ ଗାଇଲେ, ସଂସ୍କୃତ ଗୀତରେ ନୃତ୍ୟ ବି ପରିବେଷଣ କଲେ
- ଓଏଭି ପକ୍ଷରୁ ସଂସ୍କୃତ ସପ୍ତାହ ସମାପନ ଦିବସ

**ବଡ଼ଗାଁ, ୧୨।୮ (ଅଶୋକ ଷଡଙ୍ଗୀ)**



ସଂସ୍କୃତ ସପ୍ତାହ ସମାପନ ଦିବସରେ ଅତିଥିଙ୍କ ସହ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଓ କୃତୀ ଛାତ୍ରୀ।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ନିକଟ ଭୋଇପାଲି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ପକ୍ଷରୁ ମଙ୍ଗଳବାର ସଂସ୍କୃତ ସପ୍ତାହ ସମାପନ ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଶୋଭାଯାତ୍ରାରେ ଜୟତୁ ସଂସ୍କୃତମ, ଜୟତୁ ଭାରତମ, ଭାଷାଣମ ଜନନୀ, ସଂସ୍କୃତ ଭାଷା ବିଶସ୍ୟ ସ୍ଲୋଗାନ ଦେଇ ଦୁର୍ଗା ମଣ୍ଡପକୁ ଆସିଥିଲେ। ସେଠାରେ ବିଦ୍ୟାଳୟର ଛାତ୍ରୀ ଆୟୁଶୀ ପଣ୍ଡା ଓ ଜିଜ୍ଞାସା ପ୍ରଧାନ ସଂସ୍କୃତ ଭାଷାର ମହତ୍ତ୍ୱ ଉପରେ ଏକ ଲଘୁ ନାଟକ ପରିବେଷଣ କରିଥିଲେ। ଏହା ସହ ସଂସ୍କୃତ ଗୀତରେ ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ। ସେଠାରୁ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ବଡ଼ଗାଁ ବସ୍ତି ପରିକ୍ରମା କରି ବିଦ୍ୟାଳୟକୁ ଯାଇଥିଲେ। ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ସଂସ୍କୃତ ଗୀତ, ସଂସ୍କୃତ ନୃତ୍ୟ, ସଂସ୍କୃତ ଭାଷଣ ଓ ସଂସ୍କୃତ ଶ୍ଳୋକ ପାରାୟଣ ଆୟୋଜିତ ହୋଇଥିଲା। ଏଥିରେ ଚୟନକର୍ତ୍ତା ଭାବେ ମୁଖ୍ୟ ସଂଯୋଜକ ସଂସ୍କୃତ ଶିକ୍ଷକ ରୂପେଶ ଭୋଇ ଦାୟିତ୍ୱ ତୁଲାଇଥିଲେ। ତାଙ୍କୁ ଶିକ୍ଷୟିତ୍ରୀ ମାଧୁରୀ ବେକ, ସଞ୍ଜୁ କିଷାନ, ଅନ୍ୱେଷା ଦାସ, ଶିକ୍ଷକ ସୁରେଶ କିଷାନ, ରୋହିତ ମାଝୀ, ଅଜିତ ରାଉତ, ଦିବ୍ୟରଞ୍ଜନ ରାଉତ, ରାଘବେନ୍ଦ୍ର ନାଏକ, ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ ସହଯୋଗ କରିଥିଲେ। ଅପରାହ୍ନରେ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନୀ ସୁରେଖା ହରୋ ମୁଖ୍ୟ ଅତିଥି, ପାମରା ଗ୍ରାମର ବୈଦିକ ବିଦ୍ୱାନ ବାସୁଦେବ ହୋତା ମୁଖ୍ୟବକ୍ତା ଓ ବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର୍ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସଂସ୍କୃତ ଭାଷା ଉପରେ ବୁଝାଇଥିଲେ। ମୁଖ୍ୟ ଅତିଥି ବିଇଓ ଶାନ୍ତି ମୁନୀ ସୁରେଖା ହରୋ ସଂସ୍କୃତ ଭାଷାର ଗରିମା ଓ ଉପାଦେୟତା ଉପରେ ଆଲୋଚନା କରିବା ସହିତ ଜୀବନଶୈଳୀ କିପରି ହେବା ଉଚିତ ସେ ନେଇ ବୁଝାଇଥିଲେ। ମୁଖ୍ୟବକ୍ତା ବାସୁଦେବ ହୋତା ସଂସ୍କୃତ ଭାଷା, ବେଦ, ଉପନିଷଦ, ବ୍ୟାକରଣ ଉପରେ ବୁଝାଇ ଜ୍ଞାନ ବର୍ଦ୍ଧକ ଆଲୋଚନା କରିଥିଲେ। ବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର୍ ପ୍ରଧାନ ସଂସ୍କୃତ ଭାଷାକୁ ବଞ୍ଚାଇବା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶ୍ଳୋକରେ ପୂଜା ପଟେଲ, ଜିଜ୍ଞାସା ରାଣୀ ପ୍ରଧାନ, ସୋଲୋ ଡେମ୍ବରେ ରଞ୍ଜିତା ଛତ୍ରିଆ, ବର୍ଷା କିସାନ, ବକ୍ତୃତାରେ ଶିଖା ବେହେରା, ପ୍ରିୟଙ୍କା ଭୋଇ, ଅର୍ପିତା ବାଗ, ସୋଲୋ ଗୀତରେ ଅନିମା ହେମ୍ବ୍ରମ, ଅଙ୍କିତ ଭେଂଗ୍ରା, ଆରତୀ ମାଝି, ଚିତ୍ରାଙ୍କନରେ ମାନସୀ ବେହେରା, ପ୍ରଜ୍ଞା ବାରିକ, ସ୍ନେହ ରାଣୀ ସେଠ ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଥିଲେ।

# ସଂସ୍କୃତ ଭାଷା ହେଉଛି ଜ୍ଞାନ, ଭାବନାର ନିରନ୍ତର ସ୍ରୋତ



ସଂସ୍କୃତ ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ସୁନ୍ଦରଗଡ଼, ୧୨।୮ (ଜୟନାରାୟଣ ମେଣ୍ଡୁଲି)**

ସଂସ୍କୃତ ଭାଷା ହେଉଛି ଜ୍ଞାନ ଏବଂ ଭାବନାର ଏକ ନିରନ୍ତର ସ୍ରୋତ। ଏହାର ପ୍ରଭାବ ବିଭିନ୍ନ କ୍ଷେତ୍ରରେ ପରିଲକ୍ଷିତ ହୋଇଥାଏ। ଧୀରେ ଧୀରେ ଆମର ଏହି ପ୍ରାଚୀନ ଭାଷା ପ୍ରତି ଆଗ୍ରହ କମି କମି ଯାଉଥିବାବେଳେ ସରକାରଙ୍କ ପକ୍ଷରୁ ସଂସ୍କୃତ ଭାଷାକୁ ଲୋକପ୍ରିୟ କରିବା ଲାଗି ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଇଛି। ଭାରତୀୟ ସାହିତ୍ୟ, ସଂସ୍କୃତି, ଆଦର୍ଶ ଓ ପାରମ୍ପରିକ ଜ୍ଞାନର ମୂଳଭୂମି ସଂସ୍କୃତ ଭାଷାର ସୁରକ୍ଷା, ପ୍ରଚାର ଓ ପ୍ରସାର ପାଇଁ ସଂସ୍କୃତ ଦିବସ ପ୍ରତିବର୍ଷ ପାଳନ କରାଯାଉଛି। ଏହି ଉଦ୍ଦେଶ୍ୟରେ ମଙ୍ଗଳବାର ହେମଗିରି ବ୍ଲକ ଡୁଡୁକା ସ୍ଥିତ ଭେଷଜ ପଟେଲ ମହାବିଦ୍ୟାଳୟଠାରେ ସଂସ୍କୃତ ଦିବସ ପାଳନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ କେଶବ ଚନ୍ଦ୍ର ପୃଷେଠ ଉଚ୍ଚ ଇଂରାଜୀ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଅନିଲ କୁମାର ପାଣିଗ୍ରାହୀ ଯୋଗଦାନ କରିଥିଲେ। ପାଣିଗ୍ରାହୀ ନିଜ ବକ୍ତବ୍ୟରେ ସଂସ୍କୃତ ଭାଷାର ସମଗ୍ର ବିଶ୍ୱକୁ ଅବଦାନ ଓ ଉକ୍ତ ପ୍ରାଚୀନ ଭାଷାର ସୁରକ୍ଷା ଓ ପ୍ରଚାର ପ୍ରସାର ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ରାଧାକାନ୍ତ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭୂତି ଭୂଷଣ ମିଶ୍ର, ପ୍ରଦୀପ କୁମାର ଦାସ ତଥା ଅନ୍ୟ ଅଧ୍ୟାପିକା ଅଧ୍ୟାପକଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ଡ. ସୁକାନ୍ତ କୁମାର ଆର୍ଯ୍ୟ ପରିଚାଳନା କରିଥିବାବେଳେ ଜୀବଧନ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲିଶଙ୍କରା ବ୍ଲକରେ ତ୍ରିରଙ୍ଗା ପଦଯାତ୍ରା




ତ୍ରିରଙ୍ଗା ପଦଯାତ୍ରା ଚାଲିଛି।

**ବାଲିଶଙ୍କରା, ୧୨।୮ (ସତ ସେଠ)**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକରେ ଭାଜପା ପକ୍ଷରୁ ତ୍ରିରଙ୍ଗା ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲିଶଙ୍କରା ରାଜା ବଙ୍ଗଳା ଖେଳ ପଡ଼ିଆରୁ ତ୍ରିରଙ୍ଗା ପଦଯାତ୍ରାରେ ବାହାରି କୁଇଲେରମୁଣ୍ଡା, ଚାନ୍ଦିନୀଛକ ପରିକ୍ରମା କରି ବ୍ଲକ ସମ୍ମୁଖ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ତ୍ରିରଙ୍ଗା ପଦଯାତ୍ରାକୁ ବାଲିଶଙ୍କରା ଭାଜପା ମଣ୍ଡଳ ସଭାପତି ଯଶନ୍ତି ଏକ୍କାଙ୍କ ନେତୃତ୍ୱରେ ଚାଲିଥିବାବେଳେ ତଳସରା ନିର୍ବାଚନମଣ୍ଡଳୀର ଏମ୍‌ଏଲ୍‌ଏ ପ୍ରତିନିଧି ଅମୀର ନାଏକ, ଏମ୍‌ପି ପ୍ରତିନିଧି ଉଚ୍ଛବ ତନ୍ତୀ, ରବିଚନ୍ଦ୍ର ପଟେଲ, ତ୍ରିଲୋଚନ ପ୍ରଧାନ, ଦେବଲାଲ ଲାକ୍ରା, ନନ୍ଦନ ସିଂ, ସୁରଥ ବେହେରା, ବନମାଳୀ ବାରସତିଆ, ଲବଣୀଧର ଦାନୀ, ସରିତା ପ୍ରଧାନ, ବୁଧୁରାମ ଓରାମ, ଦିଲ୍ଲୀପ ରାଉତ, ଦୁବରାଜ ବାରସତିଆ, ପ୍ରସନ୍ନ ବରିହା, ଜଗଦାମ ସାଏ, ଉପେନ୍ଦ୍ର କୁଜୁର, ବିକାଶ ସାହୁ, ଯୁଗେଶ୍ୱର ସାଏ ପ୍ରମୁଖ ଶତାଧିକ କର୍ମୀ ତ୍ରିରଙ୍ଗା ପଦଯାତ୍ରା ସମାରୋହରେ ସାମିଲ ହୋଇଥିଲେ।

## ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ: ଭୋଇପାଲି ବିଜୟୀ

**ବଡ଼ଗାଁ, ୧୨।୮ (ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଡୁଡାଲଗା କନ୍ୟାଶ୍ରମ ପାର୍ଶ୍ୱଖେଳ ପଡ଼ିଆରେ ସ୍ଥାନୀୟ ଜୟଶ୍ରୀରାମ କ୍ଲବ ଆନୁକୂଲ୍ୟରେ ପଞ୍ଚଦିବସୀୟ ଫୁଟବଲ ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ବଡ଼ଗାଁ ବ୍ଲକର ଭୋଇପାଲି ଟିମ୍ ବିଜୟୀ ହୋଇଛି।

ବଡ଼ଗାଁ ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ ମୁଖ୍ୟ ଅତିଥି, ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ ମୁଖ୍ୟବକ୍ତା ଓ ଦାଣ୍ଡଜମିରା ପଞ୍ଚାୟତର ସରପଞ୍ଚ ଗୋବର୍ଦ୍ଧନ ହାହା, ପୂର୍ବତନ ସରପଞ୍ଚ ବସନ୍ତ ଦଣ୍ଡସନା, ପୂର୍ବତନ ବ୍ୟାଙ୍କ କର୍ମଚାରୀ ଗଣେଶ୍ୱର ପିଙ୍ଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଭୋଇପାଲି ଫୁଟବଲ ଟିମ୍ ଓ ରାଉରକେଲା ଫୁଟବଲ ଟିମ୍ ମଧ୍ୟରେ ହୋଇଥିଲା। ଏହି ମ୍ୟାଚରେ ଭୋଇପାଲି ଟିମ୍ ବିଜୟୀ ହୋଇଥିଲା। ଘୋଷକ ଦାୟିତ୍ୱ ଅର୍ଜୁନ ମହାକୁଡ଼ ତୁଲାଇଥିଲେ। ଆୟୋଜକ କ୍ଲବର ଅର୍ଜୁନ ବାଗ, ପୂର୍ଣ୍ଣଚନ୍ଦ୍ର ମିଞ୍ଜି, ଲାଲ ବାହାଦୁର ବଗୁଆ, ସାଗର ନାୟକ, ଜଗନ୍ନାଥ ମାଝୀ ପ୍ରମୁଖ ଯୁବକମାନେ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ସୁନ୍ଦରଗଡ଼ କ୍ରୀଡ଼ା ସଂସଦର ସଭ୍ୟ ଲକ୍ଷ୍ମଣ ସେଠ, ଡିଲେଶ୍ୱର କିଷାନ, କୁମରମଣୀ ଛତ୍ରିଆ, ବିବେକ ନାଏକ ଖେଳ ପରିଚାଳନା କରୁଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ୧୫ ତାରିଖ ସ୍ୱାଧୀନତା ଦିବସରେ ଉଦ୍‌ଯାପିତ ହେବ।


यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ସିଡିଏ ବିଡାନାସୀ ଶାଖା**
ସିଡିଏ, ସେକ୍ଟର-୬, ମର୍କତ ନଗର, ବିଡାନାସୀ, କଟକ,
ଇମେଲ: ubin0558869@unionbankofindia.bank, ମୋ: ୯୩୯୮୨୬୩୭୯୯

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୯.୦୮.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | ଋଣଗ୍ରହୀତାମାନେ: ମେସର୍ସ ସାଗର ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ବିରାଜ ଛୋଟରାୟ, ସମ୍ରାଟ ହଲ୍ ନିକଟ, ସା/ପୋ/ଥାନା: ମଧୁପାଟଣା, ଜିଲ୍ଲା: କଟକ - ୭୫୩୦୧୦, ଶ୍ରୀ ବିରାଜ ଛୋଟରାୟ, ପିତା: ୰ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା: ବଡ଼େଇସାହି, ମାଛୁଆ ବଜାର, ପୋ: ବକ୍ସି ବଜାର, କଟକ - ୭୫୩୦୦୧ / ଗ୍ୟାରେଣ୍ଟିଦାତା: ଶ୍ରୀ ଅଜୟ କୁମାର ମହାନ୍ତି, ପିତା: ସୁରେନ୍ଦ୍ର ମହାନ୍ତି, ସା: ନିମାଇସାପୁର, ପୋ: ଆୟତପୁର, ଭାୟା: କିଶାନନଗର, କଟକ ସଦର, କଟକ - ୭୫୪୧୩୧ / ବକେୟା ରାଶି: ଟ.୧୧,୦୯,୧୯୧.୦୨ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀ ବିରାଜ ଛୋଟରାୟ, ପିତା: ୰ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା: ବଡ଼େଇସାହି, ମାଛୁଆ ବଜାର, ବକ୍ସି ବଜାର, କଟକ - ୭୫୩୦୦୧ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୯୭, ଖାତା ନଂ.: ୩୪୨, ଥାନା ନଂ.: ୪, ଥାନା: ମଙ୍ଗଳାବାଗ, ମୌଜା: କଟକ ସଦର ୟୁନିଟ୍-୧୮ ବକ୍ସି ବଜାର, ମୋଟ ଜମିର କ୍ଷେତ୍ର: ଏକର ୦.୦୯୭ ଡିସିମିଲି ଯାହା ୪୨୨୫ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୬୧୩, ଦକ୍ଷିଣ: ପ୍ଲଟ୍ ନଂ.: ୫୯୮, ପୂର୍ବ: ପ୍ଲଟ୍ ନଂ.: ୫୯୬, ପଶ୍ଚିମ: ପ୍ଲଟ୍ ନଂ.: ୬୧୨ | ଟ.୭୯,୦୫,୦୦୦/- / ଟ.୭,୯୦,୫୦୦/- / ଟ.୭୯,୦୫୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡ଼ିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ସୁଦ୍ଧା

ଇ-ନିଲାମ ତାରିଖ ଏବଂ ସମୟ: ତା. ୨୯.୦୮.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ୍/ମ୍ୟାପ୍‌ଡ୍ କରି ଦାଖଲ କରିବେ

ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com & https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: କଟକ
ତାରିଖ: ୧୨.୦୮.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



DSPL-203

Government of Odisha

# ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମରେ ପଞ୍ଜୀକରଣ

ଏତଦ୍ୱାରା ଓଡିଶାର ସମସ୍ତ ମତ୍ସ୍ୟକ୍ଷେତ୍ରରେ କାର୍ଯ୍ୟରତ ଅଣସଙ୍ଗଠିତ ମତ୍ସ୍ୟଜୀବୀ, ମାଛଧରାଳୀ, ମତ୍ସ୍ୟପାଳକ, ବ୍ୟବସାୟୀ, ପ୍ରକ୍ରିୟାକରଣକାରୀ, ମତ୍ସ୍ୟ ଉପାଦାନ ଉତ୍ପାଦନକାରୀ ଓ ଅନ୍ୟାନ୍ୟ ସମସ୍ତ ହିତାଧିକାରୀ ମାନଙ୍କୁ ଏକତ୍ରିତ କରି ଗୋଟିଏ ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ପଞ୍ଜୀକରଣ କରି ଏହି କ୍ଷେତ୍ରକୁ ସୁସଂଗଠିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଅଟେ।

ଏଥି ନିମନ୍ତେ ମତ୍ସ୍ୟ କ୍ଷେତ୍ର ସହିତ ଜଡିତ ସମସ୍ତଙ୍କୁ ନିଜ ମୋବାଇଲ ମାଧ୍ୟମରେ ସ୍ୱୟଂ ପଞ୍ଜୀକରଣ କିମ୍ବା ଜନସେବା କେନ୍ଦ୍ର ସହାୟତାରେ ପଞ୍ଜୀକୃତ ହେବା ପାଇଁ ନିମ୍ନ ପ୍ରଦତ୍ତ ୱେବ ସାଇଟ ରେ(nfdp.dof.gov.in) କ୍ଲିକ କରି ନିଜର ଆବଶ୍ୟକୀୟ ତଥ୍ୟ ପ୍ରଦାନ କରନ୍ତୁ।

ଏଥି ନିମନ୍ତେ ଆବଶ୍ୟକ ହେଉଥିବା ଦସ୍ତାବିଜ ଗୁଡିକ ହେଲା:
୧) ପାସପୋର୍ଟ ଫଟୋ
୨) ମୋବାଇଲ ପଞ୍ଜୀକୃତ ଆଧାର ନମ୍ବର
୩) ବ୍ୟାଙ୍କ ପାସ ବହି
୪) ଜାତିଗତ ପ୍ରମାଣ ପତ୍ର
୫) ଦିବ୍ୟାଙ୍ଗ ପ୍ରମାଣ ପତ୍ର



**ପଞ୍ଜୀକରଣ କରିବାଦ୍ୱାରା ମିଳୁଥିବା ଲାଭଗୁଡିକ ନିମ୍ନରେ ପ୍ରଦତ୍ତ ହେଲା:**

- ସ୍ୱୟଂ ପଞ୍ଜୀକରଣ ସଂପୂର୍ଣ୍ଣ କଲେ ପ୍ରତି ବ୍ୟକ୍ତିଙ୍କୁ ଏକଶହ ଟଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରାପ୍ତ ହେବ। ଜନସେବା କେନ୍ଦ୍ର ମାଧ୍ୟମରେ ପଞ୍ଜୀକରଣ କରାଇଲେ ପ୍ରତି ବ୍ୟକ୍ତିଙ୍କୁ ଟ ୭୬.୪୦ ଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରାପ୍ତ ହେବ।
- ୨୦୨୫-୨୬ ବର୍ଷଠାରୁ ସମସ୍ତ NFDP ପଞ୍ଜୀକୃତ ବ୍ୟକ୍ତିହିଁ GAIS ବୀମାଭୁକ୍ତ ହେବେ । ପୂର୍ବର ସମସ୍ତ GAIS ହିତାଧିକାରୀ ନିଶ୍ଚିତ ପଞ୍ଜୀକୃତ ହୁଅନ୍ତୁ ନଚେତ ସେମାନେ ଏହି ଯୋଜନାରୁ ବଞ୍ଚିତ ହେବେ।
- ମତ୍ସ୍ୟ କ୍ଷେତ୍ରକୁ ଅନୁଷ୍ଠାନିକ ବ୍ୟାଙ୍କ ଋଣ ପ୍ରଦାନ, ଅଣୁ ଉଦ୍ୟୋଗ ପ୍ରବେଶ ନିମନ୍ତେ ସହାୟତା ତଥା ଆନୁସଙ୍ଗିକ ସହାୟତା ମିଳିବାରେ ସୁବିଧା ପ୍ରଦାନ ।
- ଜଳକୃଷି ବୀମାକରଣ ନିମନ୍ତେ ଏହି NFDP ପଞ୍ଜୀକରଣ ବାଧ୍ୟତାମୂଳକ ଅଟେ।
- ମତ୍ସ୍ୟଚାଷ ମୂଲ୍ୟ ଶୃଙ୍ଖଳର ଦକ୍ଷତା ବୃଦ୍ଧି ପାଇଁ ସହାୟତା ପାଇବାକୁ ହେଲେ ଏହି ପଞ୍ଜୀକରଣ ନିତାନ୍ତ ଆବଶ୍ୟକ।
- ମତ୍ସ୍ୟ ଓ ମତ୍ସ୍ୟ ଉତ୍ପାଦର ସୁରକ୍ଷା ଓ ଗୁଣାତ୍ମକ ନିଶ୍ଚିତତା ଗ୍ରହଣ ଓ ବିସ୍ତାରର ଲାଭ ଉଠାଇବା ପାଇଁ ଏହି ପଞ୍ଜୀକରଣର ଆବଶ୍ୟକତା ପଡିବ।

ଉପରୋକ୍ତ ଲାଭ ହାସଲ କରିବା ପାଇଁ ନିଜେ ପଞ୍ଜୀକୃତ ହେବା ସହ ଅନ୍ୟ ସମସ୍ତଙ୍କୁ ପଞ୍ଜୀକୃତ ହେବା ପାଇଁ ଉତ୍ସାହିତ କରନ୍ତୁ।

**ମତ୍ସ୍ୟକ୍ଷେତ୍ରକୁ ସୁସଙ୍ଗଠିତ କରିବା ଓ ମତ୍ସ୍ୟକ୍ଷେତ୍ରର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା।**

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡିଶା, କଟକ**

OIPR-06030/13/0048/2526

**ଖେଲୋ ଇଣ୍ଡିଆ ସେଣ୍ଟର ଉଦ୍‌ଘାଟିତ**

ଦେବଗଡ଼,(ଶଶାଙ୍କ ଶେଖର ଝାଙ୍କର): ତିଲେଇବଣୀ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟରେ ଖେଲୋ ଇଣ୍ଡିଆ ସେଣ୍ଟର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ କିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ତାପସ କୁମାର ମହାନ୍ତ, ଜିଲା କ୍ରୀଡ଼ା ସଂସଦ ଉପସଭାପତି ସତ୍ୟନାରାୟଣ ମିଶ୍ର, ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ତିଲେଶ୍ୱର ସ୍ୱାଇଁ ଓ କିରାଣୀ ଶାନ୍ତନୁ ନାଥ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ୫୦ ଜଣ ଫୁଟ୍‌ବଲ ଖେଳାଳିଙ୍କୁ 'ଖେଲୋ ଇଣ୍ଡିଆ'ର ପୋଷାକ ଏବଂ ଫୁଟ୍‌ବଲ ବିତରଣ କରାଯାଇଥିଲା।

# ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବି

**ଜିଲା ଯୁବା ଏକତା ମଞ୍ଚ ପକ୍ଷରୁ ଶୋଭାଯାତ୍ରା, ବିକ୍ଷୋଭ**

ଦେବଗଡ଼,୧୨।୮(ଶଶାଙ୍କ ଶେଖର ଝାଙ୍କର)

ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଦେବଗଡ଼ ଜିଲା ଯୁବା ଏକତା ମଞ୍ଚ ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମଞ୍ଚର ଆହ୍ୱାନକ୍ରମେ ସ୍ଥାନୀୟ ଗୋପାଳଜୀଉ ମନ୍ଦିରରୁ ପ୍ରତିବାଦ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ଆଇନଜୀବୀ, ବୁଦ୍ଧିଜୀବୀ, ସାଧାରଣ ଜନତା ଓ ମହିଳା ସାମିଲ ହୋଇଥିଲେ। ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ପରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା ୧୪ ତାରିଖ ମଧ୍ୟରେ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା କାର୍ଯ୍ୟକାରୀ କରା ନ ଗଲେ ମଞ୍ଚ ପକ୍ଷରୁ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

୭ ଦିନ ମଧ୍ୟରେ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ମଞ୍ଚ ପକ୍ଷରୁ ଗତ ୨୯ ତାରିଖରେ ଜିଲା ପ୍ରଶାସନକୁ ଦାବିପତ୍ର ଦିଆଯାଇଥିଲା। ହେଲେ ଧାର୍ଯ୍ୟ ସମୟ ମଧ୍ୟରେ ଏ ଦିଗରେ ପଦକ୍ଷେପ ନିଆ ନ ଯିବାରୁ ମଞ୍ଚ ପକ୍ଷରୁ ସାଧାରଣ ବୈଠକ ଡକାଯାଇଥିଲା। ଲୋକଙ୍କ ନିଷ୍ପତ୍ତି ଅନୁଯାୟୀ ପ୍ରତି ୱାର୍ଡରେ ଜନ ସଚେତନତା ସୃଷ୍ଟି କରାଯିବା ସହ ଦସ୍ତଖତ ଅଭିଯାନ କରାଯାଇଥିଲା। ପରେ ଦାବି ପୂରଣ ପାଇଁ ମଞ୍ଚର ଡାକରାରେ ଅନୁଷ୍ଠିତ ଶୋଭାଯାତ୍ରାରେ ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ନାୟକ, ସଚ୍ଚିକାନ୍ତ ଦାଶ, ସୁରଞ୍ଜିତ କୁମାର ମହାପାତ୍ର, ମାର୍କଣ୍ଡେଶ୍ୱର ଶତପଥି, ମିତ୍ରଭାନୁ ମହାପାତ୍ର, ରାମଚନ୍ଦ୍ର ମହାପାତ୍ର, ସେମ ହେମ୍ବ୍ରମ, ଚନ୍ଦନ ପୃଷ୍ଟି, ଅହିଂସା ନାୟକ, ପୂର୍ବତନ କାଉନସିଲର ମଞ୍ଜୁଲତା ନାୟକ, ମିନାକ୍ଷୀ ମିଶ୍ର ଓ ସରସ୍ୱତୀ ପାଣିଗ୍ରାହୀଙ୍କ ସମେତ ଶତାଧିକ ମହିଳାପୁରୁଷ ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ, ଦେବଗଡ଼ ପୌରାଞ୍ଚଳର ପ୍ରାୟ ୪୦ ହଜାର ଜନସାଧାରଣଙ୍କ ସମେତ ଜିଲାର ୩ଟି ବ୍ଲକର ଜନସାଧାରଣ ସହର ମଧ୍ୟସ୍ଥଳରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରୁଥିଲେ। ଗତ ଜୁନ୍ ୩ ତାରିଖରେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ବାଲିରୋଇ ମୌଜାରେ ନିର୍ମିତ ଜିଲା ମୁଖ୍ୟ ଚିକିତ୍ସାଳୟ ନୂତନ କୋଠାକୁ ଲୋକାର୍ପଣ କରିବାର ମାସକ ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରୁ ନୂତନ କୋଠାକୁ ସ୍ଥାନାନ୍ତର କରାଯାଇଥିଲା। ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟ ସହରଠାରୁ ପ୍ରାୟ ୫ କି.ମି. ଦୂରରେ ଥିବାବେଳେ ଯାତାୟାତ ପାଇଁ ସୁବିଧା ନ ଥିବାରୁ ଲୋକମାନେ ଚିକିତ୍ସା ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ୭ ମହଲା ବିଶିଷ୍ଟ କୋଠାରେ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ନ ଥିବାରୁ ଚିକିତ୍ସା ସେବା ବାଧାପ୍ରାପ୍ତ ହେଉଛି। ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟ କୋଠା ବାହାରେ ଅନୁସଙ୍ଗିକ ସୁବିଧା ନ ଥିବାରୁ ଜିଲାବାସୀ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାକୁ ଉପଖଣ୍ଡୀୟ ଚିକିତ୍ସାଳୟର ମାନ୍ୟତା ପ୍ରଦାନ ସହ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଦାବି କରିଛନ୍ତି।



ଶୋଭାଯାତ୍ରାରେ ଯାଉଥିବା ଜିଲା ଯୁବା ଏକତା ମଞ୍ଚ ସଦସ୍ୟାସଦସ୍ୟ।

# ଇବ୍ ନଦୀ କୂଳରେ ରିଂରୋଡ୍ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଧାୟକ ଚିଠି ପ୍ରଦାନ କରୁଛନ୍ତି।

ଝାରସୁଗୁଡ଼ା,୧୨।୮(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ୍ କରିଛନ୍ତି। ସୁନ୍ଦରଗଡ଼ର ଭସ୍ମାସ୍ଥିତ ଇବ୍ ନଦୀ ସେତୁରୁ ଝାରସୁଗୁଡ଼ା ଖେରୁଆଲ ଇବ୍‌ନଦୀ ସେତୁକୁ ସଂଯୋଗ କରୁଥିବା ନଦୀକୂଳ ରିଂରୋଡ୍ ନିର୍ମାଣ ପାଇଁ ସେ ଏକ ଚିଠି ପ୍ରଦାନ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ ରହିଛି, ଏହି ରିଂରୋଡ୍ ନିର୍ମାଣ ହେଲେ ଆଞ୍ଚଳିକ ସଂଯୋଗୀକରଣ ସୁଦୃଢ଼ ହେବ। ଏଥିସହ ଜନବସତି ଓ ଚାଷଜମିକୁ ବନ୍ୟାଦାଉରୁ ରକ୍ଷା କରାଯାଇପାରିବ। ସେହିପରି ୨ ଜିଲାର ଆର୍ଥିକ ଅଭିବୃଦ୍ଧି ହେବ, ନିଯୁକ୍ତି ସୃଷ୍ଟି ଏବଂ ସ୍ଥାୟୀ ସହରାଞ୍ଚଳ ବିକାଶ ପାଇଁ ଏକ ମାଧ୍ୟମ ଭାବରେ କାର୍ଯ୍ୟ କରିବ। ବର୍ତ୍ତମାନ ଇବ୍ ନଦୀ କୂଳ ଲଙ୍ଘିବା ଆରମ୍ଭ କରିଥିବାରୁ ଅନେକ ଚାଷଜମି ନଷ୍ଟହେବାରେ ଲାଗିଛି। ଚଳିତବର୍ଷ ଇବ୍ ନଦୀରେ ବନ୍ୟା ଆସିବା ଯୋଗୁ ବହୁ ପରିମାଣର ଚାଷଜମିରେ ପାଣି ମାଡ଼ି କ୍ଷତିଗ୍ରସ୍ତ ହୋଇଥିଲା। ଅନ୍ୟପଟେ ବିଜୁ ଏକ୍ସପ୍ରେସ୍ ୱେରେ ପ୍ରତିଦିନ ଭାରିଯାନ ଚଳାଚଳ କରିବା ଯୋଗୁ ଟ୍ରାଫିକ୍ ସମସ୍ୟା ସୃଷ୍ଟିହେବା ସହ ଦୁର୍ଘଟଣା ଘଟି ଜୀବନ ହାନି ହେଉଛି। ତେଣୁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଚାଷଜମିକୁ କ୍ଷତିରୁ ରକ୍ଷା କରାଯିବା, ଟ୍ରାଫିକ୍ ସମସ୍ୟା ଦୂର ସହିତ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲା ମଧ୍ୟରେ ଘଟୁଥିବା ଦୁର୍ଘଟଣା ବହୁ ମାତ୍ରାରେ କମିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

# ବିଶ୍ୱ ହସ୍ତୀ ଦିବସ ପାଳିତ

କିର୍ମିରା, ୧୨।୮(ସୁରେଶ ଜୟପୁରିଆ)

ଝାରସୁଗୁଡ଼ା ଜିଲା ଦେଓପାନ ବନ ସୁରକ୍ଷା ସମିତି କାର୍ଯ୍ୟାଳୟଠାରେ ବିଶ୍ୱ ହସ୍ତୀ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ବାଗଡ଼ିହି ବନାଞ୍ଚଳ ଅଧିକାରିଣୀ ବନ୍ଦନା ପସାୟତଙ୍କ ଅଧ୍ୟକ୍ଷତାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିସହ ଶୋଭାଯାତ୍ରା କରାଯାଇଥିଲା। ବାଗଡ଼ିହି ବନାଞ୍ଚଳରେ ବର୍ତ୍ତମାନ ୫ଟି ହାତୀ ବସବାସ କରୁଛନ୍ତି। ଦିନକୁ ଦିନ ଜଙ୍ଗଲ ନଷ୍ଟ ସାଙ୍ଗକୁ ଖଣିଖାଦାନ ବୃଦ୍ଧି ଫଳରେ ହାତୀଙ୍କ ବାସସ୍ଥାନ ସଙ୍କୁଚିତ ହେଉଛି। ଏଣୁ ହାତୀଙ୍କ ସୁରକ୍ଷା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଶ୍ୱ ହସ୍ତୀ ଦିବସର ପରିକଳ୍ପନା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଦେଓପାନ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ, ଫରେଷ୍ଟର ମୁରାରୀ ପ୍ରସାଦ ସାହୁ, ଫରେଷ୍ଟ ଗାର୍ଡ ସତ୍ୟବ୍ରତ ସାହୁ, ରାଜକିଶୋର ପାଣିଗ୍ରାହୀଙ୍କ ସମେତ ସମସ୍ତ ୱାଚର, ଗଜ ସାଥି, ଦେଓପାନ ବନ ସୁରକ୍ଷା ସମିତିର ସଦସ୍ୟାସଦସ୍ୟ, ଦେଓପାନ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଯୋଗେନ୍ଦ୍ର ସଭାପତି, ସଞ୍ଜୀବ ସମ୍ପାଦକ

**ଦେବଗଡ଼ ଜିଲା ହାବିଲଦାର କନ୍‌ଷ୍ଟେବଲ୍ ସଂଘର କର୍ମକର୍ତ୍ତା ନିର୍ବାଚନ**

ଦେବଗଡ଼,୧୨।୮ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ହାବିଲଦାର କନ୍‌ଷ୍ଟେବଲ୍ ସଂଘର କର୍ମକର୍ତ୍ତା ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଏସ୍‌ପି ଅନିଲ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନ ଓ ଜିଲା ନିର୍ବାଚନ ଅଧିକାରୀ ପବିତ୍ର କିଷାନଙ୍କ ପରିଚାଳନାରେ ନିର୍ବାଚନ ହୋଇଥିଲା। ଏଥିରେ ଗଗନ ବିହାରୀ ସାହୁଙ୍କୁ ପରାସ୍ତ କରି ଯୋଗେନ୍ଦ୍ର ସାହୁ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ପରାସ୍ତ କରି ସଞ୍ଜୀବ କୁମାର ବେହେରା ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଏଥିସହ ଦେବାଶିଷ ଷଡ଼ଙ୍ଗୀଙ୍କୁ ପରାସ୍ତ କରି ବାବୁଲା କିଷାନ ଉପସଭାପତି ଭାବେ ନିର୍ବାଚିତ ହୋଇଥିବାବେଳେ ଗିରି ସାହୁଙ୍କୁ ପରାସ୍ତ କରି ସିମାଂଶୁ ଶେଖର ସାହୁ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।


ଯୋଗେନ୍ଦ୍ର ସାହୁ


ସଞ୍ଜୀବ କୁମାର ବେହେରା

ସୂଚନାଯୋଗ୍ୟ, ଯୋଗେନ୍ଦ୍ର ଏଥରକୁ ମିଶାଇ ଲଗାତର ଚତୁର୍ଥ ଥର ପାଇଁ ସଭାପତି ନିର୍ବାଚିତ ହୋଇଥିବାବେଳେ ସଞ୍ଜୀବ ଲଗାତର ସପ୍ତମ ଥର ପାଇଁ ସାଧାରଣ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ତେବେ ଅନ୍ୟ ସମସ୍ତ ପଦବୀ ନିମନ୍ତେ ଜଣେ ଲେଖାଏଁ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ନିର୍ଦ୍ୱନ୍ଦ୍ୱରେ ମନୋନୀତ ହୋଇଛନ୍ତି। ଏଥିରେ ସହ ସମ୍ପାଦକ(୧) ଭାବେ ସିମାଂଶୁ ଶେଖର ବେହେରା, ସହ ସମ୍ପାଦକ(୨) ଭାବେ ଧରଣୀଧର ବେହେରା, କୋଷାଧ୍ୟକ୍ଷ ଭାବେ ବରୁଣ କୁମାର ବେହେରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ ସଭ୍ୟ ଭାବେ ସୁଶୀଳ କିଷାନ, ସୂର୍ଯ୍ୟକାନ୍ତ ଗଡ଼ନାୟକ, ରାଜୀବ ଲୋଚନ ବେହେରା ଓ ଯୋଗେଶ୍ୱର ଦେହୁରୀ ମନୋନିତ ହୋଇଛନ୍ତି।

# କୃମି ନିୟନ୍ତ୍ରଣ ପାଇଁ ଔଷଧ ସେବନ ଜରୁରୀ

**ଜାତୀୟ କୃମି ନାଶ ଦିବସ**

ଦେବଗଡ଼,୧୨।୮(ଶଶାଙ୍କ ଶେଖର ଝାଙ୍କର): ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟଠାରେ ଜାତୀୟ କୃମି ନାଶ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ କହିଛନ୍ତି, କୃମି ନିୟନ୍ତ୍ରଣ ପାଇଁ ଔଷଧ ସେବନ ଜରୁରୀ। ଏଥିସହ ଜିଲାପାଳ ପିଲାମାନଙ୍କୁ କୃମିନାଶକ ବଟିକା ଖୁଆଇଥିଲେ। ବିଦ୍ୟାଳୟର ପିଲାମାନଙ୍କୁ ମାଗଣାରେ କୃମିନାଶକ ଔଷଧ ବଣ୍ଟନ କରାଯାଉଛି। ବିଦ୍ୟାଳୟ ଓ ଅଙ୍ଗନୱାଡି ମାଧ୍ୟମରେ କୃମିନାଶକ ବଟିକା ଏବଂ ସିରପ୍ ମାଗଣାରେ ଦିଆଯିବ। ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଧନଞ୍ଜୟ ମହନ୍ତ, ଡ. ପ୍ରଭାତ କୁମାର ଓଝା, ଅତିରିକ୍ତ ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଡିପିଏମ୍ ସୁଶାନ୍ତ ପ୍ରହରାଜ, ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ଜିଲା ଚିକିତ୍ସାଳୟର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଭୋଟ ଚୋରିକରି ଭାଜପା ନିର୍ବାଚନ ଜିତିଛି

ଝାରସୁଗୁଡ଼ା,୧୨।୮(ଆଶିଷ ରଞ୍ଜନ ଦାଶ)

ଭାଜପା ଭୋଟ ଚୋରିକରି ନିର୍ବଚନ ଜିତି ଅପ୍ରତ୍ୟାଶିତ ଭାବେ କ୍ଷମତାକୁ ଆସିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ ଖବରଦାତା ସମ୍ମିଳନୀରେ ଏନେଇ ପ୍ରମାଣ ରଖିବା ପରେ ଦେଶବାସୀ ସ୍ତବ୍ଧ ହୋଇଯାଇଛନ୍ତି। ଭାରତୀୟ ନିର୍ବାଚନ କମିଶନ ଭାଜପାର ହାତବାରିସି ହୋଇ କାର୍ଯ୍ୟ କରୁଥିବା ନେଇ ରାହୁଲ ପ୍ରମାଣିତ କରିସାରିଛନ୍ତି। ଏନେଇ ଝାରସୁଗୁଡ଼ା ଜିଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ଜିଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଂଯୋଜକ ଜୀବନ ସାର୍ଥକ ଦାସ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ ନଗର ସଭାପତି ସଞ୍ଜୟ ମହାପାତ୍ର, ଦେବାନନ୍ଦ ବାରିକ, ଜେଡ୍.ଏମ୍.ୱାରିଶ, ଦେବ ସ୍ୱାଇଁ, ଓମ୍‌ପ୍ରକାଶ ଠକ୍କର ପ୍ରମୁଖ ଉପସ୍ଥିତ ଥିଲେ । ଏନେଇ ଭାଜପା ଜିଲା ସଭାପତି ରଘୁନନ୍ଦନ ପଣ୍ଡା କହିଛନ୍ତି, କଂଗ୍ରେସର ଏପରି ଅଭିଯୋଗ ଭିତ୍ତିହୀନ।

# ଜିଲାସ୍ତରୀୟ ତ୍ରିରଙ୍ଗା କନସର୍ଟ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଝାରସୁଗୁଡ଼ା,୧୨।୮(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ଏମ୍‌ସିଏଲ୍ ଅଡିଟୋରିୟମଠାରେ ମଙ୍ଗଳବାର ଅପରାହ୍ନରେ ଜିଲାସ୍ତରୀୟ ତ୍ରିରଙ୍ଗା କନ୍‌ସର୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କୁନାଲ ମୋତିରାମ ଚୌହାନ ଯୋଗଦେଇ ଭାରତୀୟତାର ମହାନ୍ ମନ୍ତ୍ରରେ ଆମେ ସମସ୍ତେ ଉଦ୍‌ବୁଦ୍ଧ ହେବା ବୋଲି କହିଥିଲେ। ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିନିଧି ସୁଧାଂଶୁ ଦୋରା କହିଥିଲେ, ନିଜ ସ୍ୱାର୍ଥକୁ ପଛରେ ରଖି ଦେଶର ପ୍ରଗତୀରେ ସାମିଲ ହେବା ଓ ଦେଶ ମାତୃକାର ସେବା କରିବା। ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ରଘୁନନ୍ଦନ ପଣ୍ଡା, ଆରକ୍ଷୀ ଅଧୀକ୍ଷକ ସ୍ମିତ୍ ପି. ପରମାର, ଅତିରିକ୍ତ ଜିଲାପାଳ(ସାଧାରଣ ପ୍ରଶାସନ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କିଶୋର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡାଙ୍କ ସମେତ ଜିଲାର ବୁଦ୍ଧିଜୀବୀ, ଆଇନଜୀବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟର କର୍ମକର୍ତ୍ତା ଉପସ୍ଥିତ ଥିଲେ।


यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ସିଡିଏ ବିଡାନାସୀ ଶାଖା**
ସିଡିଏ, ସେକ୍ଟର-୬, ମର୍କତ ନଗର, ବିଡାନାସୀ, କଟକ,
ଇମେଲ: ubin0558869@unionbankofindia.bank, ମୋ: ୯୩୯୮୨୬୩୭୯୯

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୯.୦୮.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | ଋଣଗ୍ରହୀତାମାନେ: ମେସର୍ସ ସାଗର ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଶ୍ରୀ ବିରାଜ ଛୋଟରାୟ, ସମ୍ରାଟ ହଲ୍ ନିକଟ, ସା/ପୋ/ଥାନା: ମଧୁପାଟଣା, ଜିଲ୍ଲା: କଟକ - ୭୫୩୦୧୦, ଶ୍ରୀ ବିରାଜ ଛୋଟରାୟ, ପିତା: ସ୍ୱ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା: ବଡ଼େଇସାହି, ମାଛୁଆ ବଜାର, ପୋ: ବକ୍ସି ବଜାର, କଟକ - ୭୫୩୦୦୧ / ଗ୍ୟାରେଣ୍ଟିଦାତା: ଶ୍ରୀ ଅଜୟ କୁମାର ମହାନ୍ତି, ପିତା: ସୁରେନ୍ଦ୍ର ମହାନ୍ତି, ସା: ନିମାଇସାପୁର, ପୋ: ଆୟତପୁର, ଭାୟା: କିଶାନନଗର, କଟକ ସଦର, କଟକ - ୭୫୪୧୩୧ / ବକେୟା ରାଶି: ଟ.୧୧,୦୯,୧୯୧.୦୨ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀ ବିରାଜ ଛୋଟରାୟ, ପିତା: ସ୍ୱ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା: ବଡ଼େଇସାହି, ମାଛୁଆ ବଜାର, ବକ୍ସି ବଜାର, କଟକ - ୭୫୩୦୦୧ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୯୭, ଖାତା ନଂ.: ୩୪୨, ଥାନା ନଂ.: ୪, ଥାନା: ମଙ୍ଗଳାବାଗ, ମୌଜା: କଟକ ସଦର ୟୁନିଟ୍-୧୮ ବକ୍ସି ବଜାର, ମୋଟ ଜମିର କ୍ଷେତ୍ର: ଏକର ୦.୦୯୭ ଡିସିମିଲି ଯାହା ୪୨୨୫ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୬୧୩, ଦକ୍ଷିଣ: ପ୍ଲଟ୍ ନଂ.: ୫୯୮, ପୂର୍ବ: ପ୍ଲଟ୍ ନଂ.: ୫୯୬, ପଶ୍ଚିମ: ପ୍ଲଟ୍ ନଂ.: ୬୧୨ | ଟ.୭୯,୦୫,୦୦୦/- / ଟ.୭,୯୦,୫୦୦/- / ଟ.୭୯,୦୫୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ସୁଦ୍ଧା

ଇ-ନିଲାମ ତାରିଖ ଏବଂ ସମୟ: ତା. ୨୯.୦୮.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ/ମ୍ୟାପ୍‌ଡ୍ କରି ଦାଖଲ କରିବେ

ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com & https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: କଟକ
ତାରିଖ: ୧୨.୦୮.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



DSPL-203

Government of Odisha

**ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମରେ ପଞ୍ଜୀକରଣ**

ଏତଦ୍ୱାରା ଓଡିଶାର ସମସ୍ତ ମତ୍ସ୍ୟକ୍ଷେତ୍ରରେ କାର୍ଯ୍ୟରତ ଅଣସଙ୍ଗଠିତ ମତ୍ସ୍ୟଜୀବୀ, ମାଛଧରାଳୀ, ମତ୍ସ୍ୟପାଳକ, ବ୍ୟବସାୟୀ, ପ୍ରକ୍ରିୟାକରଣକାରୀ, ମତ୍ସ୍ୟ ଉପାଦାନ ଉତ୍ପାଦନକାରୀ ଓ ଅନ୍ୟାନ୍ୟ ସମସ୍ତ ହିତାଧିକାରୀ ମାନଙ୍କୁ ଏକତ୍ରିତ କରି ଗୋଟିଏ ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ପଞ୍ଜୀକରଣ କରି ଏହି କ୍ଷେତ୍ରକୁ ସୁସଂଗଠିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଅଟେ।

ଏଥି ନିମନ୍ତେ ମତ୍ସ୍ୟ କ୍ଷେତ୍ର ସହିତ ଜଡିତ ସମସ୍ତଙ୍କୁ ନିଜ ମୋବାଇଲ ମାଧ୍ୟମରେ ସ୍ୱୟଂ ପଞ୍ଜୀକରଣ କିମ୍ବା ଜନସେବା କେନ୍ଦ୍ର ସହାୟତାରେ ପଞ୍ଜୀକୃତ ହେବା ପାଇଁ ନିମ୍ନ ପ୍ରଦତ୍ତ ୱେବ ସାଇଟ ରେ(nfdp.dof.gov.in) କ୍ଲିକ କରି ନିଜର ଆବଶ୍ୟକୀୟ ତଥ୍ୟ ପ୍ରଦାନ କରନ୍ତୁ।

ଏଥି ନିମନ୍ତେ ଆବଶ୍ୟକ ହେଉଥିବା ଦସ୍ତାବିଜ ଗୁଡିକ ହେଲା:
୧) ପାସପୋର୍ଟ ଫଟୋ
୨) ମୋବାଇଲ ପଞ୍ଜୀକୃତ ଆଧାର ନମ୍ବର
୩) ବ୍ୟାଙ୍କ ପାସ ବହି
୪) ଜାତିଗତ ପ୍ରମାଣ ପତ୍ର
୫) ଦିବ୍ୟାଙ୍ଗ ପ୍ରମାଣ ପତ୍ର



ପଞ୍ଜୀକରଣ କରିବାଦ୍ୱାରା ମିଳୁଥିବା ଲାଭଗୁଡିକ ନିମ୍ନରେ ପ୍ରଦତ୍ତ ହେଲା:

- ସ୍ୱୟଂ ପଞ୍ଜୀକରଣ ସଂପୂର୍ଣ୍ଣ କଲେ ପ୍ରତି ବ୍ୟକ୍ତିଙ୍କୁ ଏକଶହ ଟଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରାପ୍ତ ହେବ। ଜନସେବା କେନ୍ଦ୍ର ମାଧ୍ୟମରେ ପଞ୍ଜୀକରଣ କରାଇଲେ ପ୍ରତି ବ୍ୟକ୍ତିଙ୍କୁ ଟ ୭୬.୪୦ ଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରାପ୍ତ ହେବ।
- ୨୦୨୫-୨୬ ବର୍ଷଠାରୁ ସମସ୍ତ NFDP ପଞ୍ଜୀକୃତ ବ୍ୟକ୍ତିହିଁ GAIS ବୀମାଭୁକ୍ତ ହେବେ । ପୂର୍ବର ସମସ୍ତ GAIS ହିତାଧିକାରୀ ନିଶ୍ଚିତ ପଞ୍ଜୀକୃତ ହୁଅନ୍ତୁ ନଚେତ ସେମାନେ ଏହି ଯୋଜନାରୁ ବଞ୍ଚିତ ହେବେ।
- ମତ୍ସ୍ୟ କ୍ଷେତ୍ରକୁ ଅନୁଷ୍ଠାନିକ ବ୍ୟାଙ୍କ ଋଣ ପ୍ରଦାନ, ଅଣୁ ଉଦ୍ୟୋଗ ପ୍ରବେଶ ନିମନ୍ତେ ସହାୟତା ତଥା ଆନୁସଙ୍ଗିକ ସହାୟତା ମିଳିବାରେ ସୁବିଧା ପ୍ରଦାନ ।
- ଜଳକୃଷି ବୀମାକରଣ ନିମନ୍ତେ ଏହି NFDP ପଞ୍ଜୀକରଣ ବାଧ୍ୟତାମୂଳକ ଅଟେ।
- ମତ୍ସ୍ୟଚାଷ ମୂଲ୍ୟ ଶୃଙ୍ଖଳର ଦକ୍ଷତା ବୃଦ୍ଧି ପାଇଁ ସହାୟତା ପାଇବାକୁ ହେଲେ ଏହି ପଞ୍ଜୀକରଣ ନିତାନ୍ତ ଆବଶ୍ୟକ।
- ମତ୍ସ୍ୟ ଓ ମତ୍ସ୍ୟ ଉତ୍ପାଦର ସୁରକ୍ଷା ଓ ଗୁଣାତ୍ମକ ନିଶ୍ଚିତତା ଗ୍ରହଣ ଓ ବିସ୍ତାରର ଲାଭ ଉଠାଇବା ପାଇଁ ଏହି ପଞ୍ଜୀକରଣର ଆବଶ୍ୟକତା ପଡିବ।

ଉପରୋକ୍ତ ଲାଭ ହାସଲ କରିବା ପାଇଁ ନିଜେ ପଞ୍ଜୀକୃତ ହେବା ସହ ଅନ୍ୟ ସମସ୍ତଙ୍କୁ ପଞ୍ଜୀକୃତ ହେବା ପାଇଁ ଉତ୍ସାହିତ କରନ୍ତୁ।

**ମତ୍ସ୍ୟକ୍ଷେତ୍ରକୁ ସୁସଙ୍ଗଠିତ କରିବା ଓ ମତ୍ସ୍ୟକ୍ଷେତ୍ରର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା।**

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡିଶା, କଟକ**

OIPR-06030/13/0048/2526

# ପାଳଛତୁ ଚାଷ ପ୍ରସ୍ତୁତି



ପାଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ଼ ଓସାରିଆ ଟିଣ ପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡ଼ାବିଡ଼ାଗୁଡ଼ିକୁ (୩୦ ବିଡ଼ା) ୧୨ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା' ପରେ ନଡ଼ା ଛାଣି ନଡ଼ାରୁ ଅଧିକ ପାଣି ନିଗାଡ଼ିଦେବା ପାଇଁ ବିଡ଼ାଗୁଡ଼ିକୁ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡ଼ାକରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁ ମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡ଼ି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାରକରି ତାକୁ ଭାଗ କରନ୍ତୁ। ଭାଡ଼ି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡ଼ା ନଡ଼ାକୁ ଖୋଲି ବିଛାଇଦିଅନ୍ତୁ। ଯେପରି ନଡ଼ା ମୂଳଭାଗ ବାହାରକୁ ରହିବ। ତା'ପରେ ସେହି ଛତୁମଞ୍ଜି ଖଣ୍ଡଗୁଡିକ ଉପରେ ଏକ ଭାଗ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ବୁଣିଦିଅନ୍ତୁ। ବର୍ତ୍ତମାନ ୨ୟ ସ୍ତର ନଡ଼ା(୯ ବିଡ଼ାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା' ପରେ ତୃତୀୟ ସ୍ତର ନଡ଼ା (୯ ବିଡ଼ାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡ଼େ ଓ ମଝିରେ ମଧ୍ୟ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡ଼ଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡ଼ା ନଡ଼ାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ – ୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡ଼ାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢି ଦିଅନ୍ତୁ। ପଲିଥିନ୍ କାଢ଼ିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ – ୪ ଥର ପାଣି ସ୍ପ୍ରେ କରନ୍ତୁ।

# ଅର୍ଥକରୀ ଫଳଚାଷ



ଡ. ପରେଶ କୁମାର ପଣ୍ଡା

ଫଳଚାଷ ବହୁ ପୁରାତନ ସମୟରୁ ଚାଲିଆସିଛି। ଏପରିକି ୩୫୦୦ ବର୍ଷ ତଳୁ ଲୋକମାନେ ବିଭିନ୍ନ ପ୍ରକାର ଫଳଚାଷ କରୁଥିବାର ଅନେକ ପ୍ରମାଣ ତଥ୍ୟ ମିଳୁଛି। ଆମ ରାଜ୍ୟରେ ବିଶେଷଭାବରେ ଆମ୍ବ, ନଡ଼ିଆ, ପିଜୁଳି, ଲେମ୍ବୁଜାତୀୟ, ସପେଟା, କଦଳୀ, ଲିଚୁ, ଅମୃତଭଣ୍ଡା, ସପୁରି, ଡାଳିମ୍ବ, ଆତ ଓ ପଣସ ଉତ୍ପାଦିତ ହୋଇଥାଏ। ଏହିସବୁ ଫଳ ବିଶେଷଭାବରେ କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ସମ୍ବଲପୁର, ରାୟଗଡ଼ା, ଫୁଲବାଣୀ ଏବଂ ସୁନ୍ଦରଗଡ଼ ଜିଲାରେ ଅଧିକ ଚାଷ ହୋଇଥାଏ। ଆହୁରି ମଧ୍ୟ ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ଼, ରାୟଗଡ଼ା, କୋରାପୁଟ ଏବଂ ବାଲେଶ୍ୱର ଜିଲାରେ କଦଳୀଚାଷ, ଗଞ୍ଜାମ, ପୁରୀ, କଟକ ଏବଂ ବାଲେଶ୍ୱର ଜିଲାରେ ସପେଟା, ଅନୁଗୋଳରେ ଲିଚୁ ଚାଷ ଖୁବ୍ ଲୋକପ୍ରିୟ। ଆମ ରାଜ୍ୟରେ ପ୍ରାୟ ୩, ୪୦, ୪୮୦ ହେକ୍ଟର ଫଳ ଚାଷ ଅଞ୍ଚଳ ଏବଂ ୨୪, ୦୨,୩୦୦ ମେଟ୍ରିକ ଟନ୍ ଫଳ ଉତ୍ପାଦିତ ହେଉଛି।

ଦେଶରେ ନାନା ପର୍ବପର୍ବାଣିରେ ବିଭିନ୍ନ ପ୍ରକାର ଫଳ ପୂଜାରେ ଲାଗିଥାଏ। ଏଥିରେ ବିଭିନ୍ନ ପ୍ରକାର ଧାତବ ଲବଣ ଓ ଭିଟାମିନ୍ ରହିଥାଏ, ଯାହାକି ଆମ ସ୍ୱାସ୍ଥ୍ୟ ପାଇଁ ଏକାନ୍ତ ଆବଶ୍ୟକ। ଫଳ ଗଛର ଚେର, ମୂଳ, ପତ୍ର, ଛେଲି ଇତ୍ୟାଦିକୁ ଔଷଧ ରୂପେ ବ୍ୟବହାର କରାଯାଏ। ଫଳଚାଷ ଖୁବ୍ ଲାଭଜନକ। ଫଳରେ ଜୈବିକ ଅମ୍ଳ ରହିଥାଏ। ଫଳ ଖାଇଲେ ହଜମ ଶକ୍ତି ବଢ଼ିଯାଏ ଓ ଭୋକ ଠିକ୍ ସମୟରେ ହୋଇଥାଏ। ଫଳରସ ରୋଗୀମାନଙ୍କ ପାଇଁ ଖୁବ୍ ଉପକାରୀ। ଫଳ ବଗିଚାରେ ମହୁଚାଷ କରି ଅଧିକ ଲାଭବାନ୍ ହେବାର ସୁଯୋଗ ରହିଛି। ଫଳଚାଷ ହେଉଥିବା ଅଞ୍ଚଳରେ ନାନା ପ୍ରକାର ଶିଳ୍ପ ପ୍ରତିଷ୍ଠା କରି ବହୁ ଲୋକଙ୍କୁ ନିଯୁକ୍ତି ଦିଆଯାଇପାରେ। ଫଳଗଛ ବୟସ୍କ ହେଲେ ତାହାର କାଠରୁ ଆସବାବପତ୍ର ତିଆରି ହୁଏ। ଡାଳପତ୍ରକୁ ଜାଳେଣି ରୂପେ ବ୍ୟବହାର କରାଯାଇଥାଏ। ଆହୁରି ମଧ୍ୟ ଫଳକୁ ସଂରକ୍ଷଣକରି ରଖିପାରିଲେ ବର୍ଷର ଯେକୌଣସି ସମୟରେ ତାହାକୁ ବ୍ୟବହାର କରାଯାଇପାରିବ। ଫଳଚାରା ରୋପଣ ବର୍ଷାଦିନେ କରାଯାଏ। ଜଣେ ପ୍ରାପ୍ତ ବୟସ୍କ ଲୋକ ଦିନକୁ ୮୫ ଗ୍ରାମ ଫଳ ଖାଇବା ଦରକାର। ରୋଗ ହେଲେ ଆମ ଦେଶର ଲୋକମାନେ ଫଳକୁ ପଥ୍ୟ ହିସାବରେ ଖାଇଥାଆନ୍ତି। ଭିଟାମିନ୍-ଏ ଅଭାବରୁ ଅନ୍ଧାରକଣା, ଭିଟାମିନ୍-ବି ଅଭାବରୁ ବେରିବେରି ଓ ପାଲେଗ୍ରା ରୋଗ ହୁଏ। ଭିଟାମିନ୍-ସି ଅଭାବରୁ ସ୍କର୍ଭି ହୋଇଥାଏ ଏବଂ ରୋଗ ପ୍ରତିରୋଧକ ଶକ୍ତି କମିଯାଏ। ଅମୃତଭଣ୍ଡା, ଆମ୍ବ, କମଳା, ଗାଜର ପ୍ରଭୃତି ପାଚିଲା ଫଳରୁ ଯଥେଷ୍ଟ ପରିମାଣ ଭିଟାମିନ୍-ଏ ମିଳିଥାଏ। କାଜୁବାଦାମ, ସେଓ, ନାସ୍‌ପାତିରୁ ଭିଟାମିନ୍-ବି ମିଳିଥାଏ। କମଳା, ଲେମ୍ବୁ, ଅଁଳା, ପିଜୁଳି ପ୍ରଭୃତିରୁ ପ୍ରଚୁର ପରିମାଣର ଭିଟାମିନ୍-ସି ମିଳିଥାଏ। ପନିପରିବା ଓ ଫଳରୁ ବିଭିନ୍ନ ଧାତବ ଲବଣ ମିଳିଥାଏ। ଏଥିଲାଗି ଖରାଦିନେ ଥଣ୍ଡା ଫଳରସ ପିଇଲେ ଶରୀର ସୁସ୍ଥ ରହେ। ମନୁଷ୍ୟ ଶରୀରର ବିକାଶ ପାଇଁ ସ୍ରଷ୍ଟା ବିଭିନ୍ନ ଖାଦ୍ୟପଦାର୍ଥ ସୃଷ୍ଟି କରିଛନ୍ତି। ଏହି ପରିପ୍ରେକ୍ଷୀରେ କଞ୍ଚାଫଳ ଶରୀର ପାଇଁ ନିହାତି ଜରୁରୀ। ଏଥିରେ ଥିବା ପୋଷକ ତତ୍ତ୍ୱ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। କଞ୍ଚାଫଳ ସେବନ ଦ୍ୱାରା ମୋଟାପଣରୁ କେତେକାଂଶରେ ରକ୍ଷା ମିଳେ। ଜଣେ ସୁସ୍ଥ ମଣିଷ ପ୍ରତିଦିନ ସକାଳେ କଞ୍ଚାଫଳ ସେବନ କଲେ ଅନେକାଂଶରେ ନୀରୋଗ ଜୀବନ ବିତାଇପାରିବ ବୋଲି ସ୍ୱାସ୍ଥ୍ୟ ବିଜ୍ଞାନୀମାନେ ମତ ଦିଅନ୍ତି। ଫଳ ହୃଦ୍‌ରୋଗୀଙ୍କ ପାଇଁ ବେଶ୍ ଉପକାରୀ। ତା'ସହ ଉଚ୍ଚ ରକ୍ତଚାପ ଏବଂ କୋଲେଷ୍ଟରଲ ସମସ୍ୟାକୁ ଏହା ନିୟନ୍ତ୍ରଣରେ ରଖେ।

> "ଫଳ ସ୍ୱାସ୍ଥ୍ୟ ପାଇଁ ଯେତିକି ଉପାଦେୟ ଏହାର ଚାଷ ମଧ୍ୟ ସେପରି ଲାଭଜନକ। ଏକ ଏକର ଅମୃତଭଣ୍ଡା ଲଗାଇଲେ ବର୍ଷକୁ ୧୫୦-୨୨୦ କୁଇଣ୍ଟାଲ ଫଳ ମିଳେ, ଯାହାର ଆନୁମାନିକ ମୂଲ୍ୟ ୧.୫ ଲକ୍ଷ ହେବ। ସେହିପରି ଏକ ଏକର ନଡ଼ିଆ ବଗିଚାରୁ ବର୍ଷକୁ ପଇଡ଼ ଏବଂ ନଡ଼ିଆ ବାବଦରେ ପ୍ରାୟ ୨ ଲକ୍ଷ ଟଙ୍କା ମିଳିଥାଏ। ପନିପରିବା ଓ ଶସ୍ୟଜାତୀୟ ଖାଦ୍ୟ ରୋଷେଇ ଦ୍ୱାରା ଭିଟାମିନ୍ କେତେକାଂଶରେ ହରାଇ ବସନ୍ତି। କିନ୍ତୁ ଫଳ ଆହାର ଦ୍ୱାରା ଆମକୁ ଭିଟାମିନ୍ ସହଜରେ ମିଳିଥାଏ। ଆମ ରାଜ୍ୟ ପାଇଁ ଫଳଚାଷ ଅତି ଗୁରୁତ୍ୱପୂର୍ଣ୍ଣ।"



ଫଳ ସ୍ୱାସ୍ଥ୍ୟ ପାଇଁ ଯେତିକି ଉପାଦେୟ ଏହାର ଚାଷ ମଧ୍ୟ ସେପରି ଲାଭଜନକ। ୧ ଏକର ଅମୃତଭଣ୍ଡା ଲଗାଇଲେ ବର୍ଷକୁ ୧୫୦-୨୨୦ କୁଇଣ୍ଟାଲ ଫଳ ମିଳେ, ଯାହାର ଆନୁମାନିକ ମୂଲ୍ୟ ୧.୫ ଲକ୍ଷ ହେବ। ସେହିପରି ୧ ଏକର ନଡ଼ିଆ ବଗିଚାରୁ ବର୍ଷକୁ ପଇଡ଼ ଏବଂ ନଡ଼ିଆ ବାବଦରେ ପ୍ରାୟ ୨ ଲକ୍ଷ ଟଙ୍କା ମିଳିଥାଏ।

ପନିପରିବା ଓ ଶସ୍ୟଜାତୀୟ ଖାଦ୍ୟ ରୋଷେଇ ଦ୍ୱାରା ଭିଟାମିନ୍ କେତେକାଂଶରେ ହରାଇବସନ୍ତି। କିନ୍ତୁ ଫଳ ଆହାର ଦ୍ୱାରା ଆମକୁ ଭିଟାମିନ୍ ସହଜରେ ମିଳିଥାଏ। ଆମ ରାଜ୍ୟ ପାଇଁ ଫଳଚାଷ ଅତି ଗୁରୁତ୍ୱପୂର୍ଣ୍ଣ। ସେ ବିଷୟରେ କେତୋଟି କଥା–

**ମରୁଡ଼ି ଅଞ୍ଚଳରେ ଫଳଚାଷ**

ଆମ ରାଜ୍ୟର ୬୦ ଭାଗ ଜମିରେ ଜଳସେଚନର ସୁବିଧା ନାହିଁ। ସେସବୁ ଜମି ପାହାଡ଼ିଆ ଅଞ୍ଚଳ ଯେଉଁଥିରେ ଫଳଚାଷ ଭଲ ହୁଏ। ଫଳ ଗଛ ଲଗାଇବା ଦ୍ୱାରା ମାଟିରେ ପାଣି ସଞ୍ଚୟ ବୃଦ୍ଧି ଘଟିବା ସହ ଉର୍ବରିଆ ମାଟି ସଂରକ୍ଷିତ ହୋଇ ରହେ। ଅଧିକନ୍ତୁ, ଫଳ ଗଛ ମରୁଡ଼ି ସହିପାରେ। ତେଣୁ ଖାଦ୍ୟ ନିରାପତ୍ତା ପାଇଁ ସେସବୁ ଅଞ୍ଚଳରେ ଆମ୍ବ, ପିଜୁଳି, ଡାଳିମ୍ବ, ସୀତାଫଳ ଓ ଲେମ୍ବୁ ଇତ୍ୟାଦିର ବ୍ୟବସାୟିକ ଫଳଚାଷ ବ୍ୟାପକସ୍ତରରେ କରାଯାଇପାରିବ।

**ବନ୍ୟାଞ୍ଚଳ ଫଳଚାଷ**

ବନ୍ୟାପ୍ଲାବିତ ଅଞ୍ଚଳରେ ନଡ଼ିଆ, ଆମ୍ବ, ପିଜୁଳି ଓ ଅମୃତଭଣ୍ଡା ଇତ୍ୟାଦି ଚାଷକଲେ ସେଥିରୁ ଭଲ ଆୟ ମିଳିଥାଏ। ବାଡ଼ି ବଗିଚାରେ କିଛି ଫଳଗଛ ଲଗାଇଲେ, ସେଥିରୁ ହେଉଥିବା ଆୟରେ ବୁଢ଼ା କାଳେ ଯେନତେନ ପ୍ରକାରେ ଚାଷୀମାନେ ଚଳିଯାଆନ୍ତି।

**ସୁସ୍ଥ ପରିବେଶ**

ଫଳଚାଷ ରାଜ୍ୟରେ ଚାଷୀମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବା ସହ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇଥାଏ।

**ଅମଳ ଓ ବିପଣନ**

ପରିବା ପାଇଁ ବ୍ୟବହୃତ ଫଳ କଞ୍ଚା ଅବସ୍ଥାରେ ତୋଳାଯାଏ। ପାକଳ ଫଳକୁ ତୋଳି କାଗଜରେ ଗୁଡ଼ାଇ କାଠ କିମ୍ବା ପ୍ଲାଷ୍ଟିକ୍ ଝୁଡ଼ିରେ ପ୍ୟାକିଂକରି ବଜାରକୁ ପଠାଯାଏ ଓ ଭଲ ରୋଜଗାର ହୋଇଥାଏ। ଉଦ୍ୟାନ ଫସଲଗୁଡ଼ିକୁ ଥରେ ଲଗାଇଲେ ବେଶିଦିନ ରହିପାରେ। ତେଣୁ ତାହାର ପରିଚାଳନା ସହଜ ଓ କମ୍ ବ୍ୟୟସାପେକ୍ଷ ହୋଇଥାଏ। ଅନେକ ଅଞ୍ଚଳରେ ଲୋକ ଫଳ ଓ ପନିପରିବା ଚାଷକରି ଯଥେଷ୍ଟ ଉନ୍ନତ ହୋଇପାରିଛନ୍ତି। କେତେକ ଫଳ ପତିତ ଜମିରେ ଭଲ ରୂପେ ଚାଷ କରାଯାଇପାରିବ। ଫଳ ଓ ପନିପରିବା ପରିବହନ ପାଇଁ ଅନେକ ଯାନବାହନ ଦରକାର ହେଉଥିବାରୁ ଲୋକଙ୍କୁ କର୍ମନିଯୁକ୍ତି ଦିବସ ଅଧିକ ମିଳିଥାଏ। ସୁତରାଂ, ଉଦ୍ୟାନ ଫସଲ ବିଲ ଫସଲଠାରୁ ଅଧିକ ଲାଭଦାୟକ।

-ଜିଲା କୃଷି ଅଧିକାରୀ,
ସାକ୍ଷୀଗୋପାଳ, ପୁରୀ
ମୋ : ୯୪୩୭୧୧୨୭୦୪

# ବର୍ଷାଦିନେ ପ୍ରାଣୀଙ୍କ ରୋଗ ଓ ପ୍ରତିକାର



ବର୍ଷାଦିନେ ଗୋରୁଙ୍କୁ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗ ହୋଇଥାଏ। ସେଥିମଧ୍ୟରୁ ସାହାଣା ଓ ଫାଟୁଆ ଚଉଆ ପ୍ରଧାନ ।

**ସାହାଣା ରୋଗ:** ଏହା ପ୍ରାପ୍ତ ବୟସ୍କ ଗୋରୁଙ୍କଠାରେ ଦେଖାଯାଏ। ଏହି ରୋଗ ହେଲେ ଗୋରୁଙ୍କ ଶାରୀରିକ ଉତ୍ତାପ ବୃଦ୍ଧି ପାଇ ୧୦୪ରୁ୧୦୬ ଡିଗ୍ରୀ ଫାରେନ୍‌ହାଇଟ୍ ହୋଇଥାଏ। ନାକରୁ ପ୍ରଥମେ ପତଳା ଓ ପରେ ମୋଟା ବହଳ ସିଙ୍ଘାଣି ବାହାରେ।

**ଚିକିତ୍ସା ପଦ୍ଧତି:** ବିଭିନ୍ନ ଆଣ୍ଟିବାଓଟିକ୍ସ ଇଞ୍ଜେକ୍ସନ୍ ଯଥା ସଲ୍‌ଫାମିଡିନ୍, ଆମ୍ପିସିଲିନ୍, ଅକ୍ସିଟେଟ୍ରାସାଇକ୍ଲିନ୍ ଇତ୍ୟାଦି ୩-୫ ଦିନ ପର୍ଯ୍ୟନ୍ତ ଦିଆଗଲେ ସୁଫଳ ମିଳେ।

**ପ୍ରତିଷେଧକ ବ୍ୟବସ୍ଥା:** ୨ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଗୋରୁଙ୍କୁ ବର୍ଷାଦିନ ଆରମ୍ଭରୁ ଏଚ୍.ଏସ୍. ଟିକା ଦେଇଦେବା ଦରକାର।

**ଫାଟୁଆ ଚଉଆ:** ଏହି ରୋଗରେ ଶାରୀରିକ ଉତ୍ତାପ ୧୦୪ ରୁ ୧୦୬ ଡିଗ୍ରୀ ଫାରେନ୍‌ହାଇଟ୍ ହୋଇଥାଏ। ହଠାତ୍ ଗାଇ ଦୁଗ୍ଧ ଦେବା ବନ୍ଦ କରିଦିଏ। ଖୁରା, ପାଟି, ପହ୍ନା ବା ଚିରରେ ଫୋଟକା ହୋଇ ୨ ରୁ ୩ ଦିନ ମଧ୍ୟରେ ଫାଟି ଘା ସୃଷ୍ଟି ହୁଏ।

**ଚିକିତ୍ସା ପଦ୍ଧତି:** ଆକ୍ରାନ୍ତ ଗୋରୁର ଖୁରାକୁ ନଖ ଉଷୁମ ପାଣିରେ ୨ ରୁ ୫ ପ୍ରତିଶତ ଖାଇବା ସୋଡ଼ା ସହ ମିଶାଇ ଭଲ ଭାବେ ଧୋଇଦିଅନ୍ତୁ ଓ ସେଥିରେ ହିମ୍‌କ୍ସ ମଲମ ଲଗାନ୍ତୁ। ପାଟିରେ ଘା ହୋଇଥିଲେ ଖାଇବା ସୋଡ଼ା ନଖ ଉଷୁମ ପାଣିରେ ଭଲ ଭାବରେ ଧୋଇ ବୋରୋଗ୍ଲିସେରିନ୍ ତରଳ ଲଗାନ୍ତୁ। ସଂକ୍ରମଣରୁ ରକ୍ଷାପାଇବା ପାଇଁ ଆଣ୍ଟିବାୟୋଟିକ୍ ଇଞ୍ଜେକ୍ସନ୍ ଦିଅନ୍ତୁ।

## ଚାଷୀଙ୍କ ପାଇଁ..



ବାଇଗଣ ମଞ୍ଜି ହେକ୍ଟର ପ୍ରତି ୨୫୦ ଗ୍ରାମ୍ ଏବଂ ଲଙ୍କାମରିଚ ମଞ୍ଜି ହେକ୍ଟର ପ୍ରତି ୩୫୦ ଗ୍ରାମ୍ ଆବଶ୍ୟକ। ଯଦି ସଙ୍କର କିସମର ବିହନ ବ୍ୟବହାର କରୁଥାନ୍ତି ତେବେ ବାଇଗଣ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଓ ଲଙ୍କାମଞ୍ଜି ୩୦୦ ଗ୍ରାମ୍ ବ୍ୟବହାର କରନ୍ତୁ। ବାଇଗଣର ଉନ୍ନତ କିସମଗୁଡ଼ିକ ହେଲା - ମୁକ୍ତକେଶୀ, ପୁଷା କ୍ରାନ୍ତି, ଉତ୍କଳ ମାଧୁରୀ, ଉତ୍କଳ ତାରିଣୀ, ବ୍ଲୁଷ୍ଟାର୍, ଗ୍ରୀନ୍ ଷ୍ଟାର୍। ସଙ୍କର ଜାତୀୟ କିସମ ହିସାବରେ ଜେକେ-୮୦୩୧, ଜେକେ-୮୦୩୫, ତାରିଣୀ, ଅକ୍ଷିତା, ସୁଗ୍ରୋ-୧୩୨, ସୁଗ୍ରୋ-୩୮, ଭିଏନ୍‌ଆର୍-୦୦୫ ଆଦି ଚାଷ କଲେ ଭଲ ଅମଳ ମିଳିପାରିବ । କଖାରୁ, ଜହ୍ନି, କାକୁଡ଼ି, କଲରା, ପୋଟଳ, ଛଚିନ୍ଦ୍ରା ଆଦି ଲଗାସରିଥିଲେ କୋଡ଼ାଖୁସାକରି ପ୍ରଥମ କିସ୍ତି ସାର ଦେଇ ହୁଡ଼ା ଟେକି ରଞ୍ଜା ଦିଅନ୍ତୁ। ବର୍ଷାଦିନେ ଉକ୍ତ ଜାତୀୟ ଫସଲକୁ ତଳେ ମଡ଼ାନ୍ତୁ ନାହିଁ। ଭେଣ୍ଡି ଫସଲ କୋଡ଼ାଖୁସାକରି ସାର ଦେଇ ହୁଡ଼ା ଟେକନ୍ତୁ। ପନିପରିବା ଫସଲରେ ବର୍ଷାଜଳକୁ ଠିକ୍ ଭାବରେ ନିଷ୍କାସନ କରନ୍ତୁ।

# ମୁଗ ଫସଲରେ ରୋଗପୋକ ପରିଚାଳନା




ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ଏକ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଛୁଇଁ ପାକଳହେବା ମାତ୍ରେ ତୋଳି ଦିଅନ୍ତୁ । ଧାନ ବିଲ ହିଡ଼ ମାନଙ୍କରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ । ମୁଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସାକରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମିଲି ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନକରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ ସହ କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ। ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ଆଖୁ କିଆରିରୁ ଜଳ ନିଷ୍କାସନ

ଜମିରେ ଅଧିକ ପାଣି ହେଲେ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ଫସଲ ୪-୫ ମାସର ହୋଇଗଲେ ଭେଳା ବନ୍ଧା କାମ କରନ୍ତୁ। ଅତ୍ୟଧିକ ବର୍ଷା ପରେ ଶୁଖିଲା ପାଗ ଅଧିକ ଦିନ ରହିଲେ ଅଗବିନ୍ଧା ପୋକର ପ୍ରାଦୁର୍ଭାବ ବଢ଼ିଥାଏ। ସଅଳ କାଣ୍ଡବିନ୍ଧା ଓ ଅଗବିନ୍ଧା ପୋକର ଦମନ ପାଇଁ ହେକ୍ଟର ପ୍ରତି ୧୨୫୦ ମି.ଲି. ଫିପ୍ରୋନିଲ୍ x ଇଣ୍ଡକ୍ସାକାର୍ବ ୫୦୦ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ଫସଲ ଉପରେ ସିଞ୍ଚନ କରନ୍ତୁ। ସଅଳ କାଣ୍ଡବିନ୍ଧା କୀଟକୁ ଦମନ କରିବା ପାଇଁ ହେକ୍ଟର ପ୍ରତି ୨୦ଟି ହିସାବରେ ଟ୍ରାଇକୋକାର୍ଡ ଫସଲରେ ବାନ୍ଧନ୍ତୁ । ପ୍ରତି କନ୍ଦାରେ ଫିପ୍ରୋନିଲ୍ ଦାନାଦାର ବିଷର ୩-୪ଟି ଦାନା ପ୍ରୟୋଗ କରନ୍ତୁ। ଶେଷ ଦଫା ସାର ପ୍ରୟୋଗ କରା ନ ହୋଇଥିଲେ ହେକ୍ଟର ପ୍ରତି ୬୬ କି.ଗ୍ରା. ଯବକ୍ଷାରଜାନ ସାର ୧୨୦ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ। ଆଖୁ ଫସଲରେ ଯବକ୍ଷାରଜାନ ଜାତୀୟ ସାରକୁ ୧୨୦ ଦିନ ପରେ ପ୍ରୟୋଗ କରାଯିବା ଉଚିତ ନୁହେଁ ।

# ବର୍ଷାଋତୁରେ ଧାନଜମିର ଯତ୍ନ



ସାଧାରଣତଃ ଅଗଷ୍ଟ ମାସରେ ବହୁତ ବର୍ଷା ହୁଏ। ତେଣୁ ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ଜଳସେଚିତ ଅଞ୍ଚଳରେ ଧାନଜମିରେ କରନାଳୀଗୁଡ଼ିକୁ ସଫାକରନ୍ତୁ । ଫସଲରେ କୀଟ ଓ ରୋଗର ମାତ୍ରା ସୀମା ଅତିକ୍ରମକଲେ ଯଥାକ୍ରମେ ଉପଯୁକ୍ତ କୀଟନାଶକ ଓ କବକନାଶୀ ବ୍ୟବହାର କରନ୍ତୁ। ତା' ପରେ ଫସଲ ଅବସ୍ଥା ଅନୁଯାୟୀ ଉପଯୁକ୍ତ ଯତ୍ନ ନିଅନ୍ତୁ। ଡିପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୦ କେ.ଜି. ଯବକ୍ଷାରଜାନ ସାର ବର୍ଷା ଦେଖି ପ୍ରୟୋଗ କରନ୍ତୁ । ଧାନ ରୁଆ ସରିଥିଲେ ପିଲସାର ହିସାବରେ ହେକ୍ଟର ପ୍ରତି ୪୦ କେ.ଜି. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ବୁଣାଧାନରେ ବେଉଷଣ ପରେ ହେକ୍ଟର ପିଛା ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗକରି ବଛାବଛି ଓ ଖେଳୁଆ କାମ ସାରି ଦିଅନ୍ତୁ। ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବା ପରେ ସଅଳ କିସମ ଧାନ ଯଥା-ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ । ଧାନଚାଷରେ କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ଏକର ପ୍ରତି ୬ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ।

# ମେସ୍ ବାଥ୍‌ରୁମ୍‌ରେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ

**ମୋବାଇଲ ଜବତ କରି ପୋଲିସର ତଦନ୍ତ**

ଭଦ୍ରକ,୧୨।୮
(ସନାତନ ରାଉତ)

ପାରିବାରିକ କଳହ କି ପ୍ରେମଜନିତ ହେଉ ବା ଅନ୍ୟ କୌଣସି କାରଣ ହେଉ ଛାତ୍ରୀଛାତ୍ର ଏହାକୁ ଧୈର୍ଯ୍ୟର ସହ ମୁକାବିଲା ନ କରି ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଭଳି ଚରମ ପନ୍ଥା ବାଛି ନେଉଛନ୍ତି। ଭଦ୍ରକ ସହରରେ ମଙ୍ଗଳବାର ଏଭଳି ଏକ ଦୁଃଖଦ ଘଟଣା ଘଟିଛି। ଭଦ୍ରକ କଲେଜ ନିକଟସ୍ଥ ଏକ ଘରୋଇ ମେସ୍ ବାଥ୍‌ରୁମ୍‌ରୁ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। ମୃତା ଛାତ୍ରୀ ହେଲେ ଭଦ୍ରକ କଲେଜର ଯୁକ୍ତ ୩ ପ୍ରଥମ ବର୍ଷର କଳା ଛାତ୍ରୀ ପୁଷ୍ପଲତା ମଲିକ(୧୮)। ସେ ମେସ୍‌ର ବାଥ୍‌ରୁମ୍‌ରେ ନିଜ ଆପ୍ରୋନରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜାଣିବାକୁ ମିଳିଛି। ଖବରପାଇ ଭଦ୍ରକ ଏସ୍‌ପି ମନୋଜ ରାଉତ ଓ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ପୁଷ୍ପଲତାଙ୍କ ପକେଟ୍‌ରେ ଥିବା ମୋବାଇଲ ଜବତ କରିଛନ୍ତି। ତାଙ୍କ



ଘଟଣାସ୍ଥଳରେ ଏସ୍‌ପି ମନୋଜ ରାଉତ ତଦନ୍ତ କରୁଛନ୍ତି।

ରୁମ୍‌ରେ ଥିବା ସହପାଠୀମାନଙ୍କୁ ପୋଲିସ ପଚରାଉଚରା କରିବା ସହ ମା’ ବାପାଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

ସୂଚନା ଅନୁଯାୟୀ, ବାସୁଦେବପୁର ବ୍ଲକ ଲୁଙ୍ଗା ଗ୍ରାମର ଉମାକାନ୍ତ ମଲିକଙ୍କ ଏକମାତ୍ର ଝିଅ ପୁଷ୍ପଲତା ଭଦ୍ରକ କଲେଜରେ ପଢୁଥିବା ବେଳେ ଗତ ୨ ମାସ ହେବ ସେ ନିକଟସ୍ଥ ଜଗନ୍ନାଥପୁରର ଏକ ଲେଡିଜ୍ ମେସ୍‌ରେ ରହୁଥିଲେ। ରକ୍ଷାବନ୍ଧନ ପାଇଁ ଘରକୁ ଯାଇଥିବା ବେଳେ ସୋମବାର ମେସ୍‌କୁ ଫେରିଥିଲେ। ବାପା ଉମାକାନ୍ତଙ୍କ କହିବା ଅନୁଯାୟୀ, ମଙ୍ଗଳବାର ସକାଳେ ପୁଷ୍ପଲତା କୋଚିଂ କ୍ଲାସ୍ ଯାଇଥିଲେ। କୋଚିଂରୁ ଫେରି ଝିଅ ତାଙ୍କ ମା’ଙ୍କ ସହ ଫୋନ୍‌ରେ ଭଲ କଥାବାର୍ତ୍ତା ହୋଇଥିଲେ। ପୂର୍ବାହ୍ନ ୧୦ଟା ପରେ ଅନ୍ୟ ସହପାଠୀମାନେ କଲେଜ ଯାଇଥିବାବେଳେ ସେ ଏକୁଟିଆ ମେସ୍‌ରେ ଥିଲେ। ସହପାଠୀମାନେ କଲେଜରୁ ଫେରିବା ପରେ ବାଥ୍‌ରୁମ୍‌ରେ ସାୱାର ଚାଲିଥିବା ବେଳେ ପୁଷ୍ପଲତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ମଧ୍ୟାହ୍ନ ୧୨ଟା ବେଳକୁ ସେ ବାଥ୍‌ରୁମ୍‌ରେ ଆତ୍ମହତ୍ୟା କରିଥିବା ନେଇ ମେସ୍‌ର ମାଲିକ ଫୋନ୍ ମାଧ୍ୟମରେ ଜଣାଇଥିଲେ। ତାଙ୍କ ଝିଅ ଆତ୍ମହତ୍ୟା କରିବା ପଛରେ କୌଣସି କାରଣ ସେ ଜାଣି ନାହାନ୍ତି। ପୋଲିସ ତଦନ୍ତ କରି ଆଇନ ଅନୁଯାୟୀ ଯାହା ପଦକ୍ଷେପ ନେବ ବୋଲି ଉମାକାନ୍ତ କହିଛନ୍ତି। ଅପରପକ୍ଷରେ ମେସ୍‌ରେ ଥିବା ସହପାଠୀ ଓ ପରିବାର ଲୋକେ ଆତ୍ମହତ୍ୟାର କାରଣ ବିଷୟରେ କିଛି କହିପାରୁ ନାହାନ୍ତି। ପୁଷ୍ପଲତାଙ୍କ ମୋବାଇଲ ପାସ୍‌ୱାର୍ଡ ମିଳିବା ପରେ କଲ୍ ରେକର୍ଡ ଯାଞ୍ଚ କରିବା ପରେ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହେବ ବୋଲି ଏସ୍‌ପି ରାଉତ କହିଛନ୍ତି। ଏନେଇ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ କହିଛନ୍ତି, ଯେଉଁ ବୟସରେ ପାଠପଢ଼ା ପାଇଁ ଛାତ୍ରୀମାନେ ସଂଘର୍ଷ କରିବା କଥା, ସେହି ସମୟରେ ଆତ୍ମହତ୍ୟା କରିବା ଏକ ଦୁଃଖଦ ଘଟଣା। ଏହାର ନିରପେକ୍ଷ ତଦନ୍ତ କରି ପୋଲିସ ପ୍ରଶାସନ ଉପଯୁକ୍ତ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ଏନେଇ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫୬/୨୫) ରୁଜୁ ହୋଇଥିବା ଥାନାଧିକାରୀ ମିଶ୍ର କହିଛନ୍ତି।

## କାଠଫାଳିଆରେ ପିଟି ସ୍ତ୍ରୀଙ୍କୁ ହତ୍ୟା

ଠାକୁରମୁଣ୍ଡା,୧୨।୮
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ଅଧୀନ ଚମ୍ପାଖର ଗ୍ରାମରେ ସୋମବାର ସନ୍ଧ୍ୟାରେ ଏକ ଅମାନବୀୟ ଘଟଣା ଘଟିଛି। ଲୁହା ରଡ୍ ଓ କାଠଫାଳିଆରେ ପିଟି ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ହତ୍ୟାକରିଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୬୬/୨୫) ରୁଜୁକରି ଅଭିଯୁକ୍ତ ଉଦୟ ହୋଙ୍କୁ ଗିରଫ କରିଛି। ମୃତ ମହିଳା ଜଣକ ହେଲେ ସାଲିତା ମୁଣ୍ଡା। ହତ୍ୟାକାଣ୍ଡରେ ବ୍ୟବହୃତ ଲୁହା ରଡ୍ ଓ କାଠଫାଳିଆକୁ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ପରକୀୟା ପ୍ରୀତି ସନ୍ଦେହରେ ସୋମବାର ସନ୍ଧ୍ୟାରେ ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ ଉଦୟ ଲୁହାରଡ୍ ଓ କାଠଫାଳିଆରେ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ସାଲିତାଙ୍କ ମୃତ୍ୟୁ ଘଟିଥିଲା। ପଡ଼ୋଶୀଙ୍କଠାରୁ ଖବରପାଇ ମହୁଲଡ଼ିହା ଥାନା ପୋଲିସ ରାତିରେ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମଙ୍ଗଳବାର ସାଇଣ୍ଟିଫିକ ଟିମ୍ ସହ ପୋଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତକରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

# ଗାନ୍ଧୀମାର୍ଗରେ ଶିଶୁକନ୍ୟାଙ୍କୁ ଧରି ଦମ୍ପତିଙ୍କ ଆତ୍ମାହୁତି ଧମକ

■ ବିଧାନସଭା ଆଡ଼କୁ ଅଗ୍ରସର ବେଳେ ଅଟକାଇଲା ପୋଲିସ
■ କୁନିଝିଅଙ୍କ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲ ପଠାଗଲା

ଭୁବନେଶ୍ୱର,୧୨।୮
(ସତ୍ୟଜିତ୍ ରାଉତ)

ଦୁରାରୋଗରେ ପୀଡ଼ିତ ୭ବର୍ଷୀୟା ଶିଶୁକନ୍ୟାଙ୍କ ଚିକିତ୍ସା ପାଇଁ ନୟାନ୍ତ ହୋଇପଡ଼ିଲେଣି ଦମ୍ପତି। କୁନିଝିଅଙ୍କୁ ଭଲ କରିବା ପାଇଁ ବହୁ ଡାକ୍ତରଙ୍କୁ ଦେଖାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଶେଷରେ ଉପାୟଶୂନ୍ୟ ହୋଇ ସବୁ ଆଶା ଭରସା ତୁଟାଇଦେଲେ ଦମ୍ପତି। ଗାଁରୁ ରାଜଧାନୀରୁ ଆସି ଆତ୍ମାହୁତି ଧମକ ଦେବାବେଳେ ପୋଲିସ ସେମାନଙ୍କୁ ଅଟକାଇଛି। ମଙ୍ଗଳବାର ମଧ୍ୟାହ୍ନରେ ଗାନ୍ଧୀମାର୍ଗରେ ଏଭଳି ଘଟଣା ଘଟିଛି। ଉକ୍ତ ଦମ୍ପତି ହେଲେ ଜିଲା କୋଟଶିଙ୍ଗା ଗ୍ରାମର ତୀର୍ଥ ମଲ୍ଲିକ ଓ ତାଙ୍କ ସ୍ତ୍ରୀ ରିନି। ସବୁଆଡୁ ନିରାଶ ହେବା ପରେ ଆତ୍ମାହୁତି ଶେଷବାଟ ବୋଲି ତୀର୍ଥ କହିଛନ୍ତି। ଜନ୍ମରୁ ରୋଗରେ ପଡ଼ିଥିବା ଝିଅ ଭଲ ହେଉନାହିଁ। ପରେ ଗାଁରୁ ଟଙ୍କା ଯୋଗାଡ଼ କରି ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରି ସାହାଯ୍ୟ ମାଗିବାକୁ ଆସିଥିଲେ ତୀର୍ଥ ଓ ରିନି। ଆତ୍ମାହୁତି ଧମକ ଦେଇ ବିଧାନସଭା ଆଡ଼କୁ ଯାଉଥିବାବେଳେ ସେମାନଙ୍କୁ



ପୋଲିସ ଅଟକାଇଥିଲା। ଏପରିକି ପୋଲିସ ସେମାନଙ୍କୁ କିଛି ସମୟ ବୁଝାଶୁଝା କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସହ ଯୋଗାଯୋଗ କରାଯାଇ ତୀର୍ଥଙ୍କ ଅସୁସ୍ଥ ଝିଅଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଥିଲା। ପରେ ଆମ୍ବୁଲାନ୍ସ ଯୋଗେ ଦମ୍ପତିଙ୍କୁ ତାଙ୍କ ଝିଅ ସହ କଟକସ୍ଥିତ ଏସ୍‌ସିବି ମେଡିକାଲକୁ ପଠାଯାଇଛି। ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଏହି ଦମ୍ପତିଙ୍କୁ ପ୍ରତିଶ୍ରୁତି ଦିଆଯାଇଥିବା ସୂଚନା ମିଳିଛି।

# ରିମାଣ୍ଡରେ ଆଣି ୨ ଛାତ୍ରଙ୍କୁ ମାରାଥନ ଜେରା

**ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା**

ବାଲେଶ୍ୱର, ୧୨।୮
(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ମାମଲାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଖୋଳତାଡ଼ ଜାରି ରହିଛି। ସୋମବାରଠାରୁ ୩ଦିନିଆ ରିମାଣ୍ଡରେ ଆଣିଥିବା ଜଣେ ଛାତ୍ର ଓ ଜଣେ ଅଣଛାତ୍ରଙ୍କୁ ମଙ୍ଗଳବାର ୨ୟ ଦିନରେ ଜେଲରେ ମାରାଥନ୍ ଜେରା କରାଯାଇଛି। କ୍ରାଇମବ୍ରାଞ୍ଚ ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁ ଶାଖାର ଡିଏସ୍‌ପି ଇମାନ କଲ୍ୟାଣ ନାୟକଙ୍କ ନେତୃତ୍ୱରେ ଏକ ୬ ଜଣିଆ ଟିମ୍ ବାଲେଶ୍ୱର ଜେଲରେ ପହଞ୍ଚି ଉକ୍ତ ୨ ଛାତ୍ରଙ୍କୁ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣାର ବିଭିନ୍ନ ଦିଗ ସମ୍ପର୍କରେ ପଚରାଉଚୁରା କରିଥିଲେ। କ୍ରାଇମବ୍ରାଞ୍ଚ ଏସ୍‌ପି ଅନିରୁଦ୍ଧ ରାଉତରାୟ ଉପସ୍ଥିତ ଥିବା ଜଣାପଡ଼ିଛି। ଏସ୍‌ଏଫ୍‌ଏସ୍‌ଏଲ୍‌ର ଗୋଟିଏ ଟିମ୍ ମଧ୍ୟ ଜେରାରେ ସାମିଲ ଥିବା ସୂଚନା ମିଳିଛି। ସୌମ୍ୟାଶ୍ରୀ ଆତ୍ମାହୁତି ଉଦ୍ୟମରେ ସହଯୋଗ କରିଥିବା ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ର ନେତା ଶୁଭ୍ର ସମ୍ବିତ ନାୟକଙ୍କୁ ଗତ ୩ ତାରିଖରେ କ୍ରାଇମ୍‌ବ୍ରାଞ୍ଚ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜ୍ୟୋତି ପ୍ରକାଶ ପୀଡ଼ିତା ସୌମ୍ୟାଶ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇ ଆହତ ହୋଇଥିଲେ। କଟକ ମେଡିକାଲରେ ଚିକିତ୍ସିତ ହୋଇ କିଛି ଦିନ ପୂର୍ବରୁ ଘରକୁ ଫେରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମେଡିକାଲରେ ତାଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ଘଟଣା ସମ୍ପର୍କରେ ପଚରାଉଚୁରା କରାଯାଇଥିଲା। ଅପରପକ୍ଷରେ ଶୁଭ୍ର ସମ୍ବିତ ଏବିଭିପି ଛାତ୍ର ସଂଗଠନର ରାଜ୍ୟ ଯୁଗ୍ମ ସମ୍ପାଦକ ଦାୟିତ୍ୱରେ ରହିଛନ୍ତି। ସୂଚନା ଯେ, ଶିକ୍ଷା ବିଭାଗୀୟ ଏଚ୍‌ଓଡି ସମୀର ସାହୁଙ୍କ ନିର୍ଯାତନାର ଶିକାର ହୋଇଥିଲେ ସୌମ୍ୟାଶ୍ରୀ। ନ୍ୟାୟ ନ ପାଇ ଗତ ଜୁଲାଇ ୧୨ ତାରିଖରେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଜ ଦେହରେ ପେଟ୍ରୋଲ ଢାଳି ସେ ପୋଡ଼ିହୋଇଯାଇଥିଲେ। ୧୪ରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍‌ସରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ସମ୍ବେଦନଶୀଳ ଘଟଣା ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା। ପୋଲିସ ଏଚ୍‌ଓଡି ସାହୁ ଓ ଅଧ୍ୟକ୍ଷ ଦିଲୀପ ଘୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## କାର୍‌ରେ ଧକ୍କାଦେଇ ଯୁବକଙ୍କୁ ହତ୍ୟା ଅଭିଯୋଗ

କବିସୂର୍ଯ୍ୟନଗର,୧୨।୮
(କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଖାଡବନ୍ଧ ଗାଁ ଛକରେ ବାଇକ୍‌ରେ ଯାଉଥିବା ଜଣେ ଯୁବକଙ୍କୁ ମଙ୍ଗଳବାର ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଖାଡ଼ବନ୍ଧ ଗ୍ରାମର କୃଷ୍ଣ ପାତ୍ର। କାରରେ ଧକ୍କାଦେଇ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିଛନ୍ତି। ଏପରିକି ତାଙ୍କ ପେଟରେ ଛୁରିମାଡ ହୋଇଥିବା ଜଣାପଡିଛି। କୃଷ୍ଣ ଓ ତାଙ୍କୁ କାରରେ ଧକ୍କା ଦେଇଥିବା ବ୍ୟକ୍ତିଙ୍କ ମଧ୍ୟରେ ପାରିବାରିକ ଶତ୍ରୁତା ରହିଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୁକ୍ତମାନଙ୍କ ଘର ଶେରଗଡ ଥାନା ଅଞ୍ଚଳରେ। ଦୁର୍ଘଟଣା ଘଟାଇଥିବା କାର ୧୦ ଦିନ ହେଲା ଏହି ଅଞ୍ଚଳରେ ବୁଲୁଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଥିବା ବେଳେ ଏକାଧିକ ବ୍ୟକ୍ତିଙ୍କୁ ଉଠାଇ ଆଣି ଘଟଣାର ତଦନ୍ତ ଚଳାଇଛି। ତେବେ ଏହା ହତ୍ୟା ନା ଦୁର୍ଘଟଣା ତାହା ତଦନ୍ତ ପରେ ଜଣାପଡିବ ବୋଲି ପୋଲିସ କହିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଆସିକା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଦୁର୍ଘଟଣାଗ୍ରସ୍ତ କାର ଓ ବାଇକକୁ ଜବତ କରାଯାଇଛି।

# ଅନ୍‌ଲାଇନ ଗେମ୍ ହେଲା କାଳ | ଜୀବନ ହାରିଲେ ୮ମ ଶ୍ରେଣୀ ଛାତ୍ର

ବାଲେଶ୍ୱର(ବାଞ୍ଛାନିଧି ଦେ)/ଲଙ୍ଗଳେଶ୍ୱର
(କମଳାକାନ୍ତ ଦାସ), ୧୨।୮

ଅନ୍‌ଲାଇନ ଗେମ ଖେଳିବାକୁ ମା’ ବାପା ବାରଣ କରିବାରୁ ମଙ୍ଗଳବାର ଜଣେ ୮ମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣା ଘଟିଛି ବାଲେଶ୍ୱର ଜିଲା ସିଂଲା ଥାନା ଗୁହାଳିପଦା ଗ୍ରାମରେ। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୬/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଉକ୍ତ ଛାତ୍ର ଅଧିକାଂଶ ସମୟରେ ଅନଲାଇନ୍ ଗେମ୍ ଖେଳିବା ସହ ମୋବାଇଲ ଦେଖିବାରେ ବ୍ୟସ୍ତ ରହୁଥିଲେ। ପରିବାର ଲୋକେ ଏହାକୁ ବାରମ୍ବାର ବିରୋଧ କରି ଆସୁଥିଲେ। ମଙ୍ଗଳବାର ସକାଳେ ସେ ପାଠ ନ ପଢ଼ି ଗେମ୍ ଖେଳୁଥିବାରୁ ମା’ ବିରକ୍ତ ହୋଇଥିଲେ। ଏଥିରେ ସେ ରାଗିଯାଇ ଗାଧୁଆଘର ଭିତରେ ବେକରେ ଗାମୁଛା ଲଗାଇ ଝୁଲି ପଡ଼ିଥିଲେ। ବହୁ ସମୟ ଧରି ବାଥରୁମରୁ ନ ବାହାରିବାରୁ ପରିବାର ଲୋକେ କବାଟ ଭାଙ୍ଗି ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ସିଂଲା ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ: ବିଜୟୱାଡାରୁ ଅଭିଯୁକ୍ତ ଗିରଫ

ପାରାଦୀପ, ୧୨।୮
(ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପ ଲକ୍‌ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ କରି ୫ ଲକ୍ଷ ଦାବି କରିବା ଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡା ଥାନା ଅନ୍ତର୍ଗତ ଗରାପୁର ଗ୍ରାମର କାର୍ତ୍ତିକ ଜେନା। ଥାନାରେ ମାମଲା ପରଠୁ ସେ ଫେରାର ଥିଲେ। ଏହାପରେ ପୋଲିସ ତାଙ୍କୁ ଆନ୍ଧ୍ରପ୍ରଦେଶର ବିଜୟୱାଡାରୁ ଠାବ କରି ମଙ୍ଗଳବାର ଗିରଫ କରିଛି। ପୋଲିସ ସୂଚନା ଅନୁସାରେ, ସାମାଜିକ ଗଣମାଧ୍ୟମ ଜରିଆରେ ୧୭ ବର୍ଷୀୟା ନାବାଳିକାଙ୍କ ସହ କାର୍ତ୍ତିକଙ୍କ ବନ୍ଧୁତା ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟେ ଏକାଠି ମିଳାମିଶା କରିବା ସହ ବିଭିନ୍ନ ଫଟୋ ଭିଡିଓ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ କାର୍ତ୍ତିକଙ୍କୁ ସମ୍ପୃକ୍ତା ନାବାଳିକା ଅଣଦେଖା କରିଥିଲେ। ଏନେଇ କାର୍ତ୍ତିକ ସାମାଜିକ ଗଣମାଧ୍ୟମରେ ଏକ ନକଲି ଆଇଡି ଖୋଲି ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭିଡିଓ ଭାଇରାଲ କରିଥିଲେ। ଉକ୍ତ ଭିଡିଓ ଭାଇରାଲ କରିବା ପୂର୍ବରୁ ନାବାଳିକା ଓ ତାଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଦେବାପାଇଁ ଦାବି କରିଥିଲେ। ଅର୍ଥ ମିଳିବାରେ ବିଳମ୍ବ ହେବାରୁ କାର୍ତ୍ତିକ ଫଟୋ ଓ ଭିଡିଓ ଭାଇରାଲ କରିଦେଇଥିଲେ। ଏନେଇ ନାବାଳିକାଙ୍କ ମା’ ଅଗଷ୍ଟ ୮ରେ ଲକ୍‌ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୨୪୮/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା।


**OFFICE OF THE CHIEF CONSTRUCTION ENGINEER**
**KHORDHA (R&B) CIRCLE, KHORDHA**
1st Corrigendum to Tender Call Notice
Bid Identification No. CCE-Khordha (R&B) Circle-05/2025-26 dt.25.07.2025
No.B-391
No.2169 Dt.06.08.2025

1. The tender for the works invited vide Bid Identification No. CCE-Khordha (R&B) Circle-05/2025-26 dt 25.07.2025 vide letter no. 2029 dt 25.07.2025 have been modified as follows.

Modification in Critical dates:-
1) Date and Time of sale and receipt of Bids : From 10.00 AM of Dt. 21.08.2025 to 5.00 PM of Dt. 08.09.2025 instead of from 10.00 AM of dt 07.08.2025 to 05.00 PM of dt 21.08.2025.
2) Last Date for Submission of Bid : 5.00 PM of Dt. 08.09.2025 instead of from 05.00 PM of dt 21.08.2025.
3) Date of Opening of the Bid : 11.30 AM of 22.08.2025 instead of from 11.30 AM of dt 22.08.2025.

The other terms & conditions stipulated in the Original tender call notice remain unchanged.
Sd./- Chief Construction Engineer
Khordha (R&B) Circle, Khordha
OIPR-34127/11/0045/2526



**GOVERNMENT OF ODISHA**
HOUSING & URBAN DEVELOPMENT DEPARTMENT
**OFFICE OF THE NOTIFIED AREA COUNCIL, PADAMPUR**
At-Padampur, Po-Rajborasambar, Dist-Bargarh, Pin-768036
Ph.No.06683-223436, E-mail:nac.padampur@gmail.com
No.2285/NACP Date:08.08.25
National Competitive Bidding through e-Procurement
Bid Identification No.NAC-PDP-02/2025-26

No.C-845:The Executive Officer, N.A.C. Padampur on behalf of NAC invites Percentage bid through e-procurement in single cover system according to norm of e-Procurement system in on-line mode.

1. Nature of Work : Civil Work
2. No. of Works : 10 (Ten Nos.)
3. Estimate Cost : Rs.1,57,428/- to Rs.16,34,241/-
4. Class of Contractor : “C” or “D” Class
5. Date & Time of availability of Bid Documents in the Portal : 9.00 AM on dt.11.08.2025 upto 05.00 PM on dt.20.08.2025
6. Last date & time for receipt of Bids in the Portal : 20.08.2025 at 05.00 P.M.
7. Original Bids document received : Before 05.00 PM on Dt.21.08.2025
8. Bid Opening Date : Dt.22.08.2025 at 11.00 AM

The bidders have to participate in online bidding only. Further details can be seen from the website https://www.tendersodisha.gov.in.
Sd./- Executive Officer
N.A.C., Padampur
OIPR-13118/11/0037/2526



**Kotpad NAC**
**Government of Odisha**
Main Road, Kotpad, Dist-Koraput, Odisha, E-mail:kotpadnac@gmail.com
Letter No.1705/2025 Date:08.08.2025
QUOTATION CALL NOTICE

No.C-847: Sealed quotations are invited to reach by Speed Post/ Registered Post/ Courier by hand from interested agencies/firms/companies for “15 KW on GRID SOLAR SYSTEM NON DCR WITH SUPPLY, ERECTION COMMISSIONING, Kotpad NAC.” The quotation will be dropped in the drop box kept in the office of the Executive Officer, Kotpad, with supporting documents like copy of PAN, GST, Authorized Certificate of Govt. and dealership certificate on or before 13.08.2025 and shall be opened on the same day at 5.00 P.M. in the presence of the bidder and the tender committee. The authority has reserved the right to cancel or modify or accept any or all quotation without assigning any reason thereof.
OIPR-13182/11/0013/2526 Sd./-Executive Officer, Kotpad NAC



**DEPUTY DIRECTOR**
**NANDANKANAN ZOOLOGICAL PARK**
P.O-BARANG, DIST-KHURDA, PIN-754005
PHONE/FAX No-0674-2466075, 9437022023 (M)
Email: deputydirector.kanan@gmail.com
NANDANKANAN CONSERVE | EDUCATE | INSPIRE
Web: www.nandankanan.org
e-PROCUREMENT NOTICE
No.MM-155
e-Tender No.DD-NKN-19/NKZP-2025-26 Dt.11.08.2025

| | | |
|---|---|---|
| 1 | Name of the Work | EXPRESSION OF INTEREST-CUM-REQUEST FOR PROPOSAL (RFP) FOR ENGAGEMENT OF AN AGENCY FOR SOURCING, HANDLING, CRATING, TRANSPORTATION AND DOCUMENTATION OF ANIMALS FROM INDIA OR ABROAD FOR NANDANKANAN ZOOLOGICAL PARK, ODISHA, BHUBANESWAR THROUGH PATRONS OF NANDANKANAN |
| 2 | No. of Works | 1 (One) No. |
| 3 | Date of availability of bid document in the portal | 13.08.2025 |
| 4 | Last date for receipt of bids in the portal | 29.08.2025 upto 5.00 P.M. |
| 5 | Date of Opening of Technical Bid (Cover-I) | 30.08.2025 at 3.30 P.M. |
| 6 | Name & Address of Officer Inviting Tender (OIT) | Deputy Director, Nandankanan Zoological Park, P.O-Barang, Dist- Khordha, Pin-754005 |

Further details can be seen from the e-Procurement portal https/www.tendersodisha.gov.in.
Sd./- Deputy Director,
Nandankanan Zoological Park
OIPR-08070/11/0100/2526



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, MAYURBHANJ**
Tel. No. (06792)260788, e-Mail ID : mi.mayurbhanj@yahoo.co.in
1st Corrigendum Notice
To
Identification No. - S.E.M.I.D.MBJ. No.-05/MID,MBJ/2025-26
Letter No.2933 Date.10.08.2025

No.A-487 : The E-procurement Notice No. S.E.M.I.D.MBJ. No.-05/MID,MBJ/2025-26 invited by the Superintending Engineer, M.I.Division, Mayurbhanj is hereby modified as follows.

| Sl. no. as per e-TCN | Particulars | Date & Time As per TCN | Modified Date & Time |
|---|---|---|---|
| 6 | date & time of Availability of Bid Document in the Portal | 11.08.2025 at 10.00 A.M. to 22.08.2025 up to 5.00 P.M. | 14.08.2025 at 10.00 A.M. to 25.08.2025 up to 5.00 P.M. |
| 7 | Last date / Time for receipt of Bids in the Portal | 22.08.2025 up to 5.00 P.M. | 25.08.2025 up to 5.00 P.M. |
| 8 | Date/Time of opening of Bid | 25.08.2025 at 11.00 A.M. | 26.08.2025 at 11.00 A.M. |

Further details can be seen from the “e” Procurement Portal “https://tendersorissa.gov.in”
N.B. - All other terms and conditions will remain same as per the e-tender notice S.E.M.I.D.MBJ. No. 05/MID,MBJ/2025-26
Sd./- Superintending Engineer
M.I.Division, Mayurbhanj
OIPR-32041/11/0013/2526



**NOTICE INVITING BID (TENDER)**
Reference No.1859/Dr ACHMC Dt.11-08-2025
TENDER FOR SUPPLY OF EXTRA NEUTRAL ALCOHOL (ENA) FOR PREPARATION OF HOMOEOPATHIC MEDICINES AT THE MINI PHARMACY ATTACHED TO DR ABHIN CHANDRA HOMOEOPATHIC MEDICAL COLLEGE & HOSPITAL, BHUBANESWAR FOR THE YEAR 2025-26.

No.E-305 : Sealed tenders are invited from reputed manufacturers/ authorized dealers/ traders including wholesale co-operative organizations and Government/ Semi Govt. agencies for supply of Extra Neutral Alcohol (ENA) to the Mini Pharmacy attached to Dr Abhin Chandra Homoeopathic Medical College & Hospital, Bhubaneswar for the financial year 2025-26.

| | | |
|---|---|---|
| 1. | Value of Tender | Rs 1180852 /-) ( Eleven lakhs eighty thousands eight hundred fifty two only) |
| 2. | Cost of Tender Book | Rs. 500.00 (Five hundred only including GST) |
| 3. | Availability of tender book | In the office of the Principal Dr Abhin Chandra Homoeopathic Medical College & Hospital, Bhubaneswar / downloaded from the website - www.ayushodisha.nic.in |
| 4. | Mode of payment of cost of Tender Book | In shape of Demand Draft in favor of Principal Dr Abhin Chandra Homoeopathic Medical College & Hospital, Bhubaneswar |
| 5. | Date of commencement of sale of Tender Book | From Dt: 12-08-2025 at 11.00 A.M. to 03-09-2025 up to 4.00 P.M. |
| 6. | Last date & time for submission of tender | Dt 03-09-2025 up to 5.00 P.M. |
| 7. | Mode of submission of tender | To be submitted through a sealed Tender box kept in the office chamber of the Principal Dr Abhin Chandra Homoeopathic Medical College & Hospital, Bhubaneswar. |
| 8. | Mode of submission of sealed samples | To be submitted to the Principal Dr Abhin Chandra Homoeopathic Medical College & Hospital, Bhubaneswar |
| 9. | Date, Time & Place for opening of tenders | Technical bids will be opened on Dt 04-09-2025 at 11.30 A.M. at office of the Principal Dr Abhin Chandra Homoeopathic Medical College & Hospital, Bhubaneswar. The date, time & place of opening of the Financial Bids of the technically qualified bidders will be intimated later on. |

The tender Inviting Authority reserves the right to accept / reject any or all the bids without assigning any reason thereof.
For more details contact - 9937103803, 9583550609
Sd./- Principal,
Dr. Abhin Chandra Homeopathic Medical College & Hospital, Bhubaneswar
OIPR-10030/11/0009/2526



**Department of Tourism**
**Government of Odisha**
ODISHA India's best kept secret
Paryatan Bhawan, Lewis Road, Bhubaneswar - 751014
Phone : (0674) 243 2177 I Fax : (0674)-243887
https://dot.odishatourism.gov.in
No.9833 Date : 11.08.2025
REQUEST FOR PROPOSAL FOR SELECTION OF AN AGENCY FOR REDESIGN, REDEVELOPMENT, AUGMENTATION AND OPERATION & MAINTENANCE OF ODISHA TOURISM WEBSITE, MOBILE APP AND BOOK ODISHA PORTAL & APP

No.R- : Department of Tourism (DoT) invites proposals from prospective applicant (s) for Request for Proposal for Selection of an agency for Redesign, Redevelopment, Augmentation and Operation & Maintenance of Odisha Tourism Website, Mobile App and Book Odisha Portal & App for DoT in accordance with the conditions and manner prescribed in the RFP document. The proposals should be submitted by the interested parties to The Director Tourism, Paryatan Bhawan, Lewis Road, Bhubaneswar - 751014 on or before 09.09.2025 up to 15:00 Hrs. The detailed RFP may be downloaded from DoT’s website: https://odishatourism.gov.in/content/tourism/en/dot/quickLinks/tender.html
Sd./- Deputy Secretary to Govt.
Department of Tourism
OIPR-37001/11/0055/2526



**DIRECTORATE OF ECONOMICS AND STATISTICS**
**ODISHA, BHUBANESWAR**
Parisankshyan Bhawan, Heads of Department Building Campus
Unit-V, Bhubaneswar, PIN-751001, Ph.-0674-2391295
e-Mail:desbbsr@gmail.com, desbbsr@gov.in
Letter No.5009/DES-VSSS-TEND-0005-2025/Date:11.8.25
No.X-31:
TENDER NOTICE
(For award of contract for outsourcing of Light Vehicle Driving Services of Drivers for Directorate of Economics and Statistics, Bhubaneswar)

Sealed tenders are invited from intending service providing agencies and Travel agencies for the outsourcing of Light vehicle Driving Services of Drivers in the Directorate of Economics & Statistics, Odisha, Bhubaneswar.

The detail information for outsourcing the services of aforesaid work has been given in the tender document which may either be downloaded from the P&C Department’s website https://pc.odisha.gov.in or can be obtained from office on any working day from 08.08.2025 at 10.30 A.M. to 20.08.2025 till 5.30 P.M. The downloaded Tender document from the website should be submitted alongwith a Bank Draft/ Bankers Cheque of Rs.500/- (Non-Refundable) in favour of Establishment Officer-cum-DDO, Directorate of Economics and Statistics, Odisha, Bhubaneswar.

The tender document will be received only through Speed Post/ Registered Poer during office hours only. The last date and time for receipt of filled-in Tender documents are 21.05.2025 by 5.00 P.M. The office shall not be responsible for any kind of postal delay. The authority reserves the right to cancel any or all the tender without assigning any reason thereof.
OIPR-21002/11/0011/2526 Sd./- DIRECTOR



**GOVERNMENT OF ODISHA** No.A-485
**DEPARTMENT OF WATER RESOURCES**
‘e’ Procurement Notice No.05 (NGR) / 2025-26

| | | |
|---|---|---|
| 1 | Type of work | Electrical Work |
| 2 | Total No. of work | 1 (One) |
| 3 | Estimated cost | Rs.29.61 Lakhs |
| 4 | Period of completion | (01) Calendar Month |
| 5 | Date & time of availability of Bid Document in the portal | 15.00 hours of 11.08.2025 to 17.00 hours of 20.08.2025 |
| 6 | Last date/Time for receipt of Bids in the Portal | 20.08.2025 up to 17.00 hours |
| 7 | Date and place of opening of Technical Bid | Dt.21.08.2025 at 11.00 Hours in the office of the Superintending Engineer, Nayagarh Irrigation Division, Nayagarh |
| 8 | Name and address of the O.I.T (Officer Inviting Tender) | Superintending Engineer, Nayagarh Irrigation Division, Nayagarh |

Further details can be seen from the e-Procurement Portal “https://tendersodisha.gov.in”.
Superintending Engineer, Nayagarh
Irrigation Division, Nayagarh
OIPR-32303/11/0021/2526



See Career Appointment on every
Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଲ୍ ନ୍ୟୁ ୟେଜ୍‌ଦି ରୋଡ୍‌ଷ୍ଟରର ଅନାବରଣ

**ଭୁବନେଶ୍ୱର,୧୨।୮ (ଅଭୟ ଦାଶ)**



## 'ବର୍ନ ଆଉଟ୍ ଅଫ ଲାଇନ୍'

କ୍ଲାସିକ୍ ଲିଜେଣ୍ଡସ ପ୍ରାଇଭେଟ ଲିମିଟେଡ୍‌ର ପ୍ରମୁଖ ବ୍ରାଣ୍ଡ ତଥା ଜାୱା ୟେଜ୍‌ଦି ମୋଟରସାଇକେଲର ବହୁ ପ୍ରତୀକ୍ଷିତ ମଡେଲ 'ଅଲ ନ୍ୟୁ ୟେଜ୍‌ଦି ରୋଡ୍‌ଷ୍ଟର (୨୦୨୫ ୟେଜ୍‌ଦି ରୋଡ୍‌ଷ୍ଟର)'ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମୁମ୍ବାଇଠାରେ ମଙ୍ଗଳବାର କମ୍ପାନୀ ପକ୍ଷରୁ ଏକ ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଥିଲା। ଏହି ଅବସରରେ କମ୍ପାନୀର ବରିଷ୍ଠ ଅଧିକରୀ ଓ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଏହାର ଅନାବରଣ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ ୟେଜ୍‌ଦି ରୋଡ୍‌ଷ୍ଟର ସ୍ୱତନ୍ତ୍ର ଥିମ୍ 'ବର୍ନ ଆଉଟ୍ ଅଫ ଲାଇନ୍'ରେ ଡିଜାଇନ କରାଯାଇଛି। ଏଥିରେ ସମସ୍ତ ପ୍ରକାରର ସୁରକ୍ଷା ବ୍ୟବସ୍ଥା ଓ ଫିଚର ସାମିଲ ରହିଛି। ସେହିଭଳି ଏହି ମଡେଲ ଏକ ଶକ୍ତିଶାଳୀ ଇଞ୍ଜିନ ଓ ବୃହତ୍ ଅଏଲ ଟ୍ୟାଙ୍କ(୧୨.୫ ଲି. କ୍ଷମତା) ସହ ଆକର୍ଷଣୀୟ ଡିଜାଇନ୍‌ରେ ସଜ୍ଜିତ ହୋଇଛି। ସେହିପରି ୨ଟି ଭାରିଆଣ୍ଟ ଓ ୪ଟି ଚିତ୍ତାକର୍ଷକ କଲରରେ ଏହି ମଡେଲ ସବୁବର୍ଗର ଗ୍ରାହକ ଓ ଯୁବବର୍ଗଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି ବ୍ରାଣ୍ଡ ପକ୍ଷରୁ ଆକଳନ କରାଯାଇଛି। ଏପରିକି ଏହାର ପ୍ରାରମ୍ଭିକ ବଜାର ମୂଲ୍ୟ ୨,୦୯,୯୬୯ ଟଙ୍କା ରହିଛି।

ଏ ସମ୍ପର୍କରେ ଜାୱା ୟେଜ୍‌ଦି ମୋଟରସାଇକେଲର ସହପ୍ରତିଷ୍ଠାତା ଅନୁପମ ଥାରେଜା କହିଥିଲେ, ଆମେ ଆମର ନୂତନ ମଡେଲ 'ଅଲ୍ ନ୍ୟୁ ୟେଜ୍‌ଦି ରୋଡ୍‌ଷ୍ଟର'କୁ ଆନୁଷ୍ଠାନିକ ଭାବେ ଅନାବରଣ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ଏହି ମଡେଲ ବଜାରରେ ଏକ ନୂଆ ଓ ବୈପ୍ଲବିକ ପରିବର୍ତ୍ତନ ସହ ଗାଡ଼ିଚାଳନା (ରାଇଡିଂ)ରେ ଏକ ସମ୍ଭାବନା ସୃଷ୍ଟି କରିବ। ଏହାର ଡିଜାଇନ ଓ କଲର ବେଶ୍ ଆକର୍ଷଣୀୟ ହୋଇଥିଲାବେଳେ ଲମ୍ବାରାସ୍ତାର ଯାତ୍ରା ପାଇଁ ଏହା ଏକ ଅଭିନବ ଅନୁଭବ ଦେବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୧୨।୮**

ଦିନକପରେ ପୁଣିଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନସେକ୍ସ ୩୬୮(୩୬୮.୪୯) ପଏଣ୍ଟ ହ୍ରାସ ଘଟି ୮୦,୨୩୬ (୮୦,୨୩୫.୫୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୯୮ (୯୭.୬୫) ପଏଣ୍ଟ କମି ୨୪,୪୮୭ (୨୪,୪୮୭.୪୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ମାସି ଡାଇନାଷ୍ଟାର ସିଜନ-୨ ଉଦ୍‌ଯାପିତ

**ଭୁବନେଶ୍ୱର,୧୨।୮**

## ଟାଫେର 'ସବ୍‌ସେ ବଡ଼ା ଅଲ୍‌ରାଉଣ୍ଡର କି ତଲାସ୍'

ଟ୍ରାକ୍ଟର ଆଣ୍ଡ ଫାର୍ମ ଇକ୍ୱିପ୍‌ମେଣ୍ଟ ଲିମିଟେଡ୍ ବା ଟାଫେର ପ୍ରମୁଖ ଟ୍ରାକ୍ଟର ବ୍ରାଣ୍ଡ ତଥା ମାସି ଫର୍ଗୁସନର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ମାସି ଡାଇନାଷ୍ଟାର ପ୍ରତିଯୋଗିତା'ର ୨ୟ ସଂସ୍କରଣ ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ଶୀର୍ଷକ 'ସବ୍‌ସେ ବଡ଼ା ଅଲ୍‌ରାଉଣ୍ଡର କି ତଲାସ୍' ରହିଥିଲାବେଳେ ଟାଫେ ଦ୍ୱାରା ଏହି ଅଗ୍ରଣୀ ପଦକ୍ଷେପ ବହୁମୁଖୀ ମାସି ଫର୍ଗୁସନ ଡାଇନାଟ୍ରାକ୍ ୨୪୧ ଟ୍ରାକ୍ଟର ଦ୍ୱାରା ପରିଚାଳିତ ହୋଇଥିଲା। ସେହିଭଳି ସିଜନ-୨କୁ ମୋଟ୍ ୨୬ ରାଜ୍ୟ ଏବଂ ୫ କେନ୍ଦ୍ରଶାସିତ ଅଞ୍ଚଳର ୧୬,୦୦୦ରୁ ଅଧିକ ପ୍ରବେଶ ମିଳିଛି, ଯାହା ଭାରତର କୃଷି ଭୂଦୃଶ୍ୟର ଉଲ୍ଲେଖନୀୟ ବିବିଧତାକୁ ପ୍ରତିଫଳିତ କରିଛି। ଏହି ସିଜନରେ ଆସାମ, ଗୁଜରାଟ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ପଞ୍ଜାବ, ତାମିଲନାଡୁ ଏବଂ ଉତ୍ତରପ୍ରଦେଶ ଭଳି ପ୍ରମୁଖ ରାଜ୍ୟକୁ ପ୍ରତିନିଧିତ୍ୱ କରୁଥିବା ୧୨ଜଣ ଫାଇନାଲିଷ୍ଟଙ୍କୁ ଚୟନ କରାଯାଇଥିଲା। ଏହି ପ୍ରତିଯୋଗିତାର ଅଂଶଗ୍ରହଣକାରୀମାନେ ଚାଷୀ, ଗ୍ରାମୀଣ ଉଦ୍ୟୋଗୀ ଏବଂ ଉତ୍ସାହୀ କୃଷିଛାତ୍ରଙ୍କ ଏକ ଗତିଶୀଳ ମିଶ୍ରଣରେ ସାମିଲ ଥିଲେ, ଯେଉଁମାନେ ତୃଣମୂଳ ସ୍ତରରେ ନବସୃଜନର ଏକ ସ୍ପନ୍ଦନଶୀଳ ସଂସ୍କୃତି ପ୍ରଦର୍ଶନ କରିଥିଲେ।

ସେହିପରି ମାସି ଫର୍ଗୁସନ୍ ଡାଇନାଟ୍ରାକ୍ ୨୪୧ ଦ୍ୱାରା ପରିଚାଳିତ ଏକ ମୋବାଇଲ୍ ସ୍ଲରି ଡିୱାଟରିଂ ମେଶିନ୍ ପାଇଁ ଅଭିନବ ଧାରଣା ଉପସ୍ଥାପନ କରିଥିବା କର୍ଣ୍ଣାଟକର ବେଲଗାମ୍‌ରୁ ଆଇଟି କର୍ମଚାରୀ ଅଭିନାଶ ଦେଶାଇଙ୍କୁ ପ୍ରାୟ ୮.୨ ଲକ୍ଷ ଟଙ୍କାର ଏକ ସମ୍ପୂର୍ଣ୍ଣ ନୂତନ ଏମ୍‌ଏଫ୍ ୨୫୪ ଡାଇନା ସ୍ମାର୍ଟ ୨ ଡବ୍ଲୁଡି ଟ୍ରାକ୍ଟର ସହିତ ସମ୍ମାନିତ କରାଯାଇଥିଲାବେଳେ ୨ୟ ପୁରସ୍କାର ଆସାମର ହୋଜାଇର ପ୍ରତୀକ ଅଗ୍ରୱାଲଙ୍କୁ ଏକ ସୌରଚାଳିତ ସ୍ଥାୟୀ ଶକ୍ତିକେନ୍ଦ୍ରର ଧାରଣା ପାଇଁ ଦିଆଯାଇଥିଲା। ଏଥିପାଇଁ ତାଙ୍କୁ ୮ ଗ୍ରାମ୍ ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କରାଯାଇଥିଲା। ତୃତୀୟ ପୁରସ୍କାର ପଟିଆଲା ପଞ୍ଜାବର ଅମ୍ରିତ୍ ଜୋତ ସିଂହଙ୍କୁ ଏମ୍‌ଏଫ୍ ଡାଇନାଟ୍ରାକ୍ ୨୪୧ ଦ୍ୱାରା ଚାଳିତ ଜଳ ବିଶୋଧନ ୟୁନିଟ୍‌ର ଧାରଣା ପାଇଁ ୮ ଗ୍ରାମ୍ ସୁନାମୁଦ୍ରା ପ୍ରଦାନ କରାଯାଇଥିଲା।

ଅପରପକ୍ଷରେ ଜୁରିସ ଚଏସ୍ ପୁରସ୍କାର ଆସାମର କାମରୂପ ମେଟ୍ରୋପଲିଟାନର ଅବସରପ୍ରାପ୍ତ ଆଇଏଏସ୍ ଡକ୍ଟର ଜୟକୁମାର କାରୁପ୍ପୁସାମିଙ୍କୁ ପ୍ରଦାନ କରାଯାଇଥିଲା। ସେ ଏକ ବହୁମୁଖୀ କୃଷି ମେଶିନ ପ୍ରସ୍ତାବ କରିଥିଲେ ଏବଂ ତାଙ୍କୁ ୫୦ ଗ୍ରାମ୍ ରୁପା ମୁଦ୍ରାରେ ସମ୍ମାନିତ କରାଯାଇଥିଲା।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଫ୍ୟାଶନ ଫ୍ୟାକ୍ଟ୍ରିର ନୋ କଣ୍ଡିସନ୍ସ ସେଲ୍




**ମୁମ୍ବାଇ,୧୨।୮**

ରିଲାଏନ୍ସ ରିଟେଲର ପ୍ରମୁଖ ଗାର୍ମେଣ୍ଟସ ବ୍ରାଣ୍ଡ ଫ୍ୟାଶନ୍ ଫ୍ୟାକ୍ଟ୍ରିର ବହୁ ପ୍ରତୀକ୍ଷିତ ତଥା ଏକ ୪ ଦିନିଆ ସ୍ୱତନ୍ତ୍ର ଅଫର 'ନୋ କଣ୍ଡିସନ୍ସ ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଫ୍ୟାଶନ୍ ଡିସକାଉଣ୍ଟର ଏହି ମେଗା ସେଲ ୨୦୨୫ ଅଗଷ୍ଟ ୧୪ ରୁ ୧୭ ପର୍ଯ୍ୟନ୍ତ ଉପଲବ୍ଧ। ଏହି ସେଲରେ ସମସ୍ତ ବଡ଼ ବ୍ରାଣ୍ଡ ଉପରେ ୫୦%ର ଏକ ସ୍ୱତନ୍ତ୍ର ରିହାତି ସହିତ ୨୪୯୯ ଟଙ୍କା ଏବଂ ତା'ଠାରୁ ଅଧିକ ମୂଲ୍ୟର ପୋଷାକ କ୍ରୟ ଉପରେ ମାଗଣା ଉପହାର ମଧ୍ୟ ଉପଲବ୍ଧ। ସେହିଭଳି ଏହି ସେଲରେ ଲେଭିସ୍, ପେପେ, ପାର୍କ ଆଭେନ୍ୟୁ, ରେମଣ୍ଡ, କଲର ପ୍ଲସ୍, ପାର୍କ୍ସ, ଟର୍ଟଲ୍, ୱିଲ୍ସ, ହୁର, ଲି କୁପର, ଇଣ୍ଡିବି, ଜନ୍ ପ୍ଲେୟର୍ସ, ନେଟପ୍ଲେ, ପିଟର ଇଂଲଣ୍ଡ , କିଲର, ପାଇନ୍ କ୍ଲବ୍, ସାଡଲ୍ ଏଣ୍ଡ ମାଲେଟ୍ ଭଳି ବ୍ରାଣ୍ଡ ଅନ୍ତର୍ଭୁକ୍ତ ରହିଛି। ଏପରିକି କ୍ଲାସିକ୍ ଫର୍ମାଲ୍‌ଠାରୁ ସ୍ମାର୍ଟ କାଜୁଆଲ୍ କିମ୍ବା ସପ୍ତାହାନ୍ତ ପୋଷାକ ପର୍ଯ୍ୟନ୍ତ ଫ୍ୟାଶନ୍ ପ୍ରେମୀଙ୍କ ପାଇଁ ସମସ୍ତ ପ୍ରକାରର ଉତ୍ପାଦ ଏହି ସେଲରେ ଉପଲବ୍ଧ ହେଉଛି। ସେହିପରି ୨୦%ରୁ ୭୦% ପର୍ଯ୍ୟନ୍ତ ମେଗା ରିହାତି ଅଫର ବର୍ଷକ ବାର ମାସ ବା ୩୬୫ ଦିନ ଆଉଟଲେଟରେ ଉପଲବ୍ଧ।

# ନିସାନ ପକ୍ଷରୁ ୱାରେଣ୍ଟି ଯୋଜନାର ଶୁଭାରମ୍ଭ

**ଭୁବନେଶ୍ୱର,୧୨।୮**

ନିସାନ ମୋଟର(ଇଣ୍ଡିଆ)ର ବହୁ ପ୍ରତୀକ୍ଷିତ ଅଫର ତଥା ୱାରେଣ୍ଟି ଯୋଜନାର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହି ଅଫର ନୂତନ ନିସାନ ମାଗ୍ନାଇଟ ପାଇଁ ଡିଜାଇନ କରାଯାଇଥିବାବେଳେ ଏହା ଏକ ପ୍ରଥମ ଧରଣର ଏବଂ ୧୦ ବର୍ଷର ଏକ୍ସଟେଣ୍ଡେଡ ୱାରେଣ୍ଟି ପ୍ଲାନ ଭାବେ ଶୁଭାରମ୍ଭ କରାଯାଇଛି। ଏହା ହେଉଛି ଏକ ସେଗ୍‌ମେଣ୍ଟ ପ୍ରଥମ ଗ୍ରାହକ-କେନ୍ଦ୍ରିତ ପଦକ୍ଷେପ। ଯାହା ଗୁଣବତ୍ତା, ନିର୍ଭରଯୋଗ୍ୟତା ଓ ମାନସିକ ଶାନ୍ତି ପାଇଁ ବ୍ରାଣ୍ଡର ଦୀର୍ଘାବଧି ପ୍ରତିବଦ୍ଧତାକୁ ସୂଚିତ କରୁଛି। ନୂଆ ନିସାନ ମାଗ୍ନାଇଟ ଆଡଲ୍ଟ ଅକ୍ୟୁପାଣ୍ଟ ସେଫ୍ଟି (ଏଓପି)ରେ ୫ ଷ୍ଟାର ରେଟିଂ ସହିତ ସାମଗ୍ରିକ ଯାତ୍ରୀ ସୁରକ୍ଷା କ୍ଷେତ୍ରରେ ୫ ଷ୍ଟାର ରେଟିଂ ହାସଲ କରିବାର ତତ୍କାଳ ପରେ ଏହି ପ୍ଲାନ ସମ୍ପର୍କରେ ଘୋଷଣା କରାଯାଇଛି।

ସେହିଭଳି ଏହି ପ୍ଲାନ ୩ ବର୍ଷର ଷ୍ଟାଣ୍ଡାର୍ଡ ୱାରେଣ୍ଟି ପ୍ରଦାନ କରୁଛି, ଯାହାକି ୧୦ ବର୍ଷ ପର୍ଯ୍ୟନ୍ତ ଏକ ବର୍ଦ୍ଧିତ ୱାରେଣ୍ଟି ପ୍ଲାନର ନମନୀୟ ଯୋଜନା ମାଧ୍ୟମରେ ବୃଦ୍ଧି କରାଯାଇପାରିବ। ଏହି ପ୍ଲାନର ସୁରକ୍ଷା କେବଳ ୨୨ ପଇସା/ପ୍ରତି କିମି କିମ୍ବା ୧୨ଟଙ୍କା/ପ୍ରତି ଦିନର ଏକ ସୁଲଭ ମୂଲ୍ୟରେ ୧୦ବର୍ଷ/୨ଲକ୍ଷ କିଲୋମିଟର ପର୍ଯ୍ୟନ୍ତ ଅବଧି ପାଇଁ ପ୍ରଯୁଜ୍ୟ ରହିବ। ନିସାନ ମୋଟର ଇଣ୍ଡିଆର ଏମ୍‌ଡି ସୌରଭ ବତ୍ସ କହିଛନ୍ତି, ନୂଆ ନିସାନ ମାଗ୍ନାଇଟ ଭାରତୀୟ ଗ୍ରାହକଙ୍କ ପାଇଁ ଗୁଣବତ୍ତା, ନିର୍ଭରଯୋଗ୍ୟତା, ସୁରକ୍ଷା ଓ ଦୀର୍ଘାବଧି ମୂଲ୍ୟର ଏକ ପ୍ରତୀକ ଭାବେ ଉଭା ହୋଇଛି। ଗ୍ଲୋବାଲ ଏନ୍‌ସିଏପିଠାରୁ ଏହା ସମ୍ମାନଜନକ ୫ଷ୍ଟାର ସେଫ୍ଟି ରେଟିଂ ହାସଲ କରିଥିବାରୁ ଆମେ ଖୁବ୍ ଗର୍ବିତ ଅନୁଭବ କରୁଛୁ।


# Classified Everyday
0674-2580101, 9692975378



MATRIMONIAL

BRIDE WANTED

Handsome Brahmin boy "1989, 5.6' B.tech, serving software Engineer CTS Bangalore. "SUNASANSAR" ,9937512659. D-1615



REAL ESTATE
SALE

Prime stitiban plot for sale- Airport area, Bhubaneswar near Naveen Niwas, 2178sqft., excellent connectivity, developed area. Ideal for residential construction. The property is guarded and secluded by boundarywall around it. Expected possession of property immediately. Deal directly with the owner. No brokers involved, Contact- 9439861119. D-76071

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ Sum Hospital-2 ଏବଂ Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। 8249422604. D-1622

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। ୯୧୭୮୬୬୦୬୬୬. D-1617

ଭୁବନେଶ୍ୱର ମଞ୍ଚେଶ୍ୱର, ବାଲିଅନ୍ତା ନିକଟରେ ଘରବାରୀ ପ୍ଲଟ୍ ବିକ୍ରି କରାଯାଉଅଛି। ଯୋଗାଯୋଗ- 7735922768. D-1572

Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492. D-1376

Duplex sale with gated Society near Allms Hospital, Bhubaneswar- 9777433701. D-1614

LOST

ମୁଁ ଲିଙ୍ଗରାଜ ରାଉତ, ପି- କେଳା ରାଉତ, ଚନ୍ଦନପୁର ଥାନା ଦଣ୍ଡା ଗ୍ରାମ ଅଧିବାସୀ ଅଟେ। ଦାସଗୋବାରେ ଥିବା ମୋର ଖାତା ନଂ.- 215/372, ପ୍ଲଟ୍ ନଂ- 126 (ଘରବାରି) ମୌଜା ଦାସଗୋବା, ତହସିଲ- ପୁରୀର ପୂର୍ବ ଦଲିଲ ନଂ.- 11481403092ଟି ଭୁଲ୍‌ବଶତଃ କେଉଁଠାରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ଦଲିଲଟିକୁ ପାଆନ୍ତି ତେବେ ନିମ୍ନଲିଖିତ ନଂରେ ଯୋଗାଯୋଗ କରିବାକୁ ଅନୁରୋଧ।
ଦୀପକ କୁମାର ସାହୁ
9937058785
D-1628

By the virtue of an affidavit in the Court of Executive Magistrate, Banpur, vide general station diary No.- 007/6.8.2025 15.00 hrs. near Entry Officer name with rank: Akshaya Pradhan, ASI, we describe that: By this time one person namely Krushna Chandra Guru (54), S/o- Gobardhan Guru, At- Badapadar, Banpur, Khorda appeared at PS and presented a written report that on date 27.07.2025 at 11AM while he was travelling from Vani Vihar to Acharya Vihar, his bag was lest some where along with Khata No. 294/23, Gangadharpur Sasan. He attached an affidavit Copy with his report. Brought the matter notice of IIC Directed enter the fact as GD for further references. Therefore if anybody has found the same, please contact with the area Manager, Chandrasekharpur, Bhubaneswar Mob- 9778970930 or N.C. Pattnaik lawyer with mobile number within 7days to take further course of action. D- 1626

Email ମାଧ୍ୟମରେ କ୍ଲାସିଫାଏଡ୍‌ରୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I, Dushasan Tarai, S/o- Late Bidyadhar Tarai, At- Madan Mohan Nagar, Tinigharia, P.O.- Nayabazar, P.S.- Madhupatna, Dist.- Cuttack- 753004 States that I am owner of property Khata No.- 941/30, Plot No.- 1602, area AC 0.040 dec., Kisam-Gharabari, Mouza- Bidyadharpur Tahasil- Cuttack Sadar, Dist.- Cuttack on 26.05.25, Original Regd Sale Deed No.- 2532, dt- 03.06.1988 executed by Trilochan Sahoo in favour of Sri Jogendra Behera and record of right having Mouza Bidyadharpur, Khata No.- 348, Plot No.- 1602, area- Ac0.040dec. recorded in the name of Jogendra Behera (which is the Link Deed of my property) has been missed when transit from Nuapada Chhak to my residence. The finder please contact soon above address. D-1627

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

AFFIDAVIT

By virtue of an affidavit before Notary Public, Chandikhole 11.08.25, I, Shaikh Khurban, aged about (59), S/o- Shaikh Habib, At- Matakatpur, P.O.- Palai, P.S.- Balichandrapur, Dist.- Jajpur, Odisha-754205 declare that Shaikh Khurban and Shaikh Khorban same and one person and there is no difference in it, Date of Birth 15.03.1966. D-1633

By virtue of an affidavit sworn before the Executive Magistrate, Jharsuguda, No.- 9334, date 11.08.26, I, Tuleswar Sa, S/o- Adikanta Sa, R/o. Vill- Kandsar, P.O.-Ubuda, P.S.-Lakhanpur, Dist.- Jharsuguda-768217 declare that, I have changed my name from Tuleswar Sa to Tuleswar AB Sa. Henceforth, I shall be known as Tuleswar AB Sa for all future purposes.
Tuleswar AB Sa
D-1634

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Bhadrak, dtd. 19.05.2025, I, Bharatilata Behera (33 yrs), W/o- Dhaneswar Parida, Vill/P.O.- Naami, P.S.- Bhandaripokhari, Dist.- Bhadrak, PIN- 756121 declare that I have changed my name from Bharati Parida to Bharatilata Behera. Henceforth, I shall be known as Bharatilata Behera for all purposes. D-1629

By virtue of an affidavit sworn before Notary Public, Titilagarh, dated 09.08.2025, I, Manjushree Nayak, D/o- Sudarshan Nayak, At- Ghantasuni Pada, P.O.- Titilagarh, Dist.-Balangir, Odisha, 767033 declare that I have changed my name from Manju Sree Nayak to Manjushree Nayak. Henceforth, I shall be known as Manjushree Nayak for all purposes.
(Manjushree Nayak)
D-1630

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ମଞ୍ଜୁଲତା ବେହେରା
ସ୍ୱାମୀ: ଗୌରାଙ୍ଗ ଚରଣ ବେହେରା
ସାଇଗୋଡ଼ା, ମନୋହରପୁର, ସାଲେପୁର, କଟକ
ଆବିର୍ଭାବ- ତା୨୧।୦୨।୧୯୭୩ରିଖ
ତିରୋଧାନ- ତା୧୩।୦୮।୨୦୨୨ରିଖ
ଚାହୁଁ ଚାହୁଁ ୩ବର୍ଷ ବିତିଗଲା। ଏବେବି ତୁମ କଥା ସବୁ ସମୟରେ ମନେପଡ଼େ। ତୁମ ସ୍ଥାନ ଅପୂରଣୀୟ। ତୁମ ସ୍ନେହ, ଆଦର୍ଶ, ଦିଗ୍‌ଦର୍ଶନ, କର୍ତ୍ତବ୍ୟନିଷ୍ଠା ଓ ଭଲପାଇବା ସଦାସର୍ବଦା ମନେ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଶ୍ରୁଳ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ: ସ୍ୱାମୀ, ପୁଅ: ନୀହାର, ଚିଣ୍ଟୁ, ସୁସ୍ମିତା, ସାଇରିତିସା, ପୁତୁରା, ପୁତୁରାବୋହୂ, ଭଣଜା, ଭାଣିଜୀ, ଝିଆରୀ, ଦେଢ଼ଶୁର, ଦିଅର, ଭାଇ, ଭାଉଜ, ବାପା, ମାଆ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୧୬୩୧

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ନୂଆ କ୍ରୀଡ଼ା ବିଲ୍ ସ୍ୱଚ୍ଛତା ଆଣିବ: ଉଷା

ନୂଆଦିଲ୍ଲୀ,୧୨।୮(ପି.ଟି.)

ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ସଭାପତି ତଥା ରାଜ୍ୟ ସଭା ସଦସ୍ୟ ପି ଟି ଉଷା ମଙ୍ଗଳବାର ଜାତୀୟ କ୍ରୀଡ଼ା ଶାସନ ବିଲ୍ ପ୍ରତି ସମର୍ଥନ ବ୍ୟକ୍ତ କରିବା ସହ କହିଛନ୍ତି, ଏହା ଦେଶର କ୍ରୀଡ଼ା ପ୍ରଶାସନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଆଣିବ। ନୂଆ ବିଲ୍ ଉପରେ ମଙ୍ଗଳବାର ରାଜ୍ୟ ସଭାରେ ଆଲୋଚନା ବେଳେ ଉଷା ଏଥିରେ ଦିଆଯାଇଥିବା ଜାତୀୟ କ୍ରୀଡ଼ା ବୋର୍ଡ(ଏନ୍ଏସ୍‌ବି), ଜାତୀୟ କ୍ରୀଡ଼ା ଟ୍ରିବ୍ୟୁନାଲ (ଏନ୍ଏସ୍‌ଟି) ଓ ଜାତୀୟ କ୍ରୀଡ଼ା ନିର୍ବାଚନ ପ୍ୟାନେଲ ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି।

'ଆଜିର ଦିନ ବ୍ୟକ୍ତିଗତ ଓ ଜାତୀୟ ଦୃଷ୍ଟିକୋଣରୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ମୁଁ ଏହି ମୁହୂର୍ତ୍ତ ଲାଗି ଦୀର୍ଘବର୍ଷ ହେଲା ଅପେକ୍ଷା କରିଛି। ୧୯୮୪ରେ ମୋତେ ୨୦ ବର୍ଷ ହୋଇଥିଲା, ଯେତେବେଳେ ମୁଁ ଲସ୍ ଏଞ୍ଜେଲ୍ସରେ ଅଲିମ୍ପିକ୍ ପଦକ ହାତଛଡ଼ା କରିଥିଲି। ସେହିଦିନ ମୋ ମନ ଭାଙ୍ଗିଯାଇଥିଲା। ସେତେବେଳେ ଆମ ହୃଦୟର ସ୍ୱପ୍ନକୁ ସାକାର କରିବା ପାଇଁ କୌଣସି କ୍ରୀଡ଼ା ଆଇନ ନ ଥିଲା। ସେହି ଘଟଣାକୁ ୪ ଦଶନ୍ଧି ବିତିବା ପରେ


ରାଜ୍ୟ ସଭାରେ ପିଟି ଉଷା ।

ବି ଆମ ପାଖରେ କୌଣସି ବ୍ୟବସ୍ଥା ନ ଥିଲା। ଏବେ ଏହି ଆଶା କାର୍ଯ୍ୟ ଓ ଆଇନରେ ପରିଣତ ହୋଇଛି। ଏହା ଏକ ଦୂରଦୃଷ୍ଟିସମ୍ପନ୍ନ ଓ ଦୀର୍ଘଦିନ ଧରି ବକେୟା ରହିଥିବା ବିଲ୍। ଏହି ବିଲ୍ ଭାରତୀୟ କ୍ରୀଡ଼ା ପ୍ରଶାସନରେ ଉତ୍ତରଦାୟିତ୍ୱ ବୃଦ୍ଧି କରିବା ସହ ସ୍ୱଚ୍ଛତା ଓ ଲିଙ୍ଗଗତ ସମାନତା ଆଣିବ। ଏହା ଆଥ୍ଲେଟ୍‌ଙ୍କୁ ସଶକ୍ତ କରିବା ସହ ସ୍ପନ୍ସର୍ସ ଓ ଫେଡେରେଶନ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିବ। ଏହା ନ୍ୟାୟ ଓ ନିରପେକ୍ଷତାର ବିଷୟ। ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ ସ୍ୱପ୍ନ ଦେଖୁଥିବା ବେଳେ ଏହି ଆଇନ ଆସିଛି। ଭାରତ ପାଇଁ ଏହା କେବଳ ଏକ ବିଲ୍ ନୁହେଁ, ବରଂ କାର୍ଯ୍ୟ ଲାଗି ଏକ ସ୍ପଷ୍ଟ ଆହ୍ୱାନ। ଏହି ବିଲ୍ ମହାନ୍ ଦୃଷ୍ଟିକୋଣରୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ଏହା ଏକ ନୈତିକ ପ୍ରତିଶ୍ରୁତି ଯେ, ଆଥ୍ଲେଟଙ୍କୁ ଆଉ ଉଦାସୀନ ବ୍ୟବସ୍ଥା ଦ୍ୱାରା ନିରାଶ ହେବାକୁ ପଡ଼ିବ ନାହିଁ। ମାଟି ରାସ୍ତାରେ ଖାଲିପାଦରେ ଦୌଡ଼ୁଥିବା କୁନି କୁନି ପିଲାଙ୍କ ଲାଗି ଏହି ବିଲ୍ ଜୀବନ ବଦଳାଇ ଦେବ' ବୋଲି ଉଷା କହିଛନ୍ତି।

## ସଂସଦରେ ପାରିତ

ଜାତୀୟ କ୍ରୀଡ଼ା ଶାସନ ବିଲ୍ ଓ ଜାତୀୟ ଡୋପିଂ ନିବାରଣ (ସଂଶୋଧିତ) ବିଲ୍ ମଙ୍ଗଳବାର ସଂସଦରେ ପାରିତ ହୋଇଯାଇଛି। ଲୋକସଭାରେ ପାରିତ ହେବାର ୨୪ ଘଣ୍ଟା ମଧ୍ୟରେ ଏହି ଦୁଇ ବିଲ୍‌କୁ ରାଜ୍ୟ ସଭାର ଅନୁମୋଦନ ମିଳିଛି। ଏହି ଦୁଇ ବିଲ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସ୍ୱାକ୍ଷର ପରେ ଆଇନରେ ପରିଣତ ହେବ। ଅପରାହ୍ଣ ୩ଟାରେ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ ଉଭୟ ବିଲ୍ ଉପରେ ବିଚାର କରିବା ପାଇଁ ଉଚ୍ଚ ସଦନକୁ ପଠାଇଥିଲେ। ହେଲେ ବିହାରରେ ଭୋଟର ତାଲିକା ସଂଶୋଧନ ନେଇ ଆଲୋଚନା ଦାବିରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କ ନେତୃତ୍ୱରେ ବିରୋଧୀ ଏମ୍‌ପିମାନେ ସଦନରୁ ଚାଲିଯାଇଥିଲେ।

'୨୦ ଦେଶରେ କ୍ରୀଡ଼ା ଆଇନ ରହିଛି। ଏହି ଧାରାରେ ଭାରତକୁ ୨୧ତମ ଦେଶ ଭାବେ ସାମିଲ କରିବା ପାଇଁ ମୁଁ ରାଜ୍ୟ ସଭାକୁ ଅନୁରୋଧ କରୁଛି' ବୋଲି ମାଣ୍ଡବ୍ୟ ସମ୍ବୋଧନ ଦେବା ପରେ ଦୁଇ ଘଣ୍ଟା ଧରି ବିଲ୍ ଉପରେ ଚର୍ଚ୍ଚା ହୋଇଥିଲା। ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନର ପୂର୍ବତନ ସଭାପତି ତଥା ଏନ୍‌ସିପି ନେତା ପ୍ରଫୁଲ୍ଲ ପଟେଲ ଓ ଇଣ୍ଡିଆନ ଅଲିମ୍ପିକ୍ ଆସୋସିଏଶନ ସଭାପତି ପିଟି ଉଷା ପ୍ରମୁଖ ନୂଆ କ୍ରୀଡ଼ା ବିଲ୍‌କୁ ପ୍ରଶଂସା କରିଥିଲେ। ଉଲ୍ଲେଖଯୋଗ୍ୟ, ଆମେରିକା, ବ୍ରିଟେନ, ଚାଇନା, ଜାପାନ ଭଳି ଦେଶରେ ଏହି କ୍ରୀଡ଼ା ଆଇନ ମଧ୍ୟ ରହିଛି।


ବାନ୍ଧବୀ ଜିଓର୍ଜିନା ରୋଡ୍ରିଗୁଏଜ୍‌ଙ୍କ ସହ କ୍ରିଷ୍ଟିଆନୋ ରୋନାଲ୍ଡୋ।

# ରୋନାଲ୍ଡୋ-ରୋଡ୍ରିଗୁଏଜ୍‌ଙ୍କ ନିର୍ବନ୍ଧ

ୱାଶିଂଟନ,୧୨।୮(ଏପି)

କିମ୍ବଦନ୍ତୀ ଫୁଟ୍‌ବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ତାଙ୍କ ଦୀର୍ଘଦିନର ସାଥୀ ଜିଓର୍ଜିନା ରୋଡ୍ରିଗୁଏଜ୍‌ଙ୍କର ନିର୍ବନ୍ଧ ଶେଷ ହୋଇଛି। ୩୧ ବର୍ଷୀୟା ରୋଡ୍ରିଗୁଏଜ ହାତରେ ଏକ ବଡ଼ ହୀରାଖଚିତ ମୁଦିର ଫଟୋ ସହ ଇନ୍‌ଷ୍ଟାଗ୍ରାମରେ ନିର୍ବନ୍ଧ ସମ୍ପର୍କରେ ଘୋଷଣା କରିଛନ୍ତି। ରୋଡ୍ରିଗୁଏଜ ଓ ୪୦ ବର୍ଷୀୟ ରୋନାଲ୍ଡୋଙ୍କର ଦୁଇଟି ଝିଅ ଅଛନ୍ତି। ସେମାନଙ୍କ ବ୍ୟତୀତ ରୋନାଲ୍ଡୋଙ୍କ ୩ ଛୁଆଙ୍କୁ ପାଳିବାରେ ରୋଡ୍ରିଗୁଏଜ୍ ସହାୟତା କରୁଛନ୍ତି। ରୋନାଲ୍ଡୋ ୨୦୧୬ରେ ମାଡ୍ରିଡ୍‌ର ଏକ ଗୁସି ଷ୍ଟୋରରେ ରୋଡ୍ରିଗୁଏଜ୍‌ଙ୍କୁ ଭେଟିଥିଲେ। ପୂର୍ବତନ ରିୟଲ ମାଡ୍ରିଡ୍ ଓ ମାଞ୍ଚେଷ୍ଟର ୟୁନାଇଟେଡ୍ ଖେଳାଳି ଏବେ ସାଉଦି ଆରବରେ ଅଲ-ନାସର କ୍ଲବ ପାଇଁ ଖେଳୁଛନ୍ତି।

# ହରିୟାଣାକୁ ହରାଇ ଝାଡ଼ଖଣ୍ଡ ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଝାଡ଼ଖଣ୍ଡ ଦଳ।

କାକିନାଡା, ୧୨।୮ (ପି.ଟି.)

### ଜାତୀୟ ଜୁନିୟର ମହିଳା ହକି

ଝାଡ଼ଖଣ୍ଡ ଏଠାରେ ଅନୁଷ୍ଠିତ ୧୫ତମ ଜାତୀୟ ଜୁନିୟର ମହିଳା ହକି ଚାମ୍ପିୟନସିପ ଟାଇଟଲ ବିଜୟୀ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ଡିଭିଜନ 'ଏ' ଫାଇନାଲରେ ଦଳ ୨-୧ ଗୋଲ୍‌ରେ ହରିୟାଣାକୁ ପରାସ୍ତ କରିଛି। ଝାଡ଼ଖଣ୍ଡ ତରଫରୁ ପ୍ରଥମ କ୍ୱାର୍ଟରରେ ସ୍ୱିଟି ଡୁଙ୍ଗଡୁଙ୍ଗ (୧୦ମ ମିନିଟ) ଓ ଶାନ୍ତି କୁମାରୀ (୧୨ତମ) ଗୋଲ ସ୍କୋର କରିଥିବା ବେଳେ ହରିୟାଣା ତରଫରୁ କାଜଲ ୫୨ତମ ମିନିଟ୍‌ରେ ଏକମାତ୍ର ଗୋଲ୍ ଦେଇଥିଲେ। ଇଭେଣ୍ଟର ଅନ୍ତିମ ଦିବସରେ ପ୍ରଥମେ ୩ୟ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ଉତ୍ତର ପ୍ରଦେଶ ୨-୦ ଗୋଲ୍‌ରେ ଛତିଶଗଡ଼କୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଛି। ଦଳ ପକ୍ଷରୁ ସୁନୀତା କୁମାରୀ (୧୦ମ) ଓ ମନୀଷା ପଟେଲ (୬୦ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ।

# ଗୁକେଶ ମିଳିତ ତୃତୀୟ

**ସେଣ୍ଟ ଲୁଇସ୍, ୧୨।୮(ପି.ଟି.):** ସେଣ୍ଟ ଲୁଇସ୍ ରାପିଡ୍ ଆଣ୍ଡ ବ୍ଲିଜ୍ ଟୁର୍ନାମେଣ୍ଟର ପ୍ରଥମ ଦିବସ ଖେଳ ଶେଷସୁଦ୍ଧା ବିଶ୍ୱ ଚାମ୍ପିୟନ ଭାରତର ଡି. ଗୁକେଶ ମିଳିତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଓପ୍ନିଂ ରାଉଣ୍ଡରେ ସେ ଆମେରିକାର ଲେଭନ ଆରୋନିଆନଙ୍କ ନିକଟରୁ ହାରିଯିବା ପରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରି ଗ୍ରିଗୋରି ଓପାରିନ୍ ଓ ଲିମ୍ ଲି' କ୍ୱାଙ୍ଗଙ୍କ ବିପକ୍ଷରେ ବିଜୟ ହାସଲ କରିଥିଲେ। ସେଣ୍ଟ ଲୁଇସ୍ ରାପିଡ୍ ଆଣ୍ଡ ବ୍ଲିଜ୍ ଟୁର୍ନାମେଣ୍ଟ ହେଉଛି ଗ୍ରାଣ୍ଡ ଚେସ୍ ଟୁର୍‌ର ଏକ ଅଂଶବିଶେଷ। ପ୍ରଥମ ଦିବସରେ ସମ୍ଭାବ୍ୟ ୬ ପଏଣ୍ଟରୁ ଗୁକେଶ ୪ ପଏଣ୍ଟ ଅର୍ଜନ କରିପାରିଛନ୍ତି। ଟୁର୍ନାମେଣ୍ଟରେ ପ୍ରତ୍ୟେକ ରାପିଡ୍ ବିଜୟ ପାଇଁ ଦୁଇ ପଏଣ୍ଟ ବ୍ୟବସ୍ଥା ରହିଥିବାବେଳେ ଆରୋନିଆନ ପ୍ରଥମ ଦିବସରେ ସମସ୍ତ ୩ଟି ଗେମ୍ ଜିତି ଅଗ୍ରଣୀ ଲାଭ କରିଛନ୍ତି। ନିକଟରେ ଲାସ୍‌ଭେଗାସ୍‌ଠାରେ ଅନୁଷ୍ଠିତ ଫ୍ରିଷ୍ଟାଇଲ ଚେସ୍ ଟୁର୍ନାମେଣ୍ଟରେ ସାନି ସଫଳତା ହାସଲ କରି ଫେରିଥିବା ଏହି ଆମେରିକୀୟ ଗ୍ରାଣ୍ଡମାଷ୍ଟର ପର୍‌ଫେକ୍ଟ ସ୍କୋର ବଜାୟ ରଖି ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଉଜ୍‌ବେକିସ୍ତାନର ନୋଦିରବେକ୍ ଅବଦୁସାତ୍ତୋରୋଭ ଓ ଫ୍ରାନ୍ସର ମାକ୍ସିମ ଭାଚିଅର ଲାଗ୍ରେଭଙ୍କୁ ପରାସ୍ତ କରିଥିଲେ। ଆରୋନିଆନ ୬ ପଏଣ୍ଟ ଅର୍ଜନ କରିପାରିଛନ୍ତି। ତାଙ୍କ ଦେଶର ଫାବିଆନୋ କାରୁଆନା ଦୁଇ ବିଜୟ ଓ ଗୋଟିଏ ଡ୍ର ସହ ୫ ପଏଣ୍ଟ ଅର୍ଜନ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଗୁକେଶ ଅନ୍ୟ ଜଣେ ଆମେରିକୀୟ ୱେସ୍ଲି ସୋ'ଙ୍କ ସହ ମିଳିତ ୩ୟ ସ୍ଥାନରେ ଥିବାବେଳେ ଭାଚିଅର ଲାଗ୍ରେଭ ଓ ଲିନର ବୋମିନ୍‌ଗ୍ରୁଏଭ୍ ଯୋଗେ ମିଳିତ ତୃତୀୟ ହୋଇଛନ୍ତି।

# ବେଙ୍ଗାଲୁରୁ ମ୍ୟାଚ୍ ସ୍ଥାନାନ୍ତର ହେବ

ନୂଆଦିଲ୍ଲୀ,୧୨।୮

ଆସନ୍ତା ସେପ୍ଟେମ୍ବର ୩୦ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ମହିଳା ଦିନିକିଆ ବିଶ୍ୱକପ୍‌ର ଭେନ୍ୟୁ ତାଲିକାରୁ ବେଙ୍ଗାଲୁରୁ ବାଦ୍ ପଡ଼ିବାକୁ ଯାଉଛି। ଶ୍ରୀଲଙ୍କାର କଲମ୍ବୋ ବ୍ୟତୀତ ଭାରତରେ ଗୌହାଟୀ, ବିଶାଖାପାଟଣା ଓ ଇନ୍ଦୋର ସହିତ ଅନ୍ୟ ଏକ ସହରରେ ବିଶ୍ୱକପ୍ ମ୍ୟାଚ୍ ଆୟୋଜନ କରାଯିବ। ଏ ସମ୍ପର୍କରେ ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ଅନ୍ତର୍ଜାତୀୟ କ୍ରିକେଟ୍ କାଉନସିଲ (ଆଇସିସି) ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ ବୋଲି ଆଶା କରାଯାଉଛି। ଥିରୁଭାନନ୍ତପୁରମ କିମ୍ବା ହାଇଦ୍ରାବାଦ୍‌କୁ ଚତୁର୍ଥ ଭେନ୍ୟୁ ଭାବେ ଚୟନ କରାଯାଇପାରେ।


ବେଙ୍ଗାଲୁରୁରେ ହେବାକୁ ଥିବା ମ୍ୟାଚ୍‌କୁ ସ୍ଥାନାନ୍ତର କରାଯିବ ବୋଲି ଏ ପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ ଘୋଷଣା ହୋଇ ନାହିଁ। କିନ୍ତୁ ବିସିସିଆଇ ପକ୍ଷରୁ ଅତିରିକ୍ତ ଦୁଇ ଦିନ ଦିଆଯିବା ସତ୍ତ୍ୱେ କର୍ଣାଟକ ରାଜ୍ୟ କ୍ରିକେଟ ଆସୋସିଏଶନ (କେଏସ୍‌ସିଏ) ମ୍ୟାଚ୍ ଆୟୋଜନ ଲାଗି ସ୍ଥାନୀୟ ପୋଲିସଠାରୁ ଅନୁମତି ନେବାରେ ବିଫଳ ହୋଇଛି। ଅନୁମତି ନେବା ଲାଗି ପୂର୍ବରୁ ଅଗଷ୍ଟ ୯ ତାରିଖକୁ ଅନ୍ତିମ ଦିନ ଧାର୍ଯ୍ୟ କରାଯାଇଥିଲା। ପରେ କେଏସ୍‌ସିଏକୁ ସୋମବାର ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। ସେପ୍ଟେମ୍ବର ୩୦ ତାରିଖରେ ଉଦ୍‌ଘାଟନୀ ମ୍ୟାଚ୍ ସମେତ ୫ଟି ମ୍ୟାଚ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ହେବାର ଥିଲା। କିନ୍ତୁ ଜୁନ ୪ ତାରିଖରେ ଆର୍‌ସିବିର ଭିକ୍ଟ୍ରି ପରେଡ ବେଳେ ଦଳାଚକଟାରେ ୧୧ ପ୍ରଶଂସକଙ୍କ ମୃତ୍ୟୁ ଘଟିବା ପରେ ସହରରେ କ୍ରିକେଟ ମ୍ୟାଚ୍ ଆୟୋଜନ ସଂକ୍ରାନ୍ତରେ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଆପଣେଇଛନ୍ତି।

# ଦୀପ୍ତି ଶର୍ମା ଦ୍ୱିତୀୟ ସ୍ଥାନକୁ ଉନ୍ନୀତ

ଦୁବାଇ, ୧୨।୮(ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି) ମହିଳା ଟି୨୦ ର୍ୟାଙ୍କିଙ୍ଗ୍ ତାଲିକା ପ୍ରକାଶ ପାଇଛି। ବୋଲିଂ ର୍ୟାଙ୍କିଙ୍ଗରେ ଭାରତର ଦୀପ୍ତି ଶର୍ମା ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହେବା ସହ ପ୍ରଥମ ସ୍ଥାନ ନିକଟତର ହୋଇଛନ୍ତି। ଦୀପ୍ତି ବର୍ତ୍ତମାନ ୭୩୨ ରେଟିଂ ପଏଣ୍ଟ ସହ ପାକିସ୍ତାନର ସାଦିଆ ଇକବାଲଙ୍କ ସହିତ ମିଳିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆର ଆନାବେଲ୍ ସଦରଲାଣ୍ଡ ପ୍ରଥମଥର ଅନ୍ତର୍ଜାତୀୟ ଟି୨୦ ର୍ୟାଙ୍କିଙ୍ଗ୍ ତାଲିକାରେ ପ୍ରଥମ ସ୍ଥାନ ଅଧିକାର କରିନେଇଛନ୍ତି। ଆୟର୍ଲାଣ୍ଡ ବିପକ୍ଷ



ସିରିଜ୍‌ରେ ଇକ୍‌ବାଲ ମାତ୍ର ୩ଟି ଉଇକେଟ ନେଇଥିଲେ। ଫଳରେ ତାଙ୍କୁ ୧ ନମ୍ବର ସ୍ଥାନ ହରାଇବାକୁ ପଡ଼ିଛି। ବ୍ୟାଟର ତାଲିକାରେ ଓପନର ସ୍ମୃତି ମନ୍ଧାନା ଦ୍ୱିତୀୟ ସ୍ଥାନକୁ ଖସିଆସିଛନ୍ତି। ମାର୍ଚ୍ଚରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୪ ଉଇକେଟ ସଫଳତା ପରଠାରୁ ସଦରଲାଣ୍ଡ ଆଉ ଅନ୍ତର୍ଜାତୀୟ ଟି୨୦ ଖେଳିନାହାନ୍ତି। କିନ୍ତୁ ତାଙ୍କ ରେଟିଂ ପଏଣ୍ଟ ଅପରିବର୍ତ୍ତିତ ରହିଛି, କାରଣ ଟପ୍ ର୍ୟାଙ୍କିଙ୍ଗର ନିକଟତର ଥିବା ଗତ ସପ୍ତାହରେ ଭଲ ପ୍ରଦର୍ଶନ କରିପାରି ନ ଥିବାରୁ ସେମାନଙ୍କୁ ର୍ୟାଙ୍କିଙ୍ଗ୍ ପଏଣ୍ଟ ହରାଇବାକୁ ପଡ଼ିଛି। ଅର୍ଦ୍ଧଜାତୀୟ ଟି୨୦ ଅଲରାଉଣ୍ଡର ର୍ୟାଙ୍କିଙ୍ଗ୍ ତାଲିକାରେ ଦୀପ୍ତି ୩୮୭ ରେଟିଂ ପଏଣ୍ଟ ସହ ଓ୍ୱେଷ୍ଟଇଣ୍ଡିଜ୍‌ର ହେଲି ମାଥ୍ୟୁଜ୍(୫୦୫) ଓ ନ୍ୟୁଜିଲାଣ୍ଡର ଆମେଲିଆ କେର୍(୪୭୩)ଙ୍କ ପଛରେ ତୃତୀୟ ସ୍ଥାନରେ ରହିଛନ୍ତି।

# ବିନି ବିସିସିଆଇ ସଭାପତି ରହିବେ

**ବେଙ୍ଗାଲୁରୁ,୧୨।୮ (ପି.ଟି.):** ପୂର୍ବତନ ଅଲରାଉଣ୍ଡର ରୋଜର ବିନି ଗତମାସରେ ୭୦ ବର୍ଷରେ ପାଦ ଦେଇଛନ୍ତି। ହେଲେ ସଂସଦରେ ପାସ୍ ହୋଇଥିବା ଜାତୀୟ କ୍ରୀଡ଼ା ଶାସନ ବିଲ୍ ଅନୁଯାୟୀ, ବିନି ବିସିସିଆଇ ସଭାପତି ଭାବେ କାର୍ଯ୍ୟ ଜାରି ରଖିବେ। ଅତିକମ୍‌ରେ ଆସନ୍ତା ସେପ୍ଟେମ୍ବରରେ ହେବାକୁ ଥିବା ଏଜିଏମ୍ ପର୍ଯ୍ୟନ୍ତ ସେ ଦାୟିତ୍ୱ ତୁଲାଇବେ। ଯଦି ବିସିସିଆଇର ରାଜ୍ୟ ସଦସ୍ୟ ରାଜି ହୁଅନ୍ତି, ତେବେ ବିନି ୭୫ ବର୍ଷ ବୟସ ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବେ, ଯାହାକି ଜାତୀୟ କ୍ରୀଡ଼ା ମହାସଙ୍ଘର ଅଧିକାରୀଙ୍କ ଲାଗି ନୂଆ କଟ୍-ଅଫ୍ ବୟସ।

# ଇଣ୍ଡିଆନ ନେଭି କ୍ୱାର୍ଟର ଫାଇନାଲରେ

ଇମ୍ଫାଲ, ୧୨।୮(ପି.ଟି.)

### ଡୁରାଣ୍ଡ କପ୍ ଫୁଟ୍‌ବଲ

ଇଣ୍ଡିଆନ୍ ନେଭି ଫୁଟ୍‌ବଲ ଟିମ୍ ୧୩୪ତମ ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଖେଳାଯାଇଥିବା ଗ୍ରୁପ 'ଏଫ୍'ର ଏକ ମ୍ୟାଚ୍‌ରେ ବିଳମ୍ବରେ ପିଣ୍ଟୁ ମହାତା ଓ ଶେୟସ ଭି.ଜିଙ୍କ ଗୋଲ୍ ବଳରେ ଦଳ ୨-୧ ଗୋଲରେ ଗ୍ରାଉ(ଟିଡ଼ିମ୍ ରୋଡ୍ ଆଥଲେଟିକ୍ ୟୁନିୟନ) ଏଫ୍‌ସିକୁ ପରାସ୍ତ କରିଛି। ଖେଳର ୨୯ତମ ମିନିଟ୍‌ରେ ଗ୍ରାଉ ମୋଇରାଙ୍ଗଥେମ୍ ନେଲସନ ସିଂଙ୍କ ଗୋଲ୍ ଜରିଆରେ ଅଗ୍ରଣୀ ଲାଭ କରିଥିଲା। ୮୭ତମ ମିନିଟ୍‌ରେ ପିଣ୍ଟୁଙ୍କ ଗୋଲ୍ ବଳରେ ଇଣ୍ଡିଆ ନେଭି ମ୍ୟାଚ୍‌କୁ ବରାବର ସ୍ଥିତିକୁ ନେଇଆସିଥିବା ବେଳେ ପିଣ୍ଟୁ ଇଞ୍ଜୁରି ଟାଇମ୍‌ର ୩ୟ ମିନିଟ୍‌ରେ ଆଉ ଏକ ଗୋଲ୍ କରି ଦଳକୁ ବିଜୟୀ କରାଇଥିଲେ। ଏହି ବିଜୟ ସହ ଇଣ୍ଡିଆନ ନେଭି ୭ ପଏଣ୍ଟ ସହ ଗ୍ରୁପ 'ଏ' ପଏଣ୍ଟ ଟେବୁଲ୍‌ରେ ରିୟଲ କଶ୍ମୀର ଏଫ୍‌ସି(୬ ପଏଣ୍ଟ) ଆଗରେ ପ୍ରଥମ ସ୍ଥାନରେ ରହିଥିଲା।

# ସୁବ୍ରତ କପ୍ ଫୁଟ୍‌ବଲ ୧୯ରୁ

ନୂଆଦିଲ୍ଲୀ, ୧୨।୮(ପି.ଟି.)

ଅଗଷ୍ଟ ୧୯ରୁ ୬୪ତମ ସୁବ୍ରତ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଖେଳାଯିବ। ଏଥିରେ ତିନୋଟି କାଟେଗୋରିରେ ୪ ଅନ୍ତର୍ଜାତୀୟ ଦଳ ସହ ମୋଟ ୧୦୬ଟି ଦଳ ଅଂଶଗ୍ରହଣ କରିବେ। ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଖେଳାଳିମାନେ ୩ଟି କାଟେଗୋରିରେ ଯଥା ଜୁନିୟର ବାଳକ(୧୭ ବର୍ଷରୁ କମ୍), ଜୁନିୟର ବାଳିକା(୧୭ ବର୍ଷରୁ କମ୍) ଏବଂ ସବ୍‌ଜୁନିୟର ବାଳକ (୧୫ ବର୍ଷରୁ କମ୍)ରେ ଭାଗନେବେ। ଏୟାରଫୋର୍ସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡର ତତ୍ତ୍ୱାବଧାନରେ ସୁବ୍ରତ ମୁଖାର୍ଜୀ ସ୍ପୋର୍ଟ୍ସ ଏଜୁକେଶନ ସୋସାଇଟି (ଏସ୍ଏମ୍ଏସ୍ଇଏସ୍) ଦ୍ୱାରା ଆୟୋଜନ କରାଯାଉଥିବା ଏହି ଟୁର୍ନାମେଣ୍ଟ ସେପ୍ଟେମ୍ବର ୨୫ ପର୍ଯ୍ୟନ୍ତ ଦିଲ୍ଲୀ ଏନ୍‌ସିଆର ଓ ବେଙ୍ଗାଲୁରୁସ୍ଥିତ ଭେନ୍ୟୁଗୁଡ଼ିକରେ ଖେଳାଯିବ। ନେପାଳ ଓ ଶ୍ରୀଲଙ୍କାରୁ ଅନ୍ତର୍ଜାତୀୟ ଦଳଗୁଡ଼ିକ ଭାଗନେବେ ବୋଲି ଏୟାର ମାର୍ଶାଲ ଏସ୍. ଶିବକୁମାର ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତା ସ୍କୁଲ ପିଲାମାନଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବା, ଅଭିଜ୍ଞତା ହାସଲ କରିବା ତଥା ସିନିୟର ସ୍ତର ଫୁଟ୍‌ବଲ ପାଇଁ ପ୍ରସ୍ତୁତ ହେବାଲାଗି ଏକ ଉପଯୁକ୍ତ ପ୍ଲାଟ୍‌ଫର୍ମ। ଏହି



ସୁବ୍ରତ କପ୍ ଫୁଟ୍‌ବଲର ୬୪ତମ ସଂସ୍କରଣ ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏୟାର ମାର୍ଶାଲ ଏସ୍. ଶିବକୁମାର ଏବଂ ଭାରତୀୟ ଫୁଟ୍‌ବଲର ଡାଲିମା ଛିବର।

ଟୁର୍ନାମେଣ୍ଟରୁ କେତେଜଣ ମନୋନୀତ ଖେଳାଳିଙ୍କୁ ଜର୍ମାନୀରେ ଟ୍ରେନିଂ ସୁଯୋଗ ମିଳିବ। ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭାରତୀୟ ମହିଳା ଫୁଟ୍‌ବଲର ଡାଲିମା ଛିବର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ୨୦୧୧ରେ ଏହି ଟୁର୍ନାମେଣ୍ଟ ଜରିଆରେ ତାଙ୍କ ଫୁଟ୍‌ବଲ କ୍ୟାରିଅର ଯାତ୍ରା ଆରମ୍ଭ ହୋଇଥିଲା। ଆମର ୨୦ ବର୍ଷରୁ କମ୍ ଦଳ ଏସିଆନ୍ କପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ଆମେ ଏକ ସୁବର୍ଣ୍ଣ ଭବିଷ୍ୟତ ଆଡ଼କୁ ଅଗ୍ରସର ହେଉଛେ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ୧୯୬୦ରେ ପ୍ରଥମକରି ଆୟୋଜିତ ଏହି ଟୁର୍ନାମେଣ୍ଟ ହେଉଛି ଏୟାର ମାର୍ଶାଲ ସୁବ୍ରତ ମୁଖାର୍ଜୀଙ୍କ ଏକ ପରିକଳ୍ପନା। ଭାରତରେ ତୃଣମୂଳସ୍ତରରେ ଫୁଟ୍‌ବଲ ଖେଳର ପ୍ରସାର ତାଙ୍କ ଉଦ୍ଦେଶ୍ୟ ଥିଲା। ପରବର୍ତ୍ତୀ ସମୟରେ ଏହା ଦେଶର ସବୁଠାରୁ ବଡ଼ ଆନ୍ତଃ-ସ୍କୁଲ ଟୁର୍ନାମେଣ୍ଟରେ ପରିଣତ ହୋଇପାରିଛି।

# ବ୍ରେଭିସ୍‌ଙ୍କ ବିସ୍ଫୋରକ ଶତକ

ଡାରୱିନ୍,୧୨।୮

ଡିୱାଲ୍ଡ ବ୍ରେଭିସ୍‌ଙ୍କ ବିସ୍ଫୋରକ ଶତକ ବଳରେ ଅଷ୍ଟ୍ରେଲିଆ ବିପକ୍ଷରେ ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଟି୨୦ ମ୍ୟାଚ୍‌କୁ ଦକ୍ଷିଣ ଆଫ୍ରିକା ୫୩ ରନ୍‌ରେ ଜିତିନେଇଛି। ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌କୁ ୧-୧ରେ ବରାବର କରିଛି। ଅପରାଜିତ ଶତକୀୟ ଇନିଂସ୍ ଖେଳିଥିବା ବ୍ରେଭିସ୍‌ଙ୍କୁ ପ୍ଲେୟର ଅଫ୍ ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ୍ ଆସନ୍ତା ୧୬ ତାରିଖରେ କେର୍ନସରେ ଖେଳାଯିବ।

### ଦ୍ୱିତୀୟ ଟି୨୦ : ଦକ୍ଷିଣ ଆଫ୍ରିକା ଜିତିଲା

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୧୮ ରନ୍ କରିଥିଲା। ଦଳ ପାଇଁ ବ୍ରେଭିସ୍ ୫୬ ବଲ୍‌ରେ ୧୨ ଚୌକା ଓ ୮ ଛକା ସହିତ ଅପରାଜିତ ୧୨୫ ରନ୍‌ର ପାଳି ଖେଳିଥିଲେ। ଏହା ତାଙ୍କ କ୍ୟାରିଅରର ପ୍ରଥମ ଟି୨୦ ଶତକ ଓ ଏହା ଅନ୍ତର୍ଜାତୀୟ ଟି୨୦ରେ ଦକ୍ଷିଣ ଆଫ୍ରିକୀୟ ବ୍ୟାଟରଙ୍କ ମଧ୍ୟରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ଅନ୍ୟମାନଙ୍କ ମଧ୍ୟରେ ଟ୍ରିଷ୍ଟାନ ଷ୍ଟବ୍ସ


ଅପରାଜିତ ଶତକୀୟ ଇନିଂସ୍ ଅବସରରେ ଡିୱାଲ୍ଡ ବ୍ରେଭିସ୍।

୩୧ ଓ ଏଡେନ ମାରକ୍ରାମ ୧୮ ରନ୍ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଗ୍ଲେନ୍ ମ୍ୟାକ୍ସୱେଲ ଓ ବେନ ଡ୍ୱାର୍ଶୁଇସ୍ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୧୭.୪ ଓଭରରେ ୧୬୫ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ଲାଗି ଟିମ୍ ଡେଭିଡ୍ ୫୦(୪ ଲେଖାଏଁ ଚୌକା ଓ ଛକା), ଆଲେକ୍ସ କାରେ ୨୬ (୩ ଚୌକା) ଓ ଅଧିନାୟକ ମିଚେଲ ମାର୍ଶ ୨୨(୨ ଚୌକା ଓ ୧ ଛକା) ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କ୍ୱେନା ମାଫାକା ଓ କର୍ବିନ ବୋଶ୍ ୩ ଲେଖାଏଁ ଉଇକେଟ ହାତେଇଥିଲେ। ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଏହା ଅଷ୍ଟ୍ରେଲିଆ ପାଇଁ ଦ୍ୱିତୀୟ ସର୍ବବୃହତ୍ ପରାଜୟ। ଏହି ପରାଜୟ ପରେ ଗତ ୯ ମ୍ୟାଚ୍‌ରେ ଚାଲିଆସିଥିବା ଅଷ୍ଟ୍ରେଲିଆର ବିଜୟଧାରା ଭଙ୍ଗ ହୋଇଯାଇଛି।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା: ୨୦ ଓଭରରେ ୨୧୮/୭(ଡିୱାଲ୍ଡ ବ୍ରେଭିସ୍-୧୨୫*, ଟ୍ରିଷ୍ଟାନ ଷ୍ଟବ୍ସ-୩୧, ବେନ ଡ୍ୱାର୍ଶୁଇସ୍-୨/୨୪, ଗ୍ଲେନ ମ୍ୟାକ୍ସୱେଲ-୨/୪୪)।
ଅଷ୍ଟ୍ରେଲିଆ: ୧୭.୪ ଓଭରରେ ୧୬୫/ଅଲଆଉଟ୍ (ଟିମ୍ ଡେଭିଡ୍-୫୦, ଆଲେକ୍ସ କାରେ-୨୬, କର୍ବିନ ବୋଶ୍-୩/୨୦, କ୍ୱେନା ମାଫାକା-୩/୫୭)।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ




**SHOWROOMS:** **ODISHA:** RENAULT **SAMBALPUR** Ph: 8448890323. RENAULT **BHUBANESWAR** Ph: 8860076082, RENAULT **BHUBANESWAR CENTRAL** Ph: 7428190232. RENAULT **BHAWANIPATNA** Ph: 9438395880. RENAULT **CUTTACK** Ph: 9311772648. RENAULT **JEYPORE** Ph: 9311596618.